# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୧/୨୦୨୨ (୧୬ ପୃଷ୍ଠା) | Bhubaneswar, Wednesday, June 1/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୧୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ମଥୁରାର ଶାହି ଇଦ୍‌ଗା ମସ୍‌ଜିଦ ସର୍ଭେ ପାଇଁ ଆବେଦନ**

ବାରାଣସୀର ଜ୍ଞାନବାପି ମସ୍‌ଜିଦ ବିବାଦ ପରେ ଏବେ ମଥୁରାରେ ଥିବା ଶାହି ଇଦ୍‌ଗା ମସ୍‌ଜିଦକୁ ସେଠାରୁ ହଟାଇବାକୁ ଚାହୁଁଥିବା ଗୋଟିଏ ଗୋଷ୍ଠୀ ଉକ୍ତ ସ୍ଥାନର ସର୍ଭେ ଲାଗି ଆଡଭୋକେଟ କମିଶନ ପଠାଇବାକୁ ଅଦାଲତରେ ଆବେଦନ କରିଛନ୍ତି। ମସ୍‌ଜିଦ ସ୍ଥାନରେ ପୂର୍ବରୁ ମନ୍ଦିର ରହିଥିବାର ବିଭିନ୍ନ ସଙ୍କେତ ରହିଛି ବୋଲି ସେମାନେ ଦାବି କରିଛନ୍ତି। ଭଗବାନ କୃଷ୍ଣଙ୍କ ଜନ୍ମସ୍ଥାନରୁ ମସ୍‌ଜିଦ ହଟାଇବା ପାଇଁ ମଥୁରା କୋର୍ଟରେ ଅନ୍ୟ ଏକ ହିନ୍ଦୁ ସଂଗଠନ ପକ୍ଷରୁ ପୂର୍ବରୁ ପିଟିଶନ ଦାଏର ହୋଇଥିଲା।



## ସଂକ୍ଷେପରେ

### ଫାରୁକ୍ ଅବଦୁଲ୍ଲାଙ୍କୁ ଇଡି ଜେରା



**ଶ୍ରୀନଗର,୩୧।୫:** ଜମ୍ମୁ-କଶ୍ମୀର କ୍ରିକେଟ ଆସୋସିଏଶନରେ ଆର୍ଥିକ ଅନିୟମିତତା ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲାଙ୍କୁ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନେ ୩.୫ ଘଣ୍ଟା ଜେରା କରିଛନ୍ତି। ଲୋକ ସଭା ସଦସ୍ୟ ଫାରୁକ୍ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ରାଜବାଗସ୍ଥିତ ଇଡି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ନେତାମାନଙ୍କୁ ଅସୁବିଧାରେ ପକାଯାଉଥିବା ସେ କହିଛନ୍ତି। ଗତ ୨୭ ତାରିଖରେ ଫାରୁକ୍‌ଙ୍କୁ ଇଡି ସମନ କରିଥିଲା। ୩ ଥର ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଥିବା ୮୪ ବର୍ଷୀୟ ଫାରୁକ୍ ୨୦୦୧ରୁ ୨୦୧୨ ଜେକେସିଏ ଅଧ୍ୟକ୍ଷ ରହିଥିଲେ। ୨୦୦୪ରୁ ୨୦୦୯ ମଧ୍ୟରେ ଉକ୍ତ କ୍ରିକେଟ ଆସୋସିଏଶନରେ ଆର୍ଥିକ ଅନିୟମିତତା ନେଇ ସିବିଆଇ ଏବଂ ଇଡି ତଦନ୍ତ ଚଳାଇଥିଲେ। ଏହି ମାମଲାରେ ଇଡି ଫାରୁକ୍‌ଙ୍କ ୧୧.୮୬ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ସମେତ ୨୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିଛି।

### କଂଗ୍ରେସ ନେତା ଶିବକୁମାରଙ୍କୁ ସମନ

**ନୂଆଦିଲ୍ଲୀ,୩୧।୫:** ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତି ନେଇ କଂଗ୍ରେସ ନେତା ଡି.କେ. ଶିବକୁମାର ଏବଂ ଅନ୍ୟମାନଙ୍କୁ ଦିଲ୍ଲୀର ଏକ ଅଦାଲତ ମଙ୍ଗଳବାର ସମନ ଜାରି କରିଛନ୍ତି। ୨୦୧୮ରେ ଶିବକୁମାରଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ରୁଜୁ ହୋଇଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦାଖଲ କରିଥିବା ଚାର୍ଜଶିଟ୍ ଆଧାରରେ କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶିବକୁମାରଙ୍କୁ ଜୁଲାଇ ୧ରେ କୋର୍ଟରେ ହାଜର ହେବା ଲାଗି ସ୍ୱତନ୍ତ୍ର ବିଚାରପତି ବିକାଶ ଧୁଲ୍ ନିର୍ଦ୍ଦେଶ ଦେଇଛନ୍ତି। ମନିଲଣ୍ଡରିଂ ମାମଲରେ ୨୦୧୯ ସେପ୍ଟେମ୍ବର ୩ରେ ଇଡି ଶିବକୁମାରଙ୍କୁ ଗିରଫ କରିଥିବାବେଳେ ସେହିବର୍ଷ ଅକ୍ଟୋବର ୨୩ରେ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଜାମିନ ମଞ୍ଜୁର କରିଥିଲେ।

### ମୂସେୱାଲାଙ୍କ ଶେଷକୃତ୍ୟ ସମ୍ପନ୍ନ

**ହତ୍ୟା ମାମଲାରେ ଜଣେ ଗିରଫ**

**ଚଣ୍ଡିଗଡ଼,୩୧।୫ :** ପଞ୍ଜାବୀ ଗାୟକ ତଥା କଂଗ୍ରେସ ନେତା ସିଦ୍ଧୁ ମୂସେୱାଲାଙ୍କ ଶେଷକୃତ୍ୟ ମଙ୍ଗଳବାର ତାଙ୍କ ଜନ୍ମସ୍ଥାନ ମନସା ଜିଲାର ମୂସା ଗ୍ରାମରେ ସମ୍ପନ୍ନ ହୋଇଛି। ଅନ୍ତ୍ୟେଷ୍ଟି କ୍ରିୟାରେ ହଜାର ହଜାର ଲୋକ ଯୋଗଦେଇଥିଲେ। ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାପତି ରାଜା ୱାରିଙ୍ଗଙ୍କ ସମେତ ଦଳୀୟ ନେତାମାନେ ସେଠାରେ ଉପସ୍ଥିତ ଥିଲେ। ମୂସେୱାଲାଙ୍କ ମୃତଦେହକୁ ତାଙ୍କ ପ୍ରିୟ ୫୯୧୧ ନମ୍ବର ଟ୍ରାକ୍ଟରରେ ଶେଷକୃତ୍ୟ ସ୍ଥଳକୁ ନିଆଯାଇଥିଲା। ତାଙ୍କଠାରେ ୨୫ଟି ଗୁଳି ବାଜିଥିବା ଶବବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତି ନେଇ ପୋଲିସ ଉତ୍ତରାଖଣ୍ଡରୁ ମନପ୍ରୀତ୍ ନାମକ ସନ୍ଦିଗ୍ଧଙ୍କୁ ଗିରଫ କରିଛି। ସୋମବାର ପୋଲିସ ଅଟକ ରଖିଥିବା ୬ ଜଣଙ୍କ ମଧ୍ୟରେ ମନପ୍ରୀତ୍ ଥିଲେ। ତାଙ୍କୁ ୫ ଦିନ ପାଇଁ ପୋଲିସ ହାଜତକୁ ପଠାଇ ଦିଆଯାଇଛି।

# ୯୦% ତୈଳ ଆମଦାନୀ ବନ୍ଦ କରିବ ଇୟୁ

## ରୁଷିଆ ଅର୍ଥନୀତିକୁ ବଡ଼ ଝଟକା



ବ୍ରସେଲ୍ସ, ୩୧।୫

ୟୁକ୍ରେନ୍ ଉପରେ ଆକ୍ରମଣ ରୁଷିଆ ପାଇଁ ଆହୁରି ମହଙ୍ଗା ହେବାକୁ ଯାଉଛି। ରୁଷିଆ ଏହା ପୂର୍ବରୁ ଆମେରିକା ଓ ୟୁରୋପୀୟ ସଂଘ(ଇୟୁ) ପକ୍ଷରୁ ଲଗାଯାଇଥିବା କଟକଣା ଭୋଗୁଥିବାବେଳେ ଏବେ ଏହାର ଅର୍ଥନୀତି ଆହୁରି ବିପର୍ଯ୍ୟସ୍ତ ହେବାକୁ ଯାଉଛି। ଏକ ବଡ଼ ନିଷ୍ପତ୍ତି କ୍ରମେ ଇୟୁ ଚଳିତ ବର୍ଷ ଶେଷ ସୁଦ୍ଧା ଅର୍ଥାତ୍ ଆସନ୍ତା ୬ ମାସ ମଧ୍ୟରେ ରୁଷିଆରୁ ପ୍ରାୟ ୯୦% ତୈଳ ଆମଦାନୀ ବନ୍ଦ କରିବ ବୋଲି କହିଛି। ତେବେ ଏହାର ପ୍ରଭାବ କେବଳ ରୁଷିଆ ନୁହେଁ ବିଶ୍ୱ ବଜାର ଉପରେ ମଧ୍ୟ ପଡ଼ିବ। ଇୟୁର ଏହି ନିଷ୍ପତ୍ତି ପରେ ଅଶୋଧିତ ତୈଳ ଦର ଡିଆଁ ମାରିଛି। ମଙ୍ଗଳବାର ଏକ ବ୍ରେଣ୍ଟ କ୍ରୁଡ୍ ଅଏଲର ମୂଲ୍ୟ ୧୨୨ ଡଲାର ଟପିଛି। ତେବେ ରୁଷିଆ ତୈଳ ରପ୍ତାନି ପାଇଁ ଇମ୍ପୋର୍ଟର ଖୋଜିନେବେ ବୋଲି କହିଛି।

ସଦ୍ୟ କଟକଣା ପାଇଁ ଇୟୁର ସମସ୍ତ ୨୭ ସଦସ୍ୟ ରାଷ୍ଟ୍ର ସେମାନଙ୍କ ସମର୍ଥନ ଦେବା ଆବଶ୍ୟକ। ବୁଧବାର ଏହା ଉପରେ ଇୟୁ ଦେଶଗୁଡ଼ିକ ସେମାନଙ୍କ ମତ ରଖିବେ ବୋଲି ୟୁରୋପୀୟ ସଂଘ ପରିଷଦର ଅଧ୍ୟକ୍ଷ ଚାର୍ଲସ ମାଇକେଲ କହିଛନ୍ତି। ୟୁକ୍ରେନ୍ ଆକ୍ରମଣ ପାଇଁ ରୁଷିଆର ତୈଳ ଓ ପ୍ରାକୃତିକ ଗ୍ୟାସ୍ ଇନ୍ଧନ ଯୋଗାଉଛି। ମସ୍କୋର ଅର୍ଥନୀତିକୁ ପ୍ରଭାବିତ କରି ଯୁଦ୍ଧ ରୋକିବାକୁ ଉଦ୍ୟମ ସ୍ୱରୂପ ରୁଷିଆରୁ ତୈଳ ଆମଦାନୀ ଦୁଇ ତୃତୀୟାଂଶ ବନ୍ଦ କରିବାକୁ ଇୟୁ ନିଷ୍ପତ୍ତି ନେଇଥିବା ମାଇକେଲ ପ୍ରକାଶ କରିଛନ୍ତି। ରୁଷିଆର ପ୍ରମୁଖ ବ୍ୟାଙ୍କ ସବରବ୍ୟାଙ୍କ୍‌କୁ ସ୍ୱିଫ୍ଟ ବ୍ୟାଙ୍କିଙ୍ଗ ସିଷ୍ଟମ୍‌ରୁ ବାଦ୍ କରାଯିବା ସହ ଏବଂ ସରକାରୀ ମିଡିଆ ଓ ୟୁକ୍ରେନ୍‌ରେ ଯୁଦ୍ଧ ଅପରାଧରେ ସାମିଲ ବ୍ୟକ୍ତିଙ୍କ ଉପରେ ମଧ୍ୟ କଟକଣା ଲଗାଯିବା ପାଇଁ ଇୟୁ ନିଷ୍ପତ୍ତି ନେଇଛି। ରୁଷିଆ ତୈଳ ଓ ପ୍ରାକୃତିକ ଗ୍ୟାସ୍ ଉପରେ ବହୁମାତ୍ରାରେ ନିର୍ଭରଶୀଳ ଜର୍ମାନୀ ଏବଂ ପୋଲାଣ୍ଡ ଡ୍ରୁଜ୍‌ବା ପାଇପ୍‌ଲାଇନର ଦକ୍ଷିଣ ଶାଖା ଯୋଗେ ତୈଳ ଆମଦାନୀ ବନ୍ଦ କରିବା ପାଇଁ ରାଜି ହୋଇଛନ୍ତି। ତେବେ ହଙ୍ଗେରୀ ଏଥିପାଇଁ ସର୍ତ୍ତ ରଖିଛି। ଯଦି ଦେଶକୁ ତୈଳ ଯୋଗାଣ ନିଶ୍ଚିତ କରାଯିବାର ଗ୍ୟାରେଣ୍ଟି ମିଳେ ତେବେ ଏହି କଟକଣାକୁ ସମର୍ଥନ କରାଯିବ ବୋଲି ହଙ୍ଗେରୀ ପ୍ରଧାନମନ୍ତ୍ରୀ ଭିକ୍ଟୋର ଅର୍ବାନ କହିଛନ୍ତି। ସୋଭିଏଟ ଅମଳର ଡ୍ରୁଜ୍‌ବା ପାଇପଲାଇନ ଯୋଗେ ହଙ୍ଗେରୀ ରୁଷିଆରୁ ୬୦% ତୈଳ ଆମଦାନୀ କରିଥାଏ।

ଇୟୁ ନିଜ ଆବଶ୍ୟକତାର ୪୦% ପ୍ରାକୃତିକ ଗ୍ୟାସ୍ ଏବଂ ୨୫% ତୈଳ ରୁଷିଆରୁ ଆମଦାନୀ କରିଥାଏ। ରୁଷିଆରୁ ତୈଳ କ୍ରୟ ବନ୍ଦ କରିବାକୁ ନେଇ ୟୁରୋପୀୟ ସଂଘରେ ମତଭେଦ ମଧ୍ୟ ରହିଛି। ତେଣୁ ୯୦% ଅଶୋଧିତ ତୈଳ ବ୍ୟାନ୍ କରିବା ଇୟୁ ପାଇଁ ବେଶ୍ ଚ୍ୟାଲେଞ୍ଜିଂ ହେବ। ଇୟୁରେ ଥିବା

### ଭାରତ, ଚାଇନା ଉପରେ ଅଧିକ ନିର୍ଭରଶୀଳ ହେବେ ପୁଟିନ୍

ମତଭେଦ ଦୂର କରି ରୁଷିଆରୁ ସମ୍ପୂର୍ଣ୍ଣ ଭାବେ ତୈଳ ଓ ଗ୍ୟାସ୍ ଆମଦାନୀ ବନ୍ଦ କରିବାକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ନିବେଦନ କରିଥିଲେ। ଇୟୁ ତେଲ ଉପରେ କଟକଣା ଲଗାଇଲେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଏସିଆ ଉପରେ ଅଧିକ ନିର୍ଭରଶୀଳ ହୋଇପାରନ୍ତି। ବିଶେଷକରି ଚାଇନା ଓ ଭାରତ ଭଳି ଦେଶକୁ ତୈଳ ରପ୍ତାନୀ ପାଇଁ ମସ୍କୋ ଅଫର ଦେବ ବୋଲି କୁହାଯାଉଛି। କାରଣ ଶ୍ରୀଲଙ୍କା, ଇଣ୍ଡୋନେସିଆ ଭଳି ଦେଶରେ ଅତ୍ୟଧିକ ସଲଫର ମାତ୍ରା ଥିବା ତୈଳର ଅତ୍ୟାଧୁନିକ ପ୍ରକ୍ରିୟାକରଣ ବ୍ୟବସ୍ଥା ଏବଂ ବ୍ଲେଣ୍ଡିଂ କ୍ଷମତା ନ ଥିବାରୁ ଭାରତ ଓ ଚାଇନା ସହ କାରବାର ବୃଦ୍ଧି ପାଇବାରେ ଯଥେଷ୍ଟ ସମ୍ଭାବନା ରହିଛି।

## ‘ସେମାନେ ରୁଷୀୟଙ୍କୁ ଘୃଣା କରନ୍ତି’

ମସ୍କୋ, ୩୧।୫



ଡିମିତ୍ରି ମେଦ୍‌ଭେଦେଭ୍

ରୁଷିଆରୁ ତୈଳ ଆମଦାନୀ ବ୍ୟାନ୍ କରିବା ନେଇ ଇୟୁର ସଦ୍ୟ ନିଷ୍ପତ୍ତି ପରେ ମସ୍କୋ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ରୁଷୀୟ ନାଗରିକଙ୍କ ପାଇଁ ଘୃଣା ମନୋଭାବ ରଖି ଏପରି କରାଯାଉଛି। ସାଧାରଣ ଲୋକେ ଏହା ଦ୍ୱାରା ପ୍ରଭାବିତ ହେବେ ବୋଲି ରୁଷିଆ ସୁରକ୍ଷା ପରିଷଦର ଡେପୁଟି ମୁଖ୍ୟ ଡିମିତ୍ରି ମେଦ୍‌ଭେଦେଭ୍ କହିଛନ୍ତି। ରୁଷିଆର ପୂର୍ବତନ ରାଷ୍ଟ୍ରପତି ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ମେଦ୍‌ଭେଦେଭ୍ ମଙ୍ଗଳବାର ଟେଲିଗ୍ରାମ୍‌ରେ ଏକ ପୋଷ୍ଟରେ ଲେଖିଛନ୍ତି, କଟକଣା ରୁଷୀୟ ରାଜନେତା କିମ୍ବା ବଡ଼ ବ୍ୟବସାୟୀଙ୍କୁ ପ୍ରଭାବିତ କରିବ ନାହିଁ। କିନ୍ତୁ ସାଧାରଣ ନାଗରିକ ଏହା ଦ୍ୱାରା ପ୍ରଭାବିତ ହେବେ। ତୈଳ ଉପରେ କଟକଣା ଯୋଗୁ ରୁଷିଆ ସରକାର ବାଧ୍ୟ ହୋଇ ଖର୍ଚ୍ଚ ବଜେଟ କମ୍ କରିବେ। ସେମାନେ ସବୁ ରୁଷୀୟ ନାଗରିକଙ୍କୁ ଘୃଣା କରନ୍ତି। ଏହି ଆଧାରରେ କଟକଣା ଲଗାଯାଉଛି ବୋଲି ସେ କହିଛନ୍ତି।

### ଆଉ ୨ ଯୁଦ୍ଧ ଅପରାଧୀଙ୍କୁ ୧୧ ବର୍ଷ ଜେଲ

କିଭ୍, ୩୧।୫

ୟୁକ୍ରେନ୍‌ରେ ଯୁଦ୍ଧ ଅପରାଧ କରିଥିବା ଆଉ ଦୁଇ ରୁଷୀୟ ସୈନ୍ୟଙ୍କୁ କିଭ୍‌ର ଏକ କୋର୍ଟ ମଙ୍ଗଳବାର ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଆଲେକଜାଣ୍ଡର ବବିକିନ୍ ଏବଂ ଆଲେକଜାଣ୍ଡର ଇଭାନୋଭ୍। ଅନ୍ତର୍ଜାତୀୟ ଯୁଦ୍ଧ ଆଇନର ଉଲ୍ଲଂଘନ ସହ ସେମାନେ ସର୍ବସାଧାରଣଙ୍କ ସମ୍ପତ୍ତି ଏବଂ ଲୋକଙ୍କ ବାସସ୍ଥାନ ଆଦି ନଷ୍ଟ କରିଥିବା ଅଭିଯୋଗ ରହିଥିଲା। ଉଭୟଙ୍କୁ ୧୧ ବର୍ଷ ୬ ମାସ ଲେଖାଏ ଜେଲ ଦଣ୍ଡାଦେଶ ହୋଇଛି। ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ଏହା ଦ୍ୱିତୀୟ ଯୁଦ୍ଧ ଅପରାଧ ଟ୍ରାଏଲ। କିଛି ଦିନ ପୂର୍ବରୁ ୨୧ ବର୍ଷୀୟ ରୁଷୀୟ ସୈନ୍ୟ ଭାଦିମ୍ ଶିଶିମାରିନ୍‌ଙ୍କୁ ଜଣେ ନିରସ୍ତ୍ର ବୃଦ୍ଧଙ୍କୁ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ହୋଇଛି।

### ଜୁନ୍ ୯ ଯାଏ ଇଡି ହାଜତକୁ ଗଲେ ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ



ସତ୍ୟେନ୍ଦ୍ର ଜୈନ

ନୂଆଦିଲ୍ଲୀ,୩୧।୫

ମନିଲଣ୍ଡରିଂ ମାମଲାରେ ଗିରଫ ହୋଇଥିବା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କୁ ଜୁନ୍ ୯ ପର୍ଯ୍ୟନ୍ତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଜତକୁ ପଠାଇ ଦିଆଯାଇଛି। ଏହି ଦୁର୍ନୀତି ପଛରେ ରହିଥିବା ବଡ଼ ଷଡ଼ଯନ୍ତ୍ରକୁ ପଦାକୁ ଆଣିବାକୁ ହେଲେ ଜୈନଙ୍କୁ ହାଜତ ଜେରାର ଆବଶ୍ୟକତା ରହିଛି ବୋଲି ଦିଲ୍ଲୀ ଅଦାଲତ ଅନୁଭବ କରିଥିଲେ। ମନିଲଣ୍ଡରିଂ ମାମଲାର ତଦନ୍ତକୁ ବିଭ୍ରାନ୍ତ କରୁଥିବା ଅଭିଯୋଗରେ ଜୈନଙ୍କୁ ସୋମବାର ଇଡି ଗିରଫ କରିଥିଲା। ୨୦୧୭ରେ ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ପିଏମ୍‌ଏଲ୍‌ଏରେ ମାମଲା ରୁଜୁ ହୋଇଥିବାବେଳେ ଗତ ଏପ୍ରିଲ ୫ରେ ତାଙ୍କର ତଥା ତାଙ୍କ ପରିବାର ସଦସ୍ୟଙ୍କର ପ୍ରାୟ ୫ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରାଯାଇଥିଲା। ସରକାରୀ ଚାକିରି କରିବା ପୂର୍ବରୁ ୨୦୧୦-୧୨ରେ ସେ ୧୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମନିଲଣ୍ଡରିଂରେ ସମ୍ପୃକ୍ତ ଥିବା ସିବିଆଇ ଅଭିଯୋଗ କରିଥିଲା। ଅନ୍ୟ ପକ୍ଷରେ ସତ୍ୟେନ୍ଦ୍ର ଜୈନଙ୍କ ଗିରଫଦାରିକୁ ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଜୈନଙ୍କ ବିରୋଧରେ ମାମଲା ସମ୍ପୂର୍ଣ୍ଣ ମିଥ୍ୟା ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସେ କହିଛନ୍ତି।



ଶିମ୍‌ଲାରେ ମଙ୍ଗଳବାର ଆୟୋଜିତ ଏକ ରାଲିକୁ ଯିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗାଡ଼ି ଅଟକାଇ ଜଣେ ଯୁବତୀ ଆଙ୍କିଥିବା ତାଙ୍କ ମା’ଙ୍କ ଫଟୋଚିତ୍ର ଗ୍ରହଣ କରୁଛନ୍ତି।

## ‘ମୋତେ ଭାରତ ପଠାଇଦିଅ’

ଇସ୍‌ଲାମାବାଦ୍, ୩୧।୫

**ବିଚାରପତିଙ୍କୁ କହିଲେ ନ୍ୟାୟରୁ ବଞ୍ଚିତ ପାକ୍ ମହିଳା**

‘ଭଲ ଭାବେ ବଞ୍ଚିବା ପ୍ରତିଶ୍ରୁତି ପାଇ ଦେଶ ବିଭାଜନବେଳେ ଭାରତରୁ ପାକିସ୍ତାନ ଆସିଥିଲି। କିନ୍ତୁ ନିଜ ଘର ମାଫିଆଙ୍କ କବଳରୁ ମୁକୁଳାଇବା ପାଇଁ ୩୫ ବର୍ଷ ହେଲା କୋର୍ଟ ଧାଉଁଛି। ଯଦି ଏହି ଦେଶରେ ମୋତେ ମୋର ଘର ମିଳିପାରିବ ନାହିଁ ତେବେ ଏଠାରେ ରହିବାର କୌଣସି ମାନେ ନାହିଁ। ତେଣୁ ମୋତେ ଭାରତ ପଠାଇ ଦିଆଯାଉ’ ବୋଲି ୩ ଦଶନ୍ଧି ହେଲା ନ୍ୟାୟ ପାଇଁ ଲଢ଼େଇ କରୁଥିବା ଜଣେ ପାକିସ୍ତାନୀ ମହିଳା ମଙ୍ଗଳବାର ଲାହୋର ହାଇକୋର୍ଟଙ୍କୁ କହିଛନ୍ତି।

ସୈଦା ଶେହନାଜ୍ ବିବିଙ୍କ କହିବା ଅନୁସାରେ, ଏକ ହିନ୍ଦୁ ପରିବାର ଖାଲି କରିଥିବା ୧୩ ମାର୍‌ଲା ଭୂମିକୁ ଜମି ମାଫିଆମାନେ କବ୍‌ଜା କରିନେଇଥିଲେ। ଏହି ମାମଲାକୁ ଶେହନାଜ୍ ଚିଫ୍ ସେଟେଲମେଣ୍ଟ କମିଶନରଙ୍କ ନିକଟକୁ ନେଇଥିଲେ। ଦସ୍ତାବିଜ୍ ଅନୁସାରେ ଉକ୍ତ ଭୂମିକୁ ବେଆଇନ ଭାବେ ଦଖଲ କରାଯାଇଥିବା ଜଣାପଡ଼ିବା ପରେ କମିଶନର ୧୯୭୦ରେ ହୋଇଥିବା ଏହାର ପଞ୍ଜୀକରଣକୁ ରଦ୍ଦ କରିଦେଇଥିଲେ। ପରେ ଶେହନାଜଙ୍କୁ ୫-ମାର୍‌ଲା ଭୂମି ଆବଣ୍ଟନ କରାଯାଇଥିଲା। ଏଥିଯୋଗୁ ମାଫିଆମାନେ ପ୍ରତିଶୋଧ ପରାୟଣ ହୋଇ ସମ୍ପୂର୍ଣ୍ଣ ଜାଗାକୁ କବ୍‌ଜା କରିଛନ୍ତି। ମାମଲାର ଫଇସଲା ପାଇଁ ଅପରପକ୍ଷକୁ ସମନ କରାଯିବ ବୋଲି ମୁଖ୍ୟ ବିଚାରପତି ଅମୀର ଭଟ୍ଟି କହିଛନ୍ତି।

## ଚାଷୀଙ୍କ ଆକାଉଣ୍ଟକୁ ଗଲା ୨୧ ହଜାର କୋଟି

ଶିମ୍‌ଲା, ୩୧।୫

**ହିତାଧିକାରୀଙ୍କ ସହ କଥା ହେଲେ ମୋଦି**

କେନ୍ଦ୍ରରେ ଏନ୍‌ଡିଏ ସରକାରକୁ ୮ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ହିମାଚଳ ପ୍ରଦେଶ ଗସ୍ତ କରି ‘ଗରିବ କଲ୍ୟାଣ ସମ୍ମେଳନ’ରେ ଯୋଗ ଦେଇଥିଲେ। ଶିମ୍‌ଲା ଐତିହାସିକ ରିଜ୍ ମଇଦାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୋଦି ପ୍ରଧାନମନ୍ତ୍ରୀ କିଷାନ୍ ସମ୍ମାନ ନିଧି (ପିଏମ୍-କିଷାନ୍) ଯୋଜନାରେ ଦେଶର ୧୦ କୋଟିରୁ ଉର୍ଦ୍ଧ୍ୱ ଚାଷୀଙ୍କ ଆକାଉଣ୍ଟକୁ ୨୧ ହଜାର କୋଟି ଟଙ୍କା ରିଲିଜ୍ କରିଛନ୍ତି। ଚାଷୀଙ୍କୁ ଆର୍ଥିକ ସହାୟତାର ଏହା ଏକାଦଶ କିସ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଭିନ୍ନ କେନ୍ଦ୍ରୀୟ ଯୋଜନାର ହିତାଧିକାରୀଙ୍କ ସହ ଭର୍ଚୁଆଲ ମାଧ୍ୟମରେ କଥା ହୋଇଥିଲେ। ଏକ ବିଶାଳ ରାଲିକୁ ସମ୍ବୋଧନ କରି ମୋଦି କହିଥିଲେ, ୨୦୧୪ ପୂର୍ବରୁ ଦୁର୍ନୀତି ସରକାରଙ୍କ ଅଭିନ୍ନ ଅଙ୍ଗ ଥିଲା। ଟଙ୍କା ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ପୂର୍ବରୁ ତାହାକୁ ଲୁଟ୍ କରାଯାଉଥିଲା। କିନ୍ତୁ ତାଙ୍କ ସରକାରରେ ଦୁର୍ନୀତି ପାଇଁ କାହାରିକୁ ସୁଯୋଗ ଦିଆଯାଇନାହିଁ। ବିଭିନ୍ନ ଯୋଜନାରେ କେନ୍ଦ୍ର ସରକାର ୨୨ ଲକ୍ଷ କୋଟି ଟଙ୍କା ସିଧାସଳଖ ଭାବେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଛନ୍ତି। ଏଥିସହ ପୂର୍ବାପେକ୍ଷା ଏବେ ଭାରତର ସୀମା ଅଧିକ ସୁରକ୍ଷିତ ହୋଇଥିବା ମୋଦି କହିଥିଲେ। ଏବେ ଭାରତ ଅଭାବ ପାଇଁ ନୁହେଁ ବରଂ ଆଧୁନିକତା ପାଇଁ ଜଣାଯିବ ବୋଲି ପ୍ରଧାନମନ୍ତ୍ରୀ ରାଲିରେ କହିଥିଲେ।

## ୬ ପିଲାଙ୍କୁ କୂଅରେ ଫିଙ୍ଗିଦେଲେ ମା’

**ମୁମ୍ବାଇ, ୩୧।୫:** ମହାରାଷ୍ଟ୍ରର ରାଇଗଡ ଜିଲାରେ ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ମହିଳା ନିଜ ୬ ପିଲାଙ୍କୁ କୂଅରେ ଫିଙ୍ଗି ହତ୍ୟା କରିଛନ୍ତି। ସେମାନଙ୍କ ବୟସ ୧୮ ମାସରୁ ୧୦ ବର୍ଷ ମଧ୍ୟରେ। ମହିଳା ଜଣକ ପିଲାଙ୍କ ସହ ନିଜେ କୂଅକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ ହେଁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଘଟଣାରେ ପୋଲିସ ହତ୍ୟା ମାମଲା ରୁଜୁ ସହ ସମ୍ପୃକ୍ତା ମହିଳାଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ରୁନା ଚିଖୁରି ସାହାଣୀ(୩୦) ଉତ୍ତରପ୍ରଦେଶରୁ କାମ ପାଇଁ ମୁମ୍ବାଇ ଆସି ଖରାଭଲି ଗ୍ରାମରେ ରହୁଥିଲେ। ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେବା ସହ ନିଶାସକ୍ତ ଅବସ୍ଥାରେ ସ୍ୱାମୀ ଅଧିକାଂଶ ସମୟରେ ମାର୍‌ଧର କରୁଥିଲେ। ମାନସିକ ଭାରସାମ୍ୟ ହରାଇ ରୁନା ସୋମବାର ୫ ଝିଅ ଏବଂ ଗୋଟିଏ ପୁଅକୁ କୂଅରେ ଫିଙ୍ଗି ଦେଇଥିଲେ। ଏଥିସହ ନିଜେ ମଧ୍ୟ କୂଅକୁ ଡେଇଁ ପଡ଼ିଥିଲେ। ଗ୍ରାମବାସୀ ରୁନାଙ୍କୁ କୂଅରୁ ଉଦ୍ଧାର କରିଥିଲେ ହେଁ ତାଙ୍କ ସମସ୍ତ ପିଲାଙ୍କ ମୃତ୍ୟୁ ଘଟିଛି।

## ବନ୍ଧୁକ କିଣାବିକା ରୋକିବ କାନାଡା

ଅଟାୱା, ୩୧।୫

- ପାର୍ଲାମେଣ୍ଟରେ ପ୍ରସ୍ତାବ ଆଗତ
- ଘରୋଇ ହିଂସା, ଅପରାଧ ମାମଲା ଥିବା ବ୍ୟକ୍ତିଙ୍କ ଲାଇସେନ୍ସ ରଦ୍ଦ ହେବ

ଆମେରିକାର ଟେକ୍ସାସ ସ୍କୁଲ ଗୁଳିକାଣ୍ଡରେ ୧୯ ଶିଶୁଙ୍କ ମୃତ୍ୟୁ ଘଟିବା ପରେ କାନାଡାରେ ବନ୍ଧୁକ କିଣାବିକା ନିୟନ୍ତ୍ରଣ ପାଇଁ ପାର୍ଲାମେଣ୍ଟରେ ପ୍ରସ୍ତାବ ଆଗତ ହୋଇଛି। କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଦେଶରେ ହ୍ୟାଣ୍ଡଗନ୍ ମାଲିକାନା ଉପରେ ରୋକ ସହ ସବୁସ୍ଥାନରେ ବନ୍ଧୁକ ବିକ୍ରି ଉପରେ କଟକଣା ଲଗାଇବାକୁ ଏହି ଆଇନ ଆଣିବାକୁ ଯାଉଛନ୍ତି। ଏହା ହ୍ୟାଣ୍ଡଗନ୍ ଉପରେ ସମ୍ପୂର୍ଣ୍ଣ ବ୍ୟାନ୍ ନୁହେଁ। କିନ୍ତୁ ପାର୍ଲାମେଣ୍ଟରେ ବିଲ୍ ପାରିତ ହେଲେ ସାଧାରଣ ନାଗରିକ ସହଜରେ ବନ୍ଧୁକ କିଣାବିକା କରିପାରିବେ ନାହିଁ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଆମେରିକାରେ ବଢ଼ୁଥିବା ବନ୍ଧୁକ ହିଂସା ଘଟଣାକୁ ଦର୍ଶାଇ ଟ୍ରୁଡୋ କହିଛନ୍ତି, ଯଦି ଏ ଦିଗରେ ତ୍ୱରିତ ପଦକ୍ଷେପ ନିଆ ନ ଯାଏ ତେବେ ଆଗକୁ ବଡ଼ ଚ୍ୟାଲେଞ୍ଜର ସାମ୍‌ନା କରିବାକୁ ପଡ଼ିବ।

ପ୍ରସ୍ତାବିତ ବିଲ୍ ଅନୁଯାୟୀ, ଘରୋଇ ହିଂସା, ଅପରାଧ, ଧମକ ମାମଲା ଥିବା ବ୍ୟକ୍ତିଙ୍କ ବନ୍ଧୁକ ଲାଇସେନ୍ସ ରଦ୍ଦ କରାଯିବ। ସେହିପରି ବନ୍ଧୁକ ଚୋରାଚାଲାଣ ଉପରେ ମଧ୍ୟ ରୋକ ଲଗାଯିବା ପାଇଁ ବ୍ୟବସ୍ଥା ରହିବ। ବ୍ୟକ୍ତିଗତ ବନ୍ଧୁକରେ ୫ ରାଉଣ୍ଡ ଗୁଳି ରହିବ। ଅଧିକ କ୍ଷମତା ବିଶିଷ୍ଟ ମାଗାଜିନ୍ କିଣାବିକାକୁ ବ୍ୟାନ୍ କରାଯିବ। ପ୍ରାୟ ୧୫ଶହ ପ୍ରକାରର ମିଲିଟାରି ବନ୍ଧୁକର ବ୍ୟକ୍ତିଗତ ବ୍ୟବହାର ଉପରେ ପୂର୍ବରୁ କାନାଡା ବ୍ୟାନ୍ ଲଗାଇଛି।

# ଆଉ ଜଣେ କଶ୍ମୀରୀ ପଣ୍ଡିତଙ୍କୁ ହତ୍ୟା

ନୂଆଦିଲ୍ଲୀ,୩୧।୫

**ମାସକରେ ୭ମ ଟାର୍ଗେଟ କିଲିଂ**

ଜମ୍ମୁ-କଶ୍ମୀରର କୁଲ୍‌ଗାମ ଜିଲାରେ ମଙ୍ଗଳବାର ଆତଙ୍କବାଦୀମାନେ ଜଣେ ପ୍ରବାସୀ କଶ୍ମୀରୀ ପଣ୍ଡିତ ହାଇସ୍କୁଲ୍ ଶିକ୍ଷୟିତ୍ରୀଙ୍କୁ ଗୁଳିକରି ହତ୍ୟା କରିଛନ୍ତି। କଶ୍ମୀରରେ ମାସକ ମଧ୍ୟରେ ଏହା ସପ୍ତମ ଟାର୍ଗେଟ କିଲିଂ। ମୃତ ଶିକ୍ଷୟିତ୍ରୀ ରଜନୀ ବଳ (୩୬) ସାମ୍ବା ବାସିନ୍ଦା। ମଙ୍ଗଳବାର ଦିନ ୧୦ଟାରେ କୁଲ୍‌ଗାମର ଗୋପାଳପୋରାସ୍ଥିତ ସ୍କୁଲ ବାହାରେ ଆତଙ୍କବାଦୀ ତାଙ୍କ ଉପରେ ଗୁଳି ଚଳାଇବାରୁ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଛନ୍ତି।

ଆତଙ୍କବାଦୀମାନେ କିଛିଦିନ ହେଲା ସାଧାରଣ ନାଗରିକଙ୍କୁ ଟାର୍ଗେଟ କରି ଆକ୍ରମଣ କରିଆସୁଛନ୍ତି। କଶ୍ମୀର ଏବେ



ଶିକ୍ଷୟିତ୍ରୀ ହତ୍ୟା ପ୍ରତିବାଦରେ କଶ୍ମୀର ପଣ୍ଡିତମାନେ ଶ୍ରୀନଗରରେ ବିକ୍ଷୋଭ କରୁଛନ୍ତି।

୯୦ ଦଶକଠାରୁ ଅଧିକ ବିପଜ୍ଜନକ ହୋଇପଡ଼ିଥିବା କଶ୍ମୀରୀ ପଣ୍ଡିତମାନେ ଅଭିଯୋଗ କରିଛନ୍ତି। ପୋଲିସ ଆକ୍ରମଣ ସ୍ଥଳକୁ ଚାରିପଟୁ ଘେରି ରହିବା ସହ ଆକ୍ରମଣକାରୀଙ୍କୁ ଧରିବା ଲାଗି ସର୍ଚ୍ଚ ଅପରେଶନ ଚଳାଇଛି। ଅପରାଧରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଖୁବ୍‌ଶୀଘ୍ର ଚିହ୍ନଟ କରାଯାଇ ଗିରଫ କରାଯିବ ବୋଲି ପୋଲିସ କହିଛି। ଅନ୍ୟପକ୍ଷରେ ଶିକ୍ଷୟିତ୍ରୀ ହତ୍ୟା ପ୍ରତିବାଦରେ ଶ୍ରୀନଗରରେ କଶ୍ମୀରୀ ପଣ୍ଡିତମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆମେ ନ୍ୟାୟ ଚାହୁଁ। ଟାର୍ଗେଟ୍ କିଲିଂ ବିରୋଧରେ ସରକାର ପଦକ୍ଷେପ ନେବା ଆବଶ୍ୟକ। ବାହାର ରାଜ୍ୟରୁ ଆସି କଶ୍ମୀର ଉପଖଣ୍ଡରେ କାର୍ଯ୍ୟ କରୁଥିବା ଲୋକଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ଆତଙ୍କବାଦୀଙ୍କ ଏଭଳି କାର୍ଯ୍ୟକୁ ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବଦୁଲ୍ଲା ଏବଂ ପିଡିପି ନେତ୍ରୀ ମେହବୁବା ମୁଫ୍‌ତି ନିନ୍ଦା କରିଛନ୍ତି। ଉପତ୍ୟକାରେ ଟାର୍ଗେଟ କିଲିଂ ବଢ଼ିଚାଲିଥିବାବେଳେ ସ୍ୱାଭାବିକତା ଫେରିଥିବା ନେଇ କେନ୍ଦ୍ର ସରକାର ମିଥ୍ୟା ଦାବି କରୁଥିବା ମେହବୁବା କହିଛନ୍ତି।

### ଭାଜପାକୁ ମିଳିଛି ୪୭୭ କୋଟି ଚାନ୍ଦା

ନୂଆଦିଲ୍ଲୀ,୩୧।୫(ପି.ଟି.)

ଆର୍ଥିକ ବର୍ଷ ୨୦୨୦-୨୧ରେ ଭାଜପାକୁ ୪୭୭.୫ କୋଟି ଟଙ୍କା ଚାନ୍ଦା ମିଳିଛି। ଏହି ସମୟରେ ବିରୋଧୀ ଦଳ କଂଗ୍ରେସ ୭୪.୫୦ କୋଟି ଟଙ୍କା ପାଇଛି, ଯାହା କି ଶାସକଦଳ ପାଇଥିବା ଚାନ୍ଦାର ମାତ୍ର ୧୫%। ମଙ୍ଗଳବାର ନିର୍ବାଚନ କମିଶନ ଏହି ଦୁଇ ଦଳର ଆୟ ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ କରିଛନ୍ତି। ଉକ୍ତ ରିପୋର୍ଟ ଅନୁଯାୟୀ ଭାଜପା ବିଭିନ୍ନ ସଂସ୍ଥା, ଇଲେକ୍ଟୋରାଲ ଟ୍ରଷ୍ଟ ଏବଂ ବ୍ୟକ୍ତିବିଶେଷଙ୍କଠାରୁ ମୋଟ ୪,୭୭,୫୪,୫୦,୦୭୭ ଟଙ୍କା ଚାନ୍ଦା ଗ୍ରହଣ କରିଛି। ସେହିପରି କଂଗ୍ରେସ ୭୪,୫୦,୪୯,୭୩୧ ଟଙ୍କା ସଂଗ୍ରହ କରିଛି। ନିର୍ବାଚନ ଆଇନର ବ୍ୟବସ୍ଥା ଅନୁଯାୟୀ ଦଳଗୁଡ଼ିକ ୨୦ ହଜାରରୁ ଅଧିକ ଟଙ୍କା ଚାନ୍ଦା ଗ୍ରହଣ ରିପୋର୍ଟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିବାକୁ ହେବ।

ଧରିତ୍ରୀ
DHARITRI
ବୁଧବାର, ଜୁନ୍ ୧/୨୦୨୨ (୧୬ ପୃଷ୍ଠା) | Wednesday, June 1/2022 | Page 16 | ପୃଷ୍ଠା-୧



## ତ୍ରେଭିସାନ୍ ଫ୍ରେଞ୍ଚ ଓପନ ସେମିରେ

ଇଟାଲୀର ମାର୍ଟିନା ତ୍ରେଭିସାନ୍ ପ୍ରଥମ ଥର ଫ୍ରେଞ୍ଚ ଓପନ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

୧୪

୧୦

## ହଲିଉଡ୍ ଫିଲ୍ମ ଶୁଟିଂରେ ବ୍ୟସ୍ତ ଆଲିଆ

ହଲିଉଡ୍ ଫିଲ୍ମ 'ହାର୍ଟ ଅଫ୍ ଷ୍ଟୋନ୍'ର ଶୁଟିଂରେ ବ୍ୟସ୍ତ ଥିବା କାରଣରୁ ଆଲିଆ ଭଟ୍ଟ 'ବ୍ରହ୍ମାସ୍ତ୍ର'ର ପ୍ରମୋଶନ୍ କାର୍ଯ୍ୟକ୍ରମରେ ସାମିଲ ହୋଇପାରି ନାହାନ୍ତି।



# ନୀରବିଲା 'ଭଏସ୍ ଅଫ୍ ଲଭ୍'

### ହୃଦ୍‌ଘାତରେ କେକେଙ୍କ ପରଲୋକ



**କୋଲକାତା, ୩୧।୫**

ଭର୍ସାଟାଇଲ ଗାୟକ ତଥା କେକେ ନାମରେ ବେଶ୍ ପରିଚିତ କ୍ରିଷ୍ଣକୁମାର କୁନ୍ନଥଙ୍କ ମଙ୍ଗଳବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୫୩ ବର୍ଷ ହୋଇଥିଲା। ଦକ୍ଷିଣ କୋଲକାତାର ନଜରୁଲ୍ ମଞ୍ଚରେ ସେ ସଙ୍ଗୀତ ପରିବେଷଣ କରିବା ପରେ ହୋଟେଲ ରୁମ୍‌କୁ ଫେରିଥିଲେ। ସେଠାରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସଙ୍ଗେ ସଙ୍ଗେ ତାଙ୍କୁ କାଲାକାଟା ମେଡିକାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (ସିଏମ୍‌ଆର୍‌ଆଇ)କୁ ନିଆଯାଇଥିଲା। ରାତି ପ୍ରାୟ ସାଢ଼େ ୧୦ଟାରେ ଡାକ୍ତର କେକେଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ଅକାଳ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। କେକେଙ୍କ ଗୀତ ସବୁବର୍ଗର ଲୋକଙ୍କ ମନକୁ ଛୁଇଁଥିଲା। ସେ ତାଙ୍କ ସଙ୍ଗୀତ ମାଧ୍ୟମରେ ଚିର ସ୍ମରଣୀୟ ହୋଇ ରହିବେ ବୋଲି ☞ପୃଷ୍ଠା-୨

# ମିଲର୍ସଙ୍କ ମର୍ଜିରେ ମଣ୍ଡି

**ବରଗଡ଼ ଅଫିସ୍,୩୧।୫**



ବରଗଡ଼ ଜିଲାପାଳଙ୍କ ଅଫିସ ଆଗରେ ମଙ୍ଗଳବାର ଚାଷୀଙ୍କ ବିକ୍ଷୋଭ।

- ମଣ୍ଡିରୁ ଉଠୁନି ଧାନ, ଚାଷୀ ହଟହଟା
- ଜିଲାପାଳଙ୍କ ଅଫିସରେ ଧାରଣା
- ଚାଷୀଙ୍କୁ ଟୋକନ ଅବଧି ଚିନ୍ତା

ଦିନକ ପରେ ବରଗଡ଼ ଜିଲାରେ ରବିଧାନ ସଂଗ୍ରହକୁ ତିନି ସପ୍ତାହ ବିତିବ। ହେଲେ ଏଠାରେ ଧାନବିକ୍ରିକୁ ନେଇ ଦେଖାଯାଇଥିବା ଅବ୍ୟବସ୍ଥାରେ ସୁଧାର ଆସିପାରିନାହିଁ। ଧାନବିକ୍ରିରେ ଟୋକନ କଟକଣା ବାଧକ ସାଜିଛି। ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁ ଟୋକନରେ ତ୍ରୁଟି ରହୁଛି। ଫଳରେ ଜିଲାର ଅନେକ ଚାଷୀ ଆବଶ୍ୟକ ଧାନବିକ୍ରିରୁ ବଞ୍ଚିତ ହୋଇଛନ୍ତି। ସେହିପରି ଧାନ ଅମଳ କରିସାରିଥିବା ଅନେକ ଚାଷୀଙ୍କୁ ଟୋକନ ମିଳିଛି। କିନ୍ତୁ ସେଥିରେ ଧାର୍ଯ୍ୟ ହୋଇଥିବା ବିକ୍ରି ଦିବସ ଯଥେଷ୍ଟ ବିଳମ୍ବ ହୋଇଛି। ଫଳରେ ସମ୍ପୃକ୍ତ ଚାଷୀମାନେ ମଣ୍ଡିକୁ ଧାନ ଆଣି ପାରୁନାହାନ୍ତି। ଅନ୍ୟପଟେ ନିର୍ଦ୍ଧାରିତ ବିକ୍ରି ଦିବସରେ ମିଲର୍ସ ଆସୁ ନ ଥିବାରୁ ମଣ୍ଡିର ଖୋଲା ଆକାଶତଳେ ଧାନ ଗଦା ହୋଇ ରହିଛି। ଧାନ ଉଠାଣ ବିଳମ୍ବିତ ହେଲେ ଚାଷୀଙ୍କ ଟୋକନ ଅବଧି ମଧ୍ୟ ସରିଯିବା ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଚାଷୀଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ଧାନ ବିକ୍ରି ହୋଇ ପାରି ନ ଥିବା ଯୋଗୁ ଚାଷୀମାନେ ଅମଳ କାର୍ଯ୍ୟରେ ନିୟୋଜିତ କୃଷି ଶ୍ରମିକଙ୍କୁ ସେମାନଙ୍କ ପାରିଶ୍ରମିକ ଦେଇପାରୁନାହାନ୍ତି। ଧାନ ବିକ୍ରି କରିବାକୁ ସେମାନେ ପ୍ୟାକ୍ସ, ଯୋଗାଣ ବିଭାଗଠାରୁ ଜିଲାପାଳ ଅଫିସ ପର୍ଯ୍ୟନ୍ତ ଧାଁଧପଡ଼ ହେବାକୁ ପଡ଼ୁଛି। ମିଲର୍ସମାନେ ମଣ୍ଡିକୁ ଆସୁ ନାହାନ୍ତି ଏବଂ ଯେଉଁ ମିଲର୍ସ ଆସୁଛନ୍ତି, ସେମାନେ ବିନା ଗୁଣମାନ ପରୀକ୍ଷାରେ କଟନୀଛଟନୀ ପାଇଁ ବାଧ୍ୟ କରୁଛନ୍ତି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ଜିଲାର ବରପାଲି ବ୍ଲକ ଅନ୍ତର୍ଗତ ସତଲମା ଗ୍ରାମର ଶତାଧିକ ଚାଷୀ ମଣ୍ଡିରେ ପଡ଼ିଥିବା ଧାନ ବିକ୍ରି ପାଇଁ ଜିଲାପାଳଙ୍କ ଅଫିସକୁ ଆସି ଧାରଣାରେ ବସିଥିଲେ। ଜୟ କିଷାନ ଆନ୍ଦୋଳନ ସଭାପତି ସୁଶୀଲ କୁମାର ସାହୁ, ସମ୍ପାଦକ ହର ବଣିଆ, କିଶୋର ଭୋଇ, ରଞ୍ଜିତ ସାହୁ, ଯଦୁନନ୍ଦନ ପ୍ରଧାନ, ଅମରେଶ ସାହୁ, ବଷ୍ଟି ଭୋଇ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଧାରଣାସ୍ଥଳକୁ ଆସି ଆସନ୍ତା ୩ ଦିନ ମଧ୍ୟରେ ସତଲମା ମଣ୍ଡିରେ ପଡ଼ିଥିବା ସବୁ ଧାନ ଉଠାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ।

ଗତ ୧୨ତାରିଖରେ ସତଲମା ମଣ୍ଡି ଖୋଲିଥିଲା। ମଣ୍ଡିରେ ଧାନ ଉଠାଇବା ପାଇଁ ୮ମିଲର୍ସଙ୍କୁ ପ୍ରଥମ ପର୍ଯ୍ୟାୟରେ ୨୩ହଜାର ୮୦୦ କୁଇଣ୍ଟାଲ ଧାନ ଆଲଟମେଣ୍ଟ ଦିଆଯାଇଛି। ମାତ୍ର ମିଲର୍ସମାନେ ଧାନ ଉଠାଣ ପାଇଁ ଗାଡ଼ି ପଠାଉ ନାହାନ୍ତି। ଫଳରେ ମଣ୍ଡିରେ ଏପର୍ଯ୍ୟନ୍ତ ୧୬ହଜାର ୯୭୬ ପ୍ୟାକେଟ୍ ☞ପୃଷ୍ଠା-୨

# ବ୍ରଜରାଜନଗର ଉପନିର୍ବାଚନ: ୭୧.୯% ମତଦାନ

### ଜୁନ୍ ୩କୁ ଅପେକ୍ଷା

**ଭୁବନେଶ୍ୱର(ବ୍ୟୁରୋ)/ ଝାରସୁଗୁଡ଼ା ଅଫିସ,୩୧।୫**

ମଙ୍ଗଳବାର ବ୍ରଜରାଜନଗର ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ଶେଷ ହୋଇଛି। ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ (ଇଭିଏମ୍)ରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧୧ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଯାଇଛି। ତେବେ ଅପରାହ୍ଣ ୫ଟା ସୁଦ୍ଧା ମତଦାନ ୬୯ ପ୍ରତିଶତ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି। ଅପରାହ୍ଣ ୩ଟାରୁ ୪ଟା ମଧ୍ୟରେ ଝଡ଼ବର୍ଷା ପାଇଁ ଭୋଟଦାନ ବାଧାପ୍ରାପ୍ତ ହୋଇଥିଲା। ଭୋଟ ଗ୍ରହଣ ଶେଷହେବା ପରେ ମତଦାନ ହାର ୭୧.୯% ହୋଇଥିବା ଝାରସୁଗୁଡ଼ା ଜିଲା ସୂଚନା ଓ ଲୋକସମ୍ପର୍କ ☞ପୃଷ୍ଠା-୨

# ଚତୁର୍ଥ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ୪.୧%କୁ ହ୍ରାସ

**ନୂଆଦିଲ୍ଲୀ,୩୧।୫**

### ୨୦୨୧-୨୨ରେ ଜିଡିପି ଅଭିବୃଦ୍ଧି ୮.୭%

୨୦୨୧-୨୨ ଆର୍ଥିକ ବର୍ଷରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ୮.୭ ପ୍ରତିଶତ ଅଭିବୃଦ୍ଧି ଘଟିଛି। ଏହି ବର୍ଷ ଅଭିବୃଦ୍ଧି ହାର ୮.୯ ପ୍ରତିଶତ ରହିବ ବୋଲି ପୂର୍ବରୁ ସରକାରୀ ଭାବେ ଆକଳନ କରାଯାଇଥିବାବେଳେ ତାହାଠାରୁ କମ୍ ହୋଇଛି। ଏପରିକି ମାର୍ଚ୍ଚ ମାସରେ ଶେଷ ହୋଇଥିବା ଚତୁର୍ଥ ତଥା ଶେଷ ତ୍ରୈମାସରେ ଅଭିବୃଦ୍ଧି ହାର ୪.୧ ପ୍ରତିଶତକୁ ଖସିଆସିଛି, ଯାହା କି ତୃତୀୟ ତ୍ରୈମାସରେ ୫.୪ ପ୍ରତିଶତ ରହିଥିଲା। ତେବେ ୨୦୨୦-୨୧ର ଆର୍ଥିକ ଅଭିବୃଦ୍ଧିଠାରୁ ୨୦୨୧-୨୨ ଅଭିବୃଦ୍ଧିରେ ଉନ୍ନତି ଘଟିଛି ଏବଂ ମହାମାରୀ ପୂର୍ବବର୍ତ୍ତୀ ସ୍ତରଠାରୁ ଅଧିକ ରହିଥିବା କୁହାଯାଉଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ୬.୬ ପ୍ରତିଶତ ରହିଥିଲା।

୨୦୨୨ ଏପ୍ରିଲରେ ଭାରତର ୮ଟି କୋର୍ ସେକ୍ଟରରେ ଉତ୍ପାଦନ ଅଭିବୃଦ୍ଧି ୮.୪ ପ୍ରତିଶତ ରହିଛି, ଯାହାକି ଗତ ୬ ମାସ ମଧ୍ୟରେ ସବୁଠୁ ଦ୍ରୁତ ଅଗ୍ରଗତି। କେବଳ ଅଶୋଧିତ ତୈଳ ଏବଂ ଇସ୍ପାତ ସେକ୍ଟରରେ ଉତ୍ପାଦନ ପୂର୍ବ ବର୍ଷ ଏପ୍ରିଲ ତୁଳନାରେ ସାମାନ୍ୟ ହ୍ରାସ ପାଇଛି। ୨୦୨୧-୨୨ରେ ଅର୍ଥନୀତିରେ ଗ୍ରସ୍ ଭାଲ୍ୟୁ-ଆଡେଡ୍ (ଜିଭିଏ) ୮.୧ ପ୍ରତିଶତ ବଢ଼ିଥିବା ଆକଳନ କରାଯାଇଛି, ଯାହା କି ପୂର୍ବରୁ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଆକଳନ କରିଥିବା ୮.୩ ପ୍ରତିଶତଠାରୁ ସାମାନ୍ୟ କମ୍। କୋଭିଡ୍ ମହାମାରୀ ଜନିତ ଲକ୍‌ଡାଉନ ଯୋଗୁ ୨୦୨୦-୨୧ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ୬.୬ ପ୍ରତିଶତକୁ ଖସିଯାଇଥିବାବେଳେ ଜିଭିଏ ୪.୮ ପ୍ରତିଶତ ରହିଥିଲା। କୃଷି ଏବଂ ଫାଇନାନ୍ସିଆଲ, ରିଅଲ ଇଷ୍ଟେଟ୍ ଓ ପେସାଦାରି ସେବା ସେକ୍ଟରର ଜିଭିଏରେ ୨୦୨୦-୨୧ର ଯଥାକ୍ରମେ ୩.୩ ପ୍ରତିଶତ ଏବଂ ୨.୨ ପ୍ରତିଶତ ରହିଥିବାବେଳେ ୨୦୨୧-୨୨ରେ ତାହା ୩% ଏବଂ ୪.୨% ବୃଦ୍ଧି ପାଇଛି। ☞ପୃଷ୍ଠା-୨

# ବୈଷୟିକ ତ୍ରୁଟି ଦର୍ଶାଇ ଶୁଣାଣି କଲେନି ଖଣ୍ଡପୀଠ

**ନୂଆଦିଲ୍ଲୀ/ ଭୁବନେଶ୍ୱର(ବ୍ୟୁରୋ),୩୧।୫**



### ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ବିବାଦ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ମାମଲାରେ ହାଇକୋର୍ଟ ଗତ ୯ତାରିଖରେ ଦେଇଥିବା ନିର୍ଦ୍ଦେଶ ବିରୋଧରେ ହୋଇଥିବା ଏକାଧିକ ଆବେଦନ ଉପରେ ମଙ୍ଗଳବାର ସୁପ୍ରିମ୍‌କୋର୍ଟରେ ଶୁଣାଣି ହେବାକୁ ଥିଲା। ହେଲେ ଏହି ମାମଲାରେ ଟେକ୍ନିକାଲ ଡିଫିକଲ୍ଟି(ବୈଷୟିକ ତ୍ରୁଟି) ଥିବା ଦର୍ଶାଇ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ହିମ କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନଗୁଡ଼ିକର ଶୁଣାଣି କରିପାରି ନାହାନ୍ତି। ଏହି ଆବେଦନଗୁଡ଼ିକର ଶୁଣାଣି ପ୍ରଧାନ ବିଚାରପତିଙ୍କ ପରିସରଭୁକ୍ତ ହୋଇଥିବାରୁ ତାଙ୍କ ବିନା ଅନୁମତିରେ ଶୁଣାଣି ଆମେ ଶୁଣାଣି କରିପାରିବୁ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ହାଇକୋର୍ଟଙ୍କ ରାୟ ବିରୋଧରେ ଗତ ୨୩ ତାରିଖରେ ଅର୍ଦ୍ଧେନ୍ଦୁ ଦାସ ଏବଂ ୨୭ ତାରିଖରେ ସୁମନ୍ତ ଘଡ଼େଇ ସୁପ୍ରିମକୋର୍ଟରେ ୨ଟି ପୃଥକ୍ ସ୍ପେଶାଲ ଲିଭ୍ ପିଟିଶନ ଆବେଦନ କରିଥିଲେ। ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମଙ୍ଗଳବାର ମାମଲାର ଶୁଣାଣି ପାଇଁ ଲିଷ୍ଟିଂ ବା ତାଲିକାଭୁକ୍ତ କରାଯାଇ ନାହିଁ। ତେଣୁ ଆବେଦନ ଗୁଡ଼ିକର ଦ୍ରୁତ ଶୁଣାଣି ନିମନ୍ତେ ଆଦେନକାରୀ ଘଡ଼େଇଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମହାଲକ୍ଷ୍ମୀ ପାଭାନୀ ଏବଂ ଦାସଙ୍କ ପକ୍ଷରୁ ଆଇନଜୀବୀ ନଚିକେତା ଜୋଷୀ ମଙ୍ଗଳବାର ଖଣ୍ଡପୀଠଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଅଦାଲତଙ୍କ ରାୟ ବିରୋଧରେ ନିର୍ମାଣ କାର୍ଯ୍ୟ ଜାରି ରହିଥିବା ପାଭାନୀ ଦର୍ଶାଇଥିଲେ। ହେଲେ ଆମେ ରେଜିଷ୍ଟ୍ରାରଙ୍କ ନିୟନ୍ତ୍ରଣରେ ରହି କାର୍ଯ୍ୟ କରୁଛୁ। ଆମ ହାତ ବନ୍ଧା ବୋଲି ଦର୍ଶାଇ ଖଣ୍ଡପୀଠ ଶୁଣାଣି କରିବାରୁ ବିରତ ରହିଥିଲେ। ସୋମବାର ଆଇନଜୀବୀ ପାଭାନୀ ଏବଂ ଜୋଷୀ ଏହି ମାମଲାର ଦ୍ରୁତ ଶୁଣାଣି ପାଇଁ ବିଚାରପତି ଗଭାଇ ଏବଂ କୋଲିଙ୍କ ଖଣ୍ଡପୀଠରେ ନିବେଦନ କରିଥିଲେ। ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

ପଞ୍ଜାବରେ ଗ୍ୟାଙ୍ଗଷ୍ଟାର୍

# ଜୁନ୍‌ରେ ଅଧିକ ବର୍ଷା

**ଭୁବନେଶ୍ୱର,୩୧।୫(ବ୍ୟୁରୋ)**

ଚଳିତ ବର୍ଷ ଜୁନ୍ ମାସରେ ଓଡ଼ିଶାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏଭଳି ଅନୁମାନ କରିଛି। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ଓଡ଼ିଶାରେ କେତେ ବର୍ଷା ହେବ ସେ ନେଇ ଏକ ମିଶ୍ରିତ ଆକଳନ କରାଯାଇଛି। ମୌସୁମୀ ଋତୁରେ ରାଜ୍ୟର କିଛି ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ।

### ଆଇଏମ୍‌ଡି ଆକଳନ



- ଓଡ଼ିଶାକୁ ମୌସୁମୀ ପ୍ରବେଶ ନେଇ ଅନିଶ୍ଚିତତା
- ୮ ଯାଏ ପ୍ରଚଣ୍ଡ ଗରମ, ଗୁଳୁଗୁଳି

କିଛି ଅଞ୍ଚଳରେ ସ୍ୱାଭାବିକ ବର୍ଷା ହେବ। କିନ୍ତୁ ଆଉ କିଛି ସ୍ଥାନରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ। ଆଭ୍ୟନ୍ତରୀଣ ଓ ଉତ୍ତର ଓଡ଼ିଶାର କିଛି ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ସମ୍ଭାବନା ରହିଛି। ଜୁଲାଇରେ ଓଡ଼ିଶାରେ କେତେ ବର୍ଷା ହେବ ତା'ର ଆକଳନ ଜୁନ୍‌ମାସ ଶେଷ ଆଡ଼କୁ କରାଯିବ। ସେହିପରି ଅଗଷ୍ଟ ମାସରେ କେତେ ବର୍ଷା ହେବ ତା'ର ପୂର୍ବାନୁମାନ ଜୁଲାଇ ଶେଷରେ କରାଯିବ ବୋଲି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

ମହାପାତ୍ର କହିଛନ୍ତି ଯେ, ଜୁନ୍‌ରେ ସମଗ୍ର ଦେଶରେ ବର୍ଷା ସ୍ୱାଭାବିକ ରହିବ। ତେବେ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ। ସେହିପରି ତାମିଲନାଡୁ, କେରଳ ଓ କର୍ଣ୍ଣାଟକର ଦକ୍ଷିଣ ଭାଗରେ ଜୁନ୍ ମାସରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ସମ୍ଭାବନା ରହିଛି। ଚଳିତ ବର୍ଷ ସ୍ୱାଭାବିକ ସମୟର ୩ ଦିନ ପୂର୍ବରୁ କେରଳ ଛୁଇଁଥିଲା ମୌସୁମୀ ବାୟୁ। ମୌସୁମୀ ବାୟୁ କେରଳର ସମସ୍ତ ଅଞ୍ଚଳରେ ପହଞ୍ଚି ସାରିଥିବା ବେଳେ କର୍ଣ୍ଣାଟକର କିଛି ଅଞ୍ଚଳ ଓ ତାମିଲନାଡୁର ଅଧିକାଂଶ ଅଞ୍ଚଳରେ ପ୍ରବେଶ କରିସାରିଛି। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଏହା ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା, ଅରୁଣାଚଳ ପ୍ରଦେଶ ଓ ସିକ୍କିମ ମଧ୍ୟରେ ପ୍ରବେଶ କରିବ। ସେହିପରି କର୍ଣ୍ଣାଟକର ଅଧିକାଂଶ ଅଂଶ ଓ ତାମିଲନାଡୁର ସମ୍ପୂର୍ଣ୍ଣ ଭାଗକୁ ୨ରୁ୩ ଦିନ ମଧ୍ୟରେ ଏହା ଅଗ୍ରସର ହେବ। ଏହା ପରେ ମୌସୁମୀ ବାୟୁ ପୂର୍ବ ଓ କେନ୍ଦ୍ର ଭାରତରେ ପ୍ରବେଶ କରିବାକୁ ପାଗ ଅନୁକୂଳ ରହିବ ବୋଲି ଆଇଏମ୍‌ଡି ଡିଜି କହିଛନ୍ତି। ତେବେ ମୌସୁମୀ କେବେ ଓଡ଼ିଶାରେ ପହଞ୍ଚିବ ସେ ନେଇ କିଛି ପୂର୍ବାନୁମାନ କରାଯାଇନାହିଁ।

ମୌସୁମୀ ବାୟୁ ସାଧାରଣତଃ ଓଡ଼ିଶାରେ ଜୁନ୍ ୧୦ରୁ ୧୨ ମଧ୍ୟରେ ପ୍ରବେଶ କରିଥାଏ। ଚଳିତ ବର୍ଷ ଆଗୁଆ ପ୍ରବେଶ କରିବ ବୋଲି ଆଇଏମ୍‌ଡି ପୂର୍ବାନୁମାନ କରିଥିଲା। ହେଲେ ଏ ପର୍ଯ୍ୟନ୍ତ ପାଗ ଅନୁକୂଳ ହୋଇନାହିଁ। ଆସନ୍ତା ୭ ତାରିଖ ବେଳକୁ ☞ପୃଷ୍ଠା-୨





ବିଧାୟକଙ୍କ କ୍ୱାର୍ଟର୍ସ ନିର୍ମାଣ ପାଇଁ ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପ ନିକଟରେ ହେଉଥିବା ଗଛକଟାକୁ ବିରୋଧ କରି ମଙ୍ଗଳବାର ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଧାରଣା ଦିଆଯାଇଛି। ଏଥିରେ ବହୁ ପରିବେଶପ୍ରେମୀ ଯୋଗ ଦେଇଛନ୍ତି।

# ଗଛ କଟାକୁ ଜୋରଦାର ବିରୋଧ

## ନିର୍ମାଣ ସ୍ଥଳରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ଧାରଣା

### ବିଧାୟକଙ୍କ କ୍ୱାର୍ଟର୍ସ ପାଇଁ ଗଛ ବଳି

- 'ଗଛ ନ କାଟି ଅନ୍ୟଠି କ୍ୱାର୍ଟର୍ସ କଲେ କ'ଣ ଅସୁବିଧା'
- ଗଛକଟା ବନ୍ଦ ପ୍ରତିଶ୍ରୁତି ଦେଲା ବନବିଭାଗ

**ଭୁବନେଶ୍ୱର,୩୧।୫(ବ୍ୟୁରୋ)**

ବିଧାୟକଙ୍କ ନିମନ୍ତେ ନୂତନ କ୍ୱାର୍ଟର୍ସ ନିର୍ମାଣ ଲାଗି ରବୀନ୍ଦ୍ର ମଣ୍ଡପଠାରୁ କମିଶନରେଟ କାର୍ଯ୍ୟାଳୟ ମଧ୍ୟରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଗଛକୁ କାଟି ଦିଆଗଲାଣି। ସର୍ବମୋଟ ୮୦୦ ମୂଲ୍ୟବାନ ଓ ବହୁପୁରାତନ ଗଛ କଟାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେଠାରେ ୨୭୫ କୋଟି ଟଙ୍କା ବ୍ୟୟରେ ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ ନିର୍ମାଣ ହେବ, ଯେଉଁଥିରେ ୩ଶହ କ୍ୱାର୍ଟର୍ସ ରହିବ ବୋଲି ସରକାରୀ ନିଷ୍ପତ୍ତି ହୋଇଛି। ଏହାକୁ ନେଇ ଏବେ ଆନ୍ଦୋଳନ ଓ ଅସନ୍ତୋଷ ତେଜିବାରେ ଲାଗିଛି। ଗଛକଟା ସ୍ଥାନରେ ବୁଦ୍ଧିଜୀବୀ, ବୃକ୍ଷପ୍ରେମୀ ଏବଂ ରାଜନେତା ଏକାଠି ହୋଇ ସେମାନଙ୍କ ସ୍ୱରକୁ ଶାଣିତ କରିଛନ୍ତି। ସମସ୍ତେ ଗୋଟିଏ କଥା କହୁଛନ୍ତି, ଏତେ ସଂଖ୍ୟାରେ ବହୁପୁରୁଣା ଗଛ ନ କାଟି ଅନ୍ୟ ସ୍ଥାନରେ ବିଧାୟକଙ୍କ ନୂତନ କ୍ୱାର୍ଟର୍ସ ନିର୍ମାଣ କରିବାରେ ଅସୁବିଧା କେଉଁଠି ରହିଛି। ଗଛ କଟାକୁ ବିରୋଧ କରି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ସୋମବାର ଥାନାରେ ଏତଲା ଦିଆଯାଇଥିବାବେଳେ ମଙ୍ଗଳବାର ଗଛ କଟା ସ୍ଥାନରେ ଧାରଣା ଦିଆଯିବା ସହ କଟାଯାଇ ନ ଥିବା ଗଛରେ ବିବେକକୁ ପ୍ରଶ୍ନ କଲାଭଳି ପୋଷ୍ଟର ମରାଯାଇଛି। ଏଥିରେ 'ଗଛ କାଟି ସର୍ବନାଶକୁ ଡାକନି' ଭଳି ସ୍ୱର୍ଣ୍ଣକାତର ଲେଖା ସ୍ଥାନ ପାଇଛି। ଅନ୍ୟପଟେ ବିଧାୟକ ସୁରେଶ କୁମାର ରାଉତରାୟ ମଧ୍ୟ ଏହାକୁ ବିରୋଧ କରି ଗଛକଟା ତୁରନ୍ତ ବନ୍ଦ କରିବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି। ସେହିପରି ପୂର୍ବତନ ଏମ୍‌ପି ତଥାଗତ ସତପଥୀ ମଧ୍ୟ ଏହି ଧାରଣାରେ ନିଜକୁ ସାମିଲ କରି ସହରଠାରୁ ଦୂରରେ ବିଧାୟକଙ୍କ କ୍ୱାର୍ଟର୍ସ ନିର୍ମାଣ କରିବାରେ ଅସୁବିଧା ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

“୨୦୧୭ରେ କଂଗ୍ରେସ ସହ ଜଡ଼ିତ ଥିବାବେଳେ ୟୁପିରେ ଗୋଟିଏ ନିର୍ବାଚନରେ ମୋର ରଣନୀତି ଫେଲ୍ ହୋଇଛି। ଏହି ଦଳ ମୋର ବିଜୟ ରେକର୍ଡ ଭାଙ୍ଗିଛି। ଭବିଷ୍ୟତରେ କେବେ କଂଗ୍ରେସ ସହ ଯୋଡ଼ି ହେବି ନାହିଁ।

– ପ୍ରଶାନ୍ତ କିଶୋର, ନିର୍ବାଚନ ରଣନୀତିକାର




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ମାମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ନ ଜାଣିଲେ କଥା ଅଡୁଆ**
**ଧରି ନ ଜାଣିଲେ ସୂତା ଅଡୁଆ।**

ପ୍ରକାଶଭଙ୍ଗୀର ଯଥାର୍ଥତା ଉପରେ କାର୍ଯ୍ୟର ସୂକ୍ଷ୍ମତା ନିର୍ଭର କରେ। କଥାକୁ ବନେଇ ଚୂନେଇ, ରସେଇ ମଜେଇ କହି ଜାଣିଲେ ଅକ୍ଳେଶରେ ଅନ୍ୟର ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟ ହାସଲ କରିବା ସହଜ ହୋଇଯାଏ। ସେହିପରି ଧରିବାର ବାଟ ବା କାଇଦା ଜାଣିଲେ ସୂତା ଧରିହୁଏ ଏବଂ ବସ୍ତ୍ର ବୁଣାରେ ସାହାଯ୍ୟ କରେ। ଅନ୍ୟଥା ସବୁ ନିଷ୍ଫଳ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କୂଅରେ ପଇଲା ଇଟା**
**କୁଆଳି ବାଡ଼ିରେ ଭାଙ୍ଗିବି ଅଣ୍ଟାଲୋ**
**ଶିଖାଇବି ଧାନକୁଟା।**

କେତେଜଣ ବ୍ୟକ୍ତି ଅତ୍ୟନ୍ତ କର୍ମକୋଢ଼ି ହୋଇଥାନ୍ତି। କାମଦାମ ନ କରି ଖାଲି ଟାରେ ବସିରହି ସମୟ ନଷ୍ଟ କରିଥାନ୍ତି। ମାଡ଼ର ଭୟ ନ ଦେଖାଇଲେ ସେମାନେ ବସିବା ସ୍ଥାନରୁ ଉଠି ନ ଥାନ୍ତି। ଆଳସ୍ୟ ଭାଙ୍ଗିବା ଓ ଘରକାମରେ ମନୋନିବେଶ କରିବାକୁ ତାଗିଦ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଘରୋଇ ହିଂସାର ଶିକାର ହୋଇଥିଲେ ଶିବାଙ୍ଗୀ

**ୟୁପିଏସ୍‌ସି ୧୭୭ ର୍‌ୟାଙ୍କ୍ ହୋଲ୍ଡର**



**ଲକ୍ଷ୍ନୌ,୩୧।୫:** ଦିନେ ଘରୋଇ ହିଂସାର ଶିକାର ହୋଇଥିଲେ ଆଉ ଏବେ ପ୍ରଶାସନିକ ସେବା ପରୀକ୍ଷାରେ ୧୭୭ତମ ସ୍ଥାନ ଅଧିକାର କରି ନିଜ ଜିଲା ପାଇଁ ଗର୍ବ ପାଲଟିଛନ୍ତି। ଉତ୍ତର ପ୍ରଦେଶ ପିଲଖୁଆ ସହରର ହାରପୁରରେ ଶିବାଙ୍ଗୀଙ୍କ ଘର। ଏହି ସଫଳତା ପାଇଁ ତାଙ୍କୁ କଠିନ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଛି। ଶିବାଙ୍ଗୀ ବିବାହିତା ଏବଂ ତାଙ୍କର ୭ ବର୍ଷର ଗୋଟିଏ ଝିଅ ଅଛି। ବାହାଘର ପରେ ଶାଶୁଘର ଲୋକଙ୍କ ଅତ୍ୟାଚାର ବଢ଼ିବାରୁ ସେ ବାପଘରେ ରହୁଥିଲେ। ସ୍ୱାମୀଙ୍କଠାରୁ ଛାଡ଼ପତ୍ର ମାମଲା ଏବେ କୋର୍ଟରେ ବିଚାରାଧୀନ। ବାହାଘର ପୂର୍ବରୁ ସେ ଦୁଇ ଦୁଇଥର ୟୁପିଏସ୍‌ସି ପରୀକ୍ଷା ଦେଇ ବିଫଳ ହୋଇଥିଲେ। ବାହାଘର ପରେ ପାଠପଢ଼ା ପାଇଁ ତାଙ୍କ ପାଖରେ ସମୟ ନ ଥିଲା। କିନ୍ତୁ ଶାଶୁଘରୁ ବାପଘରକୁ ଫେରିଆସିବା ପରେ ସେ ପୁଣି ପ୍ରଶାସନିକ ସେବା ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ।


# classifieds

**Everyday**
0674-2580101, 2549302




**BRIDE WANTED**

ଚାକିରି କରିଥିବା ପୁଅ ଦ୍ୱିତୀୟ ବିବାହ ପାଇଁ ପାତ୍ରୀ ଆବଶ୍ୟକ। Mob: 7978037485.
D-581




**SALE**

ଭୁବନେଶ୍ୱରର ଛତାବରରେ Rs.299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414.
D-606

Bhubaneswar Retanga Station ପାଖରେ 30ft. ରୋଡ୍ ଥାଇ 5000sqft. plot- 35,00,000/-ରେ ବିକ୍ରିହେବ। (registration/ boundary free). 9938016295.
D-73252

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

ଭୁବନେଶ୍ୱର ଟଙ୍କପାଣି ବାଇପାସ୍‌ରୁ 200mtr ଭିତରେ ଘରବାଡ଼ି ପାଚେରୀ ପ୍ଲଟ୍ ବିକ୍ରିହେବ। 9827119799.
D-73804

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲ ଠାରୁ ୪କି.ମି.ରେ ଘଙ୍ଗପାଟଣା, କଣ୍ଟାବାଡ଼ ଠାରେ ୩୦ଫୁଟ୍ ରୋଡ୍ ଇଲେକ୍ଟ୍ରି ସହ ମିଳୁଅଛି। **8658219495.** D-487




Shop of 250sqft. for rent on new Care Hospital Road, Chandrasekharpur, Bhubaneswar. 9937000624. D-73908




Refreshing your mind and body with the best therapy, 7873794731.
D-317

Newly open SPA positively health benefit with expert. Contact: 7749976301.
D-73809

**Relax, Refresh your body, mind at Saikrupa Spa with best therapies. 8984068077.**
D-488

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73807




**Institute of Astroguide**ର ନିଜସ୍ୱ ପ୍ରସ୍ତୁତ ଜାତକଗଣନା ଓ ପ୍ରତିକାର ବ୍ୟବହାର କରି ଘରେ ବସି ମାସକୁ **30,000** ପର୍ଯ୍ୟନ୍ତ ରୋଜଗାର କରନ୍ତୁ। ସଂସ୍ଥା ଦ୍ୱାରା ସମସ୍ତ ପ୍ରଚାର ପ୍ରସାର ପରିଚାଳନା କରାଯିବ। ଜ୍ୟୋତିଷ କିମ୍ବା ଜ୍ୟୋତିଷ ଶାସ୍ତ୍ରରେ ରୁଚି ରଖୁଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ। ଯୋଗାଯୋଗ– ମହାମାହୋପାଧ୍ୟାୟ ପଣ୍ଡିତ **ଗଣେଶ ଶାସ୍ତ୍ରୀ, ବରମୁଣ୍ଡା, ଭୁବନେଶ୍ୱର। 7008510005, 9437932751.** D-73805

**AFFIDAVIT**

By the virtue of an affidavit dt- 28.05.2022 before the Notary Public, Bhubaneswar. I, Mandakranta Sahu, At- Vyas- 12/103, SBI Colony, Debashram, Kesura, Bhubaneswar- 751002, Dist.- Khordha, Odisha have changed my name from Mandakranta Sahu to Mandakranta Padhi as per my Husband's surname i.e. Pradeep Kumar Padhi for all future purposes. D-612


## ମିଲର୍ସଙ୍କ ମର୍ଜିରେ...


ପ୍ରଥମ ପୃଷ୍ଠାରୁ...


ଧାନ ପଡ଼ି ରହିଛି। ମଣ୍ଡି ଖୋଲିବା ପ୍ରାୟ ୩ସପ୍ତାହ ପୂରିଯାଇଥିବାବେଳେ ଏଠାରୁ ମଙ୍ଗଳବାର ପୂର୍ବାହ୍ନ ସୁଦ୍ଧା କେବଳ ୪୪୮୯.୬୮ କୁଇଣ୍ଟାଲ ଧାନ ଉଠିଛି। ତେବେ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେବା ପରେ ଉକ୍ତ ମଣ୍ଡିରୁ ଧାନ ଉଠାଣରେ ପ୍ରଶାସନ ତତ୍ପର ହୋଇପଡ଼ିଛି। ଉକ୍ତ ମଣ୍ଡି ଉପରେ ନିର୍ଭରଶୀଳ ହଳଦୀପାଲି ଗ୍ରାମର ଚାଷୀ ଦର୍ଶନ ଭୋଇ କହିଛନ୍ତି, ଗତ ୧୨ତାରିଖରୁ ସେ ୧୩୦ କୁଇଣ୍ଟାଲ ଧାନ ସତଲମା ମଣ୍ଡିକୁ ଆଣିଥିଲେ। ମଙ୍ଗଳବାର ଅପରାହ୍ନରେ ତାକୁ ଉଠାଯାଇଛି। ସେହିପରି ଗତ ୧୩ତାରିଖରେ ବିଶିପାଲି ଗ୍ରାମର ଶମ୍ଭୁ ବଢ଼େଇ ୫୬.୪୦ କୁଇଣ୍ଟାଲ, ସନ୍ତୋଷ ଭୋଇ ୬୪.୭୪ କୁଇଣ୍ଟାଲ ଏବଂ ୧୯ତାରିଖରେ ହଳଦୀପାଲି ଗ୍ରାମର ଅଧିକାରୀ ବାରିକ ୫୦କୁଇଣ୍ଟାଲ ଧାନ ଏହି ମଣ୍ଡିରେ ପକାଇଥିବାବେଳେ ଆନ୍ଦୋଳନ ପରେ ମଙ୍ଗଳବାର ଅପରାହ୍ନରେ ସମସ୍ତ ଧାନ ଉଠାଯାଇଥିବା ସେମାନେ କହିଛନ୍ତି। କେବଳ ସତଲମା ମଣ୍ଡି ନୁହେଁ, ଜିଲାର ଅଧିକାଂଶ ମଣ୍ଡିରେ ଏଭଳି ଅବ୍ୟବସ୍ଥା ଲାଗି ରହିଛି। ଧାନର ଗୁଣମାନ ପରୀକ୍ଷା ନ କରି କୁଇଣ୍ଟାଲ ପିଛା ୧ରୁ ୨କିଗ୍ରା ଧାନ କଟନୀ କରାଯାଉଥିବାରୁ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି ବୋଲି ଜୟ କିଷାନ ଆନ୍ଦୋଳନର ସମ୍ପାଦକ ହର ବଣିଆ କହିଛନ୍ତି। ଏଭଳି କଟନୀଛଟନୀ ବନ୍ଦ କରିବା ସହିତ ଧାନ ଉଠାଣକୁ ତ୍ୱରାନ୍ୱିତ କରା ନ ଗଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ଆଲଟମେଣ୍ଟ ମିଳିଥିବା ସତ୍ତ୍ୱେ ଧାନ ଉଠାଉ ନ ଥିବା ମିଲର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ପୁଣି ଆଲଟମେଣ୍ଟ ଦେବା ଭଳି ପ୍ରଶାସନର ଅନୁକମ୍ପା ପ୍ରଦର୍ଶନ ଦୁର୍ଭାଗ୍ୟଜନକ ବୋଲି ବଣିଆ କହିଛନ୍ତି। ଏ ସମ୍ପର୍କରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନଙ୍କୁ ତାଙ୍କ ମୋବାଇଲ ନମ୍ବର ୭୩୨୮ ୭୨୦୯୬ରେ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ଫୋନ ରିସିଭ୍ କରି ନ ଥିଲେ।

## ଗଛ କଟାକୁ ଜୋରଦାର...

କେଉଁଠି ବୋଲି ପ୍ରଶ୍ନ କରିଛନ୍ତି। ବିଧାୟକ ସୁରେଶ ରାଉତରାୟ କହିଛନ୍ତି, ‘ନବୀନବାବୁ ତୁମେ ଏହି ଗଛ ଲଗାଇ ନାହଁ। କାହିଁକି ଏହି ଗଛ କାଟି ଏଠାରେ କ୍ୱାର୍ଟର୍ସ କରିବ’। ବାଚସ୍ପତି ଜାଣି ରଖନ୍ତୁ ଏହାକୁ ଘୋର ବିରୋଧ କରାଯିବ ସହ ବାକି ଗଛ ଆଉ କାଟିବାକୁ ଦିଆଯିବ ନାହିଁ। ଯଦି ଗଛ କଟା ବନ୍ଦ ନ ହେବ ତେବେ ଆଗକୁ ବିରାଟ ଆନ୍ଦୋଳନ କରାଯିବ’ ବୋଲି ସୁରେଶ କହିଛନ୍ତି। ସେହିପରି ତଥାଗତ କହିଛନ୍ତି, ପାତ୍ରପଡ଼ାର ଯେଉଁ ସ୍ଥାନରେ କ୍ଷତିପୂରଣ ବାବଦରେ ଚାରା ଲଗାଇବାକୁ ନିଷ୍ପତ୍ତି ନିଆଯାଇଛି, ସେଠାରେ ବିଧାୟକ କ୍ୱାର୍ଟର୍ସ କରିବାରେ ଅସୁବିଧା କ’ଣ ଥିଲା। ଏହାଦ୍ୱାରା ଗଛକୁ ଗଛ ରହି ଥାଆନ୍ତା ବିଧାୟକଙ୍କ କ୍ୱାର୍ଟର୍ସ ମଧ୍ୟ ଭଲରେ ହୋଇପାରି ଥାନ୍ତା। ଏପରି କି ସେଠାରେ ଉଦ୍ୟାନ କରି ଚାରା ଲଗାଯାଇପାରିଥାଆନ୍ତା। ଫଳରେ ସେଠାରେ ବିଧାୟକମାନେ ମଧ୍ୟ ଅଧିକ ଅମ୍ଳଜାନ ପାଇ ଖୁସି ହୋଇଥାଆନ୍ତେ। ଶାସକ ଦଳ ବିଧାୟକମାନେ ନିଜ ଦଳକୁ ଆହୁରି ଅଧିକ ସମର୍ଥନ କରିଥାଆନ୍ତେ। ପୂର୍ବତନ ପ୍ରଶାସକ ଅରବିନ୍ଦ ବେହେରା କହିଛନ୍ତି, ଗଛକୁ ରଖିକି କିଛି ସୌଧ ଯଦି ତିଆରି କରାଯାଇପାରିବ ତେବେ ଭଲ। ଗଛ କାଟିକି ଯଦି ଆମେ କୋଠା ତିଆରି କରିବା ତେବେ ତାହା ଭଲ ଲାଗିବ ନାହିଁ।

କିଛିଦିନ ତଳେ ଉକ୍ତ ସ୍ଥାନଟି ବହୁ ସୁନ୍ଦର ଏବଂ ଥଣ୍ଡା ସ୍ଥାନ ହୋଇ ରହିଥିଲା। ବହୁ ସରକାରୀ ଚାକିରି ପାଇଁ ରାଜଧାନୀକୁ ଆସୁଥିବା ଛାତ୍ରୀଛାତ୍ର ସେଠାରେ ଥିବା ଘାସ ଗାଲିଚା ଉପରେ ବସି ଘଣ୍ଟା ଘଣ୍ଟା ଧରି ବସି ପଢ଼ାପଢ଼ି କରୁଥିଲେ। ଏବେ ସେହି ପିଲାଙ୍କ ପଢିବା ଲାଗି ଆଉ କିଛି ସୁବିଧା ସରକାର ରଖିଲେ ନାହିଁ। ସେହି ପିଲାମାନଙ୍କ ମଧ୍ୟରୁ କେତେଜଣ ଉକ୍ତ ସ୍ଥାନ ନିକଟ ଗଛ ତଳେ ବସି ପଢୁଥିବା ଦେଖିବାକୁ ମିଳିଛି। ସେଠାରେ ବନ ବିଭାଗ ପକ୍ଷରୁ କଟାଯିବା ଲାଗି ନମ୍ବରିଂ ହୋଇଥିବା ଗଛଗୁଡ଼ିକର ସୁରକ୍ଷା ଦେବାକୁ ବହୁ ବୃକ୍ଷପ୍ରେମୀ ଆଗେଇ ଆସିଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନ ସଦସ୍ୟମାନେ କହିଛନ୍ତି, ଗଛ କାଟିବା ପୂର୍ବରୁ ଆଗେ ସେଥିରେ ମାରିଥିବା ଲେଖା ପଢନ୍ତୁ। ଅନ୍ୟପଟେ ବିଧାୟକଙ୍କ କ୍ୱାର୍ଟର୍ସ ନିର୍ମାଣ ହେବାକୁ ଥିବା ସ୍ଥାନରେ ଯେଉଁଠି ଗଛ କଟାଯାଇଛି ସେଠାରେ ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଆମ୍ବ, ପଣସ ଭଳି ବୃକ୍ଷ ରୋପଣ କରାଯାଇଛି। ଏହାସହ ଗଛ କଟାକୁ ତୀବ୍ର ବିରୋଧ ମଧ୍ୟ କରାଯାଇଛି। ମଞ୍ଚର ସଭାପତି ଭୀଷ୍ମନାରାୟଣ ନାଏକ କହିଛନ୍ତି, ବହୁ ପୁରୁଣା ଗଛ ଏମାନେ କାଟିଲେଣି। ଯାହାକୁ ସୁରକ୍ଷା ଦେଇ ମଧ୍ୟ ଅଟ୍ଟାଳିକା ତିଆରି କରାଯାଇପାରିଥାଆନ୍ତା। ସରକାରଙ୍କ ଦୂରଦୃଷ୍ଟିହୀନତା ଏବଂ ପ୍ରଶାସନିକ ଅପାରଗତା କାରଣରୁ ଏପ୍ରକାର କାର୍ଯ୍ୟସବୁ ଚାଲିଛି ବୋଲି ସେ କହିଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି, ଗଛକଟା ଦାୟିତ୍ୱରେ ଥିବା କ୍ଷେତ୍ର ଅଧିକାରୀ ବର୍ତ୍ତମାନ ଆଉ ଗଛ କଟାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ବର୍ତ୍ତମାନ ସ୍ଥଗିତ ରଖାଗଲା। ଯଦି ଆଗକୁ ପୁଣି ଗଛ କାଟନ୍ତି ତେବେ ଆନ୍ଦୋଳନକୁ ଆହୁରି ଜୋର୍‌ଦାର କରାଯିବ। ଗଛ ନ କାଟିବା ଲାଗି ସଚେତନ କରାଇବା ଉଦ୍ଦେଶ୍ୟରେ ପିଲାଙ୍କୁ ନେଇ ଚିତ୍ରକଳା ଅଙ୍କନ କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ଫେରିବା ପରେ ୫ ଜଣିଆ ପ୍ରତିନିଧି ଦଳ ତାଙ୍କୁ ଭେଟି ଏ ବାବଦରେ ଜଣାଇବେ। ଏହାସହ ରାଜ୍ୟର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ମଧ୍ୟ ଗଛ ନ କାଟିବା ନେଇ ଚିଠି ଲେଖିବାକୁ ଜଣାଇବୁ ବୋଲି ସୁଦର୍ଶନ କହିଛନ୍ତି।

## ଚତୁର୍ଥ ତ୍ରୈମାସରେ...

ଅର୍ଥନୈତିକ କାର୍ଯ୍ୟର ୫ ପ୍ରମୁଖ ସେଗ୍‌ମେଣ୍ଟର ଜିଭିଏ ଅଭିବୃଦ୍ଧି ୧୦ ପ୍ରତିଶତରୁ ଅଧିକ ରହିଛି। ସାଧାରଣ ପ୍ରଶାସନ, ପ୍ରତିରକ୍ଷା ଏବଂ ଅନ୍ୟାନ୍ୟ ସେବା ସେକ୍ଟରରେ ଜିଭିଏ ୧୨.୬ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା କି ପୂର୍ବବର୍ଷ ୫.୫ ପ୍ରତିଶତ ରହିଥିଲା। ସେହିପରି ୨୦୨୦-୨୧ରେ ଖଣିଜ ଉତ୍ତୋଳନ ଏବଂ ନିର୍ମାଣ ସେକ୍ଟରରୁ ଜିଭିଏ ୮.୬% ଏବଂ ୭.୩% ହ୍ରାସ ପାଇଥିବାବେଳେ ଏଥର ତାହା ୧୧.୫ ପ୍ରତିଶତ ରହିଛି। ସେହିପରି ବାଣିଜ୍ୟ, ହୋଟେଲ, ପରିବହନ, ଯୋଗାଯୋଗ ଏବଂ ପ୍ରସାରଣ ସେବା ପୂର୍ବବର୍ଷ ୨୦.୨ ପ୍ରତିଶତ ହ୍ରାସ ପାଇଥିବାବେଳେ ୨୦୨୧-୨୨ରେ ୧୧.୧ ପ୍ରତିଶତକୁ ବୃଦ୍ଧି ପାଇଛି। ଉତ୍ପାଦନ ସେକ୍ଟର ଜିଭିଏ ପୂର୍ବବର୍ଷର ୦.୬% ହ୍ରାସରୁ ୯.୯ ପ୍ରତିଶତକୁ ବୃଦ୍ଧି ପାଇଥିବା ଜଣାପଡ଼ିଛି। କେବଳ ଠିକାଭିତ୍ତିକ ବାଣିଜ୍ୟ, ହୋଟେଲ, ପରିବହନ, ଯୋଗାଯୋଗ ଏବଂ ପ୍ରସାରଣ ସେବାରେ ଜିଭିଏ ମହାମାରୀ ପୂର୍ବ ସ୍ତରଠାରୁ କମ୍ ରହିଛି। ମାର୍ଚ୍ଚରେ ଶେଷ ହୋଇଥିବା ଚତୁର୍ଥ ତ୍ରୈମାସରେ ମୋଟ ଜିଭିଏ ଅଭିବୃଦ୍ଧି ୩.୯ ପ୍ରତିଶତକୁ ହ୍ରାସ ପାଇଛି, ଯାହା କି ପୂର୍ବ ତ୍ରୈମାସରେ ୪.୭ ପ୍ରତିଶତ ରହିଥିଲା।

# ଆକଳନଠାରୁ କମ୍ ରହିଛି ବିତ୍ତୀୟ ନିଅଣ୍ଟ

**ନୂଆଦିଲ୍ଲୀ,୩୧।୫:** ଆର୍ଥିକ ବର୍ଷ ୨୦୨୧-୨୨ରେ ବିତ୍ତୀୟ ନିଅଣ୍ଟ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୬.୭% ରହିଛି, ଯାହାକି ସଂଶୋଧିତ ଆକଳନ(୬.୯%) ତୁଳନାରେ କମ୍। ସରକାରୀ ତଥ୍ୟ ଅନୁସାରେ ଆର୍ଥିକ ବର୍ଷ ୨୦୨୧-୨୨ ପାଇଁ ବିତ୍ତୀୟ ନିଅଣ୍ଟ ୧୫.୮୭ ଲକ୍ଷ କୋଟି ଆକଳନ କରାଯାଇଥିଲା। ଗତ ଆର୍ଥିକ ବର୍ଷ ପାଇଁ ସରକାର ଫେବୃଆରୀ ୨୦୨୧ରେ ଘୋଷଣା କରିଥିବା ବଜେଟ୍‌ରେ ବିତ୍ତୀୟ ନିଅଣ୍ଟକୁ ଜିଡିପିର ୬.୮% ହେବ ବୋଲି ଅନୁମାନ କରିଥିଲେ। ଗତ ଫେବୃଆରୀ ବଜେଟ୍‌ରେ ସରକାର ଏହି ଆକଳନରେ ସଂଶୋଧନ କରି ୬.୯% କରିଥିଲେ। ଏହାଛଡ଼ା ୨୦୨୧-୨୨ ବର୍ଷ ଶେଷରେ ରାଜସ୍ୱ ନିଅଣ୍ଟ ୪.୩୭% ରହିଛି। ଚଳିତ ଆର୍ଥିକ ବର୍ଷରେ ପେଟ୍ରୋଲ୍ ଏବଂ ଡିଜେଲ୍ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରିବା ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଦ୍ୱାରା ବିତ୍ତୀୟ ନିଅଣ୍ଟ ଉପରେ ଚାପ ପଡ଼ିବାର ଆଶଙ୍କା ରହିଛି। ସୂଚନାଯୋଗ୍ୟ, ସରକାର ଲିଟର ପିଛା ପେଟ୍ରୋଲ୍‌ରେ ୮ଟଙ୍କା ଏବଂ ଡିଜେଲ୍‌ରେ ୬ଟଙ୍କା ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି। ସରକାରଙ୍କ ମୋଟ୍ ଆୟ ଏବଂ ଖର୍ଚ୍ଚ ମଧ୍ୟରେ ଥିବା ଅନ୍ତରକୁ ବିତ୍ତୀୟ ନିଅଣ୍ଟ କୁହାଯାଏ। ଏହି ଅନ୍ତରକୁ ପୂରଣ କରିବା ପାଇଁ ସରକାର ବଜାରରୁ ଋଣ କରିଥାନ୍ତି। ବିତ୍ତୀୟ ନିଅଣ୍ଟ ଯେତେ କମ୍ ହେବ ଦେଶର ଅର୍ଥନୀତି ପାଇଁ ତାହା ସେତେ ଉତ୍ତମ।

## ଜୁନ୍‌ରେ ଅଧିକ...

ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସମ୍ଭାବନା ରହିଛି। ଏଥିଯୋଗୁ ତାମିଲନାଡୁ ଏବଂ ଆନ୍ଧ୍ର ପ୍ରଦେଶରେ ବର୍ଷା ହୋଇପାରେ। ଏଥିସହିତ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ପାରଦ ୪୪ ଡିଗ୍ରୀ ସେଲ୍‌ସିୟସକୁ ଟପିଯାଇଛି। ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବାଧିକ ତାପମାତ୍ରା ୪୪.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁରରେ ୪୩, ବଲାଙ୍ଗୀରରେ ୪୩.୫, ଟିଟିଲାଗଡ଼ରେ ୪୩.୨, ବୌଦ୍ଧରେ ୪୨.୫, ବରଗଡ଼ରେ ୪୨.୫, ଢେଙ୍କାନାଳରେ ୪୦.୩, ପାରଳାଖେମୁଣ୍ଡିରେ ୪୧.୫, ମାଲକାନଗିରିରେ ୪୧, ତାଳଚେରରେ ୪୦.୪, ଅନୁଗୋଳରେ ୪୧.୭, ବାରିପଦାରେ ୪୧.୬, ଝାରସୁଗୁଡ଼ାରେ ୪୨.୪, କେନ୍ଦୁଝରରେ ୪୦, ସୁନ୍ଦରଗଡ଼ରେ ୪୦, ହୀରାକୁଦରେ ୪୧.୯ ଏବଂ ଭବାନୀପାଟଣାରେ ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଆସନ୍ତା ୮ ତାରିଖ ଯାଏ ସମଗ୍ର ରାଜ୍ୟରେ ପ୍ରଚଣ୍ଡ ଗରମ, ଗୁଳୁଗୁଳ ଜାରି ରହିବ। ତେବେ ଏହି ସମୟ ମଧ୍ୟରେ କେତେକ ସ୍ଥାନରେ ଝଡ଼ବର୍ଷା ହୋଇପାରେ। ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଗଞ୍ଜାମ, ଗଜପତି, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, ବୌଦ୍ଧ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହୋଇପାରେ। ସେହିପରି ଗୁରୁବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଜପତି, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲାର କେତେକ ସ୍ଥାନରେ ବର୍ଷା ହୋଇପାରେ। ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ବ୍ରଜରାଜନଗର ଉପନିର୍ବାଚନ...

ଅଧିକାରୀ ଅଜୟ କୁମାର ଜେନା ସୂଚନା ଦେଇଛନ୍ତି। ସୂଚନାଥାଉକି, ସକାଳୁ ୩ଟି ଇଭିଏମ୍‌ରେ ତ୍ରୁଟି ଦେଖାଯାଇଥିଲା। ପରେ ଏକ ବୁଥ୍‌ରେ ସମସ୍ୟା ଦେଖାଦେଇଥିଲା। ୩ଟି ଲେଖାଏ ବାଲଟ ୟୁନିଟ୍ ଓ କଣ୍ଟ୍ରୋଲ ୟୁନିଟ୍ ପରିବର୍ତ୍ତନ କରାଯାଇଛି। ତେବେ କୌଣସି ସ୍ଥାନରେ ହିଂସା ହୋଇନାହିଁ। ସମସ୍ତ ବୁଥ୍‌ରେ ଶାନ୍ତିପୂର୍ଣ୍ଣ ମତଦାନ ହୋଇଛି। ୨୦୧୯ରେ ବ୍ରଜରାଜନଗର ବିଧାନସଭାରେ ମତଦାନ ହାର ୬୮ ପ୍ରତିଶତ ହୋଇଥିଲା। ଏଥର ମତଦାନ ଗତ ଥରକୁ ଟପିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଏହି ନିର୍ବାଚନରେ ମୋଟ ୨,୧୫,୮୭୮ ଜଣ ଭୋଟର ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି। ନିରପେକ୍ଷ, ଅବାଧ ଓ ଶାନ୍ତିପୂର୍ଣ୍ଣ ମତଦାନ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ଆଇଏଏସ୍ ମାଧବୀ କଟରିଆ, ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସରୋଜ କୁମାର ସାମଲ, ଉତ୍ତରାଞ୍ଚଳ ଆଇଜି ଦୀପକ କୁମାର, ଏସ୍‌ପି ରାହୁଲ ଜୈନ ପ୍ରମୁଖ ବିଭିନ୍ନ ବୁଥ୍ ପରିଦର୍ଶନ କରି ଏହାର ତଦାରଖ କରିଥିଲେ। ମତଦାନ ଶେଷ ହେବା ପରେ ବିଭିନ୍ନ ବୁଥ୍‌ରୁ ଇଭିଏମ୍ ମେଶିନକୁ କଡ଼ା ସୁରକ୍ଷା ମଧ୍ୟରେ ନିଆଯାଇ ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ଆସନ୍ତା ଜୁନ୍ ୩ ତାରିଖରେ ଭୋଟ ଗଣତି ହେବ। ସେହିଦିନ ମତଦାତା କାହା ମୁଣ୍ଡରେ କଳସ ଢାଳିଛନ୍ତି ତାହା ଜଣାପଡ଼ିବ।

## ବୈଷୟିକ ତ୍ରୁଟି ଦର୍ଶାଇ...

ଓଡ଼ିଶା ହାଇକୋର୍ଟରେ ଏହି ମାମଲାର ଶୁଣାଣି ହୋଇଛି କି ନାହିଁ ଖଣ୍ଡପୀଠ ଆବେଦନକାରୀଙ୍କୁ ପଚାରିଥିଲେ। ହାଇକୋର୍ଟଙ୍କ ମେ’ ୯ ଆଦେଶ ବିରୋଧରେ ଉକ୍ତ ଦୁଇଟି ପିଟିଶନ ଦାଏର କରାଯାଇଥିବା ଆବେଦନକାରୀ ଦର୍ଶାଇଥିଲେ। ଏହା ପରେ ଏହାର ଶୁଣାଣି ମଙ୍ଗଳବାରକୁ ଧାର୍ଯ୍ୟ ହୋଇଥିଲା। ହେଲେ ଏବେ ଏହାକୁ ଟେକ୍ନିକାଲ ଡିଫିକଲ୍ଟି ଦର୍ଶାଇ ଶୁଣାଣି କରାଯାଇ ନାହିଁ। ସୂଚନାଯୋଗ୍ୟ, ଗତ ୯ତାରିଖରେ ହାଇକୋର୍ଟ ଶ୍ରୀମନ୍ଦିର ଚାରିପାଖେ ହେଉଥିବା ନିର୍ମାଣକୁ ସ୍ଥଗିତ କରିବା ନେଇ ନିର୍ଦ୍ଦେଶ ଦେବାକୁ ମନା କରିଦେଇଥିଲେ। ପୁରୀ ଐତିହ୍ୟ ପ୍ରକଳ୍ପ ଦ୍ୱାରା ଶ୍ରୀମନ୍ଦିରର କ୍ଷତି ହେବା ଆଶଙ୍କା କରି ଏବଂ ଏ ନେଇ କୌଣସି ଅନୁମତି ଦିଆଯାଇ ନ ଥିବା ଦର୍ଶାଇ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ) ପକ୍ଷରୁ ହାଇକୋର୍ଟରେ ମାମଲା ଦାଏର କରାଯାଇଥିଲା। ହାଇକୋର୍ଟ ଏଏସ୍‌ଆଇ ରିପୋର୍ଟକୁ ଅଗ୍ରାହ୍ୟ କରିଦେବା ସହ ମନ୍ଦିରର କେଉଁ ଅଂଶ ପ୍ରକୃତରେ କ୍ଷତି ହେବ ସେ ସମ୍ପର୍କରେ ଦର୍ଶାଇବାକୁ ପରାମର୍ଶ ଦେଇଥିଲେ।

## ନୀରବିଲା ‘ଭଏସ୍...

ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ତାଙ୍କ ପରଲୋକରେ ବଲିଉଡ୍ ଅଭିନେତା ଅକ୍ଷୟ କୁମାର, ଗାୟକ ହର୍ଷଦୀପ କୌର, ଚଳଚ୍ଚିତ୍ର ନିର୍ମାତା ଶ୍ରୀଜିତ୍ ମୁଖାର୍ଜୀଙ୍କ ସମେତ ସିନେଜଗତର ବହୁ କଳାକାର ଓ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

ହିନ୍ଦୀ, ତାମିଲ, ତେଲୁଗୁ, କନ୍ନଡ଼, ମାଲୟାଲମ୍, ମରାଠୀ, ବେଙ୍ଗଲୀ, ଅହମିୟା, ଗୁଜରାଟୀ ଭାଷାରେ ସେ ଅନେକ ଲୋକପ୍ରିୟ ଗୀତ ରେକର୍ଡ କରିଛନ୍ତି। ବଲିଉଡକୁ ସେ ବହୁ ହିଟ୍ ଗୀତ ଦେଇଛନ୍ତି। ସେଥିମଧ୍ୟରେ ଆଖୋଁ ମେ ତେରି (ଓମ୍ ଶାନ୍ତି ଓମ୍), ତଡପ୍ ତଡପ୍ (ହମ୍ ଦିଲ୍ ଦେ ଚୁକେ ସନମ୍), ଦଶ୍ ବହାନେ କର୍ କେ ଲେ ଗୈ ଦିଲ୍ (ଦଶ୍), ତୁନେ ମାରି ଏଣ୍ଟ୍ରିଆ (ଗୁଣ୍ଡେ), ଜରାସା (ଜନତ୍), ଡୋଲାରେ ଡୋଲାରେ (ଦେବ୍‌ଦାସ), ଖୁଦା ଜାନେ (ବଚ୍‌ନା ଏ ହସିନୋ), ପିୟା ଆୟେ ନା (ଆସିକି ୨), ଇଣ୍ଡିଆ ୱାଲେ (ହାପି ନ୍ୟୁ ଇୟର), ତୁ ଜୋ ମିଲା (ବଜରଙ୍ଗୀ ଭାଇଜାନ୍), ତୁହି ମେରି ସବ୍ ହୈ (ଗ୍ୟାଙ୍ଗଷ୍ଟର), ସଚ୍ କେହ ରହା ହୈ ଦିୱାନା (ରେହନା ହୈ ତେରେ ଦିଲ୍ ମେ) ଆଦି ଶତାଧିକ ହିଟ୍ ଗୀତ ଦେଇ ଲୋକଙ୍କ ହୃଦୟରେ ରାଜ୍ କରିଛନ୍ତି। ସିନେ ଇଣ୍ଡଷ୍ଟ୍ରିରେ ‘ଭଏସ୍ ଅଫ୍ ଲଭ୍’ ଭାବେ ମଧ୍ୟ ସେ ପରିଚିତ ଥିଲେ।

୧୯୬୮ ଅଗଷ୍ଟ ୨୩ରେ କେକେ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ସେ ଦିଲ୍ଲୀ ୟୁନିଭର୍ସିଟି ଅଧୀନରେ କିରୋରି ମଲ୍ କଲେଜରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ୧୯୯୧ରେ ଜ୍ୟୋତି କ୍ରିଷ୍ଣାଙ୍କ ସହ ତାଙ୍କ ବିବାହ ହୋଇଥିଲା। ତାଙ୍କ ପୁଅଙ୍କ ନାଁ ନକୁଳ କ୍ରିଷ୍ଣା କୁନ୍ନତ ଏବଂ ଝିଅ ତାମରା କୁନ୍ନତ। ତାଙ୍କ ପ୍ରଥମ ସଙ୍ଗୀତ ଆଲବମ୍ ‘ପଲ୍’ ୧୯୯୯ରେ ରିଲିଜ୍ ହୋଇଥିଲା। ସେହି ବର୍ଷ କ୍ରିକେଟ ବିଶ୍ୱକପ୍ ବେଳେ ଭାରତୀୟ ଟିମ୍‌କୁ ଉତ୍ସାହିତ କରିବା ଲାଗି ସେ ‘ଜୋସ୍ ଅଫ୍ ଇଣ୍ଡିଆ’ ଗୀତ ଗାଇଥିଲେ। ସେ ଫିଲ୍ମ ଫେୟାର ଆୱାର୍ଡ ପାଇଁ ୬ ଥର ମନୋନୀତ ହୋଇଥିଲେ। ୨୦୦୯ରେ ଖୁଦା ଜାନେ ଗୀତ ପାଇଁ ସେ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ଭାବେ ସ୍କ୍ରିନ୍ ଆୱାର୍ଡ ପାଇଥିଲେ। ଏହା ବ୍ୟତୀତ ତାମିଲ, କନ୍ନଡ ଭାଷାରେ ସେ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ପୁରସ୍କାର ପାଇଥିଲେ। ୨୦୧୨ ରେ ମାଲୟାଲମ ଗୀତ ପାଇଁ ତାଙ୍କୁ ଇନାମ୍-ସ୍ୱରାଳୟ ସିଙ୍ଗର ଅଫ୍ ଦି ଇଅର ପୁରସ୍କାର ମିଳିଥିଲା।

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**

ଆଜିର ପାରିପାର୍ଶ୍ୱିକ ପରିସ୍ଥିତି ଓ ପରିବେଶ ଆପଣଙ୍କ ପାଇଁ ସୁଖଦ ହେବ। ସମାଜରେ ଆଦୃତି ଲାଭ ସଙ୍ଗକୁ ଯାନବାହନ, ପ୍ରଶାସନ, ଜ୍ଞାନାର୍ଜନ ସକାଶେ ଅନୁକୂଳତା ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୂରେଇବାରେ ସାହାଯ୍ୟ କରିବ। ବୃଥା ସନ୍ଦେହ କରିବା ଦ୍ୱାରା ଅଯଥା ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ।

**ବୃଷ**

ଆଜିର କଠିନଶ୍ରମ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ପ୍ରଭାବ ସୃଷ୍ଟି କରିପାରେ। ଦୁର୍ବଳତା ଯୋଗୁ କୌଣସି କାମ କରିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ। ପାରିବାରିକ କ୍ଷେତ୍ରରେ ସହମତି ଭିତ୍ତିରେ କାମ କରିବା ଭଲ ହେବ। ବ୍ୟବସାୟରେ ନୈରାଶ୍ୟଜନକ ସ୍ଥିତିରେ ରହିବାକୁ ବାଧ ହେବେ।

**ମିଥୁନ**

ସାମଗ୍ରୀକ ଦୃଷ୍ଟିକୋଣରୁ ଆଜିର ଦିବସ ଆପଣଙ୍କ ସକାଶେ ଅନୁକୂଳ ରହିବ। ପ୍ରତ୍ୟେକ କ୍ଷେତ୍ରରେ ବନ୍ଧୁମାନଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି। କିନ୍ତୁ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡ଼ିପାରେ। ଆଲୋଚନା, ଗବେଷଣା, ଆନୁଷ୍ଠାନିକ କାମ ପ୍ରଭୃତିରୁ ସଫଳତା ଅବଶ୍ୟ ମିଳିବ।

**କର୍କଟ**

ବୈଷୟିକ ସୁଖ, ସମୃଦ୍ଧି ସଙ୍ଗକୁ ସୃଜନୀଶକ୍ତିର ଅଭିବୃଦ୍ଧି କର୍ମକ୍ଷେତ୍ରକୁ ସରସ କରିବ। କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ପଦ ପଦବୀ ଲାଭ ସଙ୍ଗକୁ ଲକ୍ଷ୍ୟ ହାସଲରେ ଅନୁଧାବିତ ହେବେ। ସାହିତ୍ୟଚର୍ଚ୍ଚା, ଉତ୍ସବାନୁଷ୍ଠାନ, ମନୋରଞ୍ଜନ, ପରିବହନ, ପ୍ରଶାସନ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**ସିଂହ**

ଭେଦଭାବ ଭୁଲି ଅନ୍ୟଙ୍କୁ ଆପଣେଇ ନେବାକୁ ଯଥାସାଧ ଚେଷ୍ଟାକରି ସଫଳ ହେବେ। ସମସ୍ୟାକୁ ବାଦ୍ ଦେଲେ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ କଟିବ। ଆଗାମୀ ସମୟରେ କେତେକ ଦୀର୍ଘ ମିଆଦୀ କାର୍ଯ୍ୟ ପାଇଁ ଖସଡ଼ା ପ୍ରସ୍ତୁତ କରିପାରନ୍ତି। ବନ୍ଧୁ ମିଳନ ଓ ନୂତନ ବନ୍ଧୁ ସମ୍ପର୍କ କ୍ଷେତ୍ରରେ ଆଗ୍ରହ ପ୍ରକାଶ କରିବେ।

**କନ୍ୟା**

ଗତକାଲିଠାରୁ ଆପଣ ଯେଉଁ କାମ ହାତକୁ ନେଇଛନ୍ତି ସେଥିରେ ନିଶ୍ଚିତ କୃତକାର୍ଯ୍ୟ ହେବେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ କୌଣସି ନିଷ୍ପତ୍ତି ନେବା ଠିକ୍ ହେବ ନାହିଁ। ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଏଜେନ୍ସିପରୁ ଖୁସି ରହିବେ। ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇପାରେ।

**ତୁଳା**

ଆଜି ଆନୁଷଙ୍ଗିକ ସାହାଯ୍ୟ ଲାଭକରି କାର୍ଯ୍ୟକ୍ଷେତ୍ର ପ୍ରତି ଅନୁରକ୍ତି ବୃଦ୍ଧି ପାଇବ। ଖର୍ଚ୍ଚଭାର ବୃଦ୍ଧିହେତୁ ଆର୍ଥିକ ସମସ୍ୟା ଭିତରକୁ ଠେଲି ହୋଇଯାଇପାରନ୍ତି। ଭୁଲ୍ ବୁଝାମଣାଜନିତ ସାମୟିକ ମତାନ୍ତର ପାରିବାରିକ ପରିବେଶକୁ ଗମ୍ଭୀର କରିଦେଇପାରେ। ପ୍ରଶାସନ, ମାଲିମକଦ୍ଦମା ସମ୍ପର୍କିତ ଫଳ ମଧ୍ୟମ ପ୍ରକାରର ଅନୁଭୂତ ହେବ।

**ବିଛା**

ଶିକ୍ଷା, ସନ୍ତାନ, ଆଲୋଚନା, ସିଦ୍ଧାନ୍ତ ନେବା କ୍ଷେତ୍ରରେ ବ୍ୟତିକ୍ରମ ଆଶଙ୍କା ରହିଛି। ଦାମ୍ପତ୍ୟ ଜୀବନରେ ଅଶାନ୍ତି ଆସିପାରେ। ଅର୍ଥନୈତିକ, ବ୍ୟବସାୟିକ, ସାଂଗଠନିକ, ତଥା ଆନୁଷ୍ଠାନିକ କ୍ଷେତ୍ର ପାଇଁ ଦିନଟି ମନ୍ଦ ନୁହେଁ। ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପାରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ।

**ଧନୁ**

ପାରିବାରିକ ଜୀବନରେ ଉଦାସୀନତା, ମାନସିକ ଅନ୍ତର୍ଦ୍ୱନ୍ଦ୍ୱ ଓ ପ୍ରାପ୍ୟଧନରେ ପ୍ରତିବନ୍ଧକ ସୃଷ୍ଟି କରିବ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ମାନସିକ ସ୍ଥିତି ଦ୍ୱନ୍ଦ୍ୱାତ୍ମକ ରହୁଥିବାରୁ ଠିକ୍ ଭୁଲ୍‌ର ବିଚାର ନ କରି କାମ କଲେ ପ୍ରତାରିତ ହେବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ଆଗାମୀ ଅହିତକର ହୋଇପାରେ।

**ମକର**

ଶାରୀରିକ ସୁସ୍ଥତା ଓ ସମ୍ପର୍କୀୟଙ୍କ ସାହାଯ୍ୟରେ ମନ ଉଦ୍‌ବେଳିତ ରହିବ। ମାନସିକ ଅସ୍ଥିରତା ରହିଥିଲେ ମଧ୍ୟ କାମରେ ପଛକୁ ଫେରି ଚାହିଁବେ ନାହିଁ। ଅନ୍ୟମନସ୍କ କିମ୍ବା ଅସାବଧାନତାବଶତଃ ଧନହାନି, ଦ୍ରବ୍ୟ ନଷ୍ଟ ହେବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା କାରଣରୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ।

**କୁମ୍ଭ**

ଆଜିର କାମଗୁଡ଼ିକରେ ସମସ୍ୟା ସାମୟିକ ଅସ୍ଥିରତା ସୃଷ୍ଟି କରିବ। ଆର୍ଥିକ କ୍ଷେତ୍ରରେ ଚୋରି, ଭିଜିଲାନ୍ସଜନିତ ଧନହାନିର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ପ୍ରତିବନ୍ଧକ ମଧ୍ୟରେ କାମ କରିବେ। ପରିବାରରେ ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବାରୁ ସାମୟିକ ଖୁସି ରହିପାରନ୍ତି।

**ମୀନ**

ଅନୁକୂଳ ବାତାବରଣ ସହ ମନ ଖୁସୀ ରହିବା ସଙ୍ଗକୁ ଅର୍ଥ ଓ ସମ୍ମାନ ମଧ୍ୟ ପାଇପାରନ୍ତି। ଆପଣଙ୍କ ପରାମର୍ଶକୁ ବିଜ୍ଞ ବ୍ୟକ୍ତିମାନେ ମଧ୍ୟ ଅସ୍ୱୀକାର କରିବେ ନାହିଁ। ଉନ୍ନତ ଚିନ୍ତାଧାରା କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ସନ୍ତାନଙ୍କ ଗୌରବରେ ନିଜେ ଗୌରବାନ୍ୱିତ ହୋଇପାରନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୩,୨୩,୨୪,୨୨୮ | ୬୩,୧୨,୪୬୯ | ୫୦,୩୨,୭୬,୨୨୩ |
| ଭାରତ | ୪,୩୧,୫୮,୫୮୨ | ୫,୨୪,୬୩୦ | ୪,୨୬,୧୫,୫୭୪ |
| ଓଡ଼ିଶା | ୧୨,୮୮,୪୪୦ | ୯୧୨୬(+୫୩) | ୧୨,୭୯,୧୯୬ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୨ ଓଡ଼ିଆ ଯବାନଙ୍କୁ ମିଳିଲା ମରଣୋତ୍ତର ଶୌର୍ଯ୍ୟଚକ୍ର

**ନୂଆଦିଲ୍ଲୀ,୩୧।୫**

ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଙ୍ଗଳବାର ୨ ଜଣ ଓଡ଼ିଆ ଯବାନଙ୍କୁ ମରଣୋତ୍ତର ଭାବେ ଦେଶର ତୃତୀୟ ସର୍ବୋଚ୍ଚ ବୀରତା ପୁରସ୍କାର ଶୌର୍ଯ୍ୟଚକ୍ରରେ ସମ୍ମାନିତ କରିଛନ୍ତି। ମାଓବାଦୀ ଦମନ ଅଭିଯାନରେ ବୀରତ୍ୱର ପ୍ରଦର୍ଶନ କରିଥିବା ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଅପରେଶନ ଗ୍ରୁପ୍ (ଏସ୍ଓଜି) କମାଣ୍ଡୋ ସୁଧୀର କୁମାର ଟୁଡୁ ଏବଂ ଦେବାଶିଷ ସେଠୀଙ୍କୁ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମରଣୋତ୍ତର ଭାବେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସୁଧୀର ୨୦୧୩ ସେପ୍ଟେମ୍ବରରେ ଓଡ଼ିଶା ପୋଲିସରେ କନ୍‌ଷ୍ଟେବଲ ଭାବେ ଯୋଗଦେଇଥିଲେ ଏବଂ



୨୦୧୮ ଜୁନ୍‌ରେ ଏସ୍ଓଜିରେ ସାମିଲ ହୋଇଥିଲେ। ସେହିପରି ୨୦୧୩ ଅକ୍ଟୋବରେ ପୋଲିସରେ ଯୋଗଦେଇଥିବା ଦେବାଶିଷ ୨୦୧୬ ମାର୍ଚ୍ଚରେ ଏସ୍ଓଜିରେ ସାମିଲ ହୋଇଥିଲେ। ସୁଧୀରଙ୍କ ତରଫରୁ ତାଙ୍କ ମାଆ ଜଉନା ଟୁଡୁ ଏବଂ ଦେବାଶିଷଙ୍କ ପକ୍ଷରୁ ତାଙ୍କ ମାଆବାପା ଛାଇ ସେଠୀ ଏବଂ ସନାତନ ସେଠୀ ପୁରସ୍କାର ଗ୍ରହଣ କରିଥିଲେ।

# ସ୍ନାନବେଦି ଚଟାଣର ଅଧା ପଥର ବଦଳିବ

**ପୁରୀ ଅଫିସ,୩୧।୫**

ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ସ୍ନାନପୂର୍ଣ୍ଣିମା ପୂର୍ବରୁ ମରାମତି ହେଉଛି ସ୍ନାନବେଦି। କେତେକ ସ୍ଥାନରେ ମରାମତି ଆବଶ୍ୟକ ରହୁଛି। ତେଣୁ ସମ୍ପୃକ୍ତ ସ୍ଥାନଗୁଡ଼ିକୁ ଚିହ୍ନଟ କରାଯାଇ ମରାମତି କରାଯାଉଥିବା ନେଇ ସୂଚନା ଦେଇଛନ୍ତି ପୁରୀ ଜିଲାପାଳ ସମର୍ଥ ବର୍ମା। ସ୍ନାନବେଦି ମରାମତି ନେଇ ଏଏସ୍ଆଇ ସହ ଆଲୋଚନା ହୋଇଛି। ପ୍ରଶାସନ ଓ ଏଏସ୍ଆଇ ମିଳିତ ଭାବେ ମରାମତି କାର୍ଯ୍ୟ କରୁଛନ୍ତି। ସ୍ନାନବେଦିର ସ୍ଥିତି ସମ୍ପୂର୍ଣ୍ଣ ରୂପେ ଯାଞ୍ଚ ହୋଇଛି। ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ସ୍ନାନବେଦି ମରାମତି କରାଯାଏ। ପ୍ରଥମେ ମରାମତି ଓ ପରେ ସ୍ନାନବେଦିକୁ ରଙ୍ଗ ଦିଆଯାଏ। ଏ ନେଇ ଏଏସ୍ଆଇ କନିଷ୍ଠ ସଂରକ୍ଷଣ ଅଧିକାରୀ ଜ୍ୟୋତି ପ୍ରଧାନ କହିଛନ୍ତି, ମରାମତି ପାଇଁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।



ମରାମତି କାର୍ଯ୍ୟ ଆରମ୍ଭ ହୋଇସାରିଲାଣି। ସ୍ନାନପୂର୍ଣ୍ଣିମା ପୂର୍ବରୁ ତିନୋଟି କାର୍ଯ୍ୟ କରାଯାଇଥାଏ। ସ୍ନାନବେଦି ଚଟଣା ପଥର ମଧ୍ୟରୁ ଦୁର୍ବଳ ହୋଇଥିବା ପଥରଗୁଡ଼ିକୁ ବଦଳାଇ ଦିଆଯିବ। ସାତପାହଚଠାରୁ ସ୍ନାନବେଦି ପର୍ଯ୍ୟନ୍ତ ରାସ୍ତାକୁ ମହାପ୍ରଭୁଙ୍କ

- ଏଏସ୍ଆଇ ସହ ଆଲୋଚନା ହୋଇ ମରାମତି ଚାଲିଛି
- ଶୃଙ୍ଖଳିତ ବ୍ୟବସ୍ଥା ଉପରେ ଧ୍ୟାନ

ବିଜେ ରାସ୍ତା କୁହାଯାଏ। ସମ୍ପୃକ୍ତ ରାସ୍ତାରେ ଥିବା ପଥରରେ ଖାଲ ରହିଥାଏ। ତେଣୁ ସେହି ଖାଲକୁ ଫିଲିଂ କରାଯିବ। ଶେଷରେ ସ୍ନାନବେଦି ରଙ୍ଗ ଦିଆଯିବ। ତେବେ ସ୍ନାନବେଦି ସାମ୍ନା ପାଖର ପଥର ପୂର୍ବରୁ ବଦଳାଯାଇଥିବା ହେତୁ ଚଳିତଥର ଚଟାଣ ପଥର ବଦଳାଇବା ଉପରେ ଧ୍ୟାନ ଦିଆଯାଉଛି। ଚଟାଣର ପାଖାପାଖି ୪୦ରୁ ୫୦ ପ୍ରତିଶତ ପଥର ଦୁର୍ବଳ ହୋଇସାରିଛି। ଏହାକୁ ବଦଳାଇ ଦିଆଯିବ। ପଥର ଫିଲିଂ କାର୍ଯ୍ୟ ଚାଲିଛି। ସେହିଭଳି ଦୁର୍ବଳ ପଥର ଚିହ୍ନଟ ହେଉଛି। ବୁଧବାର ସ୍ନାନବେଦି ରଙ୍ଗ କାମ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷେ ଜିଲାପାଳ ବର୍ମା କହିଛନ୍ତି, ଜିଲା ଓ ପୋଲିସ ପ୍ରଶାସନ ସାହି ସାହି ବୁଲି ଅନୁଧ୍ୟାନ କରୁଛନ୍ତି। ସ୍ନାନଯାତ୍ରା ପୂର୍ବରୁ ସବୁ ସାହିବାସିନ୍ଦାଙ୍କ ସହ ଆଲୋଚନା କରାଯାଉଛି। ଶୃଙ୍ଖଳିତ ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯାଉଛି। ଶ୍ରଦ୍ଧାଳୁଙ୍କ ଆଗମନ ବଢ଼ିବାର ସମ୍ଭାବନା ଥିବା ହେତୁ କିଭଳି ଭାବେ ସାହି କମିଟିର ସମନ୍ୱୟରେ କାର୍ଯ୍ୟ ହେବ ସେନେଇ ଆଲୋଚନା କରାଯାଉଛି। ବୁଧବାର ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ପାଇଁ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଦେବସ୍ନାନ ପୂର୍ଣ୍ଣିମା ସବୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ସରିଛି। ଚଳିତଥର ଶ୍ରଦ୍ଧାଳୁମାନେ ସିଧାସଳଖ ମହାପ୍ରଭୁଙ୍କୁ ଦର୍ଶନ କରିବାର ସୁଯୋଗ ପାଇଥିବାରୁ ଶୃଙ୍ଖଳିତ ବ୍ୟବସ୍ଥା ଉପରେ ଧ୍ୟାନ ଦିଆଯାଉଛି। ସେହିଭଳି ରଥଖଳାରେ କାର୍ଯ୍ୟ ଡବଲ୍ ଶିଫ୍ଟରେ ଚାଲୁଥିବା ଜିଲାପାଳ କହିଛନ୍ତି।

## ରାଷ୍ଟ୍ରପତିଙ୍କଠୁ ପୁରସ୍କାର ପାଇବେ ଖୁଲଣା



ଖୁଲଣା ବାରିକ

**ଜଗତ୍‌ସିଂହପୁର ଅଫିସ, ୩୧।୫**

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଲେବର ରୁମ ଇନଚାର୍ଜ ଖୁଲଣା ବାରିକ ୨୦୨୧ ଜାତୀୟ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଏନେଇ ସେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କଠାରୁ ସମ୍ମାନିତ ହେବେ ବୋଲି ମଙ୍ଗଳବାର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେ ଦର୍ଶାଇଛନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟ ଲେବର ରୁମ୍‌ରେ ବାରିକଙ୍କ ନିରବଚ୍ଛିନ୍ନ ସେବା ତାଙ୍କୁ ଏହି ସଫଳତା ଦେଇଛି। ଗର୍ଭବତୀ, ପ୍ରସୂତିମାନଙ୍କୁ ଗର୍ଭକାଳୀନ, ପ୍ରସବକାଳୀନ ଓ ପ୍ରସବ ପରବର୍ତ୍ତୀ ପରାମର୍ଶ ଦେବା କ୍ଷେତ୍ରରେ ତାଙ୍କର ସୁନାମ ରହିଛି। କରୋନା ମହାମାରୀ ସମୟରେ ସେ ଜୀବନକୁ ବାଜି ଲଗାଇ ସେବା ଯୋଗାଇ ଦେଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ବାରିକ ଖୁସିବ୍ୟକ୍ତ କରିବା ସହ ଆଗାମୀ ଦିନରେ ସେବା ପାଇଁ ଅଧିକ ଉତ୍ସାହିତ ହେବେ ବୋଲି କହିଛନ୍ତି ।

**୨୦୨୧ ଜାତୀୟ ଫ୍ଲୋରେନ୍ସ ନାଇଟ୍‌ଙ୍ଗେଲ ପୁରସ୍କାର ପାଇଁ ମନୋନୀତ**

# ଲଲାଟ ମୋହନ ପଟ୍ଟନାୟକଙ୍କୁ ଧର୍ମପଦ ପୁରସ୍କାର

**ଭୁବନେଶ୍ୱର, (ବ୍ୟୁରୋ)/ପୁରୁଣା ଭୁବନେଶ୍ୱର,୩୧।୫(ଡି.ଏନ୍.ଏ.)**

ଯୁବ କଳାକାରମାନେ ଆର୍ଥିକ ସମସ୍ୟା ଯୋଗୁ ଶିଖରରେ ପହଞ୍ଚି ପାରୁନାହାନ୍ତି। ସେମାନଙ୍କ ପାଇଁ କିପରି ନିୟମିତ ରୋଜଗାର ପନ୍ଥା ବ୍ୟବସ୍ଥା କରିହେବ ସେ ନେଇ ଲଳିତ କଳା ଏକାଡେମୀ ଚିନ୍ତା କରିବା ଆବଶ୍ୟକ। ଏଥିସହ ଚିତ୍ର ଓ ମୂର୍ତ୍ତିକଳାର ଆଦର ବଢ଼ିବା ଲାଗି ସମସ୍ତେ ଚେଷ୍ଟା କରିବା ସହ ପ୍ରସ୍ତାବ ଦେବା ଦରକାର। ମଙ୍ଗଳବାର ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ 'ଧର୍ମପଦ ପୁରସ୍କାର' ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଏହା କହିଛନ୍ତି। ସେହିପରି ଲଳିତ କଳା ଏକାଡେମୀରେ ସଂଗୃହୀତ ହୋଇ ରହିଥିବା ୨ହଜାର ଚିତ୍ରକଳାକୁ ବିକ୍ରି କରିବାର ବ୍ୟବସ୍ଥା କଲେ ଚିତ୍ରକରମାନେ ସିଂହଭାଗ ଅର୍ଥ ପାଇପାରିବେ ବୋଲି ପାଢ଼ୀ କହିଛନ୍ତି। ମୁଖ୍ୟ ଅତିଥି ଭାବେ ଭାଷା,



ଅତିଥିଙ୍କ ଗହଣରେ ଧର୍ମପଦ ପୁରସ୍କାରପ୍ରାପ୍ତ ଲଲାଟ ମୋହନ ପଟ୍ଟନାୟକ ଏବଂ ସମ୍ବର୍ଦ୍ଧିତ ଚିତ୍ରକରମାନେ।

**'ଯୁବ କଳାକାରଙ୍କ ପାଇଁ ପ୍ରୋତ୍ସାହନ ବ୍ୟବସ୍ଥା ହେଉ'**

ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ କହିଛନ୍ତି, ୫-ଟି ଅଧୀନରେ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଉଛି। ସେ ସଚିବ ପାଢ଼ୀଙ୍କ କଥାକୁ ସମର୍ଥନ କରି ଯୁବ କଳାକାରଙ୍କ ପାଇଁ କିଛି ପ୍ରୋତ୍ସାହନ ପ୍ରସ୍ତାବ ଦେବା ନେଇ ଦୋହରାଇଥିଲେ। ପୁରସ୍କାର ପାଉଥିବା କଳାକାରଙ୍କ କଳାକୃତି ଓ ସେମାନଙ୍କୁ ନେଇ ଏକାଡେମୀ ପକ୍ଷରୁ କାଟାଲଗ୍ ପ୍ରସ୍ତୁତ ହୋଇଥିବା ସେ ସୂଚନା ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ବିଶିଷ୍ଟ ସ୍ଥପତି ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଉପସଭାପତି ଶ୍ରୀନିବାସ ପଢିଆରୀ ଏବଂ ସଚିବ ପଞ୍ଚାନନ ସାମଲ ଉପସ୍ଥିତ ଥିଲେ। ଏହି ଅବସରରେ ଚଳିତ ବର୍ଷ ପାଇଁ ଚିତ୍ରଶିଳ୍ପୀ ଲଲାଟ ମୋହନ ପଟ୍ଟନାୟକଙ୍କୁ 'ଧର୍ମପଦ ପୁରସ୍କାର' ସହ ୫ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଛି। ସେହିପରି ଚିତ୍ରଶିଳ୍ପୀ ଜ୍ୟୋତିର୍ମୟୀ ମହାନ୍ତି, ବଳଦେବ ମହାରଥା, ଦୁର୍ଗାଚରଣ ପଣ୍ଡା, ପଞ୍ଚାନନ ସୁର ଏବଂ ଭାସ୍କର୍ଯ୍ୟ ଶିଳ୍ପୀ ଦେବେନ୍ଦ୍ର ମିଶ୍ରଙ୍କୁ ଶିଳ୍ପୀ ସମ୍ବର୍ଦ୍ଧନା ସହ ୧ଲକ୍ଷ ଟଙ୍କା ଲେଖାଏ ଦିଆଯାଇଛି। କାଟାଲଗ୍‌କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଚିବ ସାମଲ ସ୍ୱାଗତ ଭାଷଣ ଓ ଉପସଭାପତି ପଢିଆରୀ ଧନ୍ୟବାଦ ଦେଇଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପୀଡ଼ିତାଙ୍କ ପରିବାରକୁ ୫ଲକ୍ଷ କ୍ଷତିପୂରଣ ଦେବାକୁ ବୀମା କମ୍ପାନୀକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୩୧।୫(ବ୍ୟୁରୋ)**

**ରଥଯାତ୍ରା ଦଳାଚକଟାରେ ମହିଳାଙ୍କ ମୃତ୍ୟୁ ଘଟଣା**

ରଥଯାତ୍ରା ସମୟରେ ହୋଇଥିବା ଦଳା ଚକଟାରେ ପ୍ରାଣ ହରାଇଥିବା ଜଣେ ମହିଳାଙ୍କ ନିକଟ ସମ୍ପର୍କୀୟଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଏକ ବୀମା କମ୍ପାନୀକୁ ଓଡ଼ିଶା ରାଜ୍ୟ ମାନବ ଅଧିକାର କମିଶନ(ଓଏଚ୍ଆର୍‌ସି) ନିର୍ଦ୍ଦେଶ ଦେଇଛନ୍ତି। ମୃତା ସରସ୍ୱତୀ ମଲ୍ଲିକଙ୍କ ସ୍ୱାମୀ ହଗୁରୀଙ୍କ ଆବେଦନର ଶୁଣାଣି କରି ଓଏଚ୍ଆର୍‌ସି ଆସନ୍ତା ୩୦ଦିନ ମଧ୍ୟରେ ଏହି ସହାୟତା ରାଶି ପ୍ରଦାନ କରିବାକୁ କହିଛନ୍ତି। ସୂଚନାଯୋଗ୍ୟ ୨୦୧୮ ମସିହାରେ ରଥଯାତ୍ରା ସମୟରେ ସରସ୍ୱତୀ ଏବଂ ଅନ୍ୟ କିଛି ଶ୍ରଦ୍ଧାଳୁ ଦଳାଚକଟାର ଶିକାର ହୋଇଥିଲେ। ଏଥିରେ ଗୁରୁତର ହୋଇଥିବା ସରସ୍ୱତୀଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲ। ପରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସରସ୍ୱତୀଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଶ୍ରୀମନ୍ଦିର ପ୍ରଶାସନ ବୀମା କମ୍ପାନୀକୁ ସୁପାରିସ କରିଥିଲେ ସୁଦ୍ଧା ବୀମା କମ୍ପାନୀ ମୃତଦେହ ବ୍ୟବଚ୍ଛେଦ ହୋଇ ନ ଥିବା ଆଳ ଦେଖାଇ କିଛି ଶୁଣୁ ନ ଥିଲେ। ଫଳରେ ହଗୁରି କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ।





## ଦୁର୍ଘଟଣାଗ୍ରସ୍ତ ବିମାନର ବ୍ଲାକ୍ ବକ୍ସ ମିଳିଲା

କାଠମାଣ୍ଡୁ, ୩୧।୫: ନେପାଳ ବିମାନ ଦୁର୍ଘଟଣାରେ ୨୨ ଯାତ୍ରୀଙ୍କ ମୃତଦେହ ମିଳିବା ପରେ ମଙ୍ଗଳବାର ଟର୍ବୋପ୍ରୋପ୍ ଟ୍ୱିନ୍ ଅଟ୍ଟର ୯ଏନ୍-ଏଇଟି ବିମାନର ବ୍ଲାକ୍‌ବକ୍ସ ମିଳିଛି। ଦୁର୍ଘଟଣାର କାରଣ ଜାଣିବାରେ ଏହି ବ୍ଲାକ୍ ବକ୍ସ ସହାୟକ ହେବ। ଯାଞ୍ଚ ପାଇଁ ବ୍ଲାକବକ୍ସକୁ କାଠମାଣ୍ଡୁ ପଠାଇଦିଆଯାଇଛି। ରବିବାର ୨୨ ଯାତ୍ରୀଙ୍କୁ ନେଇ ବିମାନଟି ନେପାଳର ପୋଖରାରୁ ଜୋମସୋନ ପର୍ଯ୍ୟଟନସ୍ଥଳୀ ଅଭିମୁଖେ ଯାତ୍ରା କରୁଥିଲା। ମୁସ୍‌ତାଙ୍ଗ ପର୍ବତାଞ୍ଚଳରେ ତାରା ଏୟାରଲାଇନ୍ସର ଏହି ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମୃତକଙ୍କ ମଧ୍ୟରେ ୪ ଓଡ଼ିଆ ଅଛନ୍ତି। ସୋମବାର ସୁଦ୍ଧା ୨୧ ମୃତଦେହ ମିଳିଥିବାବେଳେ ସେଠାରୁ ଶେଷ ମୃତଦେହ ଜବତ କରାଯାଇଛି।

# ଅଭିଯୁକ୍ତଙ୍କୁ ଯାବଜ୍ଜୀବନ କାରାଦଣ୍ଡ

**ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା**

**କଟକ ଅଫିସ୍,୩୧।୫**

ଜଣେ ନାବାଳିକାଙ୍କୁ ବଳାତ୍କାର, ଗର୍ଭବତୀ ଏବଂ ପରେ ଅପହରଣ କରି ଗର୍ଭପାତ ପାଇଁ ଉଦ୍ୟମ କରିବା ମାମଲାର ବିଚାର କରି କଟକ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ମଙ୍ଗଳବାର ଅଭିଯୁକ୍ତଙ୍କୁ ଯାବଜ୍ଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ପୀଡ଼ିତା ଏବଂ ତାଙ୍କ ଶିଶୁପୁତ୍ରର କ୍ଷତିପୂରଣ ବାବଦ ୭ଲକ୍ଷ ଟଙ୍କା ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ଜଣାପଡ଼ିଛି ଯେ, ପୀଡ଼ିତା ନାବାଳିକାଙ୍କ ଘର ଯାଜପୁର ବିଞ୍ଝାରପୁର ଅଞ୍ଚଳରେ ହୋଇଥିବାବେଳେ ସେ ମା'ବାପାଙ୍କ ସହ କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗୁଳିଠାରେ ଏକ ଭଡ଼ାଘରେ ରହୁଥିଲେ। ଅଭିଯୁକ୍ତ ପୁଜନ୍ ଓରଫ ଖୋକନ ମାଇତି(୩୩)ଙ୍କ ଘର ପଶ୍ଚିମବଙ୍ଗ ପୂର୍ବ ମେଦିନାପୁରରେ। ସେ ପୀଡ଼ିତାଙ୍କ ଘର ଉପର ମହଲାରେ ରହି ଫେରିବାଲା କାର୍ଯ୍ୟ କରନ୍ତି। ନାବାଳିକାଙ୍କ ମା'ବାପା କାର୍ଯ୍ୟକୁ ଯିବା ପରେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ଏପରି କି ଏହା କାହାକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପରେ ନାବାଳିକା ଗର୍ଭବତୀ ହୋଇଥିଲେ। ଏହା ଜଣାପଡ଼ିବା ପରେ ଅଭିଯୁକ୍ତ ନାବାଳିକାଙ୍କ ପରିବାର ଲୋକଙ୍କ ଅଜ୍ଞାତରେ ପୀଡ଼ିତାଙ୍କୁ ଗର୍ଭପାତ କରାଇବା ଉଦ୍ଦେଶ୍ୟରେ କୋଲକତା ନେଇଯାଇଥିଲେ। ନାବାଳିକାଙ୍କୁ ଘରେ ନ ପାଇ ପରିବାର ଲୋକେ ଟାଙ୍ଗୀ ଥାନାରେ ୨୦୧୯ ଅକ୍ଟୋବର ୩୦ତାରିଖରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ପ୍ରାୟ ୧୫ଦିନ ପରେ କୋଲ୍‌କାତା ଅଞ୍ଚଳରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହାର କିଛି ମାସ ପରେ ନାବାଳିକା ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ମାମଲାର ଶୁଣାଣି ସମୟରେ ୧୧ଜଣ ସାକ୍ଷୀଙ୍କ ବୟାନ, ଡିଏନ୍ଏ ରିପୋର୍ଟ ଏବଂ ବିଭିନ୍ନ ଲିଖିତ ପ୍ରମାଣକୁ ଆଧାର କରି କୋର୍ଟ ଆଇପିସି ଦଫା ୩୬୩, ୩୬୬(ଏ), ୩୭୬(୩) ଏବଂ ପୋକ୍‌ସୋ ଆକ୍ଟର ଦଫା ୬ରେ ଅଭିଯୁକ୍ତଙ୍କୁ ଯାବଜ୍ଜୀବନ କାରାଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।






ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧ ଜୁନ୍, ୨୦୨୨



ଯାହାକିଛି ତୁମେ କରୁଥାଅ– ଯୋଉ ବାଗରେ ବି କରୁଥାଅ– ଏପରି କି, ତୁମେ ସେ କାର୍ଯ୍ୟରେ ଖୁବ୍ କୁଶଳତା ଓ କ୍ଷମତା ପଛେ ଅର୍ଜନ କରିଥାଅ– ତୁମଙ୍କୁ କିନ୍ତୁ ସେହି କର୍ମଟିର ଫଳକୁ ଈଶ୍ୱରଙ୍କ ହାତରେ ଛାଡି ଦେବାକୁ ହେବ। –ଶ୍ରୀମା

# ପଞ୍ଜାବରେ ଗ୍ୟାଙ୍ଗ୍ୱାର

ଖ୍ୟାତନାମା ପଞ୍ଜାବୀ ଗାୟକ ତଥା କଂଗ୍ରେସ ନେତା ସିଦ୍ଧୁ ମୁସେୱାଲା ନାମରେ ପରିଚିତ ଶୁଭଦୀପ୍ ସିଂ ସିଦ୍ଧୁଙ୍କୁ ୨୯ ମେ'ରେ ଦୁର୍ବୃତ୍ତମାନେ ଗୁଳି କରି ହତ୍ୟା କରିଛନ୍ତି। ପଞ୍ଜାବର ଭଗୱନ୍ତ ମାନ୍ ସରକାର ସିଦ୍ଧୁଙ୍କ ସମେତ ୪୨୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରିନେବାର ୨୪ ଘଣ୍ଟା ପୂରି ନ ଥିବା ବେଳେ ଏଭଳି ହତ୍ୟାକାଣ୍ଡ ଘଟିବା ଏକ ରାଜନୈତିକ ଝଡ଼ ସୃଷ୍ଟି କରିଛି। ସୁରକ୍ଷାଜନିତ ବ୍ୟାପାରରେ ନିଷ୍ପତ୍ତି ନେବା ବେଳେ ପ୍ରଶାସନିକ ସ୍ତରରେ ଗୋପନୀୟତା ବଜାୟ ରଖାଯିବା କଥା। ସିଦ୍ଧୁ ଓ ଅନ୍ୟମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ସରକାର ଯଦିଓ ହଟେଇ ଦେଲେ ସେହି ବିଷୟ ସାଧାରଣରେ ପ୍ରକାଶ କରିବାର ଜରୁରୀ ଆବଶ୍ୟକତା ନ ଥିଲା। କିନ୍ତୁ ସରକାର ବାହାଦୁରି ଦେଖାଇବାକୁ ଯାଇ ଯେଉଁ ପଦକ୍ଷେପ ନେଲେ ତାହା ଦ୍ୱାରା ଜଣେ ର୍ୟାପ୍ ଗାୟକଙ୍କ ଜୀବନ ଚାଲିଗଲା।

ଯୁବ ଗାୟକ ସିଦ୍ଧୁ ତାଙ୍କ ଦୁଇ ବନ୍ଧୁଙ୍କ ସହ ଏକ ଜିପ୍‌ରେ ଯାଉଥିବା ବେଳେ ଜୱାହରକେ ଗ୍ରାମ ନିକଟରେ ଆକ୍ରମଣ ହୋଇଥିଲା। ସିଦ୍ଧୁଙ୍କ ଶରୀରରେ ୩୦ ରାଉଣ୍ଡ ଗୁଳି ବାଜିବା ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ତାଙ୍କର ମୃତ୍ୟୁ ଘଟିଥିଲା। ଲରେନ୍ସ ବିଷ୍ଣୋଇ ଗ୍ରୁପ୍ ଓ କାନାଡାଭିତ୍ତିକ ଗୋଲ୍ଡି ବ୍ରାର୍ ଗ୍ୟାଙ୍ଗ୍ ଏହି ହତ୍ୟାକାଣ୍ଡ ଭିଆଇଥିବା ଦାବି କରିଛି। ଏହି ଘଟଣାରେ ପଞ୍ଜାବ ପୋଲିସ ଜଣେ ସନ୍ଦିଗ୍ଧଙ୍କୁ ଡେରାଡୁନ୍‌ରୁ ଗିରଫ କରିଥିବା ୩୦ ମେ'ରେ ପ୍ରକାଶ କରିଛି। ସିଦ୍ଧୁଙ୍କ ମୃତ୍ୟୁ ପରେ ପ୍ରଶାସନ ପକ୍ଷରୁ କୁହାଯାଉଛି ତାଙ୍କ ନିରାପତ୍ତା ବ୍ୟବସ୍ଥା ହଟାଯାଇଥିଲେ ମଧ୍ୟ ଦୁଇ ଜଣ ସୁରକ୍ଷାକର୍ମୀଙ୍କୁ ତାଙ୍କ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। କିନ୍ତୁ ସିଦ୍ଧୁ ସେମାନଙ୍କୁ ସାଥିରେ ନେଇ ନ ଥିଲେ ବୋଲି ଶୁଣିବାକୁ ମିଳୁଛି। ଉଲ୍ଲେଖଯୋଗ୍ୟ, ୧୭ ଜୁନ୍ ୧୯୯୩ରେ ଜନ୍ମିତ ସିଦ୍ଧୁ ୨୦୧୭ରେ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲେ। ୨୦୧୮ରେ ଆଲବମ୍ 'ପିବିଏକ୍ସ ୧'ରେ ସିଦ୍ଧୁଙ୍କ ପ୍ରଥମ ପଦାର୍ପଣ ବିଲବୋର୍ଡ୍ କାନାଡିଆନ୍ ଆଲବମ୍ସ ଚାର୍ଟରେ ତାଙ୍କୁ ୬୬ ସ୍ଥାନରେ ପହଞ୍ଚାଇ ଦେଇ ଚହଳ ସୃଷ୍ଟି କରିଥିଲା। ଅବଶ୍ୟ 'ଗ୍ୟାଙ୍ଗଷ୍ଟାର ରାପ୍ସ ଓ ବନ୍ଧୁକ ସଂସ୍କୃତି'କୁ ପ୍ରୋତ୍ସାହନ ଦେଉଥିବା ନେଇ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଲୋକପ୍ରିୟତା ବଢ଼ିଯିବାରୁ ତାଙ୍କୁ ରାଜନୀତିରେ ପ୍ରବେଶ କରିବାକୁ ସୁଯୋଗ ମିଳିଲା। ଡିସେମ୍ବର ୨୦୨୧ରେ ସେ କଂଗ୍ରେସରେ ଯୋଗଦେଇ ୨୦୨୨ ପଞ୍ଜାବ ବିଧାନସଭା ନିର୍ବାଚନରେ ମନ୍ସା ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ହେଲେ ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀଙ୍କଠାରୁ ସେ ହାରିଯାଇଥିଲେ।

କୁହାଯାଉଛି ସିଦ୍ଧୁଙ୍କର ଗ୍ୟାଙ୍ଗ୍ ଶତ୍ରୁତା ଥିବାରୁ ତାଙ୍କୁ ବହୁ ଦିନ ଧରି ଟାର୍ଗେଟ କରାଯାଉଥିଲା। ତେବେ ତାଙ୍କ ହତ୍ୟା ଘଟଣା ପରେ ପଞ୍ଜାବରେ ଗ୍ୟାଙ୍ଗ୍ୱାର ତେଜିପାରେ ବୋଲି ପୋଲିସ ଆଶଙ୍କା କରିଛି। ଆଲୋଚନା ହେଉଛି ଆର୍ମେନିଆରୁ ଗ୍ୟାଙ୍ଗ୍ ପରିଚାଳନା କରୁଥିବା ଗୌରବ ପଟିଆଲ୍ ଓରଫ୍ ଲକି ଗ୍ୟାଙ୍ଗ୍ ସହ ସିଦ୍ଧୁଙ୍କର ସମ୍ପୃକ୍ତି ଥିଲା। ସୂଚନା ଦିଆଯାଇପାରେ ଯେ, କାନାଡ଼ାରୁ ପରିଚାଳିତ ଗୋଲ୍ଡି ବ୍ରାର୍ ଗ୍ୟାଙ୍ଗ୍ ସହିତ ଲକି ଗ୍ୟାଙ୍ଗ୍‌ର ମୁହାଁମୁହିଁ ଯୁଦ୍ଧ ଚାଲିଆସୁଛି। ଆର୍ମେନିଆରୁ ଗ୍ୟାଙ୍ଗ ପରିଚାଳନା କରୁଥିବା ଲକିଙ୍କର ବାବର ଖାଲସା ଉଗ୍ରପନ୍ଥୀ ହରବିନ୍ଦର ସିଂ ରିଣ୍ଡାଙ୍କ ସହ ନିବିଡ଼ ସମ୍ପର୍କ ଥିବା କୁହାଯାଉଛି। ତେବେ ଏହି ପଞ୍ଜାବୀ ଗ୍ୟାଙ୍ଗଗୁଡ଼ିକର ବିଦେଶରେ ଉପସ୍ଥିତିର କାରଣ ବୁଝିବା ଅତି ସହଜ। ଏହି ପଞ୍ଜାବୀ ଓ ଶିଖ୍‌ମାନେ ବିଭିନ୍ନ ଦେଶକୁ ଦୀର୍ଘବର୍ଷ ଧରି ପେଡ଼ିପୁଟୁଳା ସହିତ ଚାଲିଯାଇଛନ୍ତି। କାନାଡ଼ା ଭଳି ଦେଶରେ ସେମାନେ ସେଠାକାର ନାଗରିକତ୍ୱ ନେବା ସହ ରାଜନୀତିରେ ପ୍ରବେଶ କରି ସେଠାକାର କେନ୍ଦ୍ରମନ୍ତ୍ରୀ ମଧ୍ୟ ହୋଇପାରିଛନ୍ତି।

ଭାରତର ସମସ୍ୟା ହେଉଛି, ଯେକୌଣସି ଘଟଣା ଘଟିଲେ ସେଥିରେ ଟାଣିଓଟାରି ରାଜନୈତିକ ଦିଗ ବାହାର କରିବାକୁ ସମସ୍ତେ ବ୍ୟାକୁଳ ହୋଇପଡ଼ନ୍ତି। ସେଥିପାଇଁ ସିଦ୍ଧୁଙ୍କ ହତ୍ୟାକୁ ନେଇ ଯେଉଁ ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଛି ସେଥିରୁ କେବେହେଲେ ସତ୍ୟାସତ୍ୟ ପ୍ରକାଶ ପାଇପାରିବ ନାହିଁ। ବିଭିନ୍ନ ଗ୍ୟାଙ୍ଗ୍ ମଧ୍ୟରେ ହେଉଥିବା ଯୁଦ୍ଧକୁ ପୋଲିସ ସ୍ତରରେ ନିୟନ୍ତ୍ରଣ କରିବା ଦରକାର। ତାହାହେଲେ ସାଧାରଣ ନାଗରିକ ସୁରକ୍ଷିତ ରହିପାରିବେ। ନଚେତ୍ ରାଜନୈତିକ ମୋଡ଼ ଦେଇଦେଲେ ସତ୍ୟ ଘଟଣା ଲୁଚିଯିବ ଓ ଯେଉଁ କଥାକୁ ସେହି କଥା ରହିଯିବ। କ୍ଷତି ଭୋଗିବେ ଅସମ୍ପୃକ୍ତ ନାଗରିକ।

# ମହାକାଶ ଆବର୍ଜନା

ସୋଭିଏଟ୍ ରୁଷ ୧୯୭୨ରେ ଶୁକ୍ର ଗ୍ରହ ସମ୍ପର୍କରେ ତଥ୍ୟ ହାସଲ କରିବା ଲାଗି ୧,୧୮୦ କିଲୋଗ୍ରାମ୍ ଓଜନର କସ୍‌ମସ୍–୪୮୨ ମହାକାଶ ଯାନ ପଠାଇଥିଲା। ପୃଥିବୀ କକ୍ଷପଥ ଅତିକ୍ରମ କରିବାରେ ବିଫଳ ହେବାରୁ ଏହା ୨୦୨୫–୨୬ ବେଳକୁ ଭୂପୃଷ୍ଠକୁ ଖସିବାର ଆଶଙ୍କା ପ୍ରକାଶ ପାଇଛି। ସମ୍ଭାବ୍ୟ ଅଞ୍ଚଳ ମଧ୍ୟରେ ୟୁରୋପ, ଏସିଆ, ଆମେରିକାର କେତେକ ଅଞ୍ଚଳ, ସମ୍ପୂର୍ଣ୍ଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ ରହୁଛି। ୧୯୫୭ରୁ ମହାକାଶ ଯୁଗ ଆରମ୍ଭ ହେବାଦିନୁ ଅନେକ ଟନ୍ ଓଜନର ରକେଟ୍, ମହାକାଶ ଯାନ, କୃତ୍ରିମ ଉପଗ୍ରହ ଆଦି ପଠାଯାଇଛି। ଏହାର କାର୍ଯ୍ୟକାରିତା ସମୟ ପୂରଣ ହେଲା ପରେ ସ୍ଥିତି କ'ଣ ହେବ ସେ ସମ୍ପର୍କରେ ଆରମ୍ଭରୁ ଆକଳନ କରାଯାଇ ନ ଥିଲା। ତେବେ ୧୯୭୯ରେ ଆମେରିକାର ପ୍ରଥମ ସ୍ପେସ୍ ଷ୍ଟେଶନ ସ୍କାଏଲାବ୍ ଭାରତର ଅବିଭକ୍ତ ଆନ୍ଧ୍ରପ୍ରଦେଶର କରିମ୍‌ନଗର ଜିଲାରେ ପଡ଼ିବାର ଯେଉଁ ଆଶଙ୍କା ଦେଖାଯାଇଥିଲା, ସେବେଠୁ ଏହା ବିଷୟରେ ବୈଜ୍ଞାନିକମାନେ ଚିନ୍ତା କରିବା ଆରମ୍ଭ କରିଥିଲେ। ଗତବର୍ଷ ମଧ୍ୟ ଚାଇନାର 'ଲଙ୍ଗ୍ ମାର୍ଚ୍ଚ ୫–ବି' ରକେଟ୍ ଜନବସତି ଅଞ୍ଚଳରେ ପଡ଼ିବାର ଭୟ ସୃଷ୍ଟି କରିଥିଲା। ପୃଥିବୀକୁ ଫେରି ଏଗୁଡ଼ିକ ଯେତିକି ଭୟ ସୃଷ୍ଟି କରୁଛନ୍ତି ତା' ଅପେକ୍ଷା ଅଧିକ ଭୟ ଜନ୍ମାଉଛି ମହାକାଶ ଆବର୍ଜନା। ମହାକାଶକୁ ପଠାଯାଉଥିବା ରକେଟ୍, ଯାନ କିମ୍ବା ଉପଗ୍ରହଗୁଡ଼ିକର ଭଗ୍ନାବଶେଷ ଠୁଳ ହେବା ପରେ ଏହାକୁ ନେଇ ବିଶ୍ୱ ଚିନ୍ତିତ। ୟୁରୋପିଆନ୍ ସ୍ପେସ୍ ଏଜେନ୍ସି (ଇଏସ୍‌ଏ) ଆକଳନ ଅନୁଯାୟୀ, ଏବେ ମହାକାଶରେ ପାଖାପାଖି ଛୋଟବଡ଼ ୯ ଲକ୍ଷ ଅଦରକାରୀ ବସ୍ତୁ ଘଣ୍ଟାପ୍ରତି ୨୮,୦୦୦ କି.ମି. ବେଗରେ ପୃଥିବୀ ଚାରିପାଖରେ ଘୂରି ବୁଲୁଛନ୍ତି। ସେଗୁଡ଼ିକ ପରସ୍ପର ମଧ୍ୟରେ ଧକ୍କା ଖାଇ ଖଣ୍ଡଖଣ୍ଡ ହୋଇ ଯାଉଛନ୍ତି। ଏହାଯୋଗୁ ଭବିଷ୍ୟତରେ ମହାକାଶ ମିଶନ ଓ ଭୂପୃଷ୍ଠ ଯୋଗାଯୋଗରେ ବିଭ୍ରାଟ ସୃଷ୍ଟି କରିବ ବୋଲି ଜାତିସଂଘ ପ୍ରକାଶ କରିଛି। ପରିବେଶଗତ ତଥ୍ୟ ଆକଳନରେ ବିଭ୍ରାଟ ଯୋଗୁ ପରୋକ୍ଷରେ ପରିବେଶକୁ ବି କ୍ଷତି କରିବ। ଚିନ୍ତାର ବିଷୟ ହେଉଛି, ଏବେ ଜାତୀୟ ମହାକାଶ କାର୍ଯ୍ୟକ୍ରମଗୁଡ଼ିକ ସହ ଏଲନ୍ ମସ୍କଙ୍କ ସ୍ପେସ୍‌ଏକ୍ସ, ଜେଫ୍ ବେଜୋସ୍‌ଙ୍କ ବ୍ଲୁଅରିଜିନ ଏବଂ ରିଚାର୍ଡ ବ୍ରାନ୍‌ସନଙ୍କ ଭର୍ଜିନ ଗାଲାକ୍ଟିକ୍ ଭଳି ଘରୋଇ ମହାକାଶ କମ୍ପାନୀ ସବୁ ସକ୍ରିୟ ହୋଇ ଯାଇଛନ୍ତି। ଫଳରେ ମହାକାଶ ଶିଳ୍ପ ଗତ ଦଶନ୍ଧିରେ ୭୦% ବୃଦ୍ଧି ପାଇଛି ଓ ୨୦୪୦ ସୁଦ୍ଧା ଏହା ୧ ଟ୍ରିଲିୟନ ଡଲାରରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏହି ଘରୋଇ କମ୍ପାନୀଗୁଡ଼ିକ ମହାକାଶ ପର୍ଯ୍ୟଟନଠାରୁ ଆରମ୍ଭକରି ଉପଗ୍ରହ ପ୍ରେରଣ ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ଜୋର୍‌ଦାର ପ୍ରତିଯୋଗିତା ଚଳାଇଛନ୍ତି। ଅନ୍ତର୍ଜାତୀୟ ଚୁକ୍ତି ଭିତ୍ତିରେ ଘରୋଇ ମହାକାଶ କମ୍ପାନୀସବୁ ଆଗାମୀ କିଛି ବର୍ଷ ମଧ୍ୟରେ ୪୫, ୦୦୦ ସାଟେଲାଇଟ୍ ପଠାଇବା ସମ୍ଭାବନା ରହିଛି। ଆସନ୍ତା କିଛି ବର୍ଷ ମଧ୍ୟରେ ସ୍ପେସ୍‌ଏକ୍ସ ୧୨,୦୦୦ କ୍ଷୁଦ୍ର ସାଟେଲାଇଟ ମହାକାଶକୁ ପଠାଇବ ବୋଲି ଏହାର ମାଲିକ ଏଲନ୍ ମସ୍କ କହିଛନ୍ତି। ଇଣ୍ଟରନ୍ୟାଶନାଲ ସ୍ପେସ୍ ରେଗୁଲେଟୋରି ଅଥରିଟି ବା ଅନ୍ତର୍ଜାତୀୟ ମହାକାଶ ନିୟାମକ କର୍ତ୍ତୃପକ୍ଷ ଭଳି କୌଣସି ସଂସ୍ଥା ନ ଥିବାରୁ ଘରୋଇ କମ୍ପାନୀଗୁଡ଼ିକ ଉପରେ କୌଣସି ଲଗାମ ନାହିଁ।

ଏହିସବୁ କାର୍ଯ୍ୟକଳାପ ଯୋଗୁ ମହାକାଶରେ ବର୍ଜ୍ୟ ଆହୁରି ବୃଦ୍ଧି ପାଇବ ଓ ପାଖାପାଖି ୧୦୦୦ କି.ମି. ଉପରେ ଘୂରୁଥିବା ସାଟେଲାଇଟ୍‌ଗୁଡ଼ିକୁ କ୍ଷତି ପହଞ୍ଚାଇବା ସହ ଏହି ସ୍ତର ଦେଇ ମଙ୍ଗଳ କିମ୍ବା ଅନ୍ୟ ଗ୍ରହ ଅଭିଯାନ ସମୟରେ ବାଧା ସୃଷ୍ଟି କରିବ ବୋଲି ଆମେରିକା ମହାକାଶ ଗବେଷଣା ସଂସ୍ଥା (ନାସା)ର ବୈଜ୍ଞାନିକମାନେ କହିଛନ୍ତି। ଏହିସବୁ ବିପଦକୁ ଅତି ସୁନ୍ଦର ଭାବେ ଇଂଲିଶ୍ ସିନେମା 'ଗ୍ରାଭିଟି'ରେ ଦର୍ଶାଯାଇଥିଲା। ମହାକାଶ ଆବର୍ଜନା ହଟାଇବା ସକାଶେ ଜାପାନର ଏରୋ ସ୍ପେସ୍ ଏକ୍ସପ୍ଲୋରେଶନ ଏଜେନ୍ସି (ଜେଏଏକ୍ସଏ) ଏବଂ ୟୁରୋପିଆନ ସ୍ପେସ୍ ଏଜେନ୍ସି ଷ୍ଟାର୍ଟଅପ୍‌ଗୁଡ଼ିକୁ ଭାଗୀଦାରି କରିଛନ୍ତି। ଜେଏଏକ୍ସଏ ବର୍ଜ୍ୟ ସଫା କରିବା ଅଭିଯାନ ଆରମ୍ଭ କରିଥିବାବେଳେ ଇଏସ୍‌ଏ ୨୦୨୫ରେ ଆରମ୍ଭ କରିବ ବୋଲି ଜଣାପଡ଼ିଛି। ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ ହୋଇପାରେ, କିନ୍ତୁ ଯେଉଁ ହାରରେ ମହାକାଶକୁ ଯାନ ଓ ସାଟେଲାଇଟ୍ ପଠାଇବାର ଯୋଜନା କରାଯାଇଛି, ତାହାକୁ ଲକ୍ଷ୍ୟ କରି ବର୍ଜ୍ୟ ସଫା ଅଭିଯାନକୁ ଗତିଶୀଳ କରା ନ ଗଲେ ମହାକାଶ ଆବର୍ଜନା ଭବିଷ୍ୟତ ପିଢ଼ିକୁ ଆହୁରି କ୍ଷତି ପହଞ୍ଚାଇବ।

## ୨୫ ବର୍ଷ ତଳର ଧରିତ୍ରୀ

୧ ଜୁନ୍ ୧୯୯୭

- ଜମ୍ମୁ ଓ କଶ୍ମୀରର ବିଭିନ୍ନ ସ୍ଥାନରେ ଚଢ଼ାଉ ବେଳେ ସେନା ଓ ଉଗ୍ରବାଦୀ ମଧ୍ୟରେ ସଂଘର୍ଷ ଘଟି ଜମ୍ମୁ ଓ କଶ୍ମୀର ଟାସ୍କଫୋର୍ସର ସବ୍‌ଇନ୍ସପେକ୍ଟର ଏବଂ ୧୯ ଜଣ ଉଗ୍ରବାଦୀଙ୍କ ସମେତ ୨୫ ନିହତ।
- ଏକାଧିକ କୋଟି ଟଙ୍କାର ଆୟୁର୍ବେଦ ଦୁର୍ନୀତିରେ ଅଭିଯୁକ୍ତ ସମାଜବାଦୀ ପାର୍ଟି ନେତା ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ବଳରାମ ଯାଦବ ଏବଂ ବରିଷ୍ଠ ଆଇଏଏସ୍ ଅଫିସର ଆର୍.କେ. ଶର୍ମାଙ୍କ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ଦାଖଲ ପାଇଁ ସିବିଆଇକୁ ୟୁପି ସରକାରଙ୍କ ଅନୁମତି।

# ସାହିତ୍ୟ ଓ ପରିବେଶ ବିଜ୍ଞାନ



ମଣୀନ୍ଦ୍ର କୁମାର ମେହେର

ଯେଉଁମାନେ ସାହିତ୍ୟର ନିଷ୍ଠାପର ପାଠକ ସେମାନେ ଜାଣନ୍ତି ଯେ ଅପରୂପ ପ୍ରାକୃତିକ ଶୋଭା ସମ୍ପଦର ବର୍ଣ୍ଣନା କାବ୍ୟ କବିତା ଗଳ୍ପ ଉପନ୍ୟାସ ଆଦିକୁ କିପରି ଚିତ୍ତାକର୍ଷକ କରିପାରିଛି। ଯେକୌଣସି ସାହିତ୍ୟ ଶିଳ୍ପୀ ନିଜ ଚତୁଃପାର୍ଶ୍ୱର ପରିବେଶ ପ୍ରତି ଥାଆନ୍ତି ଅତ୍ୟନ୍ତ ସଚେତନ। ସେଥିପାଇଁ ସାହିତ୍ୟରେ ପରିବେଶ ବର୍ଣ୍ଣନାର ବୈଚିତ୍ର୍ୟ ଆମେ ସହଜରେ ଲକ୍ଷ୍ୟ କରିପାରୁ। ଅତୀତରେ ପରିବେଶ ଯେପରି ସୁନ୍ଦର ଓ ମଣିଷ ନିମନ୍ତେ ହିତକର ଥିଲା ସେଥିରେ ଘଟିଛି ଦୁର୍ଭାଗ୍ୟଜନକ ପରିବର୍ତ୍ତନ। ସମ୍ପ୍ରତି ସମଗ୍ର ପୃଥିବୀ ଯେପରି ପ୍ରଦୂଷିତ ହୋଇଯାଇଛି ତାହାର ମୂଳ କାରଣ ହେଲା ପ୍ରାକୃତିକ ସମ୍ପଦର ଅବିଚାରିତ ଲୁଣ୍ଠନ ଓ ସଭ୍ୟ ମଣିଷର ଅସଭ୍ୟ ଆଚରଣ। ଏ ପରିପ୍ରେକ୍ଷୀରେ ଆଜିର ପରିବେଶ ବିଜ୍ଞାନୀମାନେ ଯେଉଁ ଭବିଷ୍ୟତର ଭୟାବହ ଚିତ୍ର ଉପସ୍ଥାପନ କରୁଛନ୍ତି ତାହା ମନୁଷ୍ୟ ସଭ୍ୟତାର ବିଲୁପ୍ତି ସୂଚକ ବର୍ଣ୍ଣନା। ପୂର୍ବପରି ଆମର ନଦୀ, ସମୁଦ୍ର, ହ୍ରଦ, ଜଳାଶୟ ଆଉ ସ୍ୱଚ୍ଛ ଓ ପବିତ୍ର ହୋଇ ରହିନାହିଁ। କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଏସବୁକୁ ବିଷାକ୍ତ କରିପକାଇଛି। ଯେଉଁଠି କୋଇଲା ଖନନ କାର୍ଯ୍ୟ ବ୍ୟବସାୟିକ ଦୃଷ୍ଟିରୁ ମଣିଷକୁ ସମ୍ପତ୍ତିଶାଳୀ କରିଛି ସେଇଠି ମାଟି ତଳେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ତାହା ଭୂମିକମ୍ପ ପ୍ରବଣ ଅଞ୍ଚଳ ଭାବରେ ଚିହ୍ନିତ। ଆମର ଲକ୍ଷ ଲକ୍ଷ ବୃକ୍ଷଲତା କିପରି ପରିଶୁଦ୍ଧ ଅମ୍ଳଜାନ ସୃଷ୍ଟି କରନ୍ତି ତାହା କିଏ ବା ନ ଜାଣେ। ଏସବୁ ସତ୍ତ୍ୱେ ଯେପରି ଜାଙ୍ଗଲିକ ସୁଷମାକୁ ଧ୍ୱସ୍ତବିଧ୍ୱସ୍ତ କରିଦିଆଯାଉଛି ଓ ସବୁଜିମାଭରା ପାହାଡ଼ ପର୍ବତକୁ ଧ୍ୱଂସ ମୁଖକୁ ଠେଲି ଦିଆଯାଉଛି ତାହା ଉଦ୍‌ବେଗଜନକ।

ଏ ସବୁ ସମ୍ପର୍କରେ ପରିବେଶ ବିଜ୍ଞାନୀମାନେ ଗବେଷଣା କରିବା ଓ ସେହି ଗବେଷଣାର ସାରମର୍ମ ସମାଜ ଆଗରେ ଉପସ୍ଥାପନ କରିବା ସେମାନଙ୍କ କର୍ତ୍ତବ୍ୟ। କବି, ଲେଖକ ଓ ସାହିତ୍ୟଶିଳ୍ପୀ ଏହି ପରିବେଶର ଧ୍ୱଂସଲୀଳାରେ ଆଜି ଯେପରି ଆହତ ବେଦନାଦଗ୍ଧ ଓ ଅଶ୍ରୁସ୍ନାତ ତାହା ବର୍ଣ୍ଣନା କରିହେବ ନାହିଁ। ପୂର୍ବରୁ ପ୍ରକୃତିର ସୌନ୍ଦର୍ଯ୍ୟକୁ ନେଇ ରଚିତ ହେଉଥିଲା ଶ୍ରେଷ୍ଠ କାବ୍ୟକବିତା। ବର୍ତ୍ତମାନ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପରେ ହେଉଥିବା ଅବିବେକିତାପୂର୍ଣ୍ଣ ନିର୍ଦ୍ଦୟ ଆକ୍ରମଣ ହେଉଛି ସାହିତ୍ୟର ବିଷୟବସ୍ତୁ। ଏହି ପ୍ରକାରର ସାହିତ୍ୟକୁ କେନ୍ଦ୍ରକରି ଯେଉଁ ନୂତନ ସମାଲୋଚନା ବିଭାଗ ମଧ୍ୟ ସୃଷ୍ଟି ହୋଇଛି ତାହାକୁ କୁହାଯାଉଛି ପରିବେଶ ତାତ୍ତ୍ୱିକ ସମାଲୋଚନା ବା ଇଂଲିଶରେ Eco Criticism। ଏହି ବିଷୟ ଭିତ୍ତିରେ ଗବେଷଣା ମଧ୍ୟ କମ୍ ହେଉନାହିଁ ଉଭୟ ବିଜ୍ଞାନ ଓ ସାହିତ୍ୟ ଜଗତରେ। ଗବେଷକମାନେ ଉଚ୍ଚତର ଡିଗ୍ରୀ ଲାଭକରିବା ସ୍ୱାଭାବିକ। ମାତ୍ର ପରିବେଶ ସୁରକ୍ଷା ସକାଶେ ଯେପରି ସଚେତନତା ପ୍ରକାଶ ପାଇବା ଜରୁରୀ– ତାହା ହୋଇପାରୁନାହିଁ।



ବୃକ୍ଷଲତା କେବଳ ଯେ ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖନ୍ତି ସେତିକି ନୁହେଁ; ସେମାନେ ମଣିଷ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ। ପଣ୍ଡିଚେରୀର ଶ୍ରୀମା ତାଙ୍କ ବକ୍ତବ୍ୟରେ ଏକଦା ପ୍ରକାଶ କରିଥିଲେ ଯେ ଏକ ବିଶାଳ ବୃକ୍ଷ ଛାୟାରେ କେହି ଯଦି ଆଶ୍ରୟ ଗ୍ରହଣ କରେ ସେ ମର୍ମେ ମର୍ମେ ଏହା ଅନୁଭବ କରିପାରିବ ଯେ ବୃକ୍ଷଟିର ଶାଖା ପ୍ରଶାଖା ଆଉ ପ୍ରତ୍ୟେକଟି ପତ୍ରରୁ ଶାନ୍ତିର ଶୀତଳତା କିପରି ତାକୁ ସ୍ପର୍ଶ କରୁଛି ଓ ତାହାର ଅଶାନ୍ତ ଉତ୍ତପ୍ତ ମନରେ ଅକଳ୍ପନୀୟ ଶାନ୍ତି ସଞ୍ଚାର କରିପାରୁଛି। ଓଡ଼ିଆ ସାହିତ୍ୟର ବିଶିଷ୍ଟ ଗାଳ୍ପିକ ମନୋଜ ଦାସ 'ପର୍ବତ' ଶୀର୍ଷକରେ ଲେଖିଛନ୍ତି ଏକ ପ୍ରେରଣାଧର୍ମୀ ବଳିଷ୍ଠ ଗଳ୍ପ। ସେଥିରେ ଦର୍ଶାଇ ଦିଆଯାଇଛି ଯେ ଯିଏ ପର୍ବତ ଧ୍ୱଂସ କରୁଛି ସେ ଯୁକ୍ତି କରୁଛି–"ମୁଁ ଆଇନର ଅନୁମତି ନେଇ ପର୍ବତ ଭାଙ୍ଗୁଛି।" ଗଳ୍ପନାୟକ ଏହାର ପ୍ରତିବାଦ କରିଛି ଶାଣିତ ଶବ୍ଦରେ। ସେ କହୁଛି– ଆଇନ ଅନୁସାରେ ତମେ ପର୍ବତ ଭାଙ୍ଗି ଦେଇପାରିବ। କିନ୍ତୁ ସେହି ଆଇନ ଅନୁଯାୟୀ ଏକ ନୂତନ ପର୍ବତ ତୁମେ ପ୍ରତିଷ୍ଠା କରିପାରିବ କି? ଯେଉଁମାନେ ଏ ପ୍ରକାରର ଧ୍ୱଂସାତ୍ମକ କାର୍ଯ୍ୟ ସହିତ ଜଡ଼ିତ ସେମାନେ ତାଙ୍କର ବଳକା ଅର୍ଥର ବିନିଯୋଗ କିପରି କରନ୍ତି? ମନୋଜଙ୍କ ଗଳ୍ପନାୟକ ପ୍ରତିପାଦନ କରିଦେଇଛି ଯେ ଏପରି ନିଷ୍ଠୁର ବ୍ୟବସାୟୀମାନେ ଅଧିକ ମୂଲ୍ୟର ବିଦେଶୀ ମଦ୍ୟପାନଠାରୁ ଆଉ କିଛି ମହତ କାମ କରିବା ଅସମ୍ଭବ। ପରିବେଶର ସୌନ୍ଦର୍ଯ୍ୟ ଅକ୍ଷୁଣ୍ଣ ରଖିବା ପାଇଁ ସାହିତ୍ୟ ଶିଳ୍ପୀର ହୃଦୟ କେତେ ମଥିତ ତାହା ଏପରି ଗଳ୍ପରୁ ସ୍ୱତଃ ସୂଚିତ ହୋଇଯାଏ। 'କେତେ ଦିଗନ୍ତ' ପୁସ୍ତକରେ ଜଣେ ବୈଜ୍ଞାନିକ ଏକ ନଦୀକୁ ସୁନିର୍ମଳ ଓ ପବିତ୍ର ବୋଲି ଯେତେବେଳେ ପ୍ରମାଣ କରିଛନ୍ତି, ସେତେବେଳେ ସେ ଅଞ୍ଚଳର ଲୋକ–ଶକ୍ତି ତାଙ୍କୁ ଅର୍ପଣ କରିଛନ୍ତି ସଶ୍ରଦ୍ଧ ସମ୍ବର୍ଦ୍ଧନା। କେତେକାଳ ବିତିଯିବା ଅନ୍ତେ ସେହି ନିର୍ଦ୍ଦିଷ୍ଟ ନଈଟି ଯେପରି ବିଷାକ୍ତ ହୋଇଯାଇଛି ତାହା ଯେତେବେଳେ ଉକ୍ତ ବୈଜ୍ଞାନିକ ଦର୍ଶାଇ ଦେଇଛନ୍ତି ସେତେବେଳେ ସେ ଅଞ୍ଚଳର ଲୋକ ସମାଜ ତାଙ୍କ ପ୍ରତି ପ୍ରଦର୍ଶନ କରିଛି ଠିକ୍ ବିପରୀତ ଆଚରଣ।

ପରିବେଶ ଧ୍ୱସ୍ତବିଧ୍ୱସ୍ତ ହେବା ଫଳରେ ପରିବେଶ ବିଜ୍ଞାନୀମାନେ ଯେପରି ବେଦନାରତ, କବି ଓ ଲେଖକବୃନ୍ଦ ମଧ୍ୟ ସେପରି ଆଘାତପ୍ରାପ୍ତ। ପରିବେଶ ବିଜ୍ଞାନୀ ଯେଉଁ ଅପ୍ରିୟ ସତ୍ୟ ଉଦ୍‌ଘାଟନ କରିଦିଏ ସାହିତ୍ୟ ଶିଳ୍ପୀ ତାହାକୁ ଭିତ୍ତିକରି ରଚନା କରେ ପାଠକ ହୃଦୟକୁ କମ୍ପିତ କରିବା ପରି ହୃଦୟସ୍ପର୍ଶୀ ରଚନା। ପରିବେଶ ବିଜ୍ଞାନୀ ସତ୍ୟ ତଥ୍ୟ ପରିବେଷଣ କରୁଥିବା ବେଳେ ସାହିତ୍ୟିକମାନେ ସେହି ତଥ୍ୟ ଆଶ୍ରୟରେ ଏପରି ଆବେଗଧର୍ମୀ କବିତା, ଗଳ୍ପ ବା ପ୍ରବନ୍ଧ ରଚନା କରନ୍ତି, ଯାହା ପ୍ରତ୍ୟେକ ପାଠକ ଆତ୍ମାରେ ସୃଷ୍ଟିକରେ ପରିବେଶ ସୁରକ୍ଷା ନିମିତ୍ତ ଗଭୀର ପ୍ରେରଣା। ବିଜ୍ଞାନ ଆମକୁ ପ୍ରଦାନ କରେ ତଥ୍ୟ। ସାହିତ୍ୟ ତାହାକୁ ଆଧାର କରି ସୃଷ୍ଟି କରିପାରେ ଆବେଗର ତୀବ୍ରତା। ଏ କ୍ଷେତ୍ରରେ ତେଣୁ କାହାକୁ ଉତ୍କୃଷ୍ଟ ବା ନିକୃଷ୍ଟ ବିଚାର କରିବା ଆଦୌ ପ୍ରାସଙ୍ଗିକତା ରଖେ ନାହିଁ। ବୈଜ୍ଞାନିକ ଓ ସାହିତ୍ୟିକ ଉଭୟେ ପରିବେଶର ସୌନ୍ଦର୍ଯ୍ୟ ଫେରାଇ ଆଣିବା ନିମିତ୍ତ ଯେପରି ପ୍ରତିଶ୍ରୁତିବଦ୍ଧ ତାହା ହିଁ ହେଉଛି ଗୁରୁତ୍ୱପୂର୍ଣ୍ଣ।

ଏହାର ବିପରୀତ ଘଟଣା ମଧ୍ୟ ଆମକୁ ବ୍ୟଥିତ କରିଦିଏ। ପରିବେଶ କଳୁଷିତ କରିବାରେ ଯେଉଁ ବୈଜ୍ଞାନିକ ବା ସାହିତ୍ୟିକମାନଙ୍କ ଭୂମିକା ରହିଛି, ତାହାକୁ ଅଣଦେଖା କରାଯାଇପାରିବ ନାହିଁ। ବିବେକହୀନ ବୈଜ୍ଞାନିକ ଓ ଲକ୍ଷ୍ୟଭ୍ରଷ୍ଟ ଲେଖକମାନେ ହିଁ ଏପରି ପ୍ରଦୂଷଣ ନିମନ୍ତେ ଦାୟୀ। ବୈଜ୍ଞାନିକ ଗବେଷଣା ନାମରେ ଯେଉଁମାନେ ମଣିଷ ଜାତିର କ୍ଷତି ସାଧନ କରିପାରନ୍ତି ଓ ସାହିତ୍ୟ ନାମରେ ଯେଉଁମାନେ ଅସାହିତ୍ୟିକ ବାତାବରଣ ସୃଷ୍ଟି କରି ଅପସଂସ୍କୃତିର ପ୍ରସାର କରନ୍ତି ସେମାନଙ୍କୁ ଆତ୍ମଘାତୀ, ଦେଶଦ୍ରୋହୀ, ମାନବବିରୋଧୀ, ବିବେକଶୂନ୍ୟ ବୋଲି ବର୍ଣ୍ଣନା କଲେ ମଧ୍ୟ ଯଥେଷ୍ଟ ହେବ ନାହିଁ।

ତେଣୁ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଯେପରି ସଚ୍ଚୋଟ ବୈଜ୍ଞାନିକ ନିଜ ଗବେଷଣାରେ ଅଙ୍ଗୀକାରବଦ୍ଧ, ସାହିତ୍ୟିକ ମଧ୍ୟ ସେଭଳି ସାମାଜିକ ପ୍ରତିବଦ୍ଧତାରେ ହେଉଛି ପ୍ରକୃତରେ ମାନବବାଦୀ ଓ ଜୀବନବାଦୀ। ବୈଜ୍ଞାନିକ ବା ସାହିତ୍ୟିକ ଏମାନେ କେବଳ ମଣିଷ ଜାତି ପାଇଁ ଚିନ୍ତିତ ସେତିକି ନୁହେଁ; ସେମାନେ ଜୀବଜଗତର ଭାରସାମ୍ୟ ଅତୁଟ ରଖିବା ପାଇଁ ମଧ୍ୟ ସମ୍ବେଦନଶୀଳ। ଏ ପୃଥିବୀରେ ବୃକ୍ଷଲତା, ପାହାଡ଼ ପର୍ବତ, ନଦୀଝରଣା, ଜୀବଜନ୍ତୁ ତଥା ମଣିଷ ସମସ୍ତେ ସୁରକ୍ଷିତ ଓ ସୁସ୍ଥ ରହିବା ଦ୍ୱାରା ହିଁ କଲ୍ୟାଣମୟ ଜୀବନଧାରାକୁ ଅନାହତ ରଖାଯାଇପାରିବ। ପରିବେଶ ବିଜ୍ଞାନୀ ଓ ସୌନ୍ଦର୍ଯ୍ୟ ସନ୍ଧାନୀ ଲେଖକଙ୍କ ପୃଥିବୀବାସୀଙ୍କ ପ୍ରତି ପ୍ରକାଶିତ ବାର୍ତ୍ତାକୁ ଗଭୀରତାର ସହିତ ଗ୍ରହଣ କରିବାର ଓ ପାଳନ କରିବାର ଜୀବନ–ନିଷ୍ଠା ଆଜି ଆମର ଏକାନ୍ତ କାମ୍ୟ।

ପ୍ରଫେସର ଓ ବିଭାଗ ମୁଖ୍ୟ
ସ୍ନାତକୋତ୍ତର ଭାଷ୍ୟ ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

# ରାଜ୍ୟପାଳ ପୁରସ୍କାର



ଡ.କୁଳାଙ୍ଗାର

ଭାଇ... ରାଜ୍ୟପାଳ ପୁରସ୍କାର ନେବ କି... ? ସ୍ଥାନୀୟ କବିଙ୍କଠାରୁ ହଠାତ୍ ଏମିତି ପ୍ରସ୍ତାବ ପାଇ ସିଏ ଭୟ ଓ ଶଙ୍କୋଚରେ ଥାଥା ମାମା ହେଲା। ସିଏ କହିଲା – 'ଭାଇ! ଆମ ପିଲାବେଳେ ଜଣେ ଶିକ୍ଷକ ରାଜ୍ୟପାଳ ପୁରସ୍କାର ପାଇଥିଲେ। ଆମେ ବାଜା ବଜେଇ, ଫୁଲମାଳ ପକେଇ ସାର୍‌ଙ୍କୁ ଆଣିଥିଲୁ। ଅନ୍ୟ ଶିକ୍ଷକମାନେ ବହୁ ଚେଷ୍ଟା କରି ମଧ୍ୟ ସେ ପୁରସ୍କାର ପାଇ ନ ଥିଲେ! ହେଲେ ମୁଁ ତ ଶିକ୍ଷକ ନୁହେଁ।'

ସିଏ ଅଧାରୁ ପାଠ ଛାଡି କାମ କରିବାକୁ କେରଳ ପଳାଇଥିଲା। କରୋନା କାଳରେ ଗାଁକୁ ଆସି ରହିଗଲା। ଗଞ୍ଜେଇ ବ୍ୟବସାୟ ଆରମ୍ଭ କଲା। ସେଥିରେ ସଫଳ ହୁଅନ୍ତେ ତା' ପାଖରେ କିଛି ପଇସା ହେଲା ଏବଂ ଲୋକମାନଙ୍କଠାରୁ ପରାମର୍ଶ ପାଇ ସରପଞ୍ଚ ପ୍ରାର୍ଥୀ ହେଲା। ହେଲେ ମଦ ସାମ୍ନାରେ ଗଞ୍ଜେଇର କାଟ୍‌ତି ବା କେତେ? ମଦଦୋକାନୀ ପ୍ରାର୍ଥୀ ଜଣକ ଜିତିଲେ, ସିଏ ହାରିଲା।

ତେବେ ସିଏ ମନୋବଳ ନ ହରେଇ ତା'ର ବ୍ୟବସାୟ ଜାରି ରଖିଛି। ଅତଏବ ତା' ପଛରେ କିଛି ଲୋକ ମଧ୍ୟ ରହିଛନ୍ତି। ଏଇ କବି ଜଣକ ସେଇଥିରୁ ଜଣେ। କବି ନିର୍ବାଚନରେ ତା' ପାଇଁ ପଦ ଛିଡ଼େଇ ପ୍ରଚାର ସ୍ଲୋଗାନ ଓ ଗୀତ ଲେଖୁଥିଲେ। ଅବଶ୍ୟ ସେଇଥିରେ ଗୋଟିଏ ବି ଭୋଟର ପ୍ରଭାବିତ ହେଲେନାହିଁ, ହେଲେ କବି ସେଇଦିନୁ ତାକୁ ପ୍ରଭାବିତ କରି ରଖିଛନ୍ତି। ମଝିରେ ମଝିରେ ତାକୁ ସ୍ଥାନୀୟ ସାହିତ୍ୟ ଆସର ଓ ବହି ଉନ୍ମୋଚନ ଆଦିକୁ ଡାକି ନେଇ ଅତିଥି କରିବା ସହିତ ସହଯୋଗ ବାବଦରେ କିଛି ଅର୍ଥ ଝଡାଉଛନ୍ତି। ସିଏ ସେଥିରେ ଖୁସି। କାରଣ ଏହି ସଭାର ବିବରଣୀ ସହିତ ତା'ର ଫଟୋ ଓ ନାମ ଆଦି ଖବରକାଗଜରେ ପ୍ରକାଶ ପାଇଥାଏ, କେବେ କେବେ ମୋବାଇଲ ନ୍ୟୁଜ ଚ୍ୟାନେଲରେ ମଧ୍ୟ ଭିଡିଓ ପ୍ରସାରିତ ହୁଏ।

ତେବେ ରାଜ୍ୟପାଳ ପୁରସ୍କାର ସିଏ ବା କେମିତି ପାଇବ? କବି କହିଲେ – ଗଲାଥର ବା ଆମ ଗାଁ ସଉଦା ଦୋକାନୀ ନରି ସାହୁକୁ ରାଜ୍ୟପାଳ ପୁରସ୍କାର ମିଳିଛି। ଯାଉନ ଦେଖିବ... ତା' ଦୋକାନରେ ସିଏ ସେଇ ଫଟୋଟାକୁ ବନ୍ଧେଇ କରି ଓହଳାଇଛି! ସିଏ କହିଲା – ହେଲେ ରାଜ୍ୟପାଳ ପୁରସ୍କାର ତ ଶିକ୍ଷକଙ୍କୁ ମିଳେ! ନରିକୁ ମିଳିଲା କେମିତି? କବି କହିଲେ– ସେ ପୁରସ୍କାର ଅଲଗା ଏ ପୁରସ୍କାର ଅଲଗା! ତମେ ତ ରାଜ୍ୟପାଳଙ୍କ ହାତରୁ ପୁରସ୍କାର ନେଲେ ଗଲା! ସିଏ ପଚାରିଲା – ରାଜ୍ୟପାଳ କୋଉଠି ଆସି ମୋତେ କ'ଣ ପାଇଁ ପୁରସ୍କାର ଦେବେ? କବି କହିଲେ – ମା ପୋଡାମୁହିଁ ସାହିତ୍ୟ ସଂସଦ ପକ୍ଷରୁ ରାଜଧାନୀର ଛାତି ଉପରେ ରାଜ୍ୟସ୍ତରୀୟ ସାହିତ୍ୟ–ସଂସ୍କୃତି–କଳା ସମ୍ମେଳନ ଆୟୋଜନ ହୋଇଛି! ସେଥିରେ ରାଜ୍ୟପାଳ ମୁଖ୍ୟ ଅତିଥି ଭାବରେ ଯୋଗ ଦେବାପାଇଁ ସଦୟ ସମ୍ମତି ଦେଇଛନ୍ତି। ସିଏ ପଚାରିଲା – ସାହିତ୍ୟ– ସଂସ୍କୃତି– କଳା ସମ୍ମେଳନରେ ମୋତେ କାହିଁକି ପୁରସ୍କାର ମିଳିବ? କବି କହିଲେ – ଆହେ ଏସବୁ ତ ହେବ, ହେଲେ ସେଥିପାଇଁ



ଯୋଉ ଖର୍ଚ୍ଚବାର୍ଚ୍ଚ ହେବ ତାହା କୋଉଠୁ ଆସିବ? ସେଥିପାଇଁ ତମଭଳିଆ ଲୋକମାନେ ପୁରସ୍କାର ପାଇଁ କିଛି ସହଯୋଗ ରାଶି ଦେଲେ ସଂସ୍ଥା ଚାଲିବ।

ସିଏ କହିଲା – ମୋତେ କେତେ ଦେବାକୁ ପଡ଼ିବ? କବି କହିଲେ – ମାତ୍ର ପାଞ୍ଚ ହଜାର। ସିଏ କହିଲା – ଠିକ୍ ଅଛି। ହେଲେ ତମେ ସେ ସଂସ୍ଥାରେ କ'ଣ ଅଛ? କବି କହିଲେ – କିଛି ନାଇଁ, ମୁଁ ତାଙ୍କର ପ୍ରତିନିଧି। ମୁଁ ସେଇଦିନ ପୁରସ୍କାର ପାଇବି। ସିଏ ପଚାରିଲା – ତମେ ବି କ'ଣ ପାଞ୍ଚ ହଜାର ଦେବ? କବି କହିଲେ – ନାଇଁ...। ତମଭଳିଆ ଦଶଟି ଲୋକ ଯୋଗାଡ଼ କରିଦେଲେ... ମୋର ମାଗଣା।

ସମ୍ମେଳନର ଦିନ ଉପନୀତ ହୁଅନ୍ତେ ସିଏ ସଦଳବଳ କବିଙ୍କ ସହିତ ସଭାସ୍ଥଳରେ ଉପସ୍ଥିତ ରହିଲା। ଆଗ ଆରମ୍ଭ ହେଲା କବିତା ପାଠ। କବିମାନେ କ'ଣ ପଢୁଛନ୍ତି ସିଏ କିଛି ବୁଝି ପାରୁ ନ ଥାଏ। ଏଥିମଧ୍ୟରେ ରାଜ୍ୟପାଳ ପହଞ୍ଚିଲେ। ଅତଏବ କବିତାପାଠକୁ ଅଧାରୁ ସ୍ଥଗିତ କରାଯିବା ସହିତ ସଭାପରେ କବିତାପାଠ ଜାରି ରହିବ ବୋଲି ଘୋଷଣା ସହିତ ମୁଖ୍ୟ ସଭାକାର୍ଯ୍ୟ ଆରମ୍ଭ ହେଲା। ଆୟୋଜକ ଅନୁଷ୍ଠାନର ସମ୍ପାଦକ ସାଦରଣୀୟ ବିବରଣୀ ପାଠ କଲା ପରେ ଆରମ୍ଭ ହେଲା ପୁରସ୍କାର ପ୍ରଦାନ ସମାରୋହ।

କେତେବେଳେ ତା' ନାଁ ଘୋଷଣା ହେବ ଶୁଣିବା ପାଇଁ ସିଏ କାନ ଠିଆ ଠିଆ କରି ଯିବା ପାଇଁ ଆତୁର ହେଲା। ତେବେ ମାତ୍ର ୧୦ଜଣଙ୍କୁ ପୁରସ୍କାର ପ୍ରଦାନ ପରେ ସମ୍ପାଦକ ଘୋଷଣା କଲେ କି ଜରୁରୀ କାର୍ଯ୍ୟବ୍ୟସ୍ତତା କାରଣରୁ ରାଜ୍ୟପାଳଙ୍କୁ ଯିବାକୁ ପଡ଼ିବ ତେବେ ପରେ ପରେ ପୁରସ୍କାର ପ୍ରଦାନ ଓ କବିତାପାଠ ଜାରି ରହିବ। ରାଜ୍ୟପାଳ ଭାଷଣ ପଢି ଯିବାକୁ ବାହାରିଲେ। ସିଏ ଏହା ଦେଖି ତାଙ୍କ ସାଥିରେ ଦୌଡିଲା ଏବଂ ଏହି ଅବସରରେ ତା' ସାଥିରେ ଥିବା କବି ଫଟୋଟିଏ ଉଠାଇଦେଲେ। ସେମାନେ ପୁନଶ୍ଚ ସଭାଗୃହକୁ ଫେରିଲା ବେଳେ ତା' ମୁହଁର ଭାଷାକୁ ବୁଝି କବି କହିଲେ – ରାଜ୍ୟପାଳଙ୍କ ସହିତ ଫଟୋ ତ ଉଠେଇଲ। ଏଇଟା ରାଜ୍ୟପାଳ ପୁରସ୍କାର ନୁହେଁ ବୋଲି କହିବାକୁ କାହା ଜିଭରେ ହାଡ଼ ଅଛି?

ଚଉଦ୍ଦରୀ ନମ୍ବର ପୁରସ୍କୃତ ପ୍ରତିଭା ତଥା ବିଶିଷ୍ଟ ସମାଜସେବୀ ଭାବରେ ତା'ର ନାମ ଘୋଷଣା ହୁଅନ୍ତେ ରାଜ୍ୟପାଳଙ୍କ ପ୍ରସ୍ଥାନ ପରେ ଅତିଥି ସ୍ଥାନ ପୂରଣ କରିଥିବା ସୁଆଦିଆ ଭୋଜନାଳୟ ମାଲିକଙ୍କ ହସ୍ତରୁ ସିଏ ମାନପତ୍ର, ଗାମୁଛା ଓ ଫୁଲତୋଡ଼ା ଗ୍ରହଣ କଲା। ସଭାଗୃହ ଓ ବାହାରେ ଥିବା ଗେଟ୍‌ରେ ରାଜ୍ୟପାଳଙ୍କ ଫଟୋ ସହ ଫଟୋ ଉଠାଇଲା।

ପୁରସ୍କାର ପାଇ ଫେରିବା ବାଟରେ ସିଏ ନିଜର ସମର୍ଥକ ଓ କବିଙ୍କ ସହିତ ଢାବାରେ ବସି ଖାନାପିନା କରିବା ଅବସରରେ ପଚାରିଲା – ରାଜ୍ୟପାଳଙ୍କ ଉପରେ ଆଉ କୋଉ ପାଳ ଅଛନ୍ତି? କବି କହିଲେ – ମହାମହିମ ରାଷ୍ଟ୍ରପତି... ! ସିଏ କହିଲା – ତାଙ୍କଠୁ ଯଦି ପୁରସ୍କାର କେବେ ମିଳିପାରିବ କହିବ। ଆମ ହୋଲ୍‌ସେଲରକୁ ଦେଲେ ସିଏ ଖୁସି ହେବ।

ଅଲରା, ନରସିଂହପୁର, କଟକ
ମୋ–୮୮୯୫୮୨୫୮୬୩

## ଏଇ ଭାରତରେ

ମହାରାଷ୍ଟ୍ର ସୋଲାପୁରର ୩୦ ବର୍ଷୀୟା ମୟୂର ଶାହା ଅଦରକାରୀ ଫିସ୍ ସ୍କିନ୍ ବା ମାଛ ଚମଡ଼ାକୁ ପ୍ରୋସେସିଂ କରି ଏକ ପ୍ରକାର ପରିବେଶ ଉପଯୋଗୀ ଲେଦର ପ୍ରସ୍ତୁତ କରୁଛନ୍ତି। ସେ ସେଥିରେ ବିଭିନ୍ନ ଡିଜାଇନର ବ୍ୟାଗ୍ ଓ ଅନ୍ୟ ଜିନିଷ ପ୍ରସ୍ତୁତକରି ବ୍ୟବସାୟ ଆରମ୍ଭ କରିଛନ୍ତି। ୨୦୧୫ରେ ମୟୂର ଆଇସ୍‌ଲାଣ୍ଡ ଯାଇଥିବାବେଳେ ସେଠାରେ ଏକ ଲୋକାଲ ମାର୍କେଟରେ ସାଲମନ ମାଛ ଚମଡ଼ାରେ ତିଆରି ଏକ ବ୍ରେସ୍‌ଲେଟ୍ ଦେଖିବାକୁ ପାଇଥିଲେ। ପରେ ସେ ଏହାର ଜ୍ଞାନକୌଶଳ ସମ୍ପର୍କରେ ଜାଣି ଅଦରକାରୀ ମାଛ ଚମଡ଼ାରୁ ଜିନିଷ ତିଆରି କରିବାର ନିଷ୍ପତ୍ତି ନେଇଥିଲେ। ଇଞ୍ଜିନିୟରିଂ ଇଣ୍ଡଷ୍ଟ୍ରିରୁ ଚାକିରି ଛାଡ଼ି ୨୦୧୮ରେ 'ମାୟୁ' ଷ୍ଟାର୍ଟଅପ୍ ଆରମ୍ଭ କରିଥିଲେ। ଏହା ମାଧ୍ୟମରେ ସାଲମନ ଏବଂ ଓଲ୍‌ଫିସ୍ ଚମଡ଼ାରୁ ହ୍ୟାଣ୍ଡ୍‌ବ୍ୟାଗ୍ ନିର୍ମାଣ ଆରମ୍ଭ କରିଥିଲେ। ମାଛ ଚମଡ଼ାରୁ ପ୍ରସ୍ତୁତ ବ୍ୟାଗ୍ ବି ୱାଟରପ୍ରୁଫ୍ । ତାଙ୍କ କମ୍ପାନୀ ଚେନ୍ନାଇରେ ଜିରୋ ୱେଷ୍ଟ ସାର୍ଟିଫିକେଟ ପାଇଛି ଓ ଭାରତର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହାକୁ ହ୍ୱାଇଟ୍ କ୍ୟାଟେଗୋରିରେ ସ୍ଥାନିତ କରିଛି। ଫିସ୍ ସ୍କିନ୍ ପ୍ରୋସେସିଂରୁ ଯାହା ୱେଷ୍ଟ ବାହାରୁଛି ତାହାକୁ ବାୟୋପ୍ରୋସେସ୍‌ରେ ଖତ ପ୍ରସ୍ତୁତ କରାଯାଉଛି। ଏହିସବୁ କାର୍ଯ୍ୟରେ ମୟୂର ୯୦ ପ୍ରତିଶତ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ତେବେ ମୟୂରଙ୍କ ଦ୍ୱାରା ପ୍ରସ୍ତୁତ ଜିନିଷଗୁଡ଼ିକ ବିଦେଶରେ ବି ପରିଚୟ ସୃଷ୍ଟି କରିବା ପ୍ରୟାସ ଜାରି ରଖିଛି। ଏହି ସାମଗ୍ରୀଗୁଡ଼ିକ ୫୦୦ରୁ ୯୦,୦୦୦ ଟଙ୍କା ଯାଏ ବିକ୍ରି ହେଉଛି।

## ଚିରନ୍ତନୀ

ମୁକତିର ଗତି ଏକ ଅପରକୁ ଜାଣେ
ଏକ ବିନେ ଆନର ମୁକତି
ସେ ଯେ ମହା ଅସମ୍ଭବ
କ୍ଲାନ୍ତିହୀନ ମିଳନ ବିଭବ।
ଚିର ଆକାଙ୍‌କ୍ଷାର ଧନ
ଏକ ଯେ ଆନର ତହିଁ ମୁକତି–ସାଧନ।
–(ଯୁଗଳ ପ୍ରୟାଣେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku

Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 5 | 1 | |
| | | | | 5 | | 3 | | |
| | 7 | | | 3 | | | | 4 |
| 4 | | 3 | 7 | | | | 5 | 9 |
| | | | | | | | | |
| 2 | | | | | 1 | | | |
| | 6 | 1 | 4 | | 8 | | | |
| | 4 | | | | | 9 | 6 | |
| 7 | 2 | 5 | | | | 8 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 9 | 3 | 7 | 5 | 1 | 8 | 6 |
| 5 | 8 | 7 | 6 | 4 | 1 | 3 | 2 | 9 |
| 1 | 3 | 6 | 2 | 9 | 8 | 5 | 7 | 4 |
| 9 | 1 | 8 | 5 | 2 | 7 | 6 | 4 | 3 |
| 7 | 4 | 3 | 8 | 6 | 9 | 2 | 1 | 5 |
| 2 | 6 | 5 | 4 | 1 | 3 | 8 | 9 | 7 |
| 6 | 5 | 2 | 9 | 8 | 4 | 7 | 3 | 1 |
| 3 | 9 | 1 | 7 | 5 | 2 | 4 | 6 | 8 |
| 8 | 7 | 4 | 1 | 3 | 6 | 9 | 5 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦୃଷ୍ଟି ପଡୁ

ମହାଶୟ,

ଶିଳ୍ପାନୁଷ୍ଠାନଗୁଡିକ ସାମାଜିକ ଦାୟିତ୍ୱବୋଧରେ ଠିକ୍ କାର୍ଯ୍ୟକରୁ ନ ଥିବାରୁ ଆମ ରାଜ୍ୟରେ ଗୁରୁତର ଜନସ୍ୱାର୍ଥ ବ୍ୟାଘାତ ହେଉଛି। ଏ ସଂକ୍ରାନ୍ତରେ ସରକାରଙ୍କ ନିକଟରେ ବହୁବାର ତଥ୍ୟଭିତ୍ତିକ ଅଭିଯୋଗ ହୋଇଛି। ପରେ ଶିଳ୍ପ ବିଭାଗର ଅନୁଶାସନ ସଚିବ ଏଥିନେଇ ଇପିକଲର ପରିଚାଳନା ନିର୍ଦ୍ଦେଶକଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ପତ୍ର ପ୍ରଦାନ କରିଥିଲେ। ହେଲେ ରାଜ୍ୟର ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସରକାର ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହାନ୍ତି। ବାରମ୍ବାର ଅଭିଯୋଗ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ପଛରେ କିଛି କାରଣ ରହିଥିବା କୁହାଯାଉଛି। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ବିଭାଗୀୟ ଅଧିକାରୀଙ୍କ ହସ୍ତକ୍ଷେପ ଜରୁରୀ।

–ସତୀଶ ବିଶ୍ୱାଳ, ଭୁବନପୁର, ଗଡମଧୁପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଝରକା ତାଡ଼ି ନେଇଗଲେ ସୁନା, ରୁପା

ଭୁବନେଶ୍ୱର, (ବ୍ୟୁରୋ): ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ଅଞ୍ଚଳରୁ ଜଣଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଘରେ କେହି ନ ଥିବା ବେଳେ ସୋମବାର ରାତିରେ କିଛି ଦୁର୍ବୃତ୍ତ ଝରକା ତାଡ଼ି ଘରେ ପଶି ୩ ଟି ସୁନାଚେନ, ୫ ହଳ ସୁନା କାନଫୁଲ, ୩ ହଳ ସୁନାଖଙ୍ଖା, ୨ ହଳ ଚୁଡ଼ି, ୩ ସୁନାମୁଦି, ଗୋଟିଏ ସୁନା ଲକେଟ, ୪ ହଳ ରୁପା ପାଉଁଜି ଓ ୩ ହଳ ଝୁଣ୍ଟିଆ ନେଇ ଫେରାର ହୋଇଯାଇଛନ୍ତି। ଏନେଇ ଲୁଟର ଶିକାର ହୋଇଥିବା ମାନିନୀ ମିଶ୍ର ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି।

## ସଂକ୍ଷେପରେ

### ସ୍ୱାଗତ ପର୍ବରେ ସରିଲା ପ୍ରଥମ ପଞ୍ଚାୟତ ସମିତି ବୈଠକ

ବାରଙ୍ଗ,୩୧।୫(ଡି.ଏନ୍.ଏ.): ବାରଙ୍ଗ ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟଠାରେ ଥିବା ପଞ୍ଚାୟତ ସମିତି ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ନବ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଏହା ପ୍ରଥମ ବୈଠକ ହୋଇଥିବାରୁ ସ୍ୱାଗତ ଭାଷଣ ସହ ପରିଚୟ ପ୍ରଦାନ ଓ ଅଳ୍ପକିଛି ଆଲୋଚନା ହୋଇଥିଲା। ବ୍ଲକ ଅଧକ୍ଷାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ ଯୋଗଦେଇ ନୂତନ ସଭ୍ୟମାନଙ୍କୁ ସ୍ୱାଗତ କରିଥିଲେ। ଏଥିସହ ବାରଙ୍ଗକୁ ଏକ ସୁନ୍ଦର ବ୍ଲକ ଭାବେ ଗଠନ କରିବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବ୍ଲକ ଅନ୍ତର୍ଗତ ୧୬ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ପଦାଧିକାରୀମାନେ ଉପସ୍ଥିତ ଥିଲେ।

### ଆଶାଏଁ ପକ୍ଷରୁ ବିଶ୍ୱ ତମାଖୁ ଦିବସ ପାଳିତ

ଭୁବନେଶ୍ୱର, ୩୧।୫ (ବ୍ୟୁରୋ): ସ୍ୱେଚ୍ଛାସେବୀ ସଙ୍ଗଠନ ଆଶାଏଁ ପକ୍ଷରୁ ଭୁନେଶ୍ୱରର ବିଭିନ୍ନ ସ୍ଥାନରେ ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନରେ ପଢୁଥିବା ପିଲାମାନେ ନିଜ ନିଜ ବସ୍ତିରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଦିନେ ଯେଉଁ ପିଲାମାନେ ନିଜେ ବିଭିନ୍ନ ପ୍ରକାର ନିଶା ଦ୍ରବ୍ୟ ସେବନ କରୁଥିଲେ, ସେମାନେ କେବଳ ସେଥିରୁ ମୁକ୍ତ ହୋଇଛନ୍ତି ତାହା ନୁହେଁ ବରଂ ଏହାର କୁପ୍ରଭାବକୁ ହୃଦୟଙ୍ଗମ କରି ନିଜେ ସେଥିପାଇଁ ଜନ ସଚେତନତା ପାଇଁ ଅଣ୍ଟା ଭିଡ଼ିଛନ୍ତି। କୁନିକୁନି ପିଲାମାନେ ନିଜେ ତିଆରି କରିଥିବା ସଚେତନତା ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ରେଳଷ୍ଟେଶ୍ନନ, ବଜାର, ବସ୍ତିରେ ବୁଲି ଲୋକଙ୍କୁ ସଚେତନତା କରିଥିଲେ। କାର୍ଯ୍ୟକ୍ରମକୁ ଲୈଲା, ରାଜୁ, ଲକ୍ଷ୍ମୀ, ମିନତି, କାଶିଆ, କପିଳା ଆଦି ପରିଚାଳନା କରିଥିଲେ।

### ୩ ସାଇକେଲ ଜବତ, ଜଣେ ଗିରଫ

ଭୁବନେଶ୍ୱର, ୩୧।୫(ବ୍ୟୁରୋ): ସାଇକେଲ ଚୋରି ଅଭିଯୋଗରେ ଏୟାରଫିଲ୍ଡ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ବୋତଣ୍ଡା ଅଞ୍ଚଳର ଆଶୁତୋଷ ପାଇକରାୟ ଓରଫ ବିକି। ତାଙ୍କଠାରୁ ୩ଟି ସାଇକେଲ୍ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୩୧୨/୨୧) ରୁଜୁ କରିଛି। ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।

# ସରାଇ ଆପ୍ ନିୟମ ମାନୁନାହାନ୍ତି ହୋଟେଲ କର୍ତ୍ତୃପକ୍ଷ

## ରାଜଧାନୀର ୫୮ ହୋଟେଲରେ ଯାଞ୍ଚ

ଭୁବନେଶ୍ୱର, ୩୧।୫(ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ଛିନ୍ତାଇ, ଚୋରି, ଡକାୟତି ସହିତ ଅନ୍ୟାନ୍ୟ ଛୋଟ ବଡ଼ ଅପରାଧ ବଢ଼ିବାରେ ଲାଗିଛି । ଏସବୁ ଅପରାଧରେ ପ୍ରାୟତଃ ରାଜ୍ୟ ବାହାର ଅପରାଧୀଙ୍କ ସମ୍ପୃକ୍ତି ରହୁଛି। ଅପରାଧୀମାନେ ଆତ୍ମଗୋପନ ନିମନ୍ତେ ହୋଟେଲଗୁଡ଼ିକୁ ବହୁଳ ମାତ୍ରାରେ ବ୍ୟବହାର କରୁଛନ୍ତି। ସେମାନେ ରାଜ୍ୟ ବାହାରୁ ଭୁବନେଶ୍ୱର ସହରକୁ ଆସି ବିଭିନ୍ନ ହୋଟେଲଗୁଡ଼ିକରେ ରହି ଅପରାଧ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ସହ ଅପରାଧ ଘଟାଇଥାନ୍ତି। ଏହାପରେ ଖୁବ୍ ସହଜରେ ରାଜ୍ୟ ବାହାରକୁ ଚାଲିଯାଆନ୍ତି। ଅପରାଧ ଘଟାଇ ହୋଟେଲ ଓ ଲଜ୍‌ରେ ପ୍ରଥମେ ଲୁଚି ରହିବାପରେ ଫେରାର ହୋଇଯାଉଛନ୍ତି। ଅପରାଧୀଙ୍କ ତଥ୍ୟ ସହଜରେ ହାସଲ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ସରାଇ ଆପ୍ ଆରମ୍ଭ କରାଯାଇଥିଲା। ଫଳରେ କେବେ କିଏ କେଉଁଠୁ ଆସିଲେ ଏବଂ


ଏକ ହୋଟେଲରେ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି।

କେଉଁଠି ରହିଲେ, ସେମାନଙ୍କ ଅସଲ ପରିଚୟ ପତ୍ର ଡିଜିଟାଲ ଡାଟା ସବୁ କିଛି ଆପ୍ ମାଧ୍ୟମରେ ଜାଣି ହେବ। କିନ୍ତୁ ସହରରେ ଥିବା କିଛି ହୋଟେଲଗୁଡ଼ିକରେ ରହୁଥିବା ଗ୍ରାହକଙ୍କ ପୁଙ୍ଖାନୁପୁଙ୍ଖ ବିବରଣୀ ଯାଞ୍ଚ କରାଯାଉ ନାହିଁ, ଯାହାର ଫାଇଦା ଅପରାଧୀମାନେ ଉଠାଉଛନ୍ତି।

ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଡିସିପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ସୋମବାର ସହରରେ ଥିବା ସମସ୍ତ ଛୋଟବଡ଼ ହୋଟେଲଗୁଡ଼ିକୁ ଯାଞ୍ଚ କରାଯାଇଛି। ସରାଇ ଆପ୍‌ରେ ମାଲିକମାନେ ଠିକ୍ ତଥ୍ୟ ଦେଉଛନ୍ତି କି ନାହିଁ ତାହାର ଯାଞ୍ଚ କରାଯାଇଥିଲା। ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଥିବା ୧୪ ଗୋଟି ହୋଟେଲକୁ ଯାଞ୍ଚ କରାଯାଇଥିବାବେଳେ ରାଜମହଲ-ଅଶୋକନଗର ଅଞ୍ଚଳରେ ଥିବା ୨୭ ହୋଟେଲ ଯାଞ୍ଚ କରାଯାଇଛି। ସେହିପରି ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବୁଦ୍ଧେଶ୍ୱରୀ କଲୋନୀ ଅଞ୍ଚଳରେ ଥିବା ୭ଟି ହୋଟେଲ ଯାଞ୍ଚ ହୋଇଥିବାବେଳେ ଶୈଳଶ୍ରୀବିହାର ଅଞ୍ଚଳରେ ଥିବା ୧୦ ହୋଟେଲକୁ ପୋଲିସ ଦ୍ୱାରା ଯାଞ୍ଚ କରାଯାଇଥିଲା। ଭୁବନେଶ୍ୱର ସହରାଞ୍ଚଳ ପୋଲିସ ତରଫରୁ ମୋଟ ୫୮ ହୋଟଲକୁ ଯାଞ୍ଚ କରାଯିବା ସହ ସଚେତନ କରାଯାଇ ସରାଇ ଆପ୍ ବ୍ୟବହାର ଲାଗି ନିବେଦନ କରାଯାଇଛି। ଯାଞ୍ଚ ସମୟରେ ହୋଟେଲ ମାଲିକଙ୍କୁ ସରାଇ ଆପ୍ ବିଷୟରେ ସୂଚନା ଦିଆଯାଇଛି। ଏହି ଆପ୍‌କୁ ସେମାନେ ଡାଉନ୍‌ଲୋଡ କରିବା ସହ ସେଥିରେ ଗ୍ରାହକମାନଙ୍କ ସମସ୍ତ ବିବରଣୀ ପଞ୍ଜୀକୃତ କରିବେ। ଏହାର ବ୍ୟତିକ୍ରମ ହେଲେ ହୋଟେଲ ମାଲିକଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭୁବନେଶ୍ୱର ଡିସିପି ସିଂ ସୂଚନା ଦେଇଛନ୍ତି ।

# ଜେଲ୍ ଗଲେ ଅଭିଯୁକ୍ତ ସ୍ୱାମୀ

## ଯୌତୁକ ପାଇଁ ନବବଧୂ ହତ୍ୟା ଘଟଣା

ଭୁବନେଶ୍ୱର, ୩୧।୫(ବ୍ୟୁରୋ): ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁର ଜଣେ ନବବଧୂ ପ୍ରଭାବତୀ ନାୟକଙ୍କୁ ଯୌତୁକ ପାଇଁ ହତ୍ୟା ମାମଲାରେ ଖଣ୍ଡଗିରି ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ସରକନ୍ତାର ଗାଁର ପ୍ରକାଶ କୁମାର ଖୁଣ୍ଟିଆ। ଏ ନେଇ ପୋଲିସ ଆଇପିସିର ଦଫା ୪୯୮ (ଏ)/ ୩୦୨/୩୦୪(ବି)/ ୩୪ ସମେତ ଯୌତୁକ ନିରୋଧୀ ଆଇନରେ ଏକ କେସ୍ (ନଂ.୨୮୮/୨୨) ରୁଜୁ କରି ପ୍ରକାଶଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ସରକନ୍ତରା ଗ୍ରାମର ପ୍ରକାଶ ମଧ୍ୟପ୍ରଦେଶର ଗ୍ୱାଲିଅର୍‌ରେ ଚାକିରି କରନ୍ତି। ସେ ମାଟ୍ରିମୋନିଆଲ ସାଇଟ୍ ଜରିଆରେ ଭଦ୍ରକ ତିହିଡ଼ିର ପ୍ରଭାବତୀ ନାୟକଙ୍କ ସହ ଯୋଗାଯୋଗ କରିଥିଲେ। ଗତ ମାସରେ ବୈଦିକ ରୀତିନୀତିରେ ଦୁହିଁଙ୍କର ବିବାହ ହୋଇଥିଲା। ବିବାହ ବେଳେ ପ୍ରଭାବତୀଙ୍କ ବାପଘର ଲୋକେ ଯୌତୁକ ବାବଦରେ ଘରକରଣା ସାମଗ୍ରୀ, ସାଙ୍ଗକୁ ୨୦୦ ଗ୍ରାମ ସୁନା ଗହଣା, ୪ଲକ୍ଷ ଟଙ୍କା ଦିଆଯାଇଥିଲା। କିନ୍ତୁ ବାହାଘର ପରେ ଝିଅ ଏବଂ ଶାଶୂ ଘର ଲୋକଙ୍କ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି ହେବାରୁ ପ୍ରଭାବତୀ ଓ ପ୍ରକାଶ ଗ୍ୱାଲିଅର୍‌ରେ ପଳାଇଥିଲେ। ସାବିତ୍ରୀ ବ୍ରତ ଲାଗି ୪ ଦିନ ତଳେ ଦୁହେଁ ସରକନ୍ତରାସ୍ଥିତ ଘରକୁ ଆସିଥିଲେ। ରାତି ପାହିଥିଲେ ସାବିତ୍ରୀ ବ୍ରତ କରିଥାନ୍ତେ। କିନ୍ତୁ ରବିବାର ସନ୍ଧ୍ୟାରେ ପ୍ରଭାବତୀ ଆତ୍ମହତ୍ୟା କରିଥିଲେ। ଯୌତୁକ ଲାଗି ଶାଶୁଘର ଲୋକେ ଓ ତାଙ୍କ ସ୍ୱାମୀ ତାଙ୍କୁ ନିସ୍ତୁକ ମାଡ଼ ମାରି ଜୀବନରୁ ମାରି ଦେଇଛନ୍ତି ବୋଲି ପ୍ରଭାବତୀଙ୍କ ମା' ମାଧବୀଲତା ଅଭିଯୋଗ ଆଣି ଏତଲା ଦେଇଥିଲେ। ଏହି ଅଭିଯୋଗ କ୍ରମେ ପୋଲିସ ପ୍ରକାଶଙ୍କୁ ଗିରଫ କରିଛି।



ମୁକ୍ତ ଚିନ୍ତନ ମଞ୍ଚ ଏବଂ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ 'ନାମମାଳିକା' ପୁସ୍ତକ ଉନ୍ମୋଚନ କରାଯାଉଛି ।

# ତମାଖୁ ସେବନ ନିୟନ୍ତ୍ରଣରେ ଖୋର୍ଦ୍ଧା ଶ୍ରେଷ୍ଠ

ଖୋର୍ଦ୍ଧା ଅଫିସ,୩୧।୫

ପ୍ରତିବର୍ଷ ମେ' ୩୧କୁ ବିଶ୍ୱ ତମାଖୁ ବର୍ଜନ ଦିବସ ଭାବେ ପାଳନ କରାଯାଉଛି। ତମାଖୁ ସେବନ ଯୋଗୁ ଦୈନିକ ଲକ୍ଷାଧିକ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି। ଏ ଦିଗରେ ବ୍ୟାପକ ସଚେତନତା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। କେନ୍ଦ୍ର ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ଜିଲାସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଖୋର୍ଦ୍ଧା ଜିଲାରେ ତମାଖୁ ସେବନ ନିୟନ୍ତ୍ରଣ ଦିଗରେ ସଫଳ ପ୍ରୟାସ ଏବଂ ସ୍କୁଲ, କଲେଜ, ଛାତ୍ରୀଛାତ୍ର, ସ୍ୱାସ୍ଥ୍ୟକର୍ମୀ, ଜନସାଧାରଣଙ୍କୁ ନେଇ ଜନ ସଚେତନତା ଆଦି ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଲାଗି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲାକୁ ଶ୍ରେଷ୍ଠ ଜିଲା ଭାବେ ପୁରସ୍କୃତ କରାଯାଇଛି। ଭୁବନେଶ୍ୱର ସୂଚନା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲଙ୍କ ଠାରୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକ ପୁରସ୍କାର ଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ(ଏନଟିସିପି)କୁ ସଫଳତାର ସହ କାର୍ଯ୍ୟକାରୀ କରି ରାଜ୍ୟରେ ଖୋର୍ଦ୍ଧା ଜିଲା ଶ୍ରେଷ୍ଠତା ହାସଲ କରିଛି।

ସୂଚନା ମୁତାବକ, ୨୦୧୬ ଠାରୁ ୨୦୨୦-୨୧ ମଧ୍ୟରେ ୯୭୪ ଜଣଙ୍କଠାରୁ ୧ଲକ୍ଷ ୧୮ହଜାର ୭୩୬ ଟଙ୍କା ଜରିମାନା ଆଦାୟ କରାଯାଇଛି। ୫୦୯୪୭ଙ୍କୁ କାଉନସେଲିଂ କରାଯାଇଛି। ୮୧୪ଜଣ ତମାଖୁ ସେବନ ଛାଡିଛନ୍ତି। ୬୯ ଜଣଙ୍କୁ ଫାର୍ମାକୋଥେରାପି ଚିକିତ୍ସା ଦିଆଯାଇଛି। ୧୯୮ ଶିକ୍ଷାନୁଷ୍ଠାନରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏତଦ୍‌ବ୍ୟତୀତ ୨୦୨୧ ଏପ୍ରିଲଠାରୁ ମାର୍ଚ୍ଚ ୨୦୨୨ ମଧ୍ୟରେ ତମାଖୁ ନିୟନ୍ତ୍ରଣ (ଏନଟିସିପି) ଦିଗରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

## 'ଲୋକଙ୍କ ମନ ସହ ମିଶିବା ଦରକାର'

ଭୁବନେଶ୍ୱର, ୩୧।୫(ବ୍ୟୁରୋ)

ଲୋକଙ୍କ ସହ ନୁହେଁ ଲୋକଙ୍କ ମନ ସହ ମିଶିବା ଦରକାର। ୨୦୩୬ରେ ଓଡ଼ିଶା ୧୦୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଉତ୍କଳରୁ ଓଡ଼ିଶା ହେବାର ଯାତ୍ରାକୁ ଉନ୍ନତ କରି ଏହାର ସମୃଦ୍ଧି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମଙ୍ଗଳବାର ସ୍ଥାନୀୟ ସଂକଳ୍ପ କନ୍‌ଭେନସନ୍‌ଠାରେ ଆୟୋଜିତ ଦୁଇଦିନିଆ କାର୍ଯ୍ୟକ୍ରମ 'ଶତାବ୍ଦୀର ଓଡିଶା'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ସେ କହିଛନ୍ତି, ଓଡିଶା ବହୁ ଖଣିଜ ପଦାର୍ଥର ଗନ୍ତାଘର। ଯଦି ଆମେ ଏହାର ସଦୁପଯୋଗ କରିବା ତେବେ ଓଡିଶା ୧୦୦ ବର୍ଷ ପୂରଣ କରିବା ବେଳକୁ ଆମର ସ୍ୱପ୍ନର ଓଡିଶାରେ ପରିଣତ ହୋଇସାରିଥିବ। ଅନ୍ୟ ଅତିଥିଙ୍କ ମଧ୍ୟରେ ପୂର୍ବତନ ରାଜ୍ୟ ସୂଚନା କମିଶନର ଜଗଦାନନ୍ଦ, ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଫୋରମ୍ ଫର ସ୍ମାର୍ଟ ସିଟିଜେନ୍ସର ପ୍ରତିଷ୍ଠାତା ବିଜୟ କୁମାର ପଟ୍ଟନାୟକ, ସଂକଳ୍ପ ଟିଭି ମିଡିଆର ପ୍ରତିଷ୍ଠାତା ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସଂକଳ୍ପ ଟିଭି ଦ୍ୱାରା ଆୟୋଜିତ କିଚେନ୍ ଗାର୍ଡେନ୍ ପ୍ରତିଯୋଗିତାର ୭ ବିଜେତାଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା।

## ମହାପ୍ରଭୁଙ୍କୁ ଦର୍ଶନ କଲେ ପିସିସି ସଭାପତି



ପୁରୀ ଅଫିସ,୩୧।୫

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ମଙ୍ଗଳବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ସେ ମଧ୍ୟାହ୍ନରେ ପୁରୀ ହରେକୃଷ୍ଣପୁର ଛକରେ ପହଞ୍ଚିବା ପରେ ନେତା ସୁଜିତ୍ ମହାପାତ୍ରଙ୍କ ନେତୃତ୍ୱରେ ଯୁବ କର୍ମୀଙ୍କ ସହ ବାଇକ୍‌ରେ ଶୋଭାଯାତ୍ରା କରି ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ପରେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ପ୍ରବେଶ କରି ରତ୍ନସିଂହାସନ ରଢ ଦାରୁ ବିଗ୍ରହଙ୍କୁ ଦର୍ଶନ କରିଥିଲେ। ଦର୍ଶନ ସମୟରେ ତାଙ୍କ ସହ ଇଂ.ରାଜେଶ ମିଶ୍ର, ଜିଲା ସଭାପତି ପ୍ରେମଜିତ ମହାନ୍ତି, ଉପସଭାପତି ଚନ୍ଦ୍ରଶେଖର କର, ଯୁବ ସଭାପତି ବିଶ୍ୱରଞ୍ଜନ ମହାପାତ୍ର, ମହିଳା ସଭାପତି ନିରୁପମା ପାତ୍ର, ଉମା, ବିଶ୍ୱକେତନ ହରିଚନ୍ଦନ, ବିନାୟକ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀମନ୍ଦିରରୁ ଫେରି ଗଣମାଧ୍ୟମକୁ କହିଥିଲେ, ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ପୁଣି ରାଜ୍ୟରେ କଂଗ୍ରେସ ସଂଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବି। ଶାସକ ଦଳର ଦୁର୍ନୀତି ପ୍ରସଙ୍ଗକୁ ନେଇ ଅଗାମୀ ଦିନରେ ବିଜେଡିକୁ ହଟାଇବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ କରାଯିବ। ଦରଦାମ୍ ବୃଦ୍ଧିକୁ ନେଇ ମୋଦି ସରକାରଙ୍କ ବିରୋଧରେ ଜନଅସନ୍ତୋଷକୁ ପାଥେୟ କରି ଭାଜପା ବିରୋଧରେ କଂଗ୍ରେସ ଲଢେଇ କରିବ ବୋଲି ପିସିସି ସଭାପତି କହିଛନ୍ତି। ଐତିହ୍ୟ କରିଡର ପ୍ରକଳ୍ପରେ ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ମତକୁ ସମ୍ମାନ ଦେଇ ଆଗାମୀ ଦିନରେ ରାଜ୍ୟ ଓ କେନ୍ଦ୍ର ସରକାର ଆଇନ ମୁତାବକ କାର୍ଯ୍ୟ କରିବା ଉଚିତ ବୋଲି ପିସିସି ସଭାପତି ମତ ପ୍ରକାଶ କରିଥିଲେ।

# ଅରବିନ୍ଦ ପଟ୍ଟନାୟକଙ୍କ ଅରବିନ୍ଦାୟନ ଉନ୍ମୋଚିତ


ଅତିଥିମାନେ ଅରବିନ୍ଦାୟନ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ।

ଭୁବନେଶ୍ୱର,୩୧।୫(ବ୍ୟୁରୋ)

ଲୋକ ସଂସ୍କୃତିର ଗବେଷକ ତଥା ଓଡ଼ିଶା ସାହିତ୍ୟକୁ ଋଦ୍ଧିମନ୍ତ କରିଥିବା ସ୍ରଷ୍ଟା ଡ. ଅରବିନ୍ଦ ପଟ୍ଟନାୟକଙ୍କ ପୁସ୍ତକ 'ଅରବିନ୍ଦାୟନ' ମଙ୍ଗଳବାର ଲୋହିଆ ଏକାଡେମୀଠାରେ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି, 'ଅରବିନ୍ଦାୟନ'ରୁ ଡ. ପଟ୍ଟନାୟକଙ୍କ ସାରସ୍ୱତ ସାଧନା ଓ ଐତିହ୍ୟ କ୍ଷେତ୍ରରେ ରଖିଥିବା ପଦଚିହ୍ନକୁ ଜାଣିବାର ଅବକାଶ ମିଳିବ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ. ବ୍ୟୋମକେଶ ତ୍ରିପାଠୀ କହିଛନ୍ତି, ଅରବିନ୍ଦ ପଟ୍ଟନାୟକ ସାହିତ୍ୟ ସାଧନା ତାଙ୍କ ଜୀବନକୁ ପ୍ରଭାବଶାଳୀ କରିପାରିଛି। ନିଷ୍ଠାର ସହ ନିଜର ସାହିତ୍ୟ ସାଧନା ସେ ଜାରି ରଖିଛନ୍ତି। ମୁଖ୍ୟବକ୍ତା ତଥା ସମୀକ୍ଷକ ଅସିତ ମହାନ୍ତି 'ଅରବିନ୍ଦାୟନ'ରୁ କେବଳ ସ୍ରଷ୍ଟାଙ୍କ ସାହିତ୍ୟ ଜୀବନ ନୁହେଁ, ସମକାଳୀନ ସାହିତ୍ୟିକ ପରିବେଶର ସ୍ପନ୍ଦନ ବାରି ହୋଇଯାଏ ବୋଲି କହିଥିଲେ। ଉତ୍ସବରେ ଅଧକ୍ଷତା କରି ଶିଶୁ ସାହିତ୍ୟିକ ଦାଶ ବେନହୁର ପଟ୍ଟନାୟକଙ୍କ ସାଧନା ଓ ଜୀବନଚର୍ଯ୍ୟା ସମ୍ପର୍କରେ ଉଲ୍ଲେଖ କରିଥିଲେ। ପୁସ୍ତକର ସମ୍ପାଦନା ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ କରିଥିଲେ। ଉତ୍ସବରେ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୀପଙ୍କର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବେବିନା ବେହେରା, ସୁମନ କୁମାର ବେହେରା ଓ ପ୍ରଶାନ୍ତ କୁମାର ସ୍ୱାଇଁ ଉତ୍ସବ ପରିଚାଳନା କରିଥିଲେ।

# ରାଜଧାନୀରୁ ଲୁଟ୍, ବାହାର ଜିଲାରେ ବିକ୍ରି

## ଧରାପଡ଼ିଲା ବାଇକ୍ ଲୁଟେରା ଗ୍ୟାଙ୍ଗ୍

- କ୍ରେତାଙ୍କ ସମେତ ୪ ଗିରଫ, ୧୦ ବାଇକ୍ ଜବତ
- ରିମାଣ୍ଡରେ ଆଣି ତଥ୍ୟ ହାସଲ କରିବ ପୋଲିସ

ଭୁବନେଶ୍ୱର, ୩୧।୫(ବ୍ୟୁରୋ): ରାଜଧାନୀର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରୁଥିଲେ। ପରେ ଧରାପଡ଼ିବା ନ ଲାଗି ଉକ୍ତ ଚୋରା ଗାଡ଼ିଗୁଡ଼ିକୁ ରାଜ୍ୟର ଗଞ୍ଜାମ, ନୟାଗଡ଼ ଆଦି ବାହାର ଜିଲାରେ ବିକ୍ରି କରୁଥିଲେ। ଏହି ବାଇକ ଲୁଟେରା ଗ୍ୟାଙ୍ଗ୍ ୩ ସଦସ୍ୟଙ୍କ ସମେତ ଜଣେ କ୍ରେତା (ରିସିଭର)ଙ୍କୁ ମଙ୍ଗଳବାର ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ଢୁମୁଢୁମା ରଘୁନାଥନଗରର ଦୀପକ କୁମାର ସାହୁ (୨୮), ହେମନ୍ତ ପାତ୍ର (୨୨), ଢୁମୁଢୁମା ଅଞ୍ଚଳର ସେଖ୍ ନୁର୍ ଆଲମ (୨୭) ଓ ଢୁମୁଢୁମା ସତ୍ୟନଗରର କ୍ରେତା ସୁକାନ୍ତ ବେହେରା (୩୭)। ଏମାନଙ୍କଠାରୁ ୮ଟି ବାଇକ୍ ଜବତ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ. ୨୫୫/୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏମାନଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି। ଏହି ଗ୍ୟାଙ୍ଗରେ ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଥିବା ପୋଲିସ ସନ୍ଦେହ କରୁଛି। ତେଣୁ ଗିରଫ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବାକୁ ଖଣ୍ଡଗିରି ଥାନା ପୋଲିସ ଯୋଜନା ରଖିଛି ।


ଗିରଫ ଅଭିଯୁକ୍ତ ଏବଂ ଜବତ ଗାଡ଼ି ।

ସୂଚନା ଅନୁଯାୟୀ, ଖଣ୍ଡଗିରି ଥାନା ଅନ୍ତର୍ଗତ ପଞ୍ଚସଖା ନଗର ପ୍ଲଟ୍ ନଂ-ଏଲ୍-୨୨/୮ ଆଇଟିଆର୍ ହଷ୍ଟେଲ୍ ନିକଟରେ ସରୋଜ କୁମାର ମହାପାତ୍ର ରହନ୍ତି। ଗତ ୧୯ ତାରିଖରେ ସରୋଜ ନିଜ ଘର ଗ୍ୟାରେଜରେ ତାଙ୍କର ସ୍ପ୍ଲେଣ୍ଡର-ପ୍ରୋ ବାଇକ୍‌କୁ ତାଲା ପକାଇ କୌଣସି କାମରେ ବାହାରକୁ ଯାଇଥିଲେ। ଘରକୁ ଫେରି ଦେଖିବାବେଳକୁ ଗ୍ୟାରେଜରେ ତାଙ୍କ ବାଇକ୍ ନ ଥିଲା। ବହୁ ଖୋଜାଖୋଜି କରିବା ପରେ ବାଇକ୍ ପାଇ ନ ଥିଲେ। ତାହା ଚୋରି ହୋଇଥିବା ପରେ ଜାଣିବାକୁ ପାଇଥିଲେ। ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ପ୍ରାଥମିକ ତଦନ୍ତ କରିଥିଲା। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ ସହ ଲୋକଙ୍କୁ ପଚରାଉଚରା କରିଥିଲା। ପରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ତଦନ୍ତ କରି ଏହି ବାଇକ ଲୁଟେରା ଗ୍ୟାଙ୍ଗ୍‌କୁ ଧରିବାରେ ସଫଳ ହୋଇଥିଲା।


ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ମଙ୍ଗଳବାର ଅନିଶ ଇଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଚଳଚ୍ଚିତ୍ର 'ମାୟାବୀ'ର ମ୍ୟୁଜିକ୍ ସିଡୀ ଉନ୍ମୋଚନ କରାଯାଉଛି ।



ସମାନ କାମକୁ ସମାନ ଦରମା ଏବଂ ଅନ୍ୟାନ୍ୟ ଦାବିରେ ଏଆଇସିସିଟିୟୁ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।



ଭୁବନେଶ୍ୱରସ୍ଥିତ ଓୟୁଏଟି କ୍ୟାମ୍ପସ ପରିସରରେ ମଙ୍ଗଳବାର ବେସିକ୍ ସାଇନ୍ସ କଲେଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

## ସାଇକେଲ୍ ଆରୋହୀଙ୍କଠାରୁ ୫୬ହଜାର ଟଙ୍କା ଲୁଟ୍

ସାଲେପୁର,(ଡି.ଏନ୍.ଏ.): ସାଲେପୁର କୋର୍ଟ ଛକ ନିକଟରୁ ପିକୋଲ ଗ୍ରାମର ବିପିନା ସାମଲଙ୍କଠାରୁ ୫୬ ହଜାର ଟଙ୍କା ଲୁଟ୍ ହୋଇଛି। ଏନେଇ ସେ ସାଲେପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ସାଲେପୁର ଷ୍ଟେଟ ବ୍ୟାଙ୍କରୁ ଟଙ୍କା ଉଠାଇ ଏକ ବ୍ୟାଗ୍‌ରେ ରଖି ଘରକୁ ଫେରୁଥିଲେ। କୋର୍ଟ ଛକରେ ୨ ଜଣ ଯୁବକ କଳା ପଲ୍‌ସରରେ ଆସି ତାଙ୍କୁ ଧକ୍କା ମାରି ପକାଇଦେବା ସହ ବ୍ୟାଗକୁ ଛଡ଼ାଇ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ୱାର୍ଲ୍ଡ ହ୍ୟୁମାନ ରାଇଟ୍ସ ପ୍ରୋଟେକ୍ସନ ଅର୍ଗାନାଇଜେଶନ ପକ୍ଷରୁ ଅନ୍ତର୍ଜାତୀୟ କର୍ମଶାଳା, ସୂଚନା ଭବନ, ପୂର୍ବାହ୍ନ ୧୦ଟା।
- ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ଗଣ ଆନ୍ଦୋଳନ, ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଅଧିକାର ଯାତ୍ରା-୩ର ୪୭ତମ ଦିବସ ଅବସରରେ ରାଲି, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ 'ଗାଲାକ୍ସି ଅଫ୍ ଷ୍ଟାର୍ସ'ର ଉଦ୍‌ଘାଟନୀ ଉତ୍ସବ, ସ୍କୁଲ ପରିସର, ପୂର୍ବାହ୍ନ ୧୧ଟା ୩୦।
- ସଂକଳ୍ପ ପକ୍ଷରୁ 'ଶତାବ୍ଦୀର ଓଡ଼ିଶା'ର ୨ ଦିନିଆ କାର୍ଯ୍ୟକ୍ରମର ଉଦ୍‌ଘାଟନ, ସଂକଳ୍ପ ମିଡିଆ ଓ କନ୍‌ଭେନ୍‌ଶନ, ଇନ୍‌ଫୋସିଟି ରୋଡ୍, ମଧ୍ୟାହ୍ନ ୧୨ଟା।
- କାବ୍ୟଲୋକ ପକ୍ଷରୁ ଘନବିହାରୀ ମହାରଣାଙ୍କ ଗଳ୍ପ ସଂକଳନ 'ଆକାଶର ଛାଇ' ଉନ୍ମୋଚନ ଉତ୍ସବ, ବୁଦ୍ଧ ମନ୍ଦିର, ୟୁନିଟ୍-୯, ଅପରାହ୍ନ ୫ଟା।
- ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ 'ସମର୍ପଣ' ସଙ୍ଗୀତ ସନ୍ଧ୍ୟା, ସୂଚନା ଭବନ, ସନ୍ଧ୍ୟା ୬ଟା।

ବାଲିଅନ୍ତା
- ଶ୍ରୀଶ୍ରୀ ହନୁମାନଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ବାଲିଅନ୍ତା ତଳଗଡସ୍ଥିତ ବେଲେଶ୍ୱର ପୀଠ ପରିସର, ପୂର୍ବାହ୍ନ ୯ଟା।

# ଶ୍ରୀକ୍ଷେତ୍ର ମଠ, ମନ୍ଦିରରେ ୬ ଗୁପ୍ତ ସୁଡ଼ଙ୍ଗ

ପୁରୀ ଅଫିସ,୩୧।୫

ଶ୍ରୀକ୍ଷେତ୍ରର ବିଭିନ୍ନ ମଠରେ ଏକାଧିକ ସୁଡ଼ଙ୍ଗ ଥିବାବେଳେ ସେଗୁଡ଼ିକ କେତେଦୂର ଯାଏ ଲମ୍ବିଛି, ତାହା ଏବେ ବି ରହସ୍ୟ ହୋଇରହିଛି। ବିଗତ ଦିନରେ ଦେଖାଯାଇଥିବା ସୁଡ଼ଙ୍ଗକୁ ନେଇ ପ୍ରଶାସନ ପକ୍ଷରୁ ଅନୁସନ୍ଧାନ ଜାରି ରହିଥିଲେ ମଧ୍ୟ ନିଷ୍କର୍ଷ କିଛି ବାହାରିପାରି ନାହିଁ। ଏଭଳି ସମୟରେ ମଙ୍ଗଳବାର ସ୍ଥାନୀୟ ଶ୍ୱେତଗଙ୍ଗା ପୁଷ୍କରିଣୀ ନିକଟସ୍ଥ ଗଙ୍ଗମାତା ମଠରେ ଥିବା ଗୁପ୍ତ ସୁଡ଼ଙ୍ଗ ପୁଣି ଚର୍ଚ୍ଚା ପରିସରକୁ ଆସିଛି। ଶ୍ରୀକ୍ଷେତ୍ର ପରମ୍ପରା ସହ ଜଡ଼ିତ ଏକମାତ୍ର ଗଙ୍ଗାମାତା ମଠରେ ଏହି ସୁଡ଼ଙ୍ଗ ନୁହେଁ। ଶ୍ରୀମନ୍ଦିର ପାଖରେ ଥିବା ଅନେକ ମଠର ସୁଡ଼ଙ୍ଗ ଶ୍ରୀମନ୍ଦିର ଯାଏଁ ଲମ୍ବିଥିବା ଐତିହାସିକମାନେ ମତ ଦେଉଛନ୍ତି। ସେମାନଙ୍କର ଏହି ଦାବି ଶ୍ରୀମନ୍ଦିରର ସୁରକ୍ଷା ଉପରେ ଆଶଙ୍କା ସୃଷ୍ଟି କରୁଛି। ସୁଡ଼ଙ୍ଗ ଭିତରେ ମୂଲ୍ୟବାନ୍ ପଦାର୍ଥ, ଗୁପ୍ତଧନ ଥିବାର ସମ୍ଭାବନାକୁ ନେଇ ମଧ୍ୟ ଅଧିକାଂଶ ସମୟରେ ଚର୍ଚ୍ଚା ହେଉଛି। ଏଭଳିସ୍ଥଳେ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନର ମିଳିତ ଉଦ୍ୟମରେ ସୁଡ଼ଙ୍ଗର ରହସ୍ୟକୁ ଦୂର କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

ଐତିହ୍ୟ ବିଶାରଦ ସୁରେନ୍ଦ୍ର କୁମାର ମିଶ୍ରଙ୍କ କହିବା ଅନୁଯାୟୀ, ରାଧାକାନ୍ତ ମଠ ସୁଡ଼ଙ୍ଗ, ଗଙ୍ଗାମାତା ମଠ ସୁଡ଼ଙ୍ଗ, ଏମାର ମଠ ସୁଡ଼ଙ୍ଗ, ଶ୍ରୀମନ୍ଦିର ବାହାର ବେଢ଼ାର ଉତ୍ତରପଟ ସୁଡ଼ଙ୍ଗ ଓ ଶଙ୍କାରନନ୍ଦ ସୁଡ଼ଙ୍ଗକୁ ମିଶାଇ ସମୁଦାୟ ୬ଟି ସୁଡ଼ଙ୍ଗ ରହିଛି। ଗଙ୍ଗାମାତା ମଠ ସୁଡ଼ଙ୍ଗର ଦୁଇଟି ମୁହଁ ରହିଛି। ଗୋଟିଏ ଶ୍ରୀମନ୍ଦିର ଦିଗକୁ ଓ ଅନ୍ୟଟି ସମୁଦ୍ର ଦିଗକୁ। ପୂର୍ବ ମହନ୍ତଙ୍କ କହିବା ଅନୁଯାୟୀ, ସୁଡ଼ଙ୍ଗ ଦେଇ ଭିତରକୁ ଗଲେ ଘୁ ଘୁ ଗର୍ଜନ ଶୁଭୁଛି। ସୁଡ଼ଙ୍ଗ ସମ୍ପର୍କରେ ଇଂରେଜ ସରକାର ଅବଗତ କରାଇଥିଲେ। ସେତେବେଳେ ମହନ୍ତ ବନମାଳୀ ଦାସଙ୍କ ନିକଟକୁ ଲଣ୍ଡନରୁ ସୁଡ଼ଙ୍ଗକୁ ନେଇ ଏକ ପତ୍ର ଆସିଥିଲା। ୨୦୧୧ରେ ମଠର ତତ୍ତ୍ୱାବଧାରକଙ୍କୁ ଆମେ ଭେଟିଥିଲୁ। ସେ କହିଥିଲେ, ଏହି ସୁଡ଼ଙ୍ଗ ଦେଇ ଶ୍ରୀଚୈତନ୍ୟ ଶ୍ରୀମନ୍ଦିରକୁ ଆସି ମଠରେ ପହଞ୍ଚିଥିଲେ। ସେହିଭଳି ୧୯୪୭ ମସିହା ପର୍ଯ୍ୟନ୍ତ ଗଜପତିମାନେ ଏହି କ୍ଷେତ୍ରରେ ରହୁଥିବା ନଅର ଚଳଚଞ୍ଚଳ ଥିଲା। ନଅରକୁ କେନ୍ଦ୍ର କରି ଅନେକ ସୁଡ଼ଙ୍ଗ ବିଭିନ୍ନ ଦିଗରୁ ରହିଥିଲା। ଏହି ସୁଡ଼ଙ୍ଗ ଶ୍ରୀମନ୍ଦିର ସହ ମଧ୍ୟ ସଂଶ୍ଲିଷ୍ଟ ଥିଲା। ମାତ୍ର ସୁଡ଼ଙ୍ଗଗୁଡ଼ିକର ପୁନରୁଦ୍ଧାର ହୋଇପାରୁ ନ ଥିବା ହେତୁ ଶ୍ରୀମନ୍ଦିର ସହ ସୁଡ଼ଙ୍ଗ କେଉଁ ଦିଗରୁ ସଂଯୋଗ ହୋଇଛନ୍ତି ତାହା ଜଣାପଡ଼ିପାରୁ ନାହିଁ।

### ଏଏସ୍‌ଆଇ ରହସ୍ୟ ଉନ୍ମୋଚନ କରୁ : ଶ୍ରୀମନ୍ଦିର ପ୍ରଶାସନ



ଅନ୍ୟପକ୍ଷେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଶ୍ରୀମନ୍ଦିର ପରିସରରେ କିମ୍ବା ନିକଟରେ ସେଭଳି କୌଣସି ସୁଡ଼ଙ୍ଗ ନଜରକୁ ଆସୁନାହିଁ। ସୁଡ଼ଙ୍ଗ ପୂର୍ବରୁ ଥାଇପାରେ,

### ଶ୍ରୀମନ୍ଦିର ସୁରକ୍ଷା ନେଇ ଆଶଙ୍କା

■ଅନୁସନ୍ଧାନ, ପୁନରୁଦ୍ଧାର ଦାବି

ମାତ୍ର ଏବେ ସେସମ୍ପର୍କରେ ଜାଣିବା ପାଇଁ ଅନେକ କସରତ କରିବାକୁ ପଡ଼ିବ। ଏଏସ୍‌ଆଇ ସୁଡ଼ଙ୍ଗ ସମ୍ପର୍କରେ ତଥ୍ୟ ଯୋଗାଡ଼ କରିବା ସହ ଅନୁସନ୍ଧାନ କରୁ। ସୁଡ଼ଙ୍ଗର ରହସ୍ୟ ଉନ୍ମୋଚନ ଓ ପୁନରୁଦ୍ଧାର ପାଇଁ ଜିଲା ପ୍ରଶାସନ ପୂର୍ବରୁ ଏକ କମିଟି ଗଠନ ହୋଇଥିଲା। ଅନେକ ଗବେଷକ ମଧ୍ୟ ସୁଡ଼ଙ୍ଗକୁ ପ୍ରବେଶ କରିବାକୁ ଉଦ୍ୟମ କରିଛନ୍ତି। ମାତ୍ର କୌଣସି ସୁଫଳ ମିଳିପାରିନାହିଁ। ପୁନରୁଦ୍ଧାର ସମ୍ପର୍କରେ ଏଏସ୍‌ଆଇ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ଶ୍ରୀମନ୍ଦିର ପୁନରୁଦ୍ଧାର ଓ ସଂରକ୍ଷଣ ଦାୟିତ୍ୱ ଏଏସ୍‌ଆଇ ପାଖରେ ରହିଥିବା ବେଳେ ମଠ ସହ କୌଣସି ସମ୍ପର୍କ ନାହିଁ। ମଠର ପୁନରୁଦ୍ଧାର କିମ୍ବା ସଂରକ୍ଷଣ କରିବା ଦାୟିତ୍ୱ ଏଏସ୍‌ଆଇ ଅଧୀନ ନୁହେଁ। ଏଣୁ ଜିଲା ପ୍ରଶାସନ ଏହି କାର୍ଯ୍ୟ କରିପାରିବ। ସୁଡ଼ଙ୍ଗ ଦୀର୍ଘଦିନ ଧରି ରହିଆସିଛି ଓ ଏ ସମ୍ପର୍କରେ ପୁରୀ ସହରବାସୀ ଅବଗତ ଅଛନ୍ତି। ମାତ୍ର ଏହା ପଛରେ କ'ଣ ରହସ୍ୟ ରହିଛି ତାହାକୁ ନେଇ ଜିଲା ପ୍ରଶାସନ ଉଦ୍ୟମ କରାଯିବା ଦରକାର ବୋଲି ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com




@ ସନ୍ତୋଷ



@ ଦିଶାମ୍ବର



@ ମୃତ୍ୟୁଞ୍ଜୟ



@ ସତ୍ୟବ୍ରତ



@ ଯୁଧିଷ୍ଠିର



@ ରଞ୍ଜନ

## ସଂକ୍ଷେପରେ

### ନୃତ୍ୟ ପଲ୍ଲବରେ ଦୁର୍ଗାସ୍ତୁତି, କୃଷ୍ଣରାସ

ଭୁବନେଶ୍ୱର,୩୧।୫(ବ୍ୟୁରୋ): ଶ୍ରୀମୟୀ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ମଙ୍ଗଳବାର ଭଞ୍ଜକଳା ମଣ୍ଡପରେ 'ନୃତ୍ୟ ପଲ୍ଲବ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୁରୁ ଗୋବିନ୍ଦ ପାଳ, ଓଡ଼ିଶୀ ନୃତ୍ୟଶିଳ୍ପୀ ଚପଳା ମିଶ୍ର, ଗୁରୁ ଆଲୋକ ଦାସ, ଓଡ଼ିଶୀ ସଙ୍ଗୀତ କଣ୍ଠଶିଳ୍ପୀ ଗୁରୁ ନିମାକାନ୍ତ ରାଉତରାୟ ଏବଂ ଶ୍ରୀମୟୀ ନୃତ୍ୟ ଅନୁଷ୍ଠାନର ନିର୍ଦ୍ଦେଶିକା ଗୁରୁ ଇତିଶ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଶ୍ରୀମୟୀ ନୃତ୍ୟ ଅନୁଷ୍ଠାନର ଶିଳ୍ପୀମାନେ ଦ୍ୱୈତ୍ୟ ଓ ଦଳଗତ ନୃତ୍ୟରେ ମଙ୍ଗଳାଚରଣ, ଦୁର୍ଗାସ୍ତୁତି, କୃଷ୍ଣରାସ, ଦୀପଂଜ୍ୟୋତି, ଛାନ୍ଦ ଆଦି ପରିବେଷଣ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ଇତିଶ୍ରୀ ମହାନ୍ତି ଓ ମୁଗ୍ଧା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ମଙ୍ଗଳବାର ଶ୍ରୀମୟୀ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ 'ନୃତ୍ୟ ପଲ୍ଲବ' କାର୍ଯ୍ୟକ୍ରମରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

### ନାବାଳିକା ଉଦ୍ଧାର, ଅପହରଣକାରୀ ଗିରଫ

ଖୁଣ୍ଟୁଣୀ,୩୧।୫ (ଡି.ଏନ.ଏ.): ଖୁଣ୍ଟୁଣୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଖୁଣ୍ଟୁଣୀ ଦଳିତ ସାହିର ସଞ୍ଜୟ ମଲ୍ଲିକ(୨୨)। ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବିକାଶ କୁମାର ସେଠୀଙ୍କ ସୂଚନା ଅନୁଯାୟୀ, ସଞ୍ଜୟ ସମ୍ପୃକ୍ତା ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ସୋମବାର ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୧୨/୨୨) ରୁଜୁ କରିଥିଲା। ତଦନ୍ତବେଳେ ଅଭିଯୁକ୍ତ ଟାଙ୍ଗୀ ଅଞ୍ଚଳରେ ଥିବା ଜଣାପଡିଥିଲା। ପରେ ପୋଲିସ ସେଠାରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରି ତାଙ୍କ ପରିବାର ଲୋକଙ୍କ ଜିମା ଦେଇଥିଲା।

## ଏମ୍ସରେ ୧୫୦୦ ପଦବୀ ଖାଲି

ଭୁବନେଶ୍ୱର,୩୧।୫(ବ୍ୟୁରୋ)

ଏମ୍ସରେ ଖାଲିପଡ଼ିଛି ୧୫୦୦ ପଦବୀ। ସୂଚନା ଅଧିକାର ଆଇନ ବଳରେ ଏହି ତଥ୍ୟ ଜଣାପଡ଼ିଛି। ମାନବିକ ଅଧିକାର କର୍ମୀ ଅଖଣ୍ଡ ସୂଚନା ଅଧିକାର ଆଇନ ବଳରେ ଏମ୍ସରେ କେତେ ସଂଖ୍ୟକ କର୍ମଚାରୀ ଅଛନ୍ତି ଏବଂ କେତେ ପଦବୀ ଖାଲି ପଡିଛି, ସେ ସମ୍ପର୍କରେ ତଥ୍ୟ ମାଗିଥିଲେ। ଏହାର ଉତ୍ତରରେ ଏମ୍ସ ଜନ ସୂଚନା ଅଧିକାରୀ ଦେଇଥିବା ଚିଠିରୁ ଜଣାପଡ଼ିଛି, ପ୍ରାୟ ୧୫ଶହ ପଦବୀ ଖାଲିପଡ଼ିଛି । ୭୯ ଫାକଲ୍ଟି ପଦବୀ ଖାଲି ଥିବାବେଳେ ୧୪୧୪ ଅଣଫାକଲ୍ଟି ପଦବୀ ଖାଲି ରହିଛି। ୨୦୨୦ ମସିହାରେ ୧୯୭୮ଟି ପଦବୀ ଖାଲି ଥିଲା। ୨ବର୍ଷ ପରେ ୪୭୮ ପଦବୀ ପୂରଣ ହୋଇଥିଲେ ବି ୧୫ଶହ ପଦବୀ ଏପର୍ଯ୍ୟନ୍ତ ପୂରଣ ହୋଇପାରୁ ନାହିଁ।

# ରାତି ୧୧ ରେ ବରାନୁଗମନ, ବରଯାତ୍ରୀ ଯିବେ ୨ଶହ

ପୁରୁଣା ଭୁବନେଶ୍ୱର,୩୧।୫(ଡି.ଏନ୍.ଏ.)

ଆସନ୍ତା ୪ ତାରିଖରେ ଶୀତଳଷଷ୍ଠୀ। ଏହି ଅବସରରେ ପ୍ରଭୁ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ ଦେବଦମ୍ପତିଙ୍କ ମଧ୍ୟରେ ବିଧି ମୁତାବକ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ମଙ୍ଗଳବାର ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିର ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ପ୍ରସାଦ ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ଶ୍ରୀଜୀଉଙ୍କ ବିବାହ ନୀତି ଓ ଫେରନ୍ତା ଶୀତଳଷଷ୍ଠୀ ନେଇ ନୀତିନିର୍ଘଣ୍ଟ କରାଯାଇଥିଲା। ସକାଳ ୬ଟା ୩୦ରେ ମଙ୍ଗଳ ଆଳତି, ଅବକାଶ, ୬ଟାରୁ ୯ଟା ୩୦ ମଧ୍ୟରେ ସାହାଣମେଲା ଦର୍ଶନ, ସକାଳ ୭ଟାରେ କୋଠରୋଷ ଧୋପଖାଳ ଏବଂ ହୋମ ଓ ପାକକାର୍ଯ୍ୟ ଆରମ୍ଭ, ପୂର୍ବାହ୍ନ ୧୦ଟାରେ ମହାସ୍ନାନ, ୧୦ଟା ୨୦ରୁ ୧୧ଟା ମଧ୍ୟରେ ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ,



### ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ଯାତ୍ରା ବୈଠକ

ଠାକୁରାଣୀ ବଲ୍ଲଭ, ୧୨ଟା ୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ, ୩ଟାରୁ ୫ଟା ପର୍ଯ୍ୟନ୍ତ ବଲ୍ଲଭ ଦ୍ୱିପ୍ରହର ଧୂପ, ଠାକୁରାଣୀଙ୍କ ଦ୍ୱିପ୍ରହର ଧୂପ, ସନ୍ଧ୍ୟା ୫ଟାରୁ ୬ଟା ପହୁଡ଼, ୬ଟାରୁ ୬ଟା ୩୦ ସନ୍ଧ୍ୟା ଆଳତି ଓ ଟେରାଫିଟା ନୀତି, ୬ଟା ୩୦ରୁ ରାତି ୮ଟା ବେଶ, ସନ୍ଧ୍ୟାଧୂପ ପରେ ଦିଅଁ ବିଜେ, ଠାକୁରାଣୀଙ୍କ ସନ୍ଧ୍ୟାଧୂପ, ରାତି ୮ଟାରେ ଶ୍ରୀ କପିଳନାଥ ବିଜେ, ୮ଟାରୁ ୯ଟା ବଡ଼ସିଂହାର, ପଞ୍ଚବକ୍ତ୍ର ବିଜେ, ପୁଷ୍ପାଞ୍ଜଳି ଓ ପହୁଡ଼, ରାତି ୯ଟାରୁ ୧୦ଟା ୩୦ ମନ୍ଦିର ମଧ୍ୟରେ ବରଯାତ୍ରୀ ଭୋଜି(୨୦୦ ଜଣଙ୍କ ପାଇଁ), ରାତି ୧୧ଟାରେ ବରାନୁଗମନ, ରାତ୍ର ୧୨ଟା ୩୦ରୁ ୪ଟା ୩୦ ମଧ୍ୟରେ ବିବାହ ପାଇଁ ନୀତିନିର୍ଘଣ୍ଟ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବଡୁ ନିଯୋଗ ସଭାପତି ଅଞ୍ଚଳ ବଡୁ, ପ୍ରଶାନ୍ତ ସମର୍ଥା, ବିଶୋଇ, ଆପଟିଆ ଓ ଅନ୍ୟ ସେବାୟତମାନେ ଉପସ୍ଥିତ ଥିଲେ।

### ଯୋଗଦେଲେନି ପୂଜାପଣ୍ଡା ଓ ବ୍ରାହ୍ମଣ ନିଯୋଗ ସେବାୟତ

ଏହି ବୈଠକରେ ପୂଜାପଣ୍ଡା ନିଯୋଗ ଓ ବ୍ରାହ୍ମଣ ନିଯୋଗର କୌଣସି ସେବାୟତ ପ୍ରମୁଖ ଯୋଗଦେଇ ନ ଥିଲେ। ଗତ ଅଶୋକାଷ୍ଟମୀ ରୁକୁଣା ରଥଯାତ୍ରା ପୂର୍ବରୁ ବ୍ରାହ୍ମଣ ନିଯୋଗ ପକ୍ଷରୁ ବିଭିନ୍ନ ସମସ୍ୟା ଏବଂ ପରମ୍ପରା ସମ୍ବନ୍ଧରେ ଅତିରିକ୍ତ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତତ୍‌କାଳୀନ ବୈଠକରେ ସେବାୟତଙ୍କର ସମସ୍ତ ଦାବି ଏବଂ ପରମ୍ପରା ସମ୍ବନ୍ଧରେ ଏକ ମାସ ମଧ୍ୟରେ ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ମିଳିଥିଲା। ହେଲେ ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ନିଯୋଗ ପକ୍ଷରୁ ପୁଣି ମଙ୍ଗଳବାର ଏକ ଦାବିପତ୍ର ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ନେଇ ନିଯୋଗ ସମ୍ପାଦକ ବିରଞ୍ଚି ନାରାୟଣ ପତି କହିଛନ୍ତି।

## ରାଜ୍ୟପାଳଙ୍କ ଦ୍ୱାରା ୧୪ ଚିତ୍ରଶିଳ୍ପୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୩୧।୫(ବ୍ୟୁରୋ)

ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ରାଜଭବନରେ ଦୁଇଦିନିଆ ଚିତ୍ରଶିଳ୍ପୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ରଶିଳ୍ପୀ ରାମହରି ଜେନା, ବଳଦେବ ମହାରଥା, ରବି ନାରାୟଣ ରଥ, ପ୍ରବୋଧ କୁମାର ସାହୁ, ଚକ୍ରଧର ବେହେରା, ପ୍ରବୀର ଦଳାଇ, ଜନାର୍ଦ୍ଦନ ପରମଗୁରୁ, ମାନସ ରଞ୍ଜନ ଜେନା, ଚନ୍ଦ୍ରଶେଖର ସେଠୀ, ଶଶିକାନ୍ତ ରାଉତ, ସୁବାସ ପୂଜାହାରୀ, ଅତସୀ ବସୁ, ବିଦ୍ୟୁତଲତା ପାଢଶାଣୀ ଏବଂ ମୋନାଲିସା ବିଶ୍ୱାଳ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସର୍ଜନା ପ୍ରକ୍ରିୟା ଓ ଅବବୋଧ ସମ୍ପର୍କରେ ପଚାରି ବୁଝିଥିଲେ। ଓଡ଼ିଶା ମାଟିର ମହକରେ ବିପୁଳ ଆନନ୍ଦ ଓ ପୁଲକ ରହିଛି, ଯାହା କଳା ମାଧ୍ୟମରେ ବିଶ୍ୱକୁ ପ୍ରସାରିତ ହେବା ଦରକାର ବୋଲି ରାଜ୍ୟପାଳ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ରକ୍ଷକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଅତିରିକ୍ତ ସଚିବ ବେଦବନ୍ଧୁ ମିଶ୍ର, ଚିତ୍ତରଞ୍ଜନ ମହାନ୍ତି ଓ ଗୌତମ ଚୌଧୁରୀ ଉପସ୍ଥିତ ଥିଲେ।





ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ସଚେତନତା ଉଦ୍ଦେଶ୍ୟରେ ମଙ୍ଗଳବାର ଭୁବନେଶ୍ୱର ସୂଚନା ଭବନରେ ଆୟୋଜିତ ଫଟୋ ପ୍ରଦର୍ଶନୀକୁ ଦୁଇଜଣ ଛାତ୍ରୀ ଦେଖୁଛନ୍ତି।



ଭୁବନେଶ୍ୱର ସୂଚନାଭବନରେ ମଙ୍ଗଳବାର 'ନୃତ୍ୟାମ୍ବା' ପକ୍ଷରୁ ଆୟୋଜିତ ପରଂବ୍ରହ୍ମ କାର୍ଯ୍ୟକ୍ରମରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।





ରାଜଭବନରେ ଅନୁଷ୍ଠିତ ଚିତ୍ରଶିଳ୍ପୀ ସମାବେଶରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହିତ ସମ୍ବର୍ଦ୍ଧିତ ଚିତ୍ରଶିଳ୍ପୀ ଏବଂ ଅନ୍ୟମାନେ।

## ଗଜପତିରେ ଅଶ୍ଳୀଳ ନାଚ, ଭିଡିଓ କଲେ ଗୁଳି ଧମକ

**ପାରଳାଖେମୁଣ୍ଡି,୩୧।୫(ଡି.ଏନ.ଏ):** ଗଜପତି ଜିଲାର ବିଭିନ୍ନ ଅଞ୍ଚଳରେ ବେଧଡ଼କ ଅଶ୍ଳୀଳ ନାଚ ଚାଲୁଛି। ସବୁ ଆଇନ କାନୁନକୁ ଫୁଁ' କରି ସହର ମଝିରେ ରାତିତମାମ ଏଭଳି ନାଚ ହେଉଛି। କେବଳ ସେତିକି ନୁହେଁ ଏହି ନାଚ କେବେ, କେଉଁଠି ଓ କେଉଁ ସମୟରେ ହେବ ସେ ନେଇ ମାଇକ ଯୋଗେ ଘୋଷଣା ମଧ କରାଯାଉଛି। ନାଚର ମଜା ନିଅନ୍ତୁ, ଭିଡିଓ ରେକଡିଂ ପାଇଁ ଚେଷ୍ଟା କରନ୍ତୁ ନାହିଁ। ରେକର୍ଡିଂ କରୁଥିବା ବେଳେ ଧରାପଡିଲେ ଗୁଳି ଫୁଟିବ, କେହି କିଛି କରିପାରିବେ ନାହିଁ ବୋଲି କୁହାଯାଉଛି। ଅନ୍ୟପଟେ ଖୋଲା ପଡ଼ିଆରେ ଚାଲୁଛି ଜୁଆଖେଳ। ଲକ୍ଷ ଲକ୍ଷ ଟଙ୍କାର ବାଜି ଲାଗୁଛି। ଏହାଦ୍ୱାରା ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲଗିଛି। ଐତିହ୍ୟ ସଂସ୍କୃତିରେ ପରିପୂର୍ଣ୍ଣ ଗଜପତି ଜିଲାରେ ଏହି ଅପସଂସ୍କୃତିକୁ କିଏ ପ୍ରୋତ୍ସାହନ ଦେଉଛି, କାହା ଅନୁମତିରେ ଅଶ୍ଳୀଳ ନୃତ୍ୟ ପରିବେଷଣ କରାଯାଉଛି ଏମିତି ଅନେକ ପ୍ରଶ୍ନ ଉଠୁଛି। ଏହି କାର୍ଯ୍ୟକ୍ରମ ନେଇ ପୋଲିସ ଅବଗତ ନ ଥିବା କହିଛି।

# ୩ ନୂଆ ରେଳ ପ୍ରକଳ୍ପକୁ ମଞ୍ଜୁର ଲାଗି ପ୍ରସ୍ତାବ

**ଯାଜପୁର ଅଫିସ,୩୧।୫**

ରାଜ୍ୟର ପ୍ରସ୍ତାବିତ ୩ ନୂଆ ରେଳ ପ୍ରକଳ୍ପ ମଞ୍ଜୁର କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ରେଲୱେ ବୋର୍ଡର ସଚିବଙ୍କୁ ଅନୁରୋଧ କରାଯାଇଛି। ଏହି ମର୍ମରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ଉପ ସଚିବ ଦୁର୍ଗାଚରଣ ସାହୁ ଗତ ୨୭ ତାରିଖରେ ବୋର୍ଡ ସଚିବଙ୍କୁ ପତ୍ର ଲେଖିଛନ୍ତି। ଏଥିରେ ତାଳଚେର ସୁରକ୍ଷା ମଞ୍ଚର ଦାବି ଅନୁଯାୟୀ ତାଳଚେରଠାରୁ ଅନୁଗୋଳ ନୂଆ ରେଳଲାଇନ ସହ ତାଳଚେର-ପୁରୀ ପାସେଞ୍ଜର ଟ୍ରେନ୍‌କୁ ଏନ୍‌ଟିପିସି, କଣିହା ପର୍ଯ୍ୟନ୍ତ ସମ୍ପ୍ରସାରଣ, ସୁବର୍ଣ୍ଣପୁର ସଚେତନ ନାଗରିକ ମଞ୍ଚର ସଭାପତି ସୀତାଂଶୁ ଶେଖର ମିଶ୍ରଙ୍କ ଦାବି ଅନୁଯାୟୀ ସମ୍ବଲପୁର-ବ୍ରହ୍ମପୁର ଭାୟା ସୁବର୍ଣ୍ଣପୁର ନୂଆ ରେଳଲାଇନ ଏବଂ ଭଦ୍ରକ ଷ୍ଟେଶନଠାରୁ କଟକ ଭାୟା ଧାମରା ପୋର୍ଟ, ଚାନ୍ଦବାଲି, ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ସାଲେପୁର ଓ ଜଗତପୁର ନୂଆ ରେଳଲାଇନ ପ୍ରକଳ୍ପ ରହିଛି। ତେବେ ଯାଜପୁର ରୋଡଠାରୁ ଧାମରାପୋର୍ଟ ଭାୟା ଯାଜପୁର ଟାଉନ ଓ ଆରଡି ୯୫.୯୫୦ କି.ମି. ନୂଆ ରେଳଲାଇନ ପ୍ରକଳ୍ପ ମଞ୍ଜୁରୀ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପୁନଃ ପ୍ରସ୍ତାବ ଦିଆଯାଇ ନ ଥିବା ଜଣାପଡିଛି। ଏଥିରୁ ଯାଜପୁର ଟାଉନକୁ ନୂଆ ରେଳପ୍ରକଳ୍ପ ନିର୍ମାଣ ଆଶା କ୍ଷୀଣ ବୋଲି ମତପ୍ରକାଶ ପାଇଛି।

### ଯାଜପୁର-ଧାମରା ନୂତନ ପ୍ରକଳ୍ପ ଆଶା କ୍ଷୀଣ

ସତ୍ୟପ୍ରକାଶ ବେହୁରିଆଙ୍କ ପକ୍ଷରୁ ମଗାଯାଇଥିବା ସୂଚନା ଅଧିକାର ଆଇନ(ଆରଟିଆଇ) ତଥ୍ୟରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତଟ ରେଳପଥ ପକ୍ଷରୁ ଯାଜପୁର ରୋଡରୁ ଧାମରା ପର୍ଯ୍ୟନ୍ତ ୨୦୧୨-୧୩ ମସିହାରେ ସର୍ବେକ୍ଷଣ ହୋଇଛି। ୨୦୧୫ ଏପ୍ରିଲରେ ରେଳ ମନ୍ତ୍ରଣାଳୟ ଅଧୀନ ରେଳବାଇ ବୋର୍ଡ଼ ନିକଟରେ ନଥିପତ୍ର ଦାଖଲ କରାଯାଇଛି। ଏହି ରେଳପଥ ନିର୍ମାଣ ପାଇଁ ୯୯୫.୩୯୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ ହୋଇଛି। ଏହା ବର୍ତ୍ତମାନ ୧୦୪୨.୬୨ କୋଟି ଖର୍ଚ୍ଚ ବଢ଼ିବ ବୋଲି ବୋର୍ଡ ପକ୍ଷରୁ ଆକଳନ ହୋଇଛି। ଏହି ରେଳପଥ ନିର୍ମାଣ ହେଲେ ପୂର୍ବତଟ ରେଳବାଇ ବର୍ଷକୁ ୩୧.୧୫ ପ୍ରତିଶତ ଲାଭବାନ ହେବ। ଉକ୍ତ ପ୍ରକଳ୍ପରେ ୮ ଷ୍ଟେଶନ ନିର୍ମାଣ କରାଯିବ। ଏଥିପାଇଁ ଗତ ୧ ଦଶନ୍ଧି ଧରି ଦାବି, ଆନ୍ଦୋଳନ ହେଉଥିଲେ ହେଁ କିଛି ସୁଫଳ ମିଳି ପାରିନାହିଁ। ଯାଜପୁରରେ ବିଶ୍ୱପ୍ରସିଦ୍ଧ କ୍ଷେତ୍ରେଶ୍ୱରୀ ମା'ବିରଜାଙ୍କ ଶକ୍ତିପୀଠ ଥିବାବେଳେ ଭଦ୍ରକ ଜିଲାର ଆରଡ଼ିଠାରେ ବିଶ୍ୱପ୍ରସିଦ୍ଧ ଆଖଣ୍ଡଳମଣୀଙ୍କ ମନ୍ଦିର ରହିଛି। ଏହି ଦୁଇ ଜାଗାକୁ ପ୍ରତିଦିନ ଦେଶ ବିଦେଶରୁ ଯାତ୍ରୀମାନେ ଆସି ଥାଆନ୍ତି। ଉକ୍ତ ରେଳପଥ ନିର୍ମାଣ ହେଲେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସମ୍ଭବ ହେବ। ଯାଜପୁର ଜିଲାର କଳିଙ୍ଗନଗର ଏସିଆ ମହାଦେଶର ଇସ୍ପାତ୍ ରାଜଧାନୀ ଭାବେ ପରିଗଣିତ ହୋଇ ସାରିଲାଣି। ସେଠାରୁ ଧାମରା ଦେଇ ଦେଶ ବିଦେଶକୁ ମାଲ ପରିବହନ କରିବା ପାଇଁ ସୁଗମ ହେବ। ଉକ୍ତ ରେଳପଥ ନିର୍ମାଣ ଦ୍ୱାରା ଜିଲାର ଉତ୍ପାଦିତ କୃଷିଜାତ ଦ୍ରବ୍ୟର ପରିବହନରେ ଉନ୍ନତି ଆସିବା ସହିତ ଖାଉଟି ସାମଗ୍ରୀ ଲୋକଙ୍କ ପାଖରେ ପହଞ୍ଚିବା ଅଧିକ ସୁବିଧାଜନକ ହେବ ବୋଲି ଦାବି ହୋଇ ଆସିଛି। ହେଲେ ବିଗତ ବଜେଟ୍‌ରେ ଏହି ପ୍ରକଳ୍ପକୁ ସ୍ଥାନ ମିଳି ନ ଥିବାରୁ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ବିଜେଡି ଆଭିମୁଖ୍ୟ ରଖିଲେ ରଣେନ୍ଦ୍ର

### ରାଷ୍ଟ୍ରପତି ନିର୍ବାଚନ

**ଭୁବନେଶ୍ୱର, ୩୧।୫(ବ୍ୟୁରୋ)**

ରାଷ୍ଟ୍ରପତି ନିର୍ବାଚନକୁ ନେଇ ବିଜେଡିର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଓଡ଼ିଶାର ସ୍ୱାର୍ଥ ସହିତ ପ୍ରସଙ୍ଗକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଲେ ରାଷ୍ଟ୍ରପତି ନିର୍ବାଚନରେ ବିଜେଡି ସମର୍ଥନ ଦେବାରେ କୌଣସି ସମସ୍ୟା ନାହିଁ ବୋଲି ସେ କହିଛନ୍ତି।

ଏକ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ସଦ୍ୟ ସମାପ୍ତ ୫ ରାଜ୍ୟର ନିର୍ବାଚନ ଫଳାଫଳ କେନ୍ଦ୍ରରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଭୋଟହାର ହ୍ରାସ କରିଛି। ରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟା ଲାଗି ଦଳ ପାଖରେ ଏବେ ୪୯% ସମର୍ଥନ ରହିଛି। ରାଷ୍ଟ୍ରପତି ପଦବୀରେ ମନ ପସନ୍ଦର ବ୍ୟକ୍ତିଙ୍କୁ ବସାଇବା ଲାଗି ୫୧% ସମର୍ଥନ ଯୋଗାଡ଼ କରିବାକୁ ପଡ଼ିବ। ଏଥିଲାଗି ଭାଜପାକୁ ଆଞ୍ଚଳିକ ଦଳଗୁଡ଼ିକ ଉପରେ ନିର୍ଭର କରିବାକୁ ହେବ। ସମସ୍ତେ ଜାଣିଛନ୍ତି, ଏଥିରେ ଓଡ଼ିଶା ନିର୍ଣ୍ଣାୟକ ଭୂମିକା ନେବ। କାରଣ ବିଜେଡି ନିକଟରେ ୪% ଭୋଟ ରହିଛି। ଏଥିଲାଗି କିଛି ପାଇବାକୁ ହେଲେ କିଛି ଦେବାକୁ ପଡ଼େ। ଓଡ଼ିଆଙ୍କ ଅସ୍ମିତା, ନ୍ୟାଯ୍ୟଦାବି, ସହଯୋଗୀ ସଂଘୀୟବାଦକୁ ପ୍ରଧାନମନ୍ତ୍ରୀଙ୍କୁ ସମ୍ମାନ ଜଣାଇବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ସ୍ୱାର୍ଥ ଜଡ଼ିତ ପ୍ରସଙ୍ଗଗୁଡ଼ିକୁ ଦିଲ୍ଲୀ ଦରବାରରେ ଉଠାଇଛନ୍ତି। ଆଞ୍ଚଳିକ ଦଳ ହିସାବରେ ବିଜେଡି ସର୍ବଦା ରାଜ୍ୟର ସ୍ୱାର୍ଥ ସମ୍ପର୍କିତ ଦୃଢ଼ ଦାବି ରଖି ଆସିଛି। ଓଡ଼ିଶାର ସ୍ୱାର୍ଥ ପାଇଁ ଚାପ ସୃଷ୍ଟି କ'ଣ, ଲଢ଼େଇ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ବାଙ୍କୀ, ୩୧।୫(ସ୍ୱ.ପ୍ର.)**



ବାଙ୍କୀ-କଟକ ରାସ୍ତାର ଚକୁଳେଶ୍ୱରଠାରେ ଏକ କାର୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କଟକ ଚାଉଳିଆଗଞ୍ଜ ଅଟାରି ସାହିର ବ୍ୟବସାୟୀ ରାଜକିଶୋର ସାହୁ। ଗୁରୁତର ଜଣକ ହେଲେ କଟକସ୍ଥିତ ସୁଦର୍ଶନ ମହାବିଦ୍ୟାଳୟର ଅଧ୍ୟାପକ ସୁଶାନ୍ତ କୁମାର କର। ଉଭୟ ଏକ କାର୍‌ରେ ଅପରାହ୍ନରେ ବାଙ୍କୀରୁ କଟକ ଆସୁଥିଲେ। ଚକୁଳେଶ୍ୱରଠାରେ କାର୍‌ଟି ଭାରସାମ୍ୟ ହରାଇ ନିକଟରେ ଥିବା ଗଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ରାଜକିଶୋରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅପରପକ୍ଷେ ସୁଶାନ୍ତଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

## ପ୍ରେମିକ ପାଇଁ ଦେଶ ଛାଡ଼ି ନଦୀ ପହଁରି ଆସିଲେ ପ୍ରେମିକା

**କୋଲକାତା,୩୧।୫**



ଲୋକେ ପ୍ରେମରେ ପଡ଼ି ଅନେକ ବିଚିତ୍ର ଘଟଣା ଘଟାଇବାର ଏକାଧିକ ନଜିର ରହିଛି। କେତେବେଳେ ପ୍ରେମିକା ପାଇଁ ପ୍ରେମିକ ଦେଶ ଛାଡ଼ିପଳାଇ ଆସୁଛନ୍ତି ତ ଆଉ କେତେବେଳେ ନିଜ ବାପା ମା'ଙ୍କୁ ପର କରି ପ୍ରେମିକ ପାଖକୁ ଚାଲିଆସୁଛନ୍ତି। ଏମିତି ଏକ ଘଟଣା ଘଟିଛି ପଶ୍ଚିମବଙ୍ଗରେ। ପ୍ରେମିକ ରାନିଆ ଅଭିକ୍ ମଣ୍ଡଳଙ୍କ ପାଇଁ ପ୍ରେମିକା କ୍ରିଷ୍ଣା ମଣ୍ଡଳ ନଦୀ ପହଁରି ବାଂଲାଦେଶରୁ ଭାରତ ଆସିଛନ୍ତି। ନଦୀରେ କୁମ୍ଭୀର ଏବଂ ସୁନ୍ଦରବନର ଘଞ୍ଚ ଜଙ୍ଗଲରେ ବାଘର ଭୟ ଥାଇ ସୁଦ୍ଧା ପ୍ରେମିକଙ୍କୁ ଭେଟିବା ଜିଦ୍‌ରେ କ୍ରିଷ୍ଣା ଯେମିତି ପାଗଳୀପ୍ରାୟ ହୋଇଯାଇଥିଲେ। ନଦୀ ପହଁରି ପଶ୍ଚିମବଙ୍ଗ ୨୪ ପ୍ରଗଣାରେ ପହଞ୍ଚିବା ପରେ ପ୍ରେମିକ ରାନିଆ କାର୍ ଯୋଗେ ତାଙ୍କୁ ସେଠାରୁ ନେଇଯାଇଥିଲେ। ଦୁହେଁ କାଳୀଘାଟ ମନ୍ଦିରରେ ବାହା ହୋଇଥିଲେ। କିନ୍ତୁ ବିନା ଭିଜା କି ପାସ୍‌ପୋର୍ଟରେ କ୍ରିଷ୍ଣା ବାଂଲାଦେଶରୁ ଭାରତ ମଧ୍ୟକୁ ବେଆଇନ୍ ଭାବେ ପ୍ରବେଶ କରିବା ଅଭିଯୋଗରେ ନରେନ୍ଦ୍ରପୁର ପୋଲିସ କ୍ରିଷ୍ଣାଙ୍କୁ ଗିରଫ କରିନେଇଛି।

ବାଂଲାଦେଶର ସତଖିରାରେ କ୍ରିଷ୍ଣାଙ୍କ ଘର ହୋଇଥିବାବେଳେ ରାନିଆ ପଶ୍ଚିମବଙ୍ଗର ନରେନ୍ଦ୍ରପୁରରେ ରୁହନ୍ତି। ମାତ୍ର ୬ ମାସ ପୂର୍ବେ କ୍ରିଷ୍ଣା ଓ ରାନିଆଙ୍କ ଭେଟ ଫେସ୍‌ବୁକ୍ ଜରିଆରେ ହୋଇଥିଲା। ପ୍ରଥମେ ବନ୍ଧୁତା ଆଉ ତା' ପରେ ସେମାନେ ପଡ଼ିଯାଇଥିଲେ ପ୍ରେମରେ। ଦୁହେଁ ବାହାହେବା ପାଇଁ ନିଷ୍ପତ୍ତି ନେବାପରେ ଏ ନେଇ ଏକ ଯୋଜନା ପ୍ରସ୍ତୁତ କରିଥିଲେ। ଭିଜା ଏବଂ ପାସ୍‌ପୋର୍ଟ ପାଇଁ ବିଳମ୍ବ ହେବ ଭାବି କ୍ରିଷ୍ଣା ଶେଷରେ ନଦୀ ପାର୍ ହୋଇ ପଶ୍ଚିମବଙ୍ଗ ଆସିବାକୁ ସ୍ଥିର କରିଥିଲେ।

## ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଆଇନ ଆସିବ: କେନ୍ଦ୍ରମନ୍ତ୍ରୀ

**ରାୟପୁର,୩୧।୫:** ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଖୁବ୍‌ଶୀଘ୍ର ଆଇନ ଆସିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରହଲ୍ଲାଦ ସିଂ ପଟେଲ ମଙ୍ଗଳବାର କହିଛନ୍ତି। ଗରିବ କଲ୍ୟାଣ ସମ୍ମେଳନରେ ଯୋଗଦେବା ଲାଗି ରାୟପୁର ଆସିଥିବା କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀ ପଟେଲ ଖବରଦାତାମାନଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି। ପୂର୍ବରୁ ସରକାର ଏଭଳି ବଳିଷ୍ଠ ତଥା ବଡ଼ ନିଷ୍ପତ୍ତି ନେଇଛନ୍ତି ଓ ଆଗାମୀ ଦିନରେ ଜନସଂଖ୍ୟା ନିୟନ୍ତ୍ରଣ ଭଳି ଆଇନ ଆସିବାକୁ ଯାଉଛି ବୋଲି ସେ କହିଛନ୍ତି। ଗରିବ କଲ୍ୟାଣ ସମ୍ମେଳନ ଅବସରରେ ସେ ବିଭିନ୍ନ କେନ୍ଦ୍ରୀୟ ଯୋଜନା ହିତାଧିକାରୀଙ୍କ ସହ କଥା ହୋଇଥିଲେ। ନରେନ୍ଦ୍ର ମୋଦି ସରକାରଙ୍କ ଗତ ୮ ବର୍ଷର ସଫଳତା ସମ୍ପର୍କରେ ଆଲୋଚନା କରିବା ସହ ସେବା, ସୁଶାସନ ଏବଂ ଗରିବ କଲ୍ୟାଣ କେନ୍ଦ୍ର ସରକାରଙ୍କ ମୂଳ ମନ୍ତ୍ର ବୋଲି କହିଥିଲେ।



ପ୍ରହଲ୍ଲାଦ ସିଂ ପଟେଲ

# ସିଗାରେଟ ସେବନ: ମିନିଟରେ ଯାଉଛି ଏକ ଜୀବନ

**ଭୁବନେଶ୍ୱର, ୩୧।୫ (ବ୍ୟୁରୋ)**

ତମାଖୁ ମୁକ୍ତ ଓଡ଼ିଶା ତଥା ଦେଶ ଗଠନ ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ। ବ୍ୟାପକ ଜନସଚେତନତା ସହିତ ତମାଖୁ ନିୟନ୍ତ୍ରଣ ପାଇଁ ଥିବା କୋଟପା ଆଇନ ଯେଭଳି କଡ଼ାକଡ଼ି ଭାବେ କାର୍ଯ୍ୟକାରୀ ହେବ ସେଥିପାଇଁ ସବୁସ୍ତରରେ ଉଦ୍ୟମ କରିବା ଆବଶ୍ୟକ। ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ପିପୁଲସ୍ କଲଚରାଲ୍ ସେଣ୍ଟର (ପିକକ), ଇକୋସେଭ୍‌ର ୟୁଥ ନେଟ୍‌ୱର୍କ ଓଡ଼ିଶା, କୋଆଲିଏଶନ ଫର ଟବାକୋ ଫ୍ରି ଓଡିଶା ପକ୍ଷରୁ ଆୟୋଜିତ ଏକ ୱେବିନାରରେ ବିଶେଷଜ୍ଞମାନେ ଏହି ମତ ଦେଇଛନ୍ତି। ଇକୋ ସେଭ୍‌ର ୟୁଥ ନେଟ୍‌ୱାର୍କର ସଭାପତି ସ୍ମୃତି ରଞ୍ଜନ ପ୍ରଧାନଙ୍କ ପୌରହିତ୍ୟରେ ଆୟୋଜିତ ୱେବିନାରରେ ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି କହିଲେ ଯେ, ସିଗାରେଟ ଟାଣିବା ଯୋଗୁଁ ଗୋଟିଏ ମିନିଟରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି। ସିଗାରେଟରେ ପ୍ରାୟ ୪ହଜାର ପ୍ରକାରର କ୍ଷତିକାରକ ରାସାୟନିକ ସାମଗ୍ରୀ ରହୁଥିବାରୁ ଏହା ସେବନକାରୀଙ୍କ ସହିତ ସେମାନଙ୍କ ଆଖପାଖରେ ରହୁଥିବା ଲୋକଙ୍କୁ ଅଧିକମାତ୍ରାରେ ପ୍ରଭାବିତ କରିଥାଏ। ସୁସ୍ଥ ପରିବେଶ ପାଇଁ ସମ୍ପୂର୍ଣ୍ଣ ତମାଖୁ ବର୍ଜନ ସହିତ କୋଟପା ଆଇନକୁ କଡ଼ାକଡ଼ି କରିବା ଓ ତମାଖୁ କ୍ରୟ କରିବା ପାଇଁ ଥିବା ବୟସସୀମାକୁ ୧୮ରୁ ୨୧ ବର୍ଷ କରିବାପାଇଁ ମହାନ୍ତି କହିଥିଲେ। ବିଶେଷଜ୍ଞ ଦୀପକ ମିଶ୍ର କହିଲେ ଯେ, ଯେଉଁ ପରିମାଣରେ ତମାଖୁ ପାଇଁ ଚାଷ ହେଉଛି ସେହି ପରିମାଣରେ ଶସ୍ୟ ଉତ୍ପାଦନ ହେଲେ ୧୦ ରୁ ୧୨ ନିୟୁତ ଲୋକଙ୍କୁ ଖାଦ୍ୟ ଯୋଗାଯାଇ ପାରନ୍ତା। ଧୂଆଁପତ୍ର ଭଳି ଚାଷ ଦ୍ୱାରା କେବଳ ମାଟିର ଉର୍ବରତା ନଷ୍ଟ ହେଉନାହିଁ ବରଂ ଜଳସ୍ତର ମଧ ହ୍ରାସ ହେଉଛି। ବିଶ୍ୱରେ ଯେତିକି ଗଛ କଟାଯାଉଛି ତାହାର ୫% କେବଳ ତମାଖୁ ପ୍ରସ୍ତୁତ ପାଇଁ ହେଉଛି। ଏନସିଡିର ଷ୍ଟେଟ ନୋଡାଲ ଅଫିସର ଡ. ସୁଶାନ୍ତ କୁମାର ସ୍ୱାଇଁ କହିଲେ ଯେ, ୯୫ ପ୍ରତିଶତ ଅଣସଂକ୍ରାମକ ରୋଗର କାରଣ ହେଉଛି ତମାଖୁ ସେବନ। ୬୩% ଅଣ ସଂକ୍ରାମକ ରୋଗରେ ମୃତ୍ୟୁର କାରଣ ହେଉଛି ତମାଖୁ । ତେଣୁ ପିଲାମାନେ ଯେଭଳି ତମାଖୁ ଠାରୁ ଦୂରେଇ ରହିବେ ସେଥିପାଇଁ ବ୍ୟାପକ ସଚେତନତା ଉପରେ ସେ ଗୁରୁତ୍ୱ ଦେଇଥିଲେ। ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ତମାଖୁ ସେବନର ଭୟାବହତା ସଂକ୍ରାନ୍ତରେ ଉଲ୍ଲେଖ କରିଥିଲେ।

## ମା' ଆଗରେ ପୁଅର ଜୀବନ ଗଲା, ଝିଅ ଗୁରୁତର

**ସୋରଡା,୩୧।୫(ଡି.ଏନ୍.ଏ.):** ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ଅସୁରବନ୍ଧ ପଞ୍ଚାୟତ ଦାନ୍ତଲିଙ୍ଗି ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଚର୍ଚ୍ଚକୁ ପ୍ରାର୍ଥନା କରିବାକୁ ଯାଉଥିବା ବେଳେ ମା' ଆଗରେ ପୁଅକୁ ଏକ ବୋଲେରୋ ଧକ୍କା ଦେବାରୁ ଦୀପକ(୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ଝିଅ ରାନୁ(୭) ଗୁରୁତର ହୋଇଛନ୍ତି। ସ୍ଥାନୀୟ ପୋଲିସ ଗାଡ଼ି ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ପ୍ରକାଶ ଯେ, ବାପା କେରଳରେ ଶ୍ରମିକ ଭାବେ କାର୍ଯ୍ୟରତ ଥିବା ବେଳେ ମା' ପୁଷ୍ପା ସାହୁ ପୁଅ ଓ ଝିଅଙ୍କୁ ନେଇ ଗ୍ରାମରେ ରହୁଥିଲେ। ସନ୍ଧ୍ୟାରେ ପୁଷ୍ପା ତାଙ୍କ ପୁଅ, ଝିଅକୁ ସାଙ୍ଗରେ ଧରି ଗ୍ରାମ ନିକଟ ଚର୍ଚ୍ଚକୁ ପ୍ରାର୍ଥନା କରିବା ପାଇଁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଗୋଟିଏ ବୋଲେରୋ ଦ୍ରୁତ ଗତିରେ ଆସି ସାମ୍ନା ପଟୁ ଧକ୍କା ଦେଇଥିଲା। ଫଳରେ ଦୀପକ ଓ ରାନୁ ଛିଟିକି ହୋଇଯାଇଥିଲେ। ଗ୍ରାମବାସୀ ଗାଡ଼ି ଚାଳକକୁ ଅଟକ ରଖି ଆହତଙ୍କୁ ସୋରଡା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦୀପକଙ୍କୁ ମୃତ ଘୋଷଣା କରିଥିଲେ। ରାନୁଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି। ଏ ନେଇ ଡାକ୍ତରଖାନ ପରିସରରେ ଉତ୍ୟକ୍ତ ଲୋକେ ଭିଡ଼ ଜମାଇଥିଲେ। ପୋଲିସ ପହଞ୍ଚିବାରୁ ପରିସ୍ଥିତ ନିୟନ୍ତ୍ରଣରେ ରହିଛି। ଗାଡ଼ି ଚାଳକ ଜଣଙ୍କ ମୃତ ଶିଶୁର ସମ୍ପର୍କୀୟ ମାମୁ ହେବେ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ମେ ମାସ ସାରା ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପ୍ରାର୍ଥନା ମାସ ସହ ମେରିଙ୍କୁ ଭକ୍ତି ପ୍ରଦାନ କରାଯାଇଥାଏ। ମଙ୍ଗଳବାର ଶେଷ ଦିବସରେ ସମସ୍ତ ଭକ୍ତ ସପରିବାର ଚର୍ଚ୍ଚକୁ ଯାଇ ପ୍ରାର୍ଥନ କରିଥାନ୍ତି।

GOVERNMENT OF ODISHA No. D-375

**OFFICE OF THE SUPERINTENDING ENGINEER, RURAL WORKS DIVISION, NUAPADA**

Email: rd_nuapada@rediffmail.com

**BID IDENTIFICATION NO. RWNPD - 03 (Online) of 2022-23 Date: 26.05.2022**

**"e" PROCUREMENT NOTICE**

Bid documents consisting of work, Estimate Cost, Cost of tender Paper, EMD/BID Security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

1. Name of the work : Road works in the District of Nuapada as mentioned in DTCN
2. Total No. of work : 01 No.
3. Estimated Cost : Rs.53.57 lakhs
4. Period of Completion : 03 (Three) Calendar months
5. Other Details :

| Availability of tender online for bidding | | Last date & time of seeking tender clarification | Date & time of Opening of Bid | |
|---|---|---|---|---|
| From | To | | Technical Bid | Financial Bid |
| 03.06.2022 at 10.00 A.M. | 13.06.2022 upto 5.00 P.M. | 10.06.2022 upto 05.00 P.M. | 16.06.2022 at 11.00 A.M. | Will be intimated separately |

Further details can be seen from the website **www.tendersorissa.gov.in**.

**OIPR-25050/11/0006/2223** **Sd./- Superintending Engineer, Rural Works Division, Nuapada**

**TPNODL**

**TP NORTHERN ODISHA DISTRIBUTION LIMITED**

(A Tata Power & Odisha Government Joint Venture)

Regd. Off: Corp Office, Januganj, Remuna Golei, Balasore, Odisha-756019

CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT)** May 31, 2022

**TP Northern Odisha Distribution Limited** invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2022-2023/2500000019 | Supply, Installation, Testing and Commissioning of 11kV, 33kV Overhead/ Under Ground Network, PSS & DSS works including civil & associated works on turnkey basis in TPNODL |
| 2 | TPNODL/OT/2022-2023/2500000020 | SITC of Biometric System at TPNODL |
| 3 | TPNODL/OT/2022-2023/2500000021 | Rate Contract for SITC of Fire Alarm System at TPNODL |

* MSMEs registered in the State of Odisha shall pay tender fee of Rs. 1,000/- including GST.

** EMD is exempted for MSMEs registered in the State of Odisha.

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. Tenders will be available on TPNODL website w.e.f. from dtd. **02.06.2022** except the following.

1. Tender bearing NIT No -2500000020 will be available on website w.e.f. **dtd 05.06.2022**.
2. Tender bearing NIT No -2500000021 will be available on website w.e.f. **dtd 05.06.2022**.

All future communication / corrigendum to tender documents, if any, shall be available on the website.

**HoD- Contracts**

**ODISHA LIFT IRRIGATION CORPORATION LTD.**

**OFFICE OF THE EXECUTIVE ENGINEER, LIFT IRRIGATION DIVISION, SUBARNAPUR**

e-mail id- eeolicsnp@gmail.com

**'e' Procurement Notice**

**Bid Identification No. OLIC-SNP-08/2022-23 Dt.27.05.2022**

No. CAD-662: **The Executive Engineer, Lift Irrigation Division, Subarnapur** on behalf of OLIC invites **Percentage Rate** bids in double cover system to be received in **Online Mode only** for the work **Installation and Energisation of New LIPs under Sonepur Block in Subarnapur District** as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government / M.E.S. / Railways /C.P.W.D. for execution of Civil Works with valid Electrical (H.T) License issued by ELBO Odisha through On-Line in the Govt. website **www.tendersodisha.gov.in**. The bidders should have necessary portal enrolement (with own digital signature certificate). The registered bidders from outside Odisha can also participate in this on-line tender process after necessary portal enrollment but shall have to subsequently undergo registration with appropriate authority of the State.

**1. Name of the Works:- Installation & Energisation of River Lift Irrigation Projects with supply of all materials on Turnkey basis. 2. Total Nos. of Package:- 01, 3. Approximate Estimated Cost:-Rs. 53.12 Lakhs, 4. Class of Contractor:- As mentioned against each package, 5. Period of Completion:- 90 Days for all projects from the date of issue of work order.**

**6. Other details as follows:-**

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of tender in the Office of the Executive Engineer, L.I. Division, Subarnapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Subarnapur | OLIC-SNP-08/ 2022-23 | 03.06.2022 at 11.00 Hrs. | 09.06.2022 at 17.00 Hrs. | 08.06.2022 at 17.00 Hrs. | 10.06.2022 at 11.00 Hrs. |

- Details can be seen from the Website **www.tenderodisha.gov.in**.
- Any Corrigendum/Addendum will be displayed in the above website only.

**OIPR-32316/11/0005/2223** **Executive Engineer, L.I. Division, Subarnapur**

**INVITATION FOR BIDS**

**OFFICE OF THE DISTRICT JUDGE SONEPUR**

**Dated The 27th Day of May, 2022**

No.W-9:- Bids in sealed envelope are invited from the intending bidders for engagement of outsourcing agency for up-keeping, cleaning and maintenance and electrical services in District Court Complex, At- Sonepur and in different Taluk Court Complexes across the Judgeship of Sonepur.

**Date Sheet**

| | | |
|---|---|---|
| 1 | RFP Issue Date | 27.05.2022 (17.00 Hours) |
| 2 | Last date and time for Submission of Pre-bid queries through e-Mail | 03.06.2022 (17.00 Hours) |
| 3 | Pre bid meeting date and time | 06.06.2022 (10.00 Hours) |
| 4 | Upload of Pre-bid clarification date and time | 13.06.2022 (17.00 Hours) |
| 5 | Bid due date and time | 27.06.2022 (17.00 Hours) |
| 6 | Technical bid opening date and time | 28.06.2022 (16.00 Hours) |
| 7 | Financial bid opening date and time | 04.07.2022 (16.00 Hours) |

For more detail visit the website : https://districts.,ecourts.gov.in/india/odisha/Subarnapur/tender.

**Sd./- District Judge, Sonepur I/c**

OIPR-18045/11/0001/2223

**GOVERNMENT OF ODISHA**

**OFFICE OF THE**

**SUPERINTENDING ENGINEER, RWSS DIVISION, KORAPUT**

e-mail: eerwss_kpt@rediffmail.com, Ph. No.: 06852-250281 (Off), Ph. No. 06852-250680 (Res.) Fax No.: 06852-251098

**National Competitive Bidding Through E-Procurement**

**Tender Identification No. 02/SE/RWSS/KPT/2022-23 /25.05.2022**

No. O-370: The Superintending Engineer, RWS&S Division, Koraput on behalf of the Governor of Odisha invites Percentage Rate Bids in Single Cover (P1 Contract) from the eligible class of experienced registered contractors through e-Tendering system for the Piped Water Supply works as detailed in DTCN. The bid should be submitted Online in the website **www.tenderorissa.gov.in** separately for the works.

| | | | |
|---|---|---|---|
| 1. | Nature of Work | : | Rural Piped Water Supply Projects under Koraput district. |
| 2. | Estimated Cost | : | Varies from 6.52 lakhs to 44.52 lakhs |
| 3. | Total Nos. of Works | : | 5 Nos. |
| 4. | Tender Cost | : | Rs.4,000.00 to Rs.6,000.00 |
| 5. | Class of Contractor | : | "D", "C", "B" & "A" |
| 6. | Availability of Bid document in the website | : | Dt.08.06.2022 at 17.00 hours to 18.06.2022 upto 17.00 hours |
| 7. | Date of seeking clarification | : | During the office hours of 08.06.2022 to 17.06.2022 |
| 8. | Date of Opening of Bid | : | Dt.21.06.2022 at 11.00 hours |

Further details can be seen in the bidding documents which is available in the e-procurement portal **https/www.tendersorissa.gov.in**. Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

**OIPR-25034/11/0005/2223** **Sd./- Superintending Engineer RWS&S Division, Koraput**

See Career Appointment on every Wednesday & Saturday

**ROURKELA DEVELOPMENT AUTHORITY**

RDA

**UDITNAGAR, ROURKELA- 769012**

No.878/RDA, dated 31.05.2022

**PROCLAMATION**

It is hereby informed to the General public that, Saurav Kumar Sahoo, S/o- Late Manabodha Sahoo has applied for mutation of House No. L-175 under Chhend Housing Project, Stage-I, Cheend in his favour consequent upon death of his father Late Manabodha Sahoo. If anybody has got objection to the proposed mutation, He/She may file objection petition before the undersigned within 30 (Thirty) days from the date of publication of this proclamation. Objection petition shall not be entertained after expiry of the stipulated period.

**Sd./- Secretary**

**Rourkela Development Authority**

idco ODISHA Your power to grow NEW OPPORTUNITIES No. CAD-665

**OFFICE OF THE DIVISIONAL HEAD,IDCO ROURKELA DIVISION, ROURKELA**

**Tender Call Notice No. IDCO/RKL/CIVIL/E/1594/2021-22/1115, Dt.25.05.2022**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. Name of the Work : Construction of Relaining Wall at Kalpana Enterprises at I/E Kalunga.
2. Estimated Cost : Rs.9.99 Lakh (Approx.)
3. Other details:

| Procurement Officer | Bid ID/Tender reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Divisional Head, IDCO, Rourkela Division, Rourkela | DH/IDCO/ROURKELA DIVISION/EST/E-01/ 2022-2023 | 03.06.2022 at 17.00 Hrs. | 17.06.2022 upto 17.00 Hrs. |

Further details can be seen from the e-Procurement Portal www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement **portal:www.tendersodisha.gov.in and www.idco.in.**

**Sd./- Divisional Head**

**IDCO,Rourkela Division**

**OIPR-14003/11/0053/2223**

**OFFICE OF THE SUPERINTENDING ENGINEER, RWS&S DIVISION, BHANJANAGAR- 761126**

Phone No.06821-241026 (O) / 241079 (R), Fax No. 06821-241026/240056, e-mail: eerwss_bnj@nic.in<eerwssbnj2009@gmail.com

**Govt. of Orissa "e" Procurement Notice**

**Bid Identification No. S.E._RWS&S_07/2022-13**

No.-O-377:-

1. The Superintending Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate /G2 bid in Double Cover system according to the norm of "e" Procurement system in online mode for different PWS Schems in Ganjam District from the eligible contractors as per DTCN.
2. Nature of work : Construction, testing, commissioning of RCC ESR / OGR construction of Pump House, Compound Wall, Valve chamber, providing 100% FHTC, laying of distribution of pipeline etc. for PWS to different village in the Ganjam District.
3. No. of tender : 06 Nos.
4. Tender paper cost : Rs.10000/-
5. Tener cost : 297.35 Lakhs to 432.45 Lakhs
6. Class of contractor : B, A & Special Class
7. Date and time of availability of bid document in the portal : Dt.04.06.2022 at 11.00 A.M. to 22.06.2022 upto 5.00 P.M.
8. Date of opening of bid : Dt.26.06.2022 at 11.00 A.M.
9. Period of completion : 360 (Three hundred sixty) days
10. The bidders have to participate in online bidding only. Further details can be seen from the website https://tendersorissa.gov.in

**Sd./- Superintending Engineer, RWS&S Division, Bhanjanagar**

OIPR-25021/11/0002/2223

## ହ୍ରାସ ପାଇଲା ପୁଞ୍ଜିବଜାର

**ମୁମ୍ବାଇ:** ସପ୍ତାହର ୨ୟ କାରବାର ଦିବସ ଅର୍ଥାତ୍ ମଙ୍ଗଳବାର ଭାରତୀୟ ପୁଞ୍ଜି ବଜାରରେ ହ୍ରାସ ଦେଖିବାକୁ ମିଳିଛି। ସପ୍ତାହର ପ୍ରଥମ କାରବାର ଦିବସରେ ଆଖିଦୃଶିଆ ବୃଦ୍ଧି ପରେ ନିବେଶକଙ୍କୁ ଏହି ହ୍ରାସର ସାମ୍ନା କରିବାକୁ ପଡ଼ିଛି। ଦିନର ଟ୍ରେଡିଂ ସେସନରେ ସେନ୍‌ସେକ୍ସରେ ୩୫୯ (୦.୬୪%) ଏବଂ ନିଫ୍ଟିରେ ୭୭ (୦.୪୬%) ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ବେଳକୁ ସେନ୍‌ସେକ୍ସ ୫୫,୫୬୬ ଏବଂ ନିଫ୍ଟି ୧୬,୮୮୫ ଅଙ୍କରେ ବନ୍ଦ ହୋଇଥିଲା। ଦିନରେ ୧୭୬୬ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୧୫୮୩ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି।

### ସଂକ୍ଷେପରେ

## ଜିଏସ୍‌ଟି କ୍ଷତିପୂରଣ ଦେଲା କେନ୍ଦ୍ର

**ନୂଆଦିଲ୍ଲୀ,୩୧।୫:** କେନ୍ଦ୍ର ସରକାର ମଙ୍ଗଳବାର ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) କ୍ଷତିପୂରଣର ସମସ୍ତ ବକେୟା ରାଶି ପ୍ରଦାନ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଜିଏସ୍‌ଟି କ୍ଷତିପୂରଣ ବକେୟା ରାଶି ଅନୁଯାୟୀ କେନ୍ଦ୍ର ସରକାର, ରାଜ୍ୟଗୁଡ଼ିକୁ ୮୬,୯୫୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। କେନ୍ଦ୍ର ସରକାର ଚଳିତ ବର୍ଷ ଜୁନ୍ ମାସଠାରୁ ଟ୍ୟାକ୍ସ କଲେକ୍ସନ୍‌ରେ କୌଣସି ପ୍ରକାର କ୍ଷତିର ଭରଣା ରାଜ୍ୟଗୁଡ଼ିକୁ ପ୍ରଦାନ କରିବେ ନାହିଁ। ୫ ବର୍ଷ ପାଇଁ ରାଜ୍ୟଗୁଡ଼ିକୁ ଜିଏସ୍‌ଟି କ୍ଷତିପୂରଣ ଦେବା ନେଇ କେନ୍ଦ୍ର ପକ୍ଷରୁ ବୁଝାମଣା ହୋଇଥିଲା। ଏହି ବୁଝାମଣା ୨୦୧୭ରେ କରାଯାଇଥିଲା। ତେବେ ବିଭିନ୍ନ ରାଜ୍ୟ ଏହି ଅବଧିକୁ ବୃଦ୍ଧି କରିବା ପାଇଁ କେନ୍ଦ୍ର ନିକଟରେ ଆବେଦନ କରିଛନ୍ତି। ଏହି ଅବଧି ବୃଦ୍ଧି ହେବ ନାହିଁ ବୋଲି ଚଳିତ ବଜେଟ ଅଧିବେଶନରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୂଚନା ଦେଇଥିଲେ।

## ବୀମା ରାଶି ବୃଦ୍ଧି କଲେ ସରକାର

**ନୂଆଦିଲ୍ଲୀ,୩୧।୫:** କେନ୍ଦ୍ର ସରକାରଙ୍କ ପ୍ରମୁଖ ବୀମା ଯୋଜନା ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା (ପିଏମ୍‌ଜେଜେବିୱାଇ) ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (ପିଏମ୍‌ଏସ୍‌ବିୱାଇ)ର ପ୍ରିମିୟମ ରାଶି ବୃଦ୍ଧି କରିଛନ୍ତି। ଏପରିକି ସରକାର ଏଭଳି ନିଷ୍ପତ୍ତି ଯୋଜନାର ଦୀର୍ଘ ୭ ବର୍ଷ ପରେ ପ୍ରଥମ ଥର ପାଇଁ ବୃଦ୍ଧି ନେଇ ନିଷ୍ପତ୍ତି ନେଇଛନ୍ତି। ପିଏମ୍‌ଜେଜେବିୱାଇର ପ୍ରିମିୟମ ରାଶିକୁ ବଢ଼ାଯାଇ ପ୍ରତିଦିନ ୧.୨୫ ଟଙ୍କା କରାଯାଇଛି। ସେହିଭଳି ବାର୍ଷିକ ପ୍ରିମିୟମ୍‌କୁ ୩୩୦ ଟଙ୍କାରୁ ବୃଦ୍ଧି କରାଯାଇ ୪୩୬ ଟଙ୍କା କରାଯାଇଛି। ସେହିପରି ପିଏମ୍‌ଏସ୍‌ବିୱାଇ ପାଇଁ ବାର୍ଷିକ ପ୍ରିମିୟମ ୧୨ଟଙ୍କାରୁ ବୃଦ୍ଧି କରାଯାଇ ୨୦ଟଙ୍କା କରାଯାଇଛି। ଏହି ନୂତନ ପ୍ରିମିୟମ ଦର ୨୦୨୨ ଜୁନ ୧ରୁ ଲାଗୁ ହେବ ବୋଲି ସୂଚନା ମିଳିଛି। ଅପରପକ୍ଷରେ ୨୦୨୨ମାର୍ଚ୍ଚ୩୧ ସୁଦ୍ଧା ପିଏମ୍‌ଜେଜେବିୱାଇ ଏବଂ ପିଏମ୍‌ଏସ୍‌ବିୱାଇରେ ସକ୍ରିୟ ଉପଭୋକ୍ତାଙ୍କ ସଂଖ୍ୟା କ୍ରମଶଃ ୬.୪ କୋଟି ଏବଂ ୨୨ କୋଟି ରହିଥିଲା।

# ଦର ବଢ଼ାଇବେ ଟେଲିକମ୍ କମ୍ପାନୀ

**ନୂଆଦିଲ୍ଲୀ,୩୧।୫**




- ପୁଣି ବଢ଼ିପାରେ ମୋବାଇଲ ପ୍ଲାନ୍
- ୫-ଜି ନେଟୱର୍କ ଏବଂ ସ୍ପେକ୍ଟ୍ରମରେ ନିବେଶ ପାଇ ଦରବୃଦ୍ଧି
- କମ୍ପାନୀଗୁଡ଼ିକର ଆମଦାନୀ ୨୦%-୨୫% ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ରହିଛି ଆଶା

ମୋବାଇଲ ଟାରିଫ୍ ଦର ପୁଣି ଥରେ ବୃଦ୍ଧି ପାଇବାକୁ ଯାଉଛି। ଦେଶର ୩ ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ, ଭାରତୀ ଏୟାରଟେଲ୍ ଏବଂ ଭୋଡାଫୋନ୍ ଆଇଡିଆ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସ ଅର୍ଥାତ୍ ଜୁଲାଇ-ସେପ୍ଟେମ୍ବରରେ ପୁଣି ଥରେ ମୋବାଇଲ ପ୍ଲାନ୍ ଦର ବୃଦ୍ଧି କରିବା ନେଇ ଆଶଙ୍କା ଦେଖାଦେଇଛି। ମଙ୍ଗଳବାର ଜାରି ହୋଇଥିବା ଏକ ତଥ୍ୟ ଅନୁସାରେ, ଚଳିତ ଆର୍ଥିକ ବର୍ଷରେ ଏହି କମ୍ପାନୀଗୁଡ଼ିକର ଆମଦାନୀ ୨୦%-୨୫% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ଆଶା କରାଯାଉଛି। ଘରୋଇ ରେଟିଂ ଏଜେନ୍ସି କ୍ରିସିଲ୍‌ର ଏକ ତଥ୍ୟ ଅନୁସାରେ ଟେଲିକମ୍ କମ୍ପାନୀଗୁଡ଼ିକୁ ୫-ଜି ନେଟୱର୍କ ଏବଂ ସ୍ପେକ୍ଟ୍ରମରେ ନିବେଶ କରିବା ପାଇଁ ପ୍ରତ୍ୟେକ ବ୍ୟବହାରକାରୀ ପିଛା ହାରାହାରି ରୋଜଗାର ବୃଦ୍ଧି କରିବାକୁ ହେବ। ସେମାନେ ଏଭଳି ପଦକ୍ଷେପ ନ ନେଲେ ସେମାନଙ୍କ ସେବା ପ୍ରଦାନ କ୍ୱାଲିଟି ଖରାପ ହୋଇପାରେ। ସୂଚନାଯୋଗ୍ୟ, ଟେଲିକମ୍ କମ୍ପାନୀଗୁଡ଼ିକ ଅନେକ ବର୍ଷ ପରେ ୨୦୧୯ ଡିସେମ୍ବର ପରଠାରୁ ମୋବାଇଲ ପ୍ଲାନ୍ ଦର ବଢ଼ାଇବା ଆରମ୍ଭ କରିଥିଲେ। ରିଲାଏନ୍ସ ଜିଓର ବଜାର ପ୍ରବେଶ ପରେ ଏହି ବୃଦ୍ଧି ପରିଲକ୍ଷିତ ହୋଇଥିଲା। କ୍ରିସିଲ୍ ତଥ୍ୟ ଅନୁସାରେ, ଦେଶର ଶୀର୍ଷ ୩ ଟେଲିକମ୍ କମ୍ପାନୀର ରାଜସ୍ୱ ଆର୍ଥିକ ବର୍ଷ ୨୦୨୨-୨୩ ସମୟରେ ୨୦%-୨୫% ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ଆଶା ରହିଛି। ଏହାଛଡ଼ା ୨୦୨୧-୨୨ରେ ୟୁଜର ପିଛା ହାରାହାରି ଆମଦାନୀ (ଏଆର୍‌ପିୟୁ)ରେ ୫%ର ଧିମା ବୃଦ୍ଧି ପରେ ବର୍ତ୍ତମାନ ୨୦୨୨-୨୩ରେ ଅଧିକ ବୃଦ୍ଧି ଆଶା ରଖାଯାଇଥିବା ତଥ୍ୟରେ ଉଲ୍ଲେଖ କରାଯାଇଛି। ଟାରିଫ୍ ବୃଦ୍ଧି ଦ୍ୱାରା ଏହି କମ୍ପାନୀଗୁଡ଼ିକର ଅପରେଟିଂ ପ୍ରଫିଟ୍ ମାର୍ଜିନ୍ ମଧ୍ୟ ଚଳିତ ଆର୍ଥିକ ବର୍ଷରେ ୧.୮%ରୁ ୨% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଚଳିତ ଆର୍ଥିକ ବର୍ଷରେ କମ୍ପାନୀଗୁଡ଼ିକର ନେଟୱର୍କ ଏବଂ ନିୟାମକୀୟ ବ୍ୟୟରେ ବୃଦ୍ଧି ଘଟିପାରେ। ତେଣୁ ଏଆର୍‌ପିୟୁରେ ବୃଦ୍ଧି ଏବଂ ଟାରିଫ୍ ଦାମ୍ ବଢ଼ାଇବା ଦ୍ୱାରା ସେମାନଙ୍କ ଉପରେ ଆର୍ଥିକ ଚାପ କମିପାରେ ବୋଲି କ୍ରିସିଲ୍ ରିପୋର୍ଟରେ କୁହାଯାଇଛି।

# ରଶ୍ମି ସାହୁଙ୍କୁ ଟାଇମ୍ସ ବିଜ୍‌ନେସ୍ ଆୱାର୍ଡ


ବଲିଉଡ୍ ଅଭିନେତା ସୋନୁ ସୁଦ୍‌ଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ରଶ୍ମି ସାହୁ।

**ଭୁବନେଶ୍ୱର,୩୧।୫**

ପୂର୍ବ ଭାରତର ପ୍ରମୁଖ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ 'ରୁଚି'ର ନିର୍ଦ୍ଦେଶିକା ତଥା ଯୁବ ମହିଳା ଉଦ୍ୟୋଗୀ ରଶ୍ମି ସାହୁ ନିକଟରେ ଆୟୋଜିତ ୩ୟ ଟାଇମ୍ସ ବିଜ୍‌ନେସ୍ ଆୱାର୍ଡ୍ସ-୨୨ରେ ସମ୍ମାନଜନକ ଟାଇମ୍ସ ବିଜ୍‌ନେସ୍ ଆୱାର୍ଡ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହି ସ୍ୱତନ୍ତ୍ର ସମ୍ମାନ ଉତ୍ସବରେ ରଶ୍ମି ସାହୁଙ୍କୁ ବଲିଉଡ୍ ଅଭିନେତା ସୋନୁ ସୁଦ୍ 'ପୂର୍ବ ଭାରତର ଶ୍ରେଷ୍ଠ ଉଦୀୟମାନ ରେଡି ଟୁ ଇଟ୍ ବ୍ରାଣ୍ଡ' ସମ୍ମାନରେ ସମ୍ମାନିତ କରିଛନ୍ତି। ଏପରିକି ସାହୁ ରୁଚି ମସଲାର ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ ଥିବା ବେଳେ ସେ ଓଡ଼ିଶାର ପ୍ରଥମ ଫ୍ରୋଜନ ଫୁଡ୍ସ ଉଦ୍ୟୋଗ ଫ୍ରୋଜିଟ୍‌ର ମଧ୍ୟ ପ୍ରତିଷ୍ଠାତା ଓ ନିର୍ଦ୍ଦେଶିକା। ଗତ ୨ଦଶନ୍ଧି ପୂର୍ବରୁ ରୁଚି ଫୁଡ୍ କ୍ରାଫ୍ଟ ମାଧ୍ୟମରେ ଓଡ଼ିଶାର ମହିଳାମାନଙ୍କୁ ନିଯୁକ୍ତି ଦେବା ସହ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ରଶ୍ମି ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ। ବିଶେଷକରି ୧୨ବର୍ଷ ତଳେ ଓଡ଼ିଶାରେ ପ୍ରଥମ ଫ୍ରୋଜନ ଫୁଡ୍ସ ଉଦ୍ୟୋଗ 'ଫ୍ରୋଜିଟ୍' ପ୍ରତିଷ୍ଠା କରି ସେ ବିଭିନ୍ନ ପ୍ରକାର ଖାଦ୍ୟ ଯଥା ରେଡି ଟୁ ଇଟ୍, ମୃଦୁପାନୀୟ, ବେକରୀ, ସ୍ୱାସ୍ଥ୍ୟୋପଯୋଗୀ ତଥା ପ୍ରିମିୟମ୍ ପ୍ରଡକ୍ଟ ଆଦି ତିଆରି କରି ଏକ ନୂତନ ଉଦାହରଣ ତିଆରି କରିପାରିଛନ୍ତି।

# ଲାଇଫଷ୍ଟାଇଲ୍ ମିସ୍ ରଜର ୨ୟ ସିଜନ

**ଭୁବନେଶ୍ୱର,୩୧।୫**




ଦେଶର ପ୍ରମୁଖ ଫ୍ୟାଶନ ସ୍ଥଳ 'ଲାଇଫଷ୍ଟାଇଲ୍' ପକ୍ଷରୁ ଚଳିତ ରଜ ପର୍ବକୁ ନିଆରା ଢଙ୍ଗରେ ପାଳନ ସହ ଲାଇଫଷ୍ଟାଇଲ୍ ମିସ୍ ରଜର ୨ୟ ସିଜନ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଉକ୍ତ ପ୍ରତିଯୋଗିତାରେ ଭୁବନେଶ୍ୱର ସହରର ଯୁବ ମହିଳାମାନଙ୍କ ଅଭିଳାଷ ଓ ସ୍ୱତନ୍ତ୍ର ଫ୍ୟାଶନର ସମ୍ବେଦନଶୀଳତାକୁ ପାଳନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏ ସମ୍ପର୍କରେ ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାଶ ତାଙ୍କ ସୋସିଆଲ ମିଡିଆରେ ମଧ୍ୟ ବିସ୍ତୃତ ସୂଚନା ସହ ଉକ୍ତ ପ୍ରତିଯୋଗିତା ବିଷୟରେ ଘୋଷଣା କରିଛନ୍ତି।

ପ୍ରତିଯୋଗୀମାନେ ନିଜର ଷ୍ଟାଇଲିଶ ଫଟୋକୁ ଇନ୍‌ଷ୍ଟାଗ୍ରାମରେ ହାସ୍‌ଟ୍ୟାଗ୍ ସହ ଷ୍ଟୋରର ୱେବ୍‌ସାଇଟରେ ଅପ୍‌ଲୋଡ୍ କରି ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ହେବ। ପ୍ରତିଯୋଗିତାର ଆବେଦନଗୁଡ଼ିକୁ ଷ୍ଟାଇଲିଶ ଲୁକ୍ ସୃଷ୍ଟି ଓ ପୋଷ୍ଟକୁ ମିଳିଥିବା ଅଧିକ ଲାଇକ୍ ଆଧାରରେ ଅନୁଶୀଳନ କରାଯିବ। ୯ ଜୁନ୍‌ରେ ୧୦ ପ୍ରାକ୍-ଫାଇନାଲିଷ୍ଟଙ୍କ ନାମ ଘୋଷଣା କରାଯିବ। ଏହି ପରିପ୍ରେକ୍ଷୀରେ ଅଭିନେତ୍ରୀ ଭୂମିକା ଦାଶ ଲାଇଫଷ୍ଟାଇଲ୍ ମିସ୍ ରଜ ପର୍ବ-୨୦୨୨ର ବିଜେତାଙ୍କ ନାମ ଘୋଷଣା ସହ ୫୦ହଜାର ଟଙ୍କା ମୂଲ୍ୟର ଭାଉଚର ହସ୍ତାନ୍ତର କରିବେ। ଉକ୍ତ ପ୍ରତିଯୋଗିତା ବିଷୟରେ ଘୋଷଣାକରି ଭୂମିକା କହିଛନ୍ତି, ଲାଇଫଷ୍ଟାଇଲ୍ ମିସ୍ ରଜ ୨୦୨୨ ପ୍ରତିଯୋଗିତାର ଦ୍ୱିତୀୟ ସିଜନ ପାଇଁ ଲାଇଫଷ୍ଟାଇଲ୍ ସହ ଯୋଡ଼ି ହୋଇଥିବାରୁ ମୁଁ ଅତ୍ୟନ୍ତ ଖୁସି। ସେହିଭଳି ଲାଇଫଷ୍ଟାଇଲ୍‌ର ସହକାରୀ ଉପସଭାପତି (ମାର୍କେଟିଂ) ରୋହିନି ହଲଦିଆ କହିଛନ୍ତି, ଭୁବନେଶ୍ୱରରେ ରଜ ପର୍ବ ଉତ୍ସବ ପାଳନ କରିବା ଆମ ପାଇଁ ଏକ ଶ୍ରେଷ୍ଠ ଅନୁଭବ। ଅଂଶଗ୍ରହଣକାରୀମାନଙ୍କ ଅଭିଳାଷ ଓ ଉତ୍ସାହ ଏହି ପ୍ରତିଯୋଗିତାର ଶକ୍ତିକୁ ବାସ୍ତବରେ ବଢ଼ାଇଛି। ଲାଇଫଷ୍ଟାଇଲ୍ ଏହାର ଟ୍ରେଣ୍ଡି ଉତ୍ସବ ସମ୍ଭାର ଓ ଲାଇଫଷ୍ଟାଇଲ ମିସ୍ ରଜ ୨୦୨୨ ଗର୍ବର ସହିତ ଭୁବନେଶ୍ୱରର ଯୁବ ମହିଳାମାନଙ୍କ ସହ ନାରୀତ୍ୱ ପ୍ରତି ବାସ୍ତବ ଭାବକୁ ପାଳନ କରୁଛି।

# କୋର୍ ସେକ୍ଟରରେ ୮.୪% ବୃଦ୍ଧି

**ନୂଆଦିଲ୍ଲୀ,୩୧।୫**

ଏପ୍ରିଲ୍ ମାସରେ ବୃଦ୍ଧି ପାଇବଥିବା ବିଦ୍ୟୁତ୍ ଚାହିଦା ପୂରଣ କରିବା ପ୍ରୟାସର ପ୍ରଭାବ କୋର୍ ସେକ୍ଟରଗୁଡ଼ିକ ଉପରେ ଦେଖିବାକୁ ମିଳିଛି। ମଙ୍ଗଳବାର ଜାରି ହୋଇଥିବା ତଥ୍ୟ ଅନୁସାରେ ଏପ୍ରିଲରେ କୋର୍ ସେକ୍ଟରରେ ଉତ୍ପାଦନ ୮.୪%ର ଦ୍ରୁତ ଗତିରେ ବୃଦ୍ଧି ପାଇଛି। କୋର୍ ସେକ୍ଟର ମଧ୍ୟରେ ସର୍ବାଧିକ ଅଭିବୃଦ୍ଧି କୋଇଲା ଏବଂ ବିଦ୍ୟୁତ୍ ସେକ୍ଟରରେ ଦେଖାଦେଇଛି। ଏହାଛଡ଼ା ପେଟ୍ରୋଲିୟମ୍ ପ୍ରଡକ୍ଟଗୁଡ଼ିକରେ ମଧ୍ୟ ବୃଦ୍ଧି ଦେଖିବାକୁ ମିଳିଥିଲା। ୧ ବର୍ଷ ପୂର୍ବରୁ ଏପ୍ରିଲ୍ ମାସରେ କୋର୍ ସେକ୍ଟରରେ ୬୨.୬%ର ଅଭିବୃଦ୍ଧି ଦେଖିବାକୁ ମିଳିଥିଲା। କୋଭିଡ୍ ମହାମାରୀ କାରଣରୁ ୨୦୨୦ ଏପ୍ରିଲରେ ବିଭିନ୍ନ କାର୍ଯ୍ୟ ବନ୍ଦ ହୋଇଯିବା ଫଳରେ ନିମ୍ନ ବେସ୍ ଇଫେକ୍ଟ କାରଣରୁ ଏହି ବୃଦ୍ଧି ଦେଖିବାକୁ ମିଳିଥିଲା।

# ଆଇଓବିର ନୂତନ ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ

**ଭୁବନେଶ୍ୱର,୩୧।୫**


ଗୌରବ ଭରଦ୍ୱାଜ

ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ (ଆଇଓବି) ର ଭୁବନେଶ୍ୱରସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟର ନୂତନ ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ ଭାବେ ଗୌରବ ଭରଦ୍ୱାଜ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଉତ୍ତରାଖଣ୍ଡ ଡେରାଡୁନ୍‌ରେ ମଧ୍ୟ କ୍ଷେତ୍ରୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଭରଦ୍ୱାଜ ୨୦୦୦ରେ ପ୍ରୋବେସନାରି ଅଫିସର ଭାବେ ବ୍ୟାଙ୍କରେ ଯୋଗ ଦେବା ସହ ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ଚଣ୍ଡିଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ ଓ ରାଜସ୍ଥାନ ଭଳି କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରିଛନ୍ତି। ଦୀର୍ଘ ୨୨ ବର୍ଷ କାର୍ଯ୍ୟକାଳ ମଧ୍ୟରେ ସେ ପ୍ରାୟ ୧୯ବର୍ଷ ବ୍ୟାଙ୍କର ବିଭିନ୍ନ ଶାଖାରେ ମଧ୍ୟ କାର୍ଯ୍ୟ କରିଛନ୍ତି। ତାଙ୍କର ରିଟେଲ୍, ଏମ୍‌ଏସ୍‌ଏମ୍‌ଇ ଓ ଗ୍ରାହକ ସେବା କ୍ଷେତ୍ରରେ ଅଧିକ ରୁଚି ରହିଥିବା ସେ ପ୍ରକାଶ କରିଛନ୍ତି। ତାଙ୍କର କାର୍ଯ୍ୟକାଳ ମଧ୍ୟରେ ସେ ଅଧିକ ଋଣ ପ୍ରଦାନ ସହ ଅଗ୍ରିମ ଜମା ହାର ବୃଦ୍ଧି କରାଇବା ପାଇଁ ଉଦ୍ୟମ କରିବେ ବୋଲି ଭରଦ୍ୱାଜ ମତବ୍ୟକ୍ତ କରିଛନ୍ତି।

### ଫୁରସତ୍

# ସ୍ୱପ୍ନ ଛଡ଼ାଇନେଇଛି ଯୁଦ୍ଧ


ଆଣ୍ଟୋନ ଗ୍ଲାଡନ୍

**ଯୁଦ୍ଧ ଶବ୍ଦର ଅର୍ଥହିଁ ଧ୍ୱଂସ। ଏହାଦ୍ୱାରା କାହାରି ଲାଭ ହେବା ଅସମ୍ଭବ। ଯୁଦ୍ଧ ସବୁକିଛି ନଷ୍ଟ କରୁଥିବାବେଳେ ଏହାର ପରିଣତି ସର୍ବଦା କରୁଣ ଓ କଷ୍ଟଦାୟକ। ଅନ୍ୟ ଆଗରେ ନିଜର କ୍ଷମତା ଓ ପ୍ରଭାବକୁ ଦେଖେଇ ହେବା ପାଇଁ ଶକ୍ତିଶାଳୀ ରାଷ୍ଟ୍ର ଯୁଦ୍ଧକୁ ଆପଣାଇଥାନ୍ତି। ଦୀର୍ଘ ୩ ମାସରୁ ଅଧିକ ଦିନ ଧରି ଜାରି ରହିଛି ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ। ଏହାର ଫଳାଫଳ ଉଭୟ ଦେଶ ଭୋଗିବା ଆରମ୍ଭ କରିସାରିଛନ୍ତି। ଯୁଦ୍ଧ ଯୋଗୁ ଅନେକ ଲୋକଙ୍କ ସ୍ୱପ୍ନ ଏବେ ଦିଗହରା। ସ୍ୱପ୍ନ ପୂରା କରିବା ପାଇଁ କେତେ ଯେ ସମୟ ଲାଗିବ ତାହା ଅଜଣା। ଏମିତି କେତେଜଣ ବ୍ୟକ୍ତି ବିଶେଷଙ୍କ ବିଷୟରେ ଜାଣିବା ଯେଉଁମାନେ ଯୁଦ୍ଧ ଯୋଗୁ ଚିରକାଳ ପାଇଁ ନିଜ ହାତ ଓ ଗୋଡ଼ ହରାଇବା ସହ ସେମାନଙ୍କ ସ୍ୱପ୍ନ ସେହି ଯୁଦ୍ଧର ଧ୍ୱଂସାବଶେଷ ତଳେ ଚାପି ହୋଇଯାଇଛି।**

**ପ୍ରଭାବଶାଳୀଙ୍କ ନିଷ୍ପତ୍ତି ପାଇଁ ଅକାରଣେ କଷ୍ଟ ଭୋଗୁଛନ୍ତି ବହୁଲୋକ**

**କିଭ୍:** ଫେବୃଆରୀ ୨୪ରେ ରୁଷିଆ ୟୁକ୍ରେନ୍ ଉପରକୁ ଆକ୍ରମଣ କରିଥିଲା। ୩୫ ଶହରୁ ଉର୍ଦ୍ଧ୍ୱ ଲୋକ ଏଥିରେ ପ୍ରାଣ ହରାଇସାରିଥିବାବେଳେ ପାଖାପାଖି ୪ ହଜାର ଲୋକ ଆହତ ହୋଇଛନ୍ତି। ଆଗରୁ ଯୁଦ୍ଧର ଆଭାସ ମିଳିଯାଇଥିବା କାରଣରୁ ଲୋକେ ଘରଦ୍ୱାର ଛାଡ଼ି ଅନ୍ୟ ଦେଶକୁ ଚାଲିଯାଇଥିଲେ, ଯେଉଁମାନେ ଭାଗ୍ୟକୁ ଆଦରି ସେଠାରେ ରହିଥିଲେ ସେମାନଙ୍କୁ ବହୁ କଷ୍ଟ ଓ ଯାତନାର ସାମ୍ନା କରିବାକୁ ପଡ଼ିଛି। ରୁଷିଆ ସେଲ୍ ମାଡ଼ରେ ୪୫ ବର୍ଷୀୟା ଓଲେନାଙ୍କ ବାମ ଗୋଡ଼ ନଷ୍ଟ ହୋଇଯାଇଥିବାବେଳେ ପୁଅ ଇଭାନ୍ ସବୁଦିନ ପାଇଁ ତାଙ୍କୁ ଛାଡ଼ି ଚାଲିଯାଇଛି। ଇଭାନ୍‌ଙ୍କୁ ମ୍ୟୁଜିକ୍ ପସନ୍ଦ ଥିବାବେଳେ ଦୁର୍ଘଟଣା କାରଣରୁ ଓଲେନାଙ୍କ ପରିବାରରୁ ସଙ୍ଗୀତ ସବୁଦିନ ପାଇଁ ଲିଭି ଯାଇଛି। ୧୧ ବର୍ଷୀୟା ୟାନା ମା' ନତାସାଙ୍କ ସହ ଟ୍ରେନରେ ଯାଉଥିଲେ। କିନ୍ତୁ ଭୁଲରେ ସେମାନେ ଆଉ ଏକ ଟ୍ରେନ୍ ଧରି ଅନ୍ୟ ଗୋଟିଏ ସ୍ଥାନକୁ ଚାଲିଯାଇଥିଲେ। ସେମାନେ ସେଠାରେ ପହଞ୍ଚିଲା ବେଳକୁ ଭିଷଣ ବୋମାମାଡ଼ ଜାରି ଥିଲା। ଏଥିରେ ୟାନା ଓ ତାଙ୍କ ମା' ନତାସା ଆହତ ହୋଇଥିଲେ। ୟାନାଙ୍କୁ ତ ତାଙ୍କର ଦୁଇ ଗୋଡ଼ ହରାଇବାକୁ ପଡ଼ିଛି। ବର୍ତ୍ତମାନ ନତାସା ଏବଂ ୟାନାଙ୍କ ଯତ୍ନ ନେଉଛନ୍ତି ତାଙ୍କ ଭାଇ ୟାରିକ୍।

ମାର୍ଚ୍ଚ ୨୭ରେ ୨୩ ବର୍ଷୀୟା ଓକ୍‌ସାନାଙ୍କ ଘର ନିକଟରେ ହୋଇଥିଲା ବଡ଼ ଧରଣର ବିସ୍ଫୋରଣ। ସେ କିଛି ବୁଝିବା ଆଗରୁ ତାଙ୍କ ଦୁଇ ଗୋଡ଼ ଅଚଳ ହୋଇଯାଇଥିଲା। ଦେହରେ ଅସହ୍ୟ ଯନ୍ତ୍ରଣା। ଅନୁଭୂତ ହେଉଥିବାବେଳେ ସେ ସମୟରେ ଓକ୍‌ସାନା ନିଜକୁ ଅସହାୟ ମନେ କରୁଥିବା କରିଛନ୍ତି। ଯୁଦ୍ଧ ଓକ୍‌ସାନାଙ୍କୁ ସବୁଦିନ ପାଇଁ ଦିବ୍ୟାଙ୍ଗ ସଜେଇ ଦେଇଥିବାବେଳେ ଏବେ ଏକମାତ୍ର ସାହାରା ପାଲଟିଛନ୍ତି ତାଙ୍କ ସ୍ୱାମୀ। ମାର୍ଚ୍ଚ ୧୭ରେ ନାଷ୍ଟିଆ ଚେରନିହିଭ୍‌ରେ ଥିବା ତାଙ୍କ ଭାଇଙ୍କ ନିକଟକୁ ଯାଇଥିଲେ। ଘରୁ ଦୁଇ ଗୋଡ଼ରେ ଯାଇଥିବା ନାଷ୍ଟିଆ କିନ୍ତୁ ଘରକୁ ଗୋଟିଏ ଗୋଡ଼ରେ ଫେରିଥିଲେ। ସେହିପରି ୨୨ ବର୍ଷୀୟ ଆଣ୍ଟୋନ ଗ୍ଲାଡନ୍ ଜଣେ ସ୍ୱାସ୍ଥ୍ୟକର୍ମୀ। ରୋଗୀଙ୍କ ସେବା କରୁଥିବା ଆଣ୍ଟୋନ କେବେ ଭାବି ନ ଥିଲେ ଭବିଷ୍ୟତରେ ତାଙ୍କୁ ଟ୍ରାଇ ସାଇକେଲର ସହାଯ୍ୟ ନେବାକୁ ପଡ଼ିବ। ଦୁଇ ଗୋଡ଼ ହରାଇବାର ଦୁଃଖ କ'ଣ ଆଣ୍ଟୋନ୍‌ଙ୍କ ଛଡ଼ା ଆଉ କେହି ଭଲଭାବେ ବୁଝିପାରିବେ ନାହିଁ।


ୟାନା

# ବ୍ୟସ୍ତ ଅଛନ୍ତି ଆଲିଆ



**ଲଣ୍ଡନ:** ବାହାଘର ପରେ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଏବେ ବହୁତ ବ୍ୟସ୍ତ। ତେବେ ଏହି ବ୍ୟସ୍ତ ପଛର କାରଣ ହେଉଛି କ୍ୟାରିୟର। ହଲିଉଡ୍ ଫିଲ୍ମ 'ହାର୍ଟ ଅଫ୍ ଷ୍ଟୋନ୍' ଜରିଆରେ ସେ ନିଜର ହଲିଉଡ୍ କ୍ୟାରିୟର୍ ଆରମ୍ଭ କରିବାକୁ ଯାଉଛନ୍ତି। ଲଣ୍ଡନରେ ଫିଲ୍ମର ଶୁଟିଂ ଆରମ୍ଭ ହୋଇଥିବାବେଳେ ଆଲିଆ ସେଥିରେ ଏବେ ବ୍ୟସ୍ତ। ସ୍ୱାମୀ ରଣବୀର ଓ ଆଲିଆଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ବ୍ରହ୍ମାସ୍ତ୍ର'ର ପ୍ରମୋଶନ୍ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବାବେଳେ ସେଥିରେ ସାମିଲ ହୋଇପାରି ନାହାନ୍ତି ଆଲିଆ। ରଣବୀର ଫିଲ୍ମର ପ୍ରମୋଶନ୍ ପାଇଁ ଭାଇଜାଗ୍‌ରେ ପହଞ୍ଚିଥିଲେ, ଯେଉଁଠାରେ ପ୍ରଖ୍ୟାତ ଫିଲ୍ମ ନିର୍ଦ୍ଦେଶକ ଏସ୍.ଏସ୍. ରାଜାମୌଲି ମଧ୍ୟ ସାମିଲ ହୋଇଥିଲେ। ତେବେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲିଆ ଏଥିରେ ଯୋଗ ଦେଇଥିଲେ। ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ତେଲୁଗୁରେ ଦୁଇପଦ କହିଥିଲେ ଆଲିଆ। ତେବେ କାର୍ଯ୍ୟକ୍ରମରେ ଉପସ୍ଥିତ ନ ରହି ମଧ୍ୟ ସେ ରଣବୀରଙ୍କ ହୃଦୟରେ ଥିବା କହିଛନ୍ତି। ଫିଲ୍ମଟି ଆସନ୍ତା ଜୁନ୍ ୧୫ ତାରିଖରେ ମୁକ୍ତିଲାଭ କରିବ।

# ଏକକାଳୀନ ଦୁଇଥର ଗର୍ଭଧାରଣ

**ୱାଶିଂଟନ:** ଟେକ୍ସାସ୍‌ର ୩୦ ବର୍ଷୀୟା କାରା ୱିନ୍‌ହୋଲ୍ଡ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଏକକାଳୀନ ଦୁଇ ଦୁଇଥର ଗର୍ଭଧାରଣ ପରେ କାରା ଜନ୍ମ ଦେଇଛନ୍ତି ଯମଜ ସନ୍ତାନଙ୍କୁ। ଏହାପୂର୍ବରୁ ତାଙ୍କର ତିନିଥର ଗର୍ଭପାତ ହୋଇଥିଲା। ତେବେ ଏ ପ୍ରକାର ବିରଳ ଗର୍ଭଧାରଣ କ୍ଷମତାକୁ ଡାକ୍ତରୀ ଭାଷାରେ 'ସୁପର ଫେଟେସନ୍' ବୋଲି କୁହାଯାଏ। ମୁଖ୍ୟଭାବେ ମହିଳାଙ୍କ ଡିମ୍ବାଶୟରୁ ଦୁଇଟି ଡିମ୍ବାଣୁ ଗୋଟିଏ ସପ୍ତାହ ଅନ୍ତରାୟରେ ଫର୍ଟିଲାଇଜ୍ ହୋଇଥାଏ।



ଏହା ଏକ ଚମତ୍କାର ବୋଲି କହିଛନ୍ତି କାରା। ୨୦୧୮ରେ କାରା ତାଙ୍କ ପ୍ରଥମ ସନ୍ତାନକୁ ଜନ୍ମ ଦେଇଥିଲେ। ଏହାପରେ ସେ ଓ ତାଙ୍କ ସ୍ୱାମୀ ପରିବାରକୁ ବଢ଼ାଇବାର ନିଷ୍ପତ୍ତି ନେଇଥିଲେ। କିନ୍ତୁ ୨୦୧୯ରେ ଗୋଟିଏ କନ୍ୟା ସନ୍ତାନ ଜନ୍ମ ହେବା ପୂର୍ବରୁ ପ୍ରାଣ ହରାଇଥିବାବେଳେ ୨୦୨୦ ରେ ଏବଂ ୨୦୨୧ରେ ଦୁର୍ଭାଗ୍ୟବଶତଃ ଗର୍ଭପାତ ଘଟିଥିଲା। ଏ ଘଟଣା ପରେ କାରା ଆଉ ଗର୍ଭଧାରଣ ପାଇଁ ସକ୍ଷମ ନୁହନ୍ତି ବୋଲି ଭାବି ଦେଇଥିଲେ। କିନ୍ତୁ ଚମତ୍କାର ଭାବେ ସେ ପୁଣି ଗର୍ଭବତୀ ହେବା ସହ ଦୁଇଟି ଯମଜ ସନ୍ତାନ ଜନ୍ମ ଦେଇ ଅତ୍ୟନ୍ତ ଖୁସି ଥିବା କହିଛନ୍ତି।

# ମାତାପିତା ପ୍ରଥମ ଶିକ୍ଷକ

### ବିଶ୍ୱ ମାତୃପିତୃ ଦିବସ

ମାତାପିତା ହେବା ପ୍ରତିଟି ପ୍ରାଣୀ ପାଇଁ ଏକ ନିଆରା ଅନୁଭୂତି । ଜନ୍ମ ପୂର୍ବରୁ ଏବଂ ଶିଶୁର ଜନ୍ମ ପରବର୍ତ୍ତୀ ଦାୟିତ୍ୱ ମାତାପିତାଙ୍କୁ ଭଲ ଭାବେ ତୁଲାଇବାକୁ ପଡ଼ିଥାଏ। ଏନେଇ ମାତାପିତାଙ୍କର ପୂର୍ବ ପ୍ରସ୍ତୁତିର ମଧ୍ୟ ଆବଶ୍ୟକତା ରହିଥାଏ; ଯାହାଦ୍ୱାରା ଶିଶୁର ବିକାଶ ଧାରାରେ ବାଧା ସୃଷ୍ଟି ହୋଇ ନ ଥାଏ। ମାତାପିତା ଶିଶୁର ପ୍ରଥମ ଶିକ୍ଷକ। ଏହା ପ୍ରତିଟି ପ୍ରାଣୀ କ୍ଷେତ୍ରରେ ଦୃଷ୍ଟି ଗୋଚର ହୋଇଥାଏ। ଶ୍ରେଷ୍ଠ ପ୍ରାଣୀ ଭାବେ ମନୁଷ୍ୟଠାରେ ଏହାର ବହୁଳ ବ୍ୟବହାରିକ ପ୍ରତିଫଳନ ଦୃଷ୍ଟି ଗୋଚର ହେବା ସ୍ୱାଭାବିକ ମଧ୍ୟ। ଶିଶୁ ଜନ୍ମ ପରେ ମାତାପିତାଙ୍କ କାର୍ଯ୍ୟ ଏବଂ କଥା ଶୈଳୀକୁ ଅନୁକରଣ କରି କହିବା ଶିଖିଥାଏ। ଏହା ସହିତ ଅନ୍ୟାନ୍ୟ କ୍ରମବିକାଶ ଶିଶୁଠାରେ ମାତାପିତାଙ୍କ ଯୋଗୁ ହୋଇଥାଏ। ମାତାପିତାଙ୍କ ଏଭଳି ମହାନ କାର୍ଯ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ୍ ୧ରେ ବିଶ୍ୱ ମାତୃପିତୃ ଦିବସ ପାଳନ କରାଯାଇଥାଏ। ୨୦୧୨ ରେ, ଜାତିସଂଘର ସାଧାରଣ ସଭା ପକ୍ଷରୁ ପ୍ରଥମ ବିଶ୍ୱ ମାତୃପିତୃ ଦିବସ ପାଳନ ସମ୍ପର୍କରେ ଘୋଷଣା କରାଯାଇଥିଲା। ମାତାପିତା ସେମାନଙ୍କର ପିଲାମାନଙ୍କୁ ସୁରକ୍ଷା ଦିଅନ୍ତି ଏବଂ ସେମାନଙ୍କର ଅଭିବୃଦ୍ଧି ନିଶ୍ଚିତ କରିବାକୁ ବଳିଦାନ ଦେଇଥାନ୍ତି। ବିଶ୍ୱ ମାତୃପିତୃ ଦିବସରେ ସେମାନେ କରିଥିବା ସମସ୍ତ କାର୍ଯ୍ୟ ପାଇଁ ସେମାନଙ୍କୁ କୃତଜ୍ଞତା ଜଣାଯାଇଥାଏ। ମାତାପିତାଙ୍କ ସହିତ ସମ୍ପର୍କ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ମାତାପିତାଙ୍କ କାର୍ଯ୍ୟ ଅତୁଳନୀୟ। ୨୦୧୨ ସେପ୍ଟେମ୍ବର ୧୭ରେ, ମିଳିତ ଜାତିସଂଘ ପକ୍ଷରୁ ଜୁନ୍ ୧କୁ ଗ୍ଲୋବାଲ ପ୍ୟାରେଣ୍ଟ୍ସ ଡେ ପାଳନ କରିବାର ଦିନ ଭାବରେ ଘୋଷଣା ହୋଇଥିଲା। ଏହାପରେ ୨୦୧୩ଠାରୁ ଜୁନ୍ ୧ରେ ପ୍ରଥମ ବିଶ୍ୱ ମାତୃପିତୃ ଦିବସ ପାଳନ କରାଯାଇଥିଲା।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ପାଟଣା, ୩୧।୫(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ରାଜନଗର ବିଟ କୋଡ଼ଖମଣ ଗାଁରେ ଭାଲୁ ଆକ୍ରମଣରେ ଜଣେ ଗୁରୁତର ହୋଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି। ଗୁରୁତର ଜଣକ ହେଲେ ସଦାନନ୍ଦ ମହାନ୍ତ(୪୫)। ସୂଚନା ଅନୁଯାୟୀ ମଙ୍ଗଳବାର ସକାଳୁ ସଦାନନ୍ଦ ଘର ନିକଟରେ ଥିବା ଆମ୍ବ ଗୋଟାଉଥିବା ବେଳେ ଗଛ ଉପରେ ଥିବା ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଭାଲୁ କବଳରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସଦାନନ୍ଦଙ୍କ ବାମ ଗୋଡ଼ରେ ଗଭୀର କ୍ଷତ ହୋଇଥିବା ଜଣାପଡିଛି।

## ସଂକ୍ଷେପରେ

### ନନ୍ଦନକାନନରେ କୁଜି ହରିଣ, ଭାଲୁ ମୃତ

ବାରଙ୍ଗ,୩୧।୫(ଡି.ଏନ୍.ଏ.): ପ୍ରାଣୀଉଦ୍ୟାନ ନନ୍ଦନକାନନର ୭୦ନଂ. ଏନ୍‌କ୍ଲୋଜରରେ ଥିବା ଅଣ୍ଡିରା କୁଜି ହରିଣ ଏବଂ ଜୟପୁରରୁ ଆସିଥିବା ଅଣ୍ଡିରା ଦେଶୀ ଭାଲୁର ମଙ୍ଗଳବାର ମୃତ୍ୟୁ ହୋଇଛି। ୧୦ ବର୍ଷର କୁଜି ହରିଣଟିର ଗୋଡରେ ଘା' ହୋଇଥିବାରୁ ଗତ ସପ୍ତାହରୁ ସେ ଚିକିତ୍ସିତ ହେଉଥିଲା। ହରିଣକୁ ନିଶା ଦିଆଯାଇ ଚିକିତ୍ସା ଆରମ୍ଭ ହୋଇଥିଲା। ହେଲେ ଘା'ଟି ବଢି ସଂକ୍ରମିତ ହୋଇଯାଇଥିଲା। ସୋମବାର ପୁଣି ତାକୁ ଇଞ୍ଜେକ୍ସନ ଦିଆଯିବା ପରେ ମଙ୍ଗଳବାର ସକାଳେ ତା'ର ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଭାଲୁ ଜୟପୁରରୁ ଅସୁସ୍ଥ ଅବସ୍ଥାରେ ଉଦ୍ଧାର ହୋଇ ଓୟୁଏଟିକୁ ଆସିଥିଲା। ସେଠାରେ ତା'ର ବାମ ପଟ ଛାତିରୁ ଏକ ଦେଶୀଗୁଳି କଢାଯାଇଥିଲା। ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ମେ' ୪ରେ ନନ୍ଦନକାନନକୁ ଅଣାଯାଇଥିଲା। ଭାଲୁଟି ଶିକାରୀର ଗୁଳିବିଦ୍ଧ ହୋଇଥିବା ଅନୁମାନ କରାଯାଇଥିବାବେଳେ ନନ୍ଦନକାନନରେ ଏକ୍ସ-ରେ କରାଯାଇ ଚିକିତ୍ସା ଆରମ୍ଭ ହୋଇଥିଲେ ମଧ ତା'ର ମୃତ୍ୟୁ ଘଟିଥିଲା।

### ଅଟୋ ଦୁର୍ଘଟଣାରେ ୨ ମହିଳା ମୃତ

ଫୁଲବାଣୀ ଅଫିସ, ୩୧।୫:କନ୍ଧମାଳ ଜିଲା ସୀମାନ୍ତ ୧୫୭ ନଂ. ଜାତୀୟ ରାଜପଥର ରାଣୀପଥର ଘାଟିରେ ମଙ୍ଗଳବାର ଏକ ଅଟୋ ଦୁର୍ଘଟଣାରେ ୨ ମହିଳାଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ମୃତଦ୍ୱୟ ହେଲେ ବୌଦ୍ଧ ଜିଲା ହରଭଙ୍ଗା ଥାନା ଅନ୍ତର୍ଗତ ଲୋକାପଡା ଗ୍ରାମର ଗୁରୁବାରୀ ମାଝୀ ଓ ବାଘଛେପ୍ରା ଗ୍ରାମର କୁମାରୀ କହଁର। ପ୍ରକାଶ ଯେ, ଏକ ଅଟୋ ଯୋଗେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଲୋକାପଡା ବନ୍ତିଝୋଲି ଓ ବାଘଛେପ୍ରା ଗ୍ରାମର ୮ ଜଣ ମିଶି କନ୍ଧମାଳ ଜିଲା ଭେଟଝୋଲ ଗ୍ରାମକୁ ଏକ ପୂଜା କାର୍ଯ୍ୟରେ ଯୋଗଦେବା ପାଇଁ ଆସିଥିଲେ। ସେଠାରୁ କାମ ସାରି ଫେରୁଥିବା ସମୟରେ ଘାଟି ଉପରେ ଭାରସାମ୍ୟ ହରାଇ ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଗାଡିରେ ବସିଥିବା ଯାତ୍ରୀଙ୍କ ମଧ୍ୟରୁ ୭ ଜଣ ଗୁରୁତର ହୋଇଥିଲେ। ଖବର ପାଇ ଚାରିଛକରୁ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ପୁରୁଣା କଟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାରୀ ଓ କୁମାରୀଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ପରିସ୍ଥିତିର ଅନୁଧାନ କରୁଛି।

### ମେ'ରେ ୪୧୫ ଜଣଙ୍କୁ ନିଯୁକ୍ତି ଦେଇଛି ଓଏସ୍ଏସ୍‌ସି

ଭୁବନେଶ୍ୱର, ୩୧।୫(ବ୍ୟୁରୋ) ଚଳିତବର୍ଷ ମେ' ମାସରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍ଏସ୍‌ସି) ୪ଟି ରେଜଲ୍ଟ ପ୍ରକାଶ କରି ୪୧୫ ଜଣଙ୍କୁ ନିଯୁକ୍ତି ଦେଇଛି। ଏହି ୪ଟି ପଦବୀ ପାଇଁ ୪୧୮ ସିଟ୍ ନିମନ୍ତେ ପରୀକ୍ଷା ହୋଇଥିଲା। ଏଥିରେ ୪୧୫ଜଣ ମନୋନୀତ ହୋଇଛନ୍ତି। ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟରେ ଲାବୋରେଟୋରୀ ଆସିଷ୍ଟାଣ୍ଟ-କମ୍-ଷ୍ଟୋର୍ କିପର ପାଇଁ ୨୯୧ଜଣ ମନୋନୀତ ହୋଇଥିବା ବେଳେ ଟେକ୍ସଟାଇଲ ନିର୍ଦ୍ଦେଶାଳୟରେ ପ୍ରାଇମେରୀ ଇନ୍‌ଭେଷ୍ଟିଗେଟର ପାଇଁ ୭, ଅର୍ଥ ବିଭାଗ ଏବଂ ଇଏସ୍ଆଇ ନିର୍ଦ୍ଦେଶାଳୟ ପାଇଁ ୮୨ ଏବଂ ଫୁଡ୍ ସେଫ୍ଟି କମିଶନରେ ଫୁଡ୍ ସେଫ୍ଟି ଅଫିସର ପାଇଁ ୩୫ ଜଣ ମନୋନୀତ ହୋଇଛନ୍ତି। ଏ ନେଇ ଓଏସ୍ଏସ୍‌ସି ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।

## ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ପ୍ରଚଳନ ପ୍ରସଙ୍ଗ

# ପ୍ରଭାବିତ ହେବେ ୨୦ ହଜାରରୁ ଊର୍ଦ୍ଧ୍ୱ ପରିବାର

ଭୁବନେଶ୍ୱର, ୩୧।୫(ବ୍ୟୁରୋ) ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ପ୍ରଚଳନ ପରଠାରୁ ନମ୍ବର ପ୍ଲେଟ କାମ ଦ୍ୱାରା ରୋଜଗାର କରୁଥିବା ରାଜ୍ୟର ସହସ୍ରାଧିକ ନମ୍ବର ପ୍ଲେଟ ଆର୍ଟିଷ୍ଟ ବେକାର ହୋଇଯାଇଛନ୍ତି। ଅଦ୍ୟାବଧି ସରକାରଙ୍କ ପକ୍ଷରୁ ସେମାନଙ୍କ ଜୀବିକା ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଅପରପକ୍ଷେ ନୂଆ ପରିବହନ ନୀତି ବ୍ୟବହାର ଫଳରେ କିଛି ପୁରୁଣା ଗାଡ଼ିର ନମ୍ବର ପ୍ଲେଟ ଲେଖି ଚଳୁଥିବା ଏହି ଶ୍ରମିକମାନଙ୍କ ହାତରୁ ରୋଜଗାର ଛଡ଼ାଇ ନିଆଯାଇଛି ବୋଲି ଓଡ଼ିଶା ନମ୍ବରପ୍ଲେଟ ଆଣ୍ଡ ଷ୍ଟିକରିଂ ଆର୍ଟିଷ୍ଟ ଆସୋସିଏଶନ୍ ପକ୍ଷରୁ ଅଭିଯୋଗ କରାଯାଇଛି। ଝିଣ୍ଟିକା ମାରି ବଣି ପୋଷିବା ନୀତିରେ ରାଜ୍ୟର ୨୦ ହଜାରରୁ ଊର୍ଦ୍ଧ୍ୱ ପରିବାର ଜୀବିକା ହରାଇ ବସିଛନ୍ତି। ଆସୋସିଏଶନ୍ ପକ୍ଷରୁ ମଙ୍ଗଳବାର ଉତ୍କଳ ସାମ୍ବାଦିକ ଭବନରେ ଆୟୋଜିତ



ଖବରଦାତା ସମ୍ମିଳନୀରେ ଓଡ଼ିଶା ନମ୍ବରପ୍ଲେଟ ଆଣ୍ଡ ଷ୍ଟିକରିଂ ଆର୍ଟିଷ୍ଟ ଆସୋସିଏଶନ୍‌ର କର୍ମକର୍ତ୍ତା।

ଖବରଦାତା ସମ୍ମିଳନୀରେ ସରକାରଙ୍କ ଏତାଦୃଶ ନିଷ୍ପତ୍ତିର ଦୃଢ ନିନ୍ଦା କରାଯାଇଛି। ଗାଡ଼ିରେ ଲାଗୁଥିବା ହାଇ ସିକ୍ୟୁରିଟି ନମ୍ବର ପ୍ଲେଟର କୌଣସି ସ୍ୱଚ୍ଛତା ନାହିଁ। ନମ୍ବର ପ୍ଲେଟରେ ଦିଆଯାଇଥିବା ବାର୍‌କୋଡ୍ ଏବଂ ଚିପ୍‌କୁ ଲିଭେଇଲେ ଲିଭିଯାଉଛି। ଏହା କେବଳ ଜନସାଧାରଣଙ୍କୁ ଭୁଆଁ ବୁଲାଇ ଲୁଟ୍ କରାଯାଉଛି ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି। ଏଥିସହ ପ୍ରକୃତ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ କାର୍ଯ୍ୟକାରୀ କରାଯାଇ ନମ୍ବର ପ୍ଲେଟ ପ୍ରଚଳନ ପାଇଁ ଆସୋସିଏଶନ ଦାବି କରିଛି। ନମ୍ବର ପ୍ଲେଟ୍‌କୁ ଠିକାଦାରଙ୍କ ପରିବର୍ତ୍ତେ

### ■ ରାସ୍ତାକୁ ଓହ୍ଲାଇବେ ନମ୍ବର ପ୍ଲେଟ୍ ଆର୍ଟିଷ୍ଟ

ରାଜ୍ୟର ନମ୍ବର ପ୍ଲେଟ ଆର୍ଟିଷ୍ଟମାନେ ଏହି କାମ କିପରି ପାଇବେ ତାହାର ବନ୍ଦୋବସ୍ତ କରିବା ପାଇଁ ସରକାର ଓ ପରିବହନ ବିଭାଗ ନିକଟରେ ଦାବି କରାଯାଇଛି। ଏହି ଦାବି ପୂରଣ ଲାଗି ପଦକ୍ଷେପ ନିଆ ନ ଗଲେ ୨୦ ହଜାରରୁ ଊର୍ଦ୍ଧ୍ୱ ନମ୍ବର ପ୍ଲେଟ ଆର୍ଟିଷ୍ଟ ରାସ୍ତାକୁ ଓହ୍ଲାଇବେ ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ ଉପଦେଷ୍ଟା ନାରାୟଣ ଚନ୍ଦ୍ର ଓଝା, ରଞ୍ଜନ ମିଶ୍ର, ସଭାପତି ରଣଜିତ ସିଂହ, ଉପସଭାପତି ଗଙ୍ଗାଧର ଡ଼ାକୁଆ, ସମ୍ପାଦକ ଶିବଶଙ୍କର ଡାକୁଆ, ଯୁଗ୍ମସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାରୁ ୧୬ ଛାତ୍ରୀଛାତ୍ର ଭାଗନେବେ



ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିଆଡ୍‌ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର।

ଭୁବନେଶ୍ୱର, ୩୧।୫(ବ୍ୟୁରୋ) ଦିଲ୍ଲୀରେ ହେବାକୁ ଥିବା ଜାତୀୟ ଯୋଗ ଅଲିମ୍ପିଆଡ୍‌ରେ ଓଡ଼ିଶାରୁ ୧୬ଜଣ ଛାତ୍ରୀଛାତ୍ର ଯୋଗଦେବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହାଇସ୍କୁଲ ପରିସରରେ ୨୮ରୁ ୩୦ ତାରିଖ ମଧ୍ୟରେ ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିଆଡ୍ –୨୦୨୨ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଓ ଜିଲାସ୍ତରରୁ ମନୋନୀତ ହୋଇଥିବା ୩୫୦ ଛାତ୍ରୀଛାତ୍ର ଏହି ଅଲିମ୍ପିଆଡ୍‌ରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ

**ଜାତୀୟ ଯୋଗ ଅଲିମ୍ପିଆଡ୍**

୧୬ଜଣ କୃତୀ ପ୍ରତିଯୋଗୀଙ୍କୁ ଜାତୀୟ ଯୋଗ ଅଲିମ୍ପିଆଡ ପାଇଁ ମନୋନୀତ କରାଯାଇଛି। ଏହି ମନୋନୀତ ଛାତ୍ରୀଛାତ୍ରମାନେ ଜୁନ୍ ୧୨ରେ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଦିଲ୍ଲୀଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ଯୋଗ ଅଲିମ୍ପିଆଡ୍‌ରେ ଯୋଗଦେବେ। ଏ ନେଇ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।


## ODISHA JOINT ENTRANCE EXAMINATION - 2022 (OJEE - 2022)

### SCHEDULE FOR OJEE - 2022

**No. OJEE/245** No. h-56 **Date: 31.05.2022**

| Exam Date | Shift - 1<br>9.00 A.M. - 11.00 A.M. | Shift - 2<br>12.30 P.M. - 2.30 P.M. | Shift - 3<br>4.00 P.M. - 6.00 P.M. |
|---|---|---|---|
| 04.07.2022 | LE Tech (Diploma) | LE Tech (Diploma) | LE Tech (Diploma) |
| 05.07.2022 | MCA | MCA | M. Tech (11 Subjects) + M. Arch + M. Plan + M. Pharm + B. CAT (1 Hour) (Cinematography) |
| 06.07.2022 | MBA | MBA | (1 Hour Duration) Integrated MBA + LE Pharm + LE Tech (B.Sc.) + B. CAT (Sound Record & Design) |
| 08.07.2022 | B. Pharm | B. Pharm | --- |

Admit Cards will be available for downloading with effect from 27.06.2022.

**Sd./- Chairman, OJEE**
OIPR-14020/11/0006/2223


# ୨ଟେକ୍ନିସିଆନ, ଆଟେଣ୍ଡାଣ୍ଟଙ୍କୁ ବଦଳି

## ଭୁଲ୍ ରକ୍ତ ନେଇ ୨ ରୋଗୀଙ୍କ ମୃତ୍ୟୁ ଘଟଣା

କେନ୍ଦୁଝର,୩୧।୫(ସ୍ୱ.ପ୍ର.) କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭୁଲ ରକ୍ତ ନେଇ ଦୁଇ ରୋଗୀଙ୍କ ମୃତ୍ୟୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କାର୍ଯ୍ୟରେ ଅବହେଳା ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ) ସୁଜାତାରାଣୀ ମିଶ୍ର ରକ୍ତ ଭଣ୍ଡାରର ୨ ଟେକ୍ନିସିଆନ ଓ ଜଣେ ଆଟେଣ୍ଡାଣ୍ଟଙ୍କୁ ବଦଳି କରିଛନ୍ତି। ସେମାନଙ୍କ ନାମରେ ଆଗରୁ ଅଭିଯୋଗ ଥିଲା। ତେଣୁ ସେମାନଙ୍କୁ ବଦଳି କରାଯାଇଛି ଓ ତଦନ୍ତ ପରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସିଡିଏମ୍‌ଓ କହିଛନ୍ତି। ସେହିପରି ଏହି ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ହୋଇଛି। ମୃତକଙ୍କ ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେବା ପାଇଁ ମାନବାଧିକାର କମିଶନଙ୍କଠାରେ ନିବେଦନ କରାଯାଇଛି। ପ୍ରକାଶ ଯେ, ଭୁଲ ରକ୍ତ ନେଇ ସଦର ବ୍ଲକ ରାଇସୁଆଁ ପଞ୍ଚାୟତର ସାହୁସାହିର ସୁନି ସାହୁ (୪୦) ଓ କଣ୍ଡରାପଶି ଗ୍ରାମର ଦାମୁ ମୁଣ୍ଡା (୭୦)ଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ଗତ ୧୩ ତାରିଖରେ ସୁନିଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ବି-ପଜିଟିଭ ରକ୍ତ ଦିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ରକ୍ତ ଦେବାକୁ ଆବଶ୍ୟକତା ପଡିଥିଲା। ତେବେ ରକ୍ତ ନମୁନା ଯାଞ୍ଚ ବେଳେ ତାଙ୍କ ବ୍ଲଡ ଗ୍ରୁପ ଏବି ପଜିଟିଭ ବୋଲି ଜଣାପଡ଼ିଥିଲା। ସେଠାରେ ରକ୍ତ ନେବା ପରେ ସୁସ୍ଥ ହୋଇଥିଲେ। ତେବେ ୨୯ ତାରିଖ ଦିନ ତାଙ୍କର ମୃତ୍ୟୁ ହୋଇଥିଲା। ଏଣୁ ଭୁଲ ରକ୍ତ ଯୋଗୁ ମୃତ୍ୟୁବରଣ କରିଥିବା ତାଙ୍କ ପରିବାର ଲୋକ ଅଭିଯୋଗ ଆଣିଥିବା କୁହାଯାଉଛି। ସେହିପରି ଦାମୁ ମୁଣ୍ଡାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଏପ୍ରିଲ ୧ ତାରିଖରେ ରକ୍ତ ଦିଆଯାଇଥିଲା। ତାଙ୍କୁ ଏ-ପଜିଟିଭ ବଦଳରେ ବି-ପଜିଟିଭ ରକ୍ତ ଦିଆଯାଇଥିବା ଅଭିଯୋଗ ହୋଇଛି। ଜଣା ପଡିବା ପରେ ଉକ୍ତ ରକ୍ତକୁ ବଦଳାଇ ଏ-ପଜିଟିଭ ରକ୍ତ ଦିଆଯାଇଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା।


## DISTRICT EDUCATION OFFICE, DHENKANAL

### EXPRESSION OF INTEREST

**No. 7407/ Date 25.05.22**

Expression of Interest are invited from reputed, well established and financially sound registered Manpower Service Provider Agencies (Dhenkanal locality) to provide services of 06 numbers of class IV staff with HSC Pass Qualification on outsourcing basis for day to day official work in following 3 nos. of Odisha Adarsha Vidyalayas in Dhenkanal District.

| Sl. No. | Name of the OAV | Office Peon | Science Attendant | NWS | Total |
|---|---|---|---|---|---|
| 1 | OAV, Biswanathpur, Gondia | 0 | 0 | 1 | 1 |
| 2 | OAV, Ankaranitpur, Odapada | 0 | 1 | 1 | 2 |
| 3 | OAV, Purusottampur, Bhuban | 1 | 1 | 1 | 3 |
| | Total | 1 | 2 | 3 | 6 |

The Service Provider will provide a list of eligible candidates twice the actual manpower requirement category wise as mentioned above. Last date of submission of Expression of Interest is 16.06.2022. The interest agencies should submit tender document duly filled in the prescribed bid application forms addressed to the District Education Officer, Dhenkanal, At/PO/Dist- Dhenkanal, PIN-759001 through Registered Post/Speed Post so as to reach in the District Education Officer by 1 PM of 16.06.2022.

For application form and other details, please visit the District website: www.dhenkanal.nic.in.

**Sd./- Collector & Dist. Magistrate, Dhenkanal**


# ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ମାଲକାନଗିରି,୩୧।୫ (ଡି.ଏନ୍.ଏ.) ମାଲକାନଗିରି ଜିଲା ଦୌରାଜକ୍ ରେଖା ପ୍ରସାଦ ଏକ ହତ୍ୟା ମାମଲାର ଶୁଣାଣି କରି ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ମାଲକାନଗିରି ଥାନା ଅନ୍ତର୍ଗତ ତେନ୍ତୁଲିଗୁଡ଼ା ଗ୍ରାମର ଏରା ମାଡକାମୀ। ସୂଚନା ଅନୁଯାୟୀ, ବାଲାଗୁଡ଼ା ଗ୍ରାମର ମୁକା ମାଡକାମୀ ଓ ତେନ୍ତୁଲିଗୁଡ଼ା ଗ୍ରାମର ଏରା ମାଡକାମୀଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ଶତ୍ରୁତା ଲାଗି ରହିଥିଲା। ୨୦୧୭ ଏପ୍ରିଲ ୨୨ରେ ଏହାକୁ କେନ୍ଦ୍ରକରି ରାତି ପ୍ରାୟ ୮ ଟାରେ ଏରା ମୁକାଙ୍କ ଘରକୁ ଯାଇ ତୀରରେ ଆକ୍ରମଣ କରିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ମୁକାଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲାର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାର ୨ ଦିନ ପରେ ଏପ୍ରିଲ ୨୩ ରେ ମୁକାଙ୍କ ଦ୍ୱିତୀୟ ବାପା କସା ପଡିଆମୀ ମାଲକାନଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଏରାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ୧୪ ଜଣ ସାକ୍ଷୀ ଓ ବୟାନକୁ ଭିତ୍ତିକରି ଜିଲା ମୁଖ୍ୟ ବିଚାରପତି ଏରାଙ୍କ ବିରୋଧରେ ଉକ୍ତ ଦଣ୍ଡାଦେଶ ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାକୁ ସରକାରୀ କ୍ୟାଡର ପିପି ମହିନ୍ଦ୍ର କୁମାର ନାଗ ପରିଚାଳନା କରୁଥିଲେ।

# ନୂଆଦିଲ୍ଲୀରେ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଉଦ୍‌ଯାପିତ

ଭୁବନେଶ୍ୱର, ୩୧।୫(ବ୍ୟୁରୋ) ଶ୍ରୀନୀଳାଚଳ ସେବାସଂଘ ହାଉଜଖସ୍, ନୂଆଦିଲ୍ଲୀ ଆନୁକୂଲ୍ୟରେ ଆୟୋଜିତ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଉଦ୍‌ଯାପିତ ହୋଇଯାଇଛି। ବୁଧବାରଠାରୁ ପଞ୍ଚରାତ୍ର ଆରମ୍ଭ ହୋଇ ରବିବାର ସମାପ୍ତ ହୋଇଛି। ଏଥିରେ ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଶିଷ୍ୟ ସତ୍ୟାନନ୍ଦ ଦାସ ମହାରାଜ ସ୍କନ୍ଦ ପୁରାଣ ଆଧାରିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମା ବିଷୟରେ ବର୍ଣ୍ଣନା କରିଥିଲେ। କୁନି ପ୍ରବଚକ କେଶବ ଦ୍ୱାତିକୃଷ୍ଣ, ବୃନ୍ଦାବନର ସନ୍ଥ ଦୀନବନ୍ଧୁ ଦାସ, ଦୟାନିଧି ଦାସ ପ୍ରମୁଖ ଯୋଗଦାନ କରି ଆଶୀର୍ବଚନ ଦେଇଥିଲେ। ପ୍ରତ୍ୟହ ସତ୍ୟାନନ୍ଦ, ଅନନ୍ତ କିଶୋର ରଥ ଓ ସୁରେଶ ଚନ୍ଦ୍ର ସେଠୀଙ୍କ ଦ୍ୱାରା ଭକ୍ତିସଙ୍ଗୀତ ପରିବେଷଣ କରାଯାଇଥିଲା। ଉଦଯାପନୀ ଉତ୍ସବରେ ନୀଳାଚଳ ସେବାସଂଘ ଏବଂ ପ୍ରବାସୀ ଓଡ଼ିଆଙ୍କ ପକ୍ଷରୁ ସତ୍ୟାନନ୍ଦ ମହାରାଜଙ୍କୁ 'ଆଧ୍ୟାତ୍ମିକ ସବ୍ୟସାଚୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅନ୍ୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମନ୍ଦିରର ବରିଷ୍ଠ କର୍ମକର୍ତ୍ତା, ଅଶୋକ ପ୍ରଧାନ, ଅଭିରାମ ସୁତାର, ଦୟାନିଧି ସାମଲ, ନିର୍ମଳ ଧଳ, ବାଳକୃଷ୍ଣ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।


## OFFICE OF THE BLOCK DEVELOPMENT OFFICER, JALESWAR BLOCK, DIST.: BALASORE

E-mail: ori-jaleswar@nic.in

### TENDER CALL NOTICE

**Advt. No. 2479/Jaleswar/Bls. of 2022-23** **Date: 26.05.2022**

No. i-31: Sealed tenders (Percentage Rates) in conformity with the DTCN are invited from the **"C" and "B"** Class contractors registered with the State Govt./Central Govt. for Execution of **01 No. of Civil Works of Rs.31.59 lakhs per unit** for construction of New Sub-Centre Building at Raibania under Jaleswar Block, in the Dist. of Balasore. The tender documents (DTCN & BOQ) can be obtained (Donwload) from district NIC website **(www.baleswar.nic.in)** from Dated 27.05.2022 to 18.06.2022 till 5 P.M. The tenders will received upto dated 22.06.2022 till 5 P.M. and opened on 24.06.2022 at 11.30 A.M. and Address to Office of the BDO, Jaleswar, Panchayat Samiti, Jaleswar Block, Dist.- Balasore through Registered Post/Speed Post/ Courier service only. The incomplete bid in any form is liable for rejection. The detail terms and conditions can be downloaded at NIC website **(www.baleswar.nic.in)**.

**Sd./- BDO, Jaleswar Block**
OIPR-19145/11/0001/2223



## OFFICE OF THE NOTIFIED AREA COUNCIL, BOUDHGARH N.A.C.

No.3605, Date: 27.05.2022

### QUOTATION CALL NOTICE

**No.C-403:**Sealed quotations are invited from CAG empanelled CA firms for Preparation of financial statements of Boudhgarh NAC for the year 2020-21 to 2021-22 by using Accounts Module under SUJOG as per Odisha Municipal (Accounts) Rule-2012. The intending CAG empanelled CA Firms have to apply in the office of the undersigned as per prescribed format on or before 11 A.M. 07.06.2022 positively during office hours by Registered Post/ Speed Post only. The authority shall not be liable for any postal delay. The quotations will be opened on the same day at 1.00 P.M. in the presence of the quotationer/authorised representative who choose to remain present at the time of opening of quotations. The undersigned reserves the right to reject/ cancel any or all quotations without assigning any reason thereof.
For details you may visit www.boudhgarhnac.in/boudh.nic.in.

**Sd./- Executive Officer, Boudhgarh NAC**
OIPR-13155/11/0008/2223



## MAHILA VIKAS SAMABAYA NIGAM

**(Govt. of Odisha Undertaking)**
**Mission Shakti Bhawan, 1st Floor, Pokhariput**
**Bhubaneswar- 751007**
Ph.No.2353223,2353214, E-mail-mvsn_bbsr@yahoo.com

**Ref.512/MVSN** **Dt.31.05.22**

### TENDER CALL NOTICE

No.CAD-672:Sealed Tenders are invited from interested reputed financially sound service providers having valid registration certificate for outsourcing of Security Services at Toxinon Container, Patia,Bhubaneswar.
The Tender completed in all respect shall be deposited at Mahila Vikas Samabaya Nigam, Mission Shakti Bhawan, 1st Floor, Pokhariput, Bhubaneswar-751030 on or before Dt. 22.6.2022 by 4 P.M. through Register Post/ Speed Post only. The application form of the tender containing General Bid information and terms & conditions can be downloaded from the website- wcd.odisha.gov.in from dt.01.06.2022 to 22.06.2022. A Tender Fee of Rs.1,000 /- and EMD of Rs.20,000/- for the service is to be deposited in shape of Demand Draft alongwith Tender Application at the time of submission of the application. The authority reserves the right to cancel/modify the Tender at any point of time.

**Sd./- Administrative Officer,**
**Mahila Vikas Samabaya Nigam**
**OIPR-33003/11/0002/2223**



## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସଦର, ସୁନ୍ଦରଗଡ଼

**ପତ୍ର ସଂଖ୍ୟା –୧୩୪୨, ତାରିଖ :୩୧.୦୫.୨୦୨୨**

ଏତଦ୍ୱାରା ସଦର ପଞ୍ଚାୟତ ସମିତି ଅଧୀନସ୍ଥ କର୍ଲା ଗ୍ରାମପଞ୍ଚାୟତର ସମସ୍ତ ସର୍ବସାଧାରଣ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, କର୍ଲା ଗ୍ରାମପଞ୍ଚାୟତରେ ଯୋଗାଣ ସହାୟକ ନିଯୁକ୍ତି ଦିଆଯିବ । ଏଣୁ ଇଚ୍ଛୁକ ଥିବା ପ୍ରାର୍ଥୀ/ପାର୍ଥିନୀମାନେ ପଞ୍ଚାୟତ ସମିତି, ସଦର, ସୁନ୍ଦରଗଡ଼ କାର୍ଯ୍ୟାଳୟରେ ନିମ୍ନଲିଖିତ ସର୍ତ୍ତାବଳୀ ଅନୁଯାୟୀ ତା.୦୧.୦୬.୨୦୨୨ରୁ ତା.୧୫.୦୬.୨୦୨୨ ସୁଦ୍ଧା ସେମାନଙ୍କର ଦରଖାସ୍ତ କେବଳ ରେଜିଷ୍ଟାର ପୋଷ୍ଟ/ସ୍ପିଡ୍ ପୋଷ୍ଟ କିମ୍ବା କୋରିୟର ସାହାଯ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସଦର ବ୍ଲକ, ସୁନ୍ଦରଗଡ଼ଙ୍କୁ ଦାଖଲ କରିପାରିବେ । ନିର୍ଦ୍ଧାରିତ ତା.୧୫.୦୬.୨୦୨୨ ରିଖ ପରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

| କ୍ରମିକ ନଂ. | ଯୋଗାଣ ସହାୟକ ନିଯୁକ୍ତି ନିମନ୍ତେ ଉପଲବ୍ଧ ଗ୍ରାମପଞ୍ଚାୟତର ନାମ |
|---|---|
| ୧ | କର୍ଲା |

**ଯୋଗ୍ୟତା**
୧) ଆବେଦନକାରୀ ସେହି ଗ୍ରାମପଞ୍ଚାୟତର ସ୍ଥାୟୀ ବାସିନ୍ଦା ହୋଇଥିବେ ।
୨) ଆବେଦନକାରୀ ଅନ୍ୟୁନ ମାଟ୍ରିକ କିମ୍ବା ତତ୍ତୁଲ୍ୟ ପାସ୍ କରିଥିବେ ।
୩) ଆବେଦନକାରୀଙ୍କ ବୟସ ତା.୩୧.୦୫.୨୦୨୨ ସୁଦ୍ଧା ୨୧ରୁ କମ୍ କିମ୍ବା ୩୫ରୁ ଅଧିକ ହୋଇନଥିବା ଆବଶ୍ୟକ ।
୪) ଗ୍ରାମପଞ୍ଚାୟତରେ ନିୟୋଜିତ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନୁଭବି ବିକ୍ରେତାଙ୍କୁ ଅଗ୍ରାଧିକାର ଦିଆଯିବ, ଯାହାକି ସର୍ବୋଚ୍ଚ ବୟସସୀମା ୪୫ ବର୍ଷକୁ କୋହଳ କରାଯାଇଅଛି ।

**ସର୍ତ୍ତାବଳୀ**
୧) ଉପରୋକ୍ତ ପଦବୀଟି ସମ୍ପୂର୍ଣ୍ଣ ଅସ୍ଥାୟୀ ଏବଂ ଚୁକ୍ତିଭିତ୍ତିକ ।
୨) ମାସିକ ପାରିଶ୍ରମିକ ଉପଲବ୍ଧ ଗ୍ରାମପଞ୍ଚାୟତ ଦ୍ୱାରା ଟ.୩,୫୦୦ରୁ ଟ.୬,୦୦୦ ମଧ୍ୟରେ ଦିଆଯିବ (ଗ୍ରାମପଞ୍ଚାୟତ ଦ୍ୱାରା ନିର୍ଦ୍ଧାରିତ କରାଯିବ) ।
୩) ମାଟ୍ରିକ ପ୍ରାପ୍ତ ନମ୍ବରର ୩୦%, +୨ରେ ପ୍ରାପ୍ତ ନମ୍ବରର ୩୦% ଓ +୩ରେ ପ୍ରାପ୍ତ ନମ୍ବରର ୪୦% ଅନୁଯାୟୀ ଅଗ୍ରାଧିକାର ଭିତ୍ତିରେ ପ୍ରାର୍ଥୀ ଚୟନ କରାଯିବ ।

**ସଂଲଗ୍ନ କରିବାକୁ ଥିବା ନଥିପତ୍ର**
୧) ମାଟ୍ରିକ, +୨, +୩ କିମ୍ବା ତତ୍ତୁଲ୍ୟ ପାସ୍ ସାର୍ଟିଫିକେଟ ଏବଂ ମାର୍କଶିଟର ଆଟେଷ୍ଟେଡ୍ ନକଲ ।
୨) ସଦ୍ୟ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ରର ଆଟେଷ୍ଟେଡ୍ ନକଲ ।
୩) ୨ ଗୋଟି ଆଟେଷ୍ଟେଡ୍ ପାସପୋର୍ଟ ସାଇଜ ରଙ୍ଗିନ ଫଟୋ (ଗୋଟିଏ ଆବେଦନ ଫର୍ମରେ ଲଗାଇବେ ଓ ଅନ୍ୟଟି ସଂଲଗ୍ନ କରିବେ) ।

ବି.ଦ୍ର.:– ୧) ଇଚ୍ଛୁକ ପ୍ରାର୍ଥୀ ପ୍ରାର୍ଥିନୀ ଆବେଦନ ଫର୍ମ ସମ୍ପୃକ୍ତ ଗ୍ରାମପଞ୍ଚାୟତରୁ ପାଇପାରିବେ ।
୨) ଦରଖାସ୍ତ ଫର୍ମ ଓ ତତ୍‌ସଂଲଗ୍ନ ପ୍ରମାଣପତ୍ର ଥିବା ଲଫାପା ଉପରେ କର୍ଲା ଗ୍ରାମପଞ୍ଚାୟତରେ ଯୋଗାଣ ସହାୟକ ପାଇଁ ଆବେଦନ ପତ୍ର ତାହା ଉଲ୍ଲେଖ ଥିବା ଆବଶ୍ୟକ ।

ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସଦର, ସୁନ୍ଦରଗଡ଼

# ଓଡ଼ିଶାରେ ପ୍ରତିବର୍ଷ ୩୭ ହଜାର ଲୋକଙ୍କ ଜୀବନ ନେଉଛି ତମାଖୁ



କାର୍ଯ୍ୟକ୍ରମରେ ତମାଖୁ ନିୟନ୍ତ୍ରଣ ସମ୍ପର୍କିତ ଏକ ଭିଡିଓକୁ ଅତିଥି ଉନ୍ମୋଚନ କରୁଛନ୍ତି।

- ତମାଖୁ ଦ୍ରବ୍ୟ ଉତ୍ପାଦନ ପାଇଁ ବାର୍ଷିକ ୬୦୦ ନିୟୁତ ଗଛ କଟାଯାଏ
- ଦେଶରେ ଅଧିକ ତମାଖୁ ଖାଉଥିବା ରାଜ୍ୟ ମଧ୍ୟରେ ଓଡ଼ିଶା ଷଷ୍ଠ
- ତମାଖୁ ସେବନରେ ମହିଳାଙ୍କ ସଂଖ୍ୟା ବୃଦ୍ଧି
- ବୟସ୍କ ଲୋକଙ୍କ ମଧ୍ୟରେ ଧୂମପାନ ହାର କମିଛି

**ଭୁବନେଶ୍ୱର, ୩୧।୫ (ବ୍ୟୁରୋ)**

ପ୍ରକୃତି ସହ ଜଡ଼ିତ ହୋଇ ବଞ୍ଚିଲେ ମଣିଷ ସୁସ୍ଥ ରହିପାରିବ ଓ ଜୀବନକୁ ଆନନ୍ଦରେ ଉପଭୋଗ କରିପାରିବ। ତେବେ ଆଜିର ପ୍ରଦୂଷଣମୁକ୍ତ ଜୀବନ, ବଦଭ୍ୟାସ ମୁଖ୍ୟତଃ ତମାଖୁ ସେବନ ଆମ ପାଇଁ ସ୍ୱାସ୍ଥ୍ୟହାନିର କାରଣ ପାଲଟିବା ସହିତ ନାନା ଦୁଶ୍ଚିନ୍ତା ଉଦ୍ରେକ କରୁଛି। ତମାଖୁ ସେବନର ଭୟାବହତା ସମ୍ପର୍କରେ ଆମେ ଜାଣିଛନ୍ତି, ତଥାପି ଆମେ ଏହାକୁ ପରିତ୍ୟାଗ କରିପାରୁନାହୁଁ। ପ୍ରତିବର୍ଷ ତମାଖୁ ସେବନ ଦ୍ୱାରା ଆମ ଦେଶରେ ବହୁ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ଏଥିରୁ ରକ୍ଷା ପାଇବା ପାଇଁ ସାମୂହିକ ଜନସଚେତନତା ଆବଶ୍ୟକ। ସରକାର ଏ ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି, ତଥାପି ଆମକୁ ଅନେକ ଆଗକୁ ଯିବାକୁ ଅଛି। ତେବେ ଏକ ତମାଖୁମୁକ୍ତ ସମାଜ ସମ୍ଭବ ହୋଇପାରିବ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକିଶୋର ଶର୍ମା କହିଛନ୍ତି।

ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଭବନରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ତମାଖୁ ଦ୍ରବ୍ୟ ଉତ୍ପାଦନ ପାଇଁ ବାର୍ଷିକ ପ୍ରାୟ ୬୦୦ ନିୟୁତ ଗଛ ସମଗ୍ର ବିଶ୍ୱରେ କଟାଯାଇଥାଏ। ପ୍ରତିବର୍ଷ ତମାଖୁ ସେବନ ହେତୁ ବିଶ୍ୱରେ ୭୦ ଲକ୍ଷରୁ ଅଧିକ ଲୋକ ମୃତ୍ୟୁବରଣ କରିଥାନ୍ତି। ସେଥିମଧ୍ୟରୁ ଭାରତରେ ୧୦ ଲକ୍ଷ ଏବଂ ଓଡ଼ିଶାରେ ୩୭ ହଜାର ଲୋକ ରହିଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ। ଗ୍ଲୋବାଲ ଆଡଲ୍ଟ ତମାଖୁ ସର୍ଭେ (ଜିଏଟିଏସ୍) ଅନୁଯାୟୀ, ବୟସ୍କ ଲୋକଙ୍କ ମଧ୍ୟରେ ଧୂମପାନ ହାର ୨୦୦୯-୧୦ରେ ୧୦.୩ ପ୍ରତିଶତରୁ (ଜିଏଟିଏସ୍-୧) ୨୦୧୬-୧୭ (ଜିଏଟିଏସ୍-୨) ରେ ୭.୦ ପ୍ରତିଶତକୁ ହ୍ରାସ ପାଇଛି। ସମାନ ସମୟ ମଧ୍ୟରେ ଓଡ଼ିଶାର ବୟସ୍କଙ୍କ ମଧ୍ୟରେ ତମାଖୁ ସେବନ ୪୬.୭ ପ୍ରତିଶତରୁ ୪୫.୬ ପ୍ରତିଶତକୁ ହ୍ରାସ ପାଇଛି। ସେହିପରି ରାଜ୍ୟରେ ଧୂମପାନବିହୀନ ତମାଖୁ ବ୍ୟବହାର ୪୩.୧ ପ୍ରତିଶତରୁ ୪୨.୧ ପ୍ରତିଶତକୁ ହ୍ରାସ ପାଇଛି। ୧୬.୯ ପ୍ରତିଶତ ବୟସ୍କ ବ୍ୟକ୍ତି ଖଇନି ବ୍ୟବହାର କରୁଥିବାବେଳେ ୧୪.୯ ପ୍ରତିଶତ ଲୋକ ଓଡିଶାରେ ତମାଖୁ ବ୍ୟବହାର କରନ୍ତି। ଗ୍ଲୋବାଲ ଆଡଲ୍ଟ ତମାଖୁ ସର୍ଭେ ୨୦୧୯ ଅନୁଯାୟୀ, ଓଡ଼ିଶାରେ ଅତି କମ୍‌ରେ ୬.୨% (୭% ବାଳକ ଏବଂ ୫.୫% ବାଳିକା) ଛାତ୍ରୀଛାତ୍ର ଯେକୌଣସି ପ୍ରକାରର ତମାଖୁ ବ୍ୟବହାର କରୁଥିବାବେଳେ ଜାତୀୟ ତମାଖୁ ସେବନ ହାର ୮.୫ ପ୍ରତିଶତ। ଏହି ଛାତ୍ରମାନଙ୍କ ମଧ୍ୟରେ ତମାଖୁ ସେବନର ହାରାହାରି ବୟସ ହେଉଛି ୧୧.୧ ବର୍ଷ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ୨୦୧୯ (ଏନ୍‌ଏଫ୍‌ଏଚ୍‌ଏସ୍-୫) ଅନୁଯାୟୀ, ପୁରୁଷଙ୍କ ମଧ୍ୟରେ ତମାଖୁ ସେବନ ୫୫.୯ ପ୍ରତିଶତ (ଏନ୍‌ଏଫ୍‌ଏଚ୍‌ଏସ-୪)ରୁ ୫୧.୬% (ଏନ୍‌ଏଫ୍‌ଏଚ୍‌ଏସ୍-୫)କୁ ହ୍ରାସ ପାଇଥିବାବେଳେ ମହିଳାଙ୍କ ମଧ୍ୟରେ ତମାଖୁ ସେବନ ୧୭.୩% ରୁ ୨୬.୯ % କୁ ବୃଦ୍ଧି ପାଇଛି। ଦେଶରେ ତମାଖୁ ଅଧିକ ଖାଉଥିବା ରାଜ୍ୟ ମଧ୍ୟରେ ଓଡ଼ିଶା ଷଷ୍ଠ ସ୍ଥାନରେ ରହିଛି। ତେବେ ଗତ ୬ବର୍ଷ ମଧ୍ୟରେ ତମାଖୁ ଛାଡ଼ିବା ପାଇଁ କରାଯାଇଥିବା ପ୍ରୟାସ ବହୁଗୁଣିତ ହୋଇଛି, ଯାହାକି ଏକ ଶୁଭ ସଙ୍କେତ ବୋଲି ଡା. ମିଶ୍ର କହିଛନ୍ତି। ସମ୍ମାନିତ ଅତିଥି ଭାବେ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ଯୋଗଦେଇ କହିଲେ, ଜିଲାସ୍ତରରେ ପୋଲିସ ଏବଂ ଅବକାରୀ ବିଭାଗ ଦ୍ୱାରା ମିଳିତ ଭାବେ ଚଢ଼ାଉକୁ ସବୁସ୍ତରରେ ସହଯୋଗ କରାଯାଉଛି। ତମାଖୁ ବ୍ୟବହାର ବିରୋଧରେ ଆଶାକର୍ମୀ, ଏଏନ୍‌ଏମ୍ ପ୍ରଭୃତିଙ୍କ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି। ରାଜ୍ୟରେ ପ୍ରାୟ ୩୨ଟି ତମାଖୁ ନିବୃତ୍ତି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ କହିଲେ, ସାମ୍ପ୍ରତିକ ଅନୁସନ୍ଧାନ ଓ ସର୍ବେକ୍ଷଣରେ ପ୍ରାୟ ୪୨ ପ୍ରତିଶତ ବୟସ୍କ ବ୍ୟକ୍ତି ଯେକୌଣସି ତମାଖୁ ସେବନ କରୁଥିବା କୁହାଯାଇଛି। ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତି ଓଡ଼ିଶାରେ ଧୂମହୀନ ତମାଖୁ ବ୍ୟବହାର କରନ୍ତି। ମହିଳା ତମାଖୁ ବ୍ୟବହାରୀଙ୍କ ସଂଖ୍ୟା ଧୀରେ ଧୀରେ ବୃଦ୍ଧି ପାଉଛି। ସ୍ୱଳ୍ପ ବୟସରୁ ତମାଖୁ ବ୍ୟବହାର ରୋକିବାକୁ ପିଲାଙ୍କ ଉପରେ ଧ୍ୟାନ ରଖିବା ଜରୁରୀ ବୋଲି ସେ କହିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡା. ଅଜିତ କୁମାର ମହାନ୍ତି, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାପାତ୍ର, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଅମରେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ଯୋଗଦେଇ ତମାଖୁ ସେବନର ଭୟାବହତା ଓ ଏହାର ପ୍ରତିକାର ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବାର୍ଷିକ ରିପୋର୍ଟ, ଏନ୍‌ଟିପିସି ବାର୍ଷିକ ରିପୋର୍ଟ, ଶିକ୍ଷାନୁଷ୍ଠାନରେ ତମାଖୁ ମୁକ୍ତ ମାର୍ଗଦର୍ଶିକା, ତମାଖୁ ନିୟନ୍ତ୍ରଣ ସମ୍ପର୍କିତ ଏକ ଭିଡ଼ିଓକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ ସହିତ ସଂଶ୍ଳିଷ୍ଟ ଅଂଶଗ୍ରହଣକାରୀ ଓ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସ୍ୱାସ୍ଥ୍ୟସେବା ଅତିରିକ୍ତ ନିର୍ଦ୍ଦେଶକ (ଏନ୍‌ସିଡ଼ି) ଡା. ସୁଶାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ମେଡିକାଲରୁ ଚିକିତ୍ସାଧିନ ବନ୍ଦୀ ଚମ୍ପଟ

**ବାରିପଦା ଅଫିସ,୩୧।୫**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରୁ ମଙ୍ଗଳବାର ଜଣେ ବିଚାରାଧିନ ବନ୍ଦୀ ଚମ୍ପଟ ହୋଇଯାଇଛନ୍ତି। ସେ ହେଲେ ଦାମୋଦର ପୃଷ୍ଟି। ତାଙ୍କ ଘର କୁଳିଅଣା ଥାନା ଅଧୀନ ଗାଙ୍ଗରାଜ ଗ୍ରାମରେ। ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇ ସେ ବାରିପଦା ଜେଲରେ ବିଚାରାଧିନ ବନ୍ଦୀ ଭାବେ ରହୁଥିଲେ। ସୋମବାର ଅସୁସ୍ଥତା ଯୋଗୁ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି ହୋଇଥିଲେ।

ଚତୁର୍ଥ ଜନ୍ମବାର୍ଷିକୀ ଶୁଭେଚ୍ଛା



ଶ୍ରେୟାଲିନ୍ ରାଉତ (ମାମା, ଜିନୁ)
ଇମାମ୍ ନଗର, ଜଗତପୁର, କଟକ
ଆଜି ଶୁଭ ଜନ୍ମଦିନ ଅବସରରେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଏବଂ ଚଲାପଥ କୁସୁମିତ ହେଉ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୁଭେଚ୍ଛା ସହ: ଅଜା, ଆଈ, ମାମୁ, କେକେ, କେକେମା, ବାବା-ମାମା, ଦାଦା, ନାନା, ପିଇସା, ସାଇନା, ବାବୁନା, ଗୁଡୁଲ୍, ଶ୍ରୀ, ପିଙ୍କନ୍, ଲୁସି, ଗୁଡ଼ୁଲି, ସୁସିଆ ଓ ପରିବାରବର୍ଗ।
ଧ-୬୦୨

## ସିଲିଣ୍ଡରରୁ ଗ୍ୟାସ୍ ଲିକ୍, ୪ ଦୋକାନ ଜଳିଗଲା ପାଣ

**ନିକୋଇଲି,୩୧।୫(ଡି.ନ.ଏ.)**



ପାଣିକୋଇଲି ବଜାରରେ ଏକ ଉଠା ଦୋକାନରୁ ନିଆଁ ଲାଗି ୪ ଦୋକାନ ଜଳିଯାଇଛି। ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିଥିଲେ ମଧ୍ୟ ବିଭିନ୍ନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଛି। ସୂଚନା ଅନୁଯାୟୀ, କାଳିଆ ବେହେରାଙ୍କ ସେହି ବଜାରରେ ଏକ ଉଠା ଜଳଖିଆ ଦୋକାନ ରହିଛି। ମଙ୍ଗଳବାର ସକାଳେ ସେ ଜଳଖିଆ ପ୍ରସ୍ତୁତ କରୁଥିବା ବେଳେ ହଠାତ୍ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଯାଇଥିଲା। ଅଳ୍ପ ସମୟ ଭିତରେ ସେହି ନିଆଁ ପାଖ ୩ ଦୋକାନକୁ ବ୍ୟାପୀ ଯାଇଥିଲା। ଏଥିରେ ଦୋଳଗୋବିନ୍ଦ ବାରିକଙ୍କ ଚା ଦୋକାନ, ମହେଶ୍ୱର ବେହେରାଙ୍କ ଛେନା ଦୋକାନ ଓ ନବଘନ ବେହେରାଙ୍କ ଫଳ ଦୋକାନ ଜଳି ଯାଇଛି।

## ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ



ସମ୍ବଲପୁର ପତରପେଡ଼ି

**ସମ୍ବଲପୁର,୩୧।୫(ବ୍ୟୁରୋ)**

### ବାଲୁଙ୍କେଶ୍ୱର ବାବାଙ୍କ ପତରପେଡ଼ି

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ମଙ୍ଗଳବାର ଶୁଭାରମ୍ଭ ହୋଇଛି। ରୀତିନୀତି ଓ ପରମ୍ପରା ଅନୁସାରେ ନନ୍ଦପଡା ବମ୍ବରାଡ ବାଲୁଙ୍କେଶ୍ୱର ବାବାଙ୍କ ପତରପେଡ଼ି (ନିର୍ବନ୍ଧ) ସମ୍ପନ୍ନ ହୋଇଛି। ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ରାତି ୮ଟାରେ ପାରମ୍ପରିକ ଦୁଲ୍‌ଦୁଲି ବାଦ୍ୟ, ଘଣ୍ଟ, ଶଙ୍ଖ ଧ୍ୱନିରେ ମନ୍ଦିରରୁ ପତରପେଡ଼ି ଶୋଭାଯାତ୍ରା ବାହାରିଥିଲା। ବରପିତା ରାମପ୍ରସାଦ ମିଶ୍ର ସ୍ୱତନ୍ତ୍ର ବିମାନରେ ବସି କନ୍ୟା ଅନ୍ୱେଷଣରେ ବାହାରିଥିଲେ। ଏଥିରେ ସପ୍ତଋଷି ବିଜୟ କୁମାର ମିଶ୍ର, ଗୋଲକ ବିହାରୀ ମିଶ୍ର, କାମ୍ପାଳ ହୋତା, ଶଶାଙ୍କଶେଖର ନନ୍ଦ, ଚକ୍ରଧର ମିଶ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅମରେନ୍ଦ୍ର ପୂଜାରୀଙ୍କ ସମେତ ପଡାର ମୁରବିମାନେ ସାମିଲ ଥିଲେ। ରାତ୍ର ୧୦ଟା ୪୫ ମିନିଟରେ ଗୋଲବଜାରସ୍ଥିତ କନ୍ୟା ମାତାପିତା ଗିରୀଶ ପଟେଲଙ୍କ ଘରେ ପତରପେଡ଼ି ଶୋଭାଯାତ୍ରା ପହଞ୍ଚିଥିଲା। ସୁସଜ୍ଜିତ ଆଲୋକମାଳାରେ ଝଟକୁଥିଲା ଅଞ୍ଚଳ। ବାଜା ରୋଶଣି ସହ କନ୍ୟାପକ୍ଷ ବନ୍ଦାଣ କରି ସପ୍ତଋଷି ଓ ଯାତ୍ରା କମିଟି କର୍ମକର୍ତ୍ତାଙ୍କୁ ଘରକୁ ପାଛୋଟି ନେଇଥିଲେ। ମନ୍ତ୍ର ଉଚ୍ଚାରଣରେ ବରପକ୍ଷ ସେମାନଙ୍କ ଆଗମନର ଅଭିପ୍ରାୟ କନ୍ୟାପକ୍ଷଙ୍କୁ ଜଣାଇଥିଲେ। ବିବାହଯୋଗ୍ୟ ପୁତ୍ର ବାଲୁଙ୍କେଶ୍ୱରଙ୍କ ଲାଗି ଯୋଗ୍ୟା ପାତ୍ରୀ ଥିବା ଖବର ପାଇ ଆସିଥିବା କହିଥିଲେ। ତତ୍‌କ୍ଷଣାତ୍ କନ୍ୟା ପକ୍ଷ ପଣ୍ଡିତମାନେ ବର ପାତ୍ରଙ୍କ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସପ୍ତଋଷିଗଣ ମନ୍ତ୍ର, ଶ୍ଳୋକ ଆବୃତ୍ତି କରି ଦେବ ଦେବ ମହାଦେବଙ୍କ ମହିମା ଗାନ କରିଥିଲେ। ମହାଦେବଙ୍କ ସହ ଦେବୀ ପାର୍ବତୀଙ୍କ ବିବାହ କରିବାକୁ କନ୍ୟାପକ୍ଷ ରାଜି ହୋଇଥିଲେ। ଏହାପରେ ବରପିତା ରାମପ୍ରସାଦ ତମ୍ବା ଥାଳିରେ ଶାଳପତ୍ର ପେଣ୍ଡା, ବେଲପତ୍ର, ଫୁଲ, ଚନ୍ଦନ କନ୍ୟାମାତା କାଦମ୍ବିନୀ ଆଚାର୍ଯ୍ୟ ଓ କନ୍ୟାପିତା ପ୍ରକାଶ ପାଣ୍ଡେଙ୍କୁ ପ୍ରଦାନ କରି ବିବାହ ଚୂଡ଼ାନ୍ତ କରିଥିଲେ। ପଣ୍ଡିତ ଶଶାଙ୍କଶେଖର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ଶୋଭାଯାତ୍ରାରେ ଦୁଲ୍‌ଦୁଲିଟି ଦଳ, ଢାକି ବାଜା, ଜଣିଆ ଦଳ, କରମା ନାଚ ଦଳ ସହ ଶଙ୍ଖ, ଝଣ୍ଡା, ଛତ୍ର, ବୈରଖ ସାମିଲ ହୋଇଥିଲା। ନନ୍ଦପଡା ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ପ୍ରଶାନ୍ତ ବରେଇଙ୍କ ସମେତ ସମୀର ରଞ୍ଜନ ବାବୁ, ଫଣୀ ଭୂଷଣ ମିଶ୍ର, ପ୍ରଭୁଦତ୍ତ ପଣ୍ଡା, ବାଳଗୋପାଳ ନନ୍ଦ, ଅମୂଲ୍ୟ ମିଶ୍ର, ମାନସ ରଥ, ବିରାଜ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଦୁର୍ଘଟଣା/ଅପରାଧ/ଅଦାଲତ

## ପାରିବାରିକ କଳହରୁ ସ୍ତ୍ରୀଙ୍କୁ ଗୁଳିକରି ହତ୍ୟା

- ବନ୍ଧୁକ ଜବତ
- ଅଭିଯୁକ୍ତ ସ୍ୱାମୀ ଥାନାରେ ଅଟକ

**ବୌଦ୍ଧ,୩୧।୫(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ମହାଲିକପଡା ଗ୍ରାମ ପଞ୍ଚାୟତର ତଇଲାସାହିରେ ମଙ୍ଗଳବାର ପାରିବାରିକ କଳହରୁ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ବ୍ୟକ୍ତି ଏକ ଦେଶୀ ବନ୍ଧୁକରୁ ସ୍ତ୍ରୀଙ୍କ ଉପରକୁ ଗୁଳି ଚଳାଇ ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ଗୀତାଞ୍ଜଳି ମଲିକ (୨୦)। ପୋଲିସ ବନ୍ଧୁକ ଜବତ କରିଥିବା ବେଳେ ଅଭିଯୁକ୍ତ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏହି ଘଟଣା ସାଧାରଣରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି।

ମିଳିଥିବା ସୂଚନା ମୁତାବକ, ହରଭଙ୍ଗା ବ୍ଲକ ଅଧୀନ ହାତୀଗଡ଼ ଗ୍ରାମର ହର ମଲିକଙ୍କ ଝିଅ ଗୀତାଞ୍ଜଳି ତଇଲାସାହିର ରୋହିତ ମଲିକ (୨୫)ଙ୍କୁ ବିବାହ କରିଥିଲେ। ବିବାହ ପରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣ ନେଇ ପାରିବାରିକ କଳହ ଲାଗି ରହିଥିଲା। ମଙ୍ଗଳବାର କଳହ ଉଗ୍ରରୂପ ନେଇଥିବା ବେଳେ ସ୍ୱାମୀ ରୋହିତ ଅପରାହ୍ନ ପ୍ରାୟ ୨ଟାରେ ଗୀତାଞ୍ଜଳିଙ୍କୁ ଲକ୍ଷ୍ୟ କରି ଏକ ଦେଶୀ ବନ୍ଧୁକରୁ ଗୁଳି ମାରିଥିଲେ। ଗୁଳି ତାଙ୍କ ଦେହରେ ବାଜିବା ସହ ସେ ଗୁରୁତର ହୋଇପଡିଥିଲେ। ସଙ୍ଗେସଙ୍ଗେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ହରଭଙ୍ଗା ମେଡିକାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୀତାଞ୍ଜଳିଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ହରଭଙ୍ଗା ଥାନା ଅଧିକାରୀ ପୁଷ୍ପଲତା ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ରୋହିତଙ୍କୁ ଥାନାକୁ ଆଣି ଅଟକ ରଖିଥିବା ବେଳେ ବନ୍ଧୁକ ଜବତ କରିଥିବା ଜଣାପଡିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ହରଭଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ସୂଚନାଯୋଗ୍ୟ, ରୋହିତ ନିଶାସକ୍ତ ଅବସ୍ଥାରେ ଏଭଳି କାଣ୍ଡ ଘଟାଇଥିବା କୁହାଯାଉଛି।

## ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ

**ଫୁଲବାଣୀ ଅଫିସ, ୩୧।୫:** ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାର କରି ମଙ୍ଗଳବାର ଫୁଲବାଣୀ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ସଞ୍ଜୀବ କୁମାର ବେହେରା ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଖଜୁରିପଡ଼ା ଥାନା ଗଣ୍ଡାକାଠୀ ଗ୍ରାମର ସିଗ୍ନେ ବେହେରା।

୨୦୧୯ ଜୁନ୍ ୨୦ରେ ନାବାଳିକା(୧୬) ଜଣକ ଘରେ ଏକୁଟିଆ ଥିଲେ। ଏହା ଜାଣି ଅପରାହ୍ନରେ ଅଭିଯୁକ୍ତ ସିଗ୍ନେ ତାଙ୍କ ଘରେ ପଶି ବଳାତ୍କାର କରିଥିଲେ। ଏହି ସମୟରେ ବାପା ହଠାତ୍ ଘରକୁ ଆସି ପାଟି କରିବାରୁ ସିଗ୍ନେ ସେଠାରୁ ଖସି ପଳାଇଥିଲେ। ନାବାଳିକାଙ୍କ ବାପା ଗାଁ କମିଟିକୁ ଏହା ଜଣାଇବା ପରେ ସଭା ବସିଥିଲା। ହେଲେ ସେଠାରେ କିଛି ସମାଧାନ ନ ହେବାରୁ ନାବାଳିକା ଜଣକ ଫୁଲବାଣୀ ସଦର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୫୪ /୧୯ରେ ମାମଲା ରୁଜୁ କରିବା ସହ ସିଗ୍ନେଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବିଚାରପତି ପୀଡିତାଙ୍କ ବୟାନ, ୧୫ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ଡାକ୍ତରୀ ରିପୋର୍ଟକୁ ଆଧାର କରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ କୁମାର ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## ନିବେଦିତା ମିଶ୍ର ଉଚ୍ଚଶିକ୍ଷା ନିର୍ଦ୍ଦେଶକ

**ଭୁବନେଶ୍ୱର,୩୧।୫(ବ୍ୟୁରୋ)**

ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ତଥା ବରିଷ୍ଠ ଓଏଏସ୍ ଅଧିକାରୀ ନିବେଦିତା ମିଶ୍ରଙ୍କୁ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଅବକାରୀ ବିଭାଗର ଅତିରିକ୍ତ ସଚିବ ପ୍ରମୋଦ କୁମାର ମିଶ୍ର ଓଡ଼ିଶା ଲୋକସେବା ଆୟୋଗର ସଚିବ ଭାବେ ବଦଳି ହୋଇଛନ୍ତି। ଅନୁଗୋଳ ଜିଲା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାହୁଙ୍କୁ ରାଜ୍ୟ ଏକ୍ସପୋର୍ଟ ଓ ପ୍ରମୋସନ ଆଣ୍ଡ ମାର୍କେଟିଂ(ଡିଇପିଏମ) ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତିଙ୍କୁ ଅବକାରୀ ବିଭାଗର ଅତିରିକ୍ତ ସଚିବ ଏବଂ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରାଙ୍କୁ ଅନୁଗୋଳ ଜିଲା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି।

## ଅବସରପ୍ରାପ୍ତ ସେନା କର୍ମଚାରୀ ଗିରଫ

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

**ନୀଳଗିରି,୩୧।୫(ସ୍ୱ.ପ୍ର.)**



ରାଜକିଶୋର ବେହେରା

ବାଲେଶ୍ୱର ଜିଲା ବରହମ୍ପୁର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ଗିରଫ ହୋଇଛନ୍ତି। ତାଙ୍କ ନାଁ ରାଜକିଶୋର ବେହେରା (୬୧)।

ସୋମବାର ସକାଳେ ଉକ୍ତ ନାବାଳିକା ପଡ଼ୋଶୀ ରାଜକିଶୋରଙ୍କ ଘରକୁ କଦଳୀ ଆଣିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ସେ ତାଙ୍କୁ ଅସଦାଚରଣ କରିଥିଲେ। ନାବାଳିକା ଜଣଙ୍କ ଘରକୁ ଫେରିବା ପରେ ଘଟଣା ସମ୍ପର୍କରେ ନିଜ ମା'ଙ୍କ ପାଖରେ ଜଣାଇଥିଲେ। ଏନେଇ ଗ୍ରାମରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନ ନ ହେବାରୁ ପୀଡ଼ିତାଙ୍କ ପରିବାର ଲୋକେ ନ୍ୟାୟ ପାଇଁ ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରିବା ସହ ମଙ୍ଗଳବାର ଥାନା ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ. ୬୨/୨୨) ରୁଜୁ କରାଯାଇଛି। ରାଜକିଶୋରଙ୍କୁ ଗିରଫ କରାଯାଇଛି। ତାଙ୍କୁ ଡାକ୍ତରୀମାଇନା ପରେ କୋର୍ଟଚାଲାଣ କରାଯିବ ବୋଲି ବରହମପୁର ଓଆଇସି ହେମନ୍ତ କୁମାର ମାଝି ସୂଚନା ଦେଇଛନ୍ତି।

## ନାବାଳିକା ହତ୍ୟାକାରୀଙ୍କୁ ଆଜୀବନ ଜେଲ

**ରାଇରଙ୍ଗପୁର,୩୧।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅତିରିକ୍ତ ଜିଲା ଦୌରାଜଜଙ୍କ କୋର୍ଟରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ ଦୀପକ କୁମାର ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଯାମଦା ଥାନା ଅଞ୍ଚଳର ସୂରଜ ମହାକୁଡ଼।

ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ଜୁନ ୬ ତାରିଖରେ ଯାମଦା ଥାନା ଯାମଦା ଗ୍ରାମର ରାଜେନ୍ଦ୍ର ମହାକୁଡ଼ଙ୍କ ଘର ଆଗରେ ଅଭିଯୁକ୍ତ ସୂରଜ ମାଟି ଖୋଳୁଥିଲେ। ରାଜେନ୍ଦ୍ରଙ୍କ ନାବାଳିକା ଝିଅ ସସ୍ମିତା ଏହାକୁ ବିରୋଧ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସୂରଜ ଏକ କୋଦାଳରେ ସସ୍ମିତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ଦେବାରୁ ସେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାରିପଦା ସ୍ଥିତ ପିଆର୍‌ଏମ୍ ମେଡିକାରେ ଭର୍ତ୍ତି କରିଥିଲେ। ପରଦିନ ଚିକିତ୍ସାଧିନ ଅବସ୍ଥାରେ ସେଠାରେ ସସ୍ମିତାଙ୍କ ମୃତ୍ୟୁ ହୋଇ ଯାଇଥିଲା। ଅଭିଯୋଗକୁ ଭିତ୍ତି କରି ଯାମଦା ପୋଲିସ ଏକ ମାମଲା(ନଂ.୨୭/୨୦) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ସରକାରୀ ଓକିଲ ପଙ୍କଜ ଦାସ ମାମଲା ପରିଚାଳନା କରୁଥିଲେ।

## ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ: କର୍ମଚାରୀ ଜୀବନ୍ତ ଦଗ୍ଧ

**ସମ୍ବଲପୁର,୩୧।୫(ବ୍ୟୁରୋ):** ସମ୍ବଲପୁର ଜିଲା ଅଇଁଠାପାଲି ଥାନା କାଇଁଶିର ରୋଡ଼ରେ ଥିବା ଗୋ-ଗ୍ୟାସ୍ କମ୍ପାନୀର ମା' ଦୁର୍ଗା ଏଜେନ୍ସି ଗୋଦାମରେ ମଙ୍ଗଳବାର ସକାଳ ୮ଟାରେ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗୋଦାମ କର୍ମଚାରୀ ଧନୁପାଲି ଥାନା ଖଣ୍ଡୁଆଳ ଗ୍ରାମର ରାଜା ରନବିଡ଼ା (୩୫) ଜୀବନ୍ତ ଦଗ୍ଧ ହୋଇଛନ୍ତି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ। ସମ୍ବଲପୁର ଅଗ୍ନିଶମ ବିଭାଗ ଟିମ୍ ପ୍ରାୟ ଅଧଘଣ୍ଟା ପରିଶ୍ରମ କରିବା ପରେ ନିଆଁକୁ ଆୟତ୍ତ କରିଥିଲା। ଗୋଦାମରେ ଗ୍ୟାସ ଭର୍ତ୍ତି ବିଭିନ୍ନ କମ୍ପାନୀର ୩୨ ସିଲିଣ୍ଡର ରହିଥିଲା। ବସ୍ତି ଅଞ୍ଚଳରେ ଗୋଦାମ କରିବାକୁ କିଭଳି ଅନୁମତି ଦିଆଯାଇଛି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୨) ରୁଜୁ ହୋଇଥିବା ପୋଲିସ କହିଛି। ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡା କହିଛନ୍ତି, ଅଗ୍ନିକାଣ୍ଡ ଖବର ପାଇ ପୋଲିସ ସେଠାରେ ପହଞ୍ଚି ଗୋଦାମ ଭିତରୁ ପୋଡ଼ି ଯାଇଥିବା ମୃତଦେହ ଉଦ୍ଧାର କରିଥିଲା। ଏଠାରେ ଏତେ ପରିମାଣର ଗ୍ୟାସ୍ ସିଲିଣ୍ଡର କିଭଳି ରଖାଯାଇଥିଲା, ତାହାକୁ ନେଇ ତଦନ୍ତ କରାଯାଉଛି। କାଗଜପତ୍ର ଦାଖଲ ପାଇଁ ଏଜେନ୍ସି ମାଲିକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅଗ୍ନିଶମ ବିଭାଗ ଅଧିକାରୀ କହିଛନ୍ତି, ଠିକ୍ ସମୟରେ ପଦକ୍ଷେପ ନିଆଯିବାରୁ ବଡ଼ ଧରଣର ଅଘଟଣ ଘଟିନାହିଁ। ଗୋଦାମରୁ ସଙ୍ଗେ ସଙ୍ଗେ ଗ୍ୟାସ୍ ସିଲିଣ୍ଡରଗୁଡ଼ିକୁ ବାହାର କରି ଦିଆଯାଇଥିଲା। ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡୁଛି।

## ୨ ଦୋଷୀଙ୍କୁ ୨୦ ବର୍ଷ ଲେଖାଏ ଜେଲ

### ନାବାଳିକା ଗଣବଳାତ୍କାର ମାମଲା

**କେନ୍ଦୁଝର, ୩୧।୫(ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଜିଲା ଅତିରିକ୍ତ ଜିଲା ଓ ସ୍ୱତନ୍ତ୍ର ଜଜ ଶୁଭଶ୍ରୀ ତ୍ରିପାଠୀ ମଙ୍ଗଳବାର ଏକ ନାବାଳିକା ଗଣବଳାତ୍କାର ମାମଲାର ଶୁଣାଣି କରି ରାୟ ପ୍ରକାଶ କରିଛନ୍ତି। ଏଥିରେ ଦୁଇ ଦୋଷୀଙ୍କୁ ବିଭିନ୍ନ ଦଫାରେ ୨୦ ବର୍ଷ ଲେଖାଏ ଜେଲଦଣ୍ଡ ସହ ୫୮ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ୨୦୧୭ ଏପ୍ରିଲ ୧୯ରେ ଘଟଗାଁ ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଗ୍ରାମରେ ପାଲା ଦେଖିବାକୁ ନାବାଳିକା ଜଣକ ଯାଇଥିବା ବେଳେ ଦୁଇ ଜଣଙ୍କ ସହିତ ଅନ୍ୟ ଜଣେ ନାବାଳକ ତାଙ୍କୁ ଉଠାଇନେଇ ବଳାତ୍କାର କରିଥିଲେ। ପରେ ଧମକ ଚମକ ଦେଇ ଛାଡ଼ି ଦେଇଥିଲେ। ଏନେଇ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରୀ ଆଇନଜୀବୀ ଗଣେଶ ପ୍ରସାଦ ମହାପାତ୍ର ମାମଲା ପରିଚାଳନା କରୁଥିଲେ। ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ହେମଲତା ମିଶ୍ର
ରତ୍ନାକରବାଗ, ଭୁବନେଶ୍ୱର
ଦେଖୁ ଦେଖୁ ବର୍ଷଟିଏ କଟିଗଲା। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ପରୋପକାରିତା ସବୁବେଳେ ମନେପଡ଼େ। ଆମେ ସଭିଏଁ ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ।
ଧ-୭୩୨୫୭

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କାଞ୍ଚନମାଳା ସାହୁ
ବନପୁର, ଜୟନ୍ତରା, ଦଶରଥପୁର, ଯାଜପୁର
ଆବିର୍ଭାବ: ୨୯।୧୨।୧୯୮୮
ତିରୋଧାନ: ୦୧।୦୬।୨୦୨୧
ଚାହୁଁ ଚାହୁଁ ଗୋଟେ ବର୍ଷ ବିତିଗଲା। ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତିକୁ ମୁଁ ଅନୁଭବ କରୁଛି। ତୁମର ପ୍ରତିଟି ସ୍ମୃତି ମୋ ପାଇଁ ଅଭୁଲା। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଆମର ପାଥେୟ ହେଉ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛି।
ଶୋକସନ୍ତପ୍ତ: ସ୍ୱାମୀ: ସତ୍ୟସାରଥି ବେହେରା ଏବଂ ପୂରା ବେହେରା ପରିବାର।
ଧ-୬୧୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ ସତ୍ୟଭାମା ତ୍ରିପାଠୀ
୫୬୨-ଏକାମ୍ରବିହାର, ଭୁବନେଶ୍ୱର
ଆବିର୍ଭାବ-୧୪.୦୭.୧୯୪୫
ତିରୋଧାନ-୧୧.୦୬.୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ସର୍ବଦା ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ :
ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାର ବର୍ଗ, ଆତ୍ମୀୟସ୍ୱଜନ ଏବଂ କର୍ମଚାରୀବୃନ୍ଦ
ସୌଜନ୍ୟ - ଗଣେଷ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି (ଗ୍ରୁପ୍ ଅଫ୍ ଇନିଷ୍ଟିଚ୍ୟୁସନ୍ସ)
ଧ-୬୧୦

# ନଳିତା ଚାଷରେ ଘାସ ବଛା

ନଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ । ଫସଲ ଗଜାହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଏବଂ ଏହାର ଠିକ୍ ୭ ଦିନ ପରେ ଆଉଥରେ କୋଡ଼ାଖୁସା ଓ ଘାସ ବଛା କରି ଗଛ ପତଳା କରି ଦିଅନ୍ତୁ ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ । ଏହି ସମୟରେ ହେକ୍ଟର ପ୍ରତି ୨୦–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ଏ ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ । ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।



# ନର୍ସରି କାର୍ଯ୍ୟକ୍ରମ



ଆମ୍ବ ଟାକୁଆ ସଂଗ୍ରହ କରି ଚାରା ପକାନ୍ତୁ । ଆମ୍ବ ଚାରାକୁ ପଲିଥିନ୍‌ରେ ଭରନ୍ତୁ । ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ । ମାଆ ଗଛଗୁଡ଼ିକରେ ପ୍ରଥମ ଦଫା ସାର, ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ନୂତନ ଗଛଗୁଡ଼ିକରେ ଆବଶ୍ୟକତା ଅନୁଯାୟୀ ଜଳସେଚନ କରନ୍ତୁ । ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ। ସପେଟା କଲମୀ କରନ୍ତୁ । ଭାଙ୍ଗିପଡ଼ିଥିବା ଡାଳପତ୍ର ସବୁ ବଗିଚାରୁ ସଫାକରି କମ୍ପୋଷ୍ଟ ଖାତରେ ଭରି ଦିଅନ୍ତୁ।

# ଆଖୁ ଜମିରୁ ଜଳ ନିଷ୍କାସନ

ଆଖୁ ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଫସଲ ୩–୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷକରନ୍ତୁ । ସଅଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଗ୍ରାମା ଜାପୋନିକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ଔଷଧ ପ୍ରୟୋଗ କରାଯାଇପାରେ।



# ଧାନଚାଷ ପାଇଁ ପ୍ରସ୍ତୁତି

ଧାନଚାଷ ପାଇଁ ଜମିକୁ ଗଭୀର ଚାଷ କରି ମାଟିକୁ ଗୁଣ୍ଡ କରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ । ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଛଟାବୁଣା ନ କରି ବିହନବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨–୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ । ବୁଣି ସାରି ଥରେ ମଇ ଦେଇଦିଅନ୍ତୁ । ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନକରି ବୁଣନ୍ତୁ । ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ଏକ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲ ତଳିଘରାରେ ଏକ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଚଉଡ଼ାର ନାଳି ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଦୋରସା ମାଟି ଥିବା ବର୍ଷା ଆଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇପାରିବ। ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ



ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ । ଗଜା ହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ । ସାଧାରଣତଃ ଖରିଫ୍/ବର୍ଷାଋତୁରେ ମୋଟ ୬୦ ମି.ମି. ବର୍ଷା ହେବାପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ । ଯେଉଁ ଜମିଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷକରି ଢିପଜମିରେ ଘାସମରା କୀଟନାଶକ ବ୍ୟବହାରକରି ଘାସ ଦମନ କରନ୍ତୁ । ଏଥିପାଇଁ ଢିପଜମିରେ ହେକ୍ଟର ପ୍ରତି

## ଏ ମାସର କୃଷି ସୂଚନା

ବୁଟାକ୍ଲୋର କିମ୍ବା ପ୍ରେଟିଲାକ୍ଲୋର ୧ ଲିଟର (ମୁଖ୍ୟ ଉପାଦାନ) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେୟରରେ ବୁଣିବାର ୨–୩ ଦିନ ପରେ ମାଟିରେ ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ । ରୋଇବା ପାଇଁ ଉଦ୍ଦିଷ୍ଟ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଧନିଚା ବୁଣନ୍ତୁ । ଜଳସେଚିତ ଜମିଗୁଡ଼ିକରେ ଜଳର ସୁବିଧା ଥିଲେ ସବୁଜ ସାର ନିମିତ୍ତ ଆଜୋଲା ବଢ଼ାନ୍ତୁ । ସାଧାରଣ ଉର୍ବର ଜମିରେ ବୁଣାବେଳେ ହେକ୍ଟର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଫସଲକୁ ବିହନ ଜନିତ ରୋଗରୁ ରକ୍ଷା କରିବା ପାଇଁ ବୁଣିବା ପୂର୍ବରୁ ବିହନକୁ କେ.ଜି. ପ୍ରତି ୨ ଗ୍ରାମ୍ କାର୍ବୋକ୍ସିନ୍ ଥିରାମ୍ ବା ୨ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରନ୍ତୁ । ଉପଦ୍ରୁତ ଅଞ୍ଚଳରେ ରୋଗପୋକ ସହଣୀ ଶକ୍ତି ଥିବା କିସମର ଧାନଚାଷ କରନ୍ତୁ । ତଣ୍ଟିକଟା (କେଣ୍ଡା ମହିଷା) ରୋଗର ପ୍ରତିକାର ପାଇଁ ୧ କି.ଗ୍ରା. ବିହନକୁ ୨.୦ ଗ୍ରାମ୍ ହିସାବରେ ମିଶ୍ରିତ ଫିମ୍ପିନାଶକ କାର୍ବୋକ୍ସିନ୍ (୩୭.୫%), ଥିରାମ୍ (୩୭.୫%) ଦ୍ୱାରା ବିଶୋଧନ କରିବେ ଏବଂ ହେକ୍ଟର ପ୍ରତି ଟେବୁକୋନାଜୋଲ୍ ୫୦୦ ମି.ଲି. କିମ୍ବା କାଜୁଗାମାଇସିନ୍ (୩% ଏସ୍.ଏଲ୍.) ୫୦୦ ମି.ଲି. କିମ୍ବା ୭୫୦ ମି.ଲି. ଆଇସୋପ୍ରୋଥିଲେନ୍ (୪୦% ଇସି) ଦୁଇଥର ପତ୍ର ସିଞ୍ଚନ କରିବେ।

**ମକା :** ଜମି ପ୍ରସ୍ତୁତ କରି ହେକ୍ଟର ପ୍ରତି ୨୦ କି.ଗ୍ରା. ବିହନ ବିଶୋଧନ କରି ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ବୁଣିଲାବେଳେ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ପାଣି



ଜମି ରହିଲେ ମକା ଗଛ ଭଲ ବଢ଼େ ନାହିଁ। ତେଣୁ ଜଳ ନିଷ୍କାସନର ସୁବିଧା କରନ୍ତୁ ।

**ତୈଳବୀଜ ଜାତୀୟ ଫସଲ**

**ରାଶି :** ଜମି ପ୍ରସ୍ତୁତକରି ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ବୁଣିବା ବେଳକୁ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ରାଶିର ଅନୁମୋଦିତ କିସମ ଗୁଡିକ ହେଲା – କନକ, ଉଷା, ଉମା, ଅମ୍ରିତ୍, ପ୍ରାଚୀ, ନିର୍ମଳା, ସ୍ମାରକ ଓ ଶୁଭ୍ରା ।

**କପା :** କପାଚାଷ ପାଇଁ ଜମିକୁ ୮–୧୦ ଓଡ଼ ଗଭୀର ଚାଷକରି ମଇ ଦେଇ ମାଟିକୁ ଭଲରେ ଗୁଣ୍ଡକରି ଦିଅନ୍ତୁ । ହେକ୍ଟର ପ୍ରତି ଉନ୍ନତ କିସମ (ଏମ୍‌ସିୟୁ–୫) ବିହନ ବା ସଙ୍କର ଜାତୀୟ (ସବିତା, ସୂର୍ଯ୍ୟ, ବିହନ) ୨.୦–୨.୫ କି.ଗ୍ରା. ଧାଡ଼ିକୁ ଧାଡ଼ି ୯୦ ସେ.ମି. ଏବଂ ମଞ୍ଜିକୁ ମଞ୍ଜି ୬୦ ସେ.ମି. ବ୍ୟବଧାନ ରଖି ଓ ୪–୫ ସେ.ମି. ଗଭୀରରେ ଦୁଇଟି ଲେଖାଏଁ ମଞ୍ଜି ପୋତନ୍ତୁ। ସଘନ କପାଚାଷ ପଦ୍ଧତି ପାଇଁ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ବିହନକୁ ୬୦ x ୧୦ ସେ.ମି. ବ୍ୟବଧାନରେ ବୁଣାଯାଏ।

**ଫଳବଗିଚା କାର୍ଯ୍ୟ:** ଆମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ି ଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା: ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି. , ନଡ଼ିଆ – ୧ ମି. x ୧ ମି.x୧ ମି. , କଦଳୀ – ୦.୪ ମି. x ୦.୪ ମି. x ୦.୪ ମି. , କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି. ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବର ଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ । ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ।

**କୁକୁଡ଼ା ପାଳନ :** କୁକୁଡ଼ାଘରକୁ ପରିଷ୍କାର ଏବଂ ଶୁଖିଲା ରଖନ୍ତୁ । ଲିଟରକୁ ନିୟମିତ ବଦଳାନ୍ତୁ । ଫିମ୍ପି ଦାନା ଖୁଆନ୍ତୁ ନାହିଁ ।

**ମତ୍ସ୍ୟ ପାଳନ :** ଚଳିତ ବର୍ଷ ମାଛଚାଷ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ। ଯେଉଁ ଚାଷୀଭାଇମାନେ ପୋଖରୀକୁ ମେ ମାସ ଶେଷ ସୁଦ୍ଧା ଶୁଖାଇପାରି ନାହାନ୍ତି ସେମାନେ ଜୁନ୍ ପ୍ରଥମ ସପ୍ତାହ ମଧ୍ୟରେ ପୋଖରୀରୁ ପାଣି ବାହାରକରି ଶୁଖାଇ ଦିଅନ୍ତୁ । ଶୁଖାଇଥିବା ପୋଖରୀକୁ ଭଲଭାବେ ହଳ କରିଦିଅନ୍ତୁ । ମାଟିର ଅମ୍ଳତାର ମାତ୍ରା ଅନୁସାରେ ଚୂନ ପ୍ରୟୋଗ କରନ୍ତୁ । ଜୁନ୍ ୧୫ ତାରିଖ ପରେ ବର୍ଷା ହେଲେ ପୋଖରୀରେ ପାଣି ରହିବ । ଏହି ସମୟରେ ଏକର ପ୍ରତି ଏକ ଟନ୍ ହିସାବରେ କଞ୍ଚା ଗୋବର ପାଣିରେ ମିଶାଇ ଦିଅନ୍ତୁ । ଏହା ମାଛର ପ୍ରାକୃତିକ ଖାଦ୍ୟ ପ୍ରସ୍ତୁତ କରିବାରେ ସାହାଯ୍ୟ କରେ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି,
ଭୁବନେଶ୍ୱର–୩

## ଚିନାବାଦାମ ଚାଷ ସମୟରେ..

ଚିନାବାଦାମ ଚାଷ ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡ କରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି (୧୭୫ କି.ଗ୍ରା. ଚୋପାଲଗା) ବ୍ୟବହାର କରନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମର ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ ।



# ଦୁଗ୍ଧ ଉତ୍ପାଦନ : କିଛି କଥା

ଆଜି ହେଉଛି 'ବିଶ୍ୱ ଦୁଗ୍ଧ ଦିବସ' ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା....

ପ୍ରତିବର୍ଷ ଜୁନ୍ ପହିଲାକୁ ବିଶ୍ୱର ଅଧିକାଂଶ ଦେଶ 'ବିଶ୍ୱ ଦୁଗ୍ଧ ଦିବସ' ରୂପେ ପାଳନ କରିଥାଆନ୍ତି। ୨୦୦୧ ମସିହାଠାରୁ ଏହି ଦିବସ ପାଳିତ ହୋଇଆସୁଅଛି। କ୍ରମଶଃ ଏହି ଦିବସଟିକୁ ଅନେକ ଦେଶ ପାଳନ କରିବାପରେ ପ୍ରତିବର୍ଷ ବିଭିନ୍ନ ଦେଶର ଅଂଶଗ୍ରହଣ ବୃଦ୍ଧି ପାଇବା ଦେଖାଦେଇଛି। ଡ. ଭର୍ଗିସ୍ କୁରିଆନ୍‌ଙ୍କ ଜନ୍ମଦିବସରେ ଆମ ଦେଶରେ ପ୍ରତିବର୍ଷ ଜାତୀୟ ଦୁଗ୍ଧ ଦିବସ ପାଳିତ ହେଉଅଛି। ଭାରତରେ ଦୁଗ୍ଧ ସମବାୟ ଆନ୍ଦୋଳନରେ ଆଜୀବନ ଉତ୍ସର୍ଗୀକୃତ ସେବାପାଇଁ 'ଶ୍ୱେତ ବିପ୍ଳବର ପିତାମହ' ଭାବେ କୁରିଆନ୍‌ଙ୍କୁ ଆଖ୍ୟା ଦିଆଯାଇଛି।

ଦୁଗ୍ଧର ଗୁରୁତ୍ୱ ନେଇ ମନଯୋଗ ଦେବା ଏବଂ ଦୁଗ୍ଧ ଓ ଦୁଗ୍ଧ ଶିଳ୍ପର କାର୍ଯ୍ୟକାରିତା ସମ୍ପର୍କରେ ଜନସଚେତନତା ନେଇ ଏକ ସୁଯୋଗର ବାତାବରଣ ସୃଷ୍ଟିକରିବା ହେଉଛି ବିଶ୍ୱ ଦୁଗ୍ଧ ଦିବସ ପାଳନ କରିବାର ମୁଖ୍ୟ ତାତ୍ପର୍ଯ୍ୟ। ସର୍ବପ୍ରଥମେ ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଙ୍ଗଠନ ଆମର ଦୈନନ୍ଦିନ ଖାଦ୍ୟରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ବ୍ୟବହାର ନିମନ୍ତେ ଜନସାଧାରଣଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟ ନେଇ ବିଶ୍ୱ ଦୁଗ୍ଧ ଦିବସ ଆୟମାରମ୍ଭ ହୋଇଥିଲା। ଏଥିସହିତ ଦୁଗ୍ଧର ସମସ୍ତ ଗୁଣ ଓ ଧର୍ମ ଯଥା– ଦୁଗ୍ଧର ପ୍ରାକୃତିକ ଉତ୍ପତ୍ତି, ଦୁଗ୍ଧର ପୌଷ୍ଟିକତା, ଉପଯୋଗିତା ଏବଂ ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ବ୍ୟବହାର ଓ ଉପକାରିତା ଆଦି ନେଇ ବ୍ୟାପକ ଜନସଚେତନତା ସୃଷ୍ଟିକରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ବିଶ୍ୱ ଦୁଗ୍ଧ ଦିବସର ବାର୍ତ୍ତା ହେଲା – 'ଦୁଗ୍ଧ ବିକାଶ କ୍ଷେତ୍ରରେ ପୋଷଣୀୟତା ରକ୍ଷା କରିବା ସହିତ ପରିବେଶ ସୁସ୍ଥତା, ପୁଷ୍ଟି ସାଧନ ଏବଂ ଗ୍ରାମୀଣ ଅର୍ଥନୀତିର ସଶକ୍ତୀକରଣ ।'

ସାଧାରଣତଃ ଗାଈ, ମଇଁଷି ଏବଂ ଛେଳିଠାରୁ ଆମେ ଦୁଗ୍ଧ ପାଇଥାଉ।



୧୯୪୦ ମସିହାରେ ଭାରତୀୟ ଡାଏରି ଶିଳ୍ପର ଅଭ୍ୟୁଦୟ ଘଟିଲା। ସେ ସମୟରେ ବଜାରରେ ନିମ୍ନମାନର ଦୁଗ୍ଧ ମିଳୁଥିବାବେଳେ ବିଦେଶରୁ ଗୁଣ୍ଡଦୁଗ୍ଧ ଆଣି ବ୍ୟବସାୟ ହେଉଥିଲା। ୧୯୪୨ ମସିହାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ 'ଭାରତ ଛାଡ଼' ଆନ୍ଦୋଳନ ସମୟରେ ଗୁଜରାଟର ମହାନ୍ କୃଷକ ନେତା ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କୃଷକମାନଙ୍କୁ ସଙ୍ଗଠିତ କରି ଏକ ସମବାୟଭିତ୍ତିକ ଆନ୍ଦୋଳନ ଆରମ୍ଭ କଲେ। ଏହା ଆଜି ସର୍ବତ୍ର ତ୍ରିସ୍ତରୀୟ ଆନନ୍ଦ ଢାଞ୍ଚାରେ ଗ୍ରାମୀଣ ସ୍ତରରେ ଦୁଗ୍ଧ ଉତ୍ପାଦକ ସମବାୟ ସମିତି, ଜିଲା ସ୍ତରରେ ଜିଲା ଦୁଗ୍ଧ ସଂଘ ଏବଂ ରାଜ୍ୟ ସ୍ତରରେ ରାଜ୍ୟ ଦୁଗ୍ଧ ଉତ୍ପାଦକ ସମବାୟ ମହାସଂଘ କାର୍ଯ୍ୟକ୍ଷମ ହୋଇ ଦୁଗ୍ଧଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ, ଶୀତଳୀକରଣ, ସଂରକ୍ଷଣ ଏବଂ ଖାଉଟିମାନଙ୍କୁ ଦୁଗ୍ଧ ଯୋଗାଣକରି ଶ୍ୱେତ ବିପ୍ଳବର ଏକ ବିକାଶଧାରା ସୃଷ୍ଟି କରିପାରିଛି। ଆମ ରାଜ୍ୟରେ ଦୁଗ୍ଧଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ, ସଂରକ୍ଷଣ ଓ ବିକ୍ରିବଟାର ସୁବିଧା ପାଇଁ 'ଓମ୍‌ଫେଡ' କାର୍ଯ୍ୟ କରୁଛି। ୧୯୮୦ ମସିହାରେ ରାଜ୍ୟ ସ୍ତରରେ ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଗଠନ କରାଗଲା। ଓମ୍‌ଫେଡ୍ ୧୯୮୧–୮୨ରେ ଦିନକୁ ୨୭୮୫ ଲିଟର ଦୁଗ୍ଧ ସଂଗ୍ରହ କରିଥିବା ବେଳେ ବର୍ତ୍ତମାନ ଦୈନିକ ୫.୨୫ ଲକ୍ଷ



ଦୁଗ୍ଧରେ ପ୍ରାୟ ୮୭ ପ୍ରତିଶତ ଜଳ ସହିତ ଅନ୍ୟାନ୍ୟ ଉପାଦେୟ ଖାଦ୍ୟସାର ନିହିତ ଥିବାରୁ ଏହା ଏକ ଉତ୍କୃଷ୍ଟ ଆଦର୍ଶ ପାନୀୟ ରୂପେ ବ୍ୟବହାର ହୋଇଥାଏ। ଆମ ରାଜ୍ୟର ଲୋକମାନେ ଗାଈ ପାଳନକୁ ବିଶେଷ ଭାବରେ ଗ୍ରହଣ କରିଥିବା ବେଳେ ଗୁଜରାଟ, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ପ୍ରଭୃତି ଦୁଗ୍ଧ ଉତ୍ପାଦନକାରୀ ପ୍ରମୁଖ ରାଜ୍ୟରେ ମୁରା ବା ଅନ୍ୟାନ୍ୟ ପ୍ରଜାତିର ମଇଁଷି ପାଳନ ଘରେ ଘରେ ଦେଖିବାକୁ ମିଳେ। ବର୍ତ୍ତମାନ ଆମ ଦେଶ ବିଶ୍ୱସ୍ତରରେ ୧୯୯୮–୯୯ ବର୍ଷଠାରୁ କ୍ରମାଗତଭାବେ ଦୁଗ୍ଧ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରିଛି।

ଆମ ଦେଶରେ ଦୁଗ୍ଧ ବିକାଶ କାର୍ଯ୍ୟକ୍ରମ ଗୁଜରାଟର ଆନନ୍ଦଠାରୁ ହିଁ କେନ୍ଦ୍ରୀଭୂତ ହୋଇଥିଲା।

ଲିଟର ଦୁଗ୍ଧ ସଂଗ୍ରହ କରୁଛି ଏବଂ ଦୈନିକ ୫.୫୩ ଲକ୍ଷ ଲିଟର ଦୁଗ୍ଧ ବଜାରକୁ ବିକ୍ରି ନିମନ୍ତେ ବିତରଣ କରୁଅଛି। ଇତିମଧ୍ୟରେ ଦୁଗ୍ଧ ସମବାୟ ସମିତି ସଂଖ୍ୟା ୧୧୯ରୁ ୫୪୪୮କୁ ବୃଦ୍ଧିପାଇଛି। ଦୁଗ୍ଧ ସଂଗ୍ରହ, ଶୀତଳୀକରଣ, ସଂରକ୍ଷଣ, ଦୁଗ୍ଧଜାତ ସାମଗ୍ରୀ ପ୍ରସ୍ତୁତି ଏବଂ ବିକ୍ରିବଟା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନେଇ ଓମ୍‌ଫେଡ୍ ଆଜି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ ହୋଇଛି। ଦୁଗ୍ଧର ଉତ୍ପାଦନ ଖର୍ଚ୍ଚ କମାଇ ଅଧିକ ପଇସା ପାଇବାକୁ ହେଲେ ଗୋପାଳନ କ୍ଷେତ୍ରରେ ଆମକୁ ସବୁଜ ଘାସଚାଷ କରିବା ଏକାନ୍ତ ଅପରିହାର୍ଯ୍ୟ।

**– ଡା. ବୀରକିଶୋର ପରିଡ଼ା**
ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର,
ମୋ : ୯୪୩୭୬୦୭୩୧୨

# ବାଛୁରିଙ୍କୁ ସାହାଣ ରୋଗ ହେଲେ...

ବର୍ଷାଋତୁରେ ଗୋ–ମହିଷ ଏବଂ ବାଛୁରିମାନଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ। ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । ଏହି ମାସରେ ଗୋ–ମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଗୋ–ମହିଷଙ୍କ ଦେହରେ ଅଧିକ ତାତି ରହେ ଓ ଗୋଟିଏ ଗୋଡ଼ ଟେକି ରଖନ୍ତି । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ । ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ । ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ । ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ବଢ଼ିଯାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ ।



# ପ୍ରଥମ ଥର ସେମିରେ ଟ୍ରେଭିସାନ୍

**ପ୍ୟାରିସ୍, ୩୧।୫**

କାନାଡାର ଲେଲା ଫର୍ନାଣ୍ଡିଜଙ୍କୁ ୬-୨, ୬-୭ (୩-୭), ୬-୩ରେ ପରାସ୍ତ କରି ଇଟାଲୀର ମାର୍ଟିନା ଟ୍ରେଭିସାନ୍ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପାଦରେ ଯନ୍ତ୍ରଣା ପାଇଁ ସଂଘର୍ଷ କରୁଥିବା ୧୯ ବର୍ଷୀୟା ୨୦୨୧ ୟୁଏସ୍ ଓପନ ଫାଇନାଲିଷ୍ଟଙ୍କ ବିପକ୍ଷରେ ଟ୍ରେଭିସାନ ଦୃଢ଼ ଆତ୍ମବିଶ୍ୱାସର



ମାର୍ଟିନା ଟ୍ରେଭିସାନ୍

ସହିତ ଖେଳ ଆରମ୍ଭ କରିଥିଲେ। ଦ୍ୱିତୀୟ ସେଟ୍‌ରେ ଫର୍ନାଣ୍ଡିଜ ଏକ ମ୍ୟାଚ ପଏଣ୍ଟ ସେଭ୍ କରିବା ସହ ଟାଇବ୍ରେକ୍‌କୁ ସହଜରେ ଜିତି ନେଇଥିଲେ। ତେବେ ୨୮ ବର୍ଷୀୟା ଟ୍ରେଭିସାନ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ତୃତୀୟ ସେଟ୍ ଜିତି ନେଇଥିଲେ। ବର୍ତ୍ତମାନ ସେ ଆମେରିକାର ୧୮ ବର୍ଷୀୟା କୋକୋ ଗଫ୍‌ଙ୍କୁ ଭେଟିବେ। ଗଫ୍ ୭-୫, ୬-୨ରେ ନିଜ ଦେଶର ସ୍ଲୋଏନ ଷ୍ଟିଫାନେସ୍‌ଙ୍କୁ ହରାଇ ଦେଇଛନ୍ତି। ବ୍ରିଟେନର ଜୋ ସାଲିସବୁରି ଓ ନିଲ୍ ସ୍କୁପ୍‌ସ୍କି ଉଭୟେ ସେମାନଙ୍କ ପୁରୁଷ ଡବଲ୍ସ କ୍ୱାର୍ଟରଫାଇନାଲ ମ୍ୟାଚ ହାରିଯାଇଛନ୍ତି। ୩୦ବର୍ଷୀୟ ସାଲିସବୁରି ଓ ଆମେରିକାର ୩୮ବର୍ଷୀୟ ରାଜୀବ ରାମ୍ ୩-୬, ୭-୬ (୧୧-୯), ୭-୬ (୧୨-୧୦)ରେ ଇଭାନ ଡୋଡିଗ୍ ଓ ଅଷ୍ଟିନ୍ କ୍ରାଇସେକ୍‌ଙ୍କଠାରୁ ପରାଜିତ ହୋଇଛନ୍ତି। ଟପ୍ ସିଡ୍ ଯୋଡ଼ି ମୋଟ ୫ ମ୍ୟାଚ ପଏଣ୍ଟ ନଷ୍ଟ କରିଥିଲେ। ଡୋଡିଗ୍ ଓ କ୍ରାଇସେକ୍ ଫାଇନାଲ ସେଟ୍ ଟାଇବ୍ରେକ୍ ଜିତିଥିଲେ। ୬ଷ୍ଠ ସିଡ୍ ପ୍ରାପ୍ତ ୩୨ ବର୍ଷୀୟ ସ୍କୁପ୍‌ସ୍କି ଓ ତାଙ୍କ ଡଚ୍ ପାର୍ଟନର ୩୩ ବର୍ଷୀୟ ୱେସ୍‌ଲି କୁଲ୍‌ହଫ୍ ଚତୁର୍ଥ ସିଡ୍ ମାର୍ସେଲ ଗ୍ରାଓନୋଲର୍ସ ଓ ହୋରସିଓ ଜେବାଲସ୍‌ଙ୍କଠାରୁ ୩-୬, ୬-୩, ୬-୪ ସେଟ୍‌ରେ ପରାସ୍ତ ହୋଇଛନ୍ତି।

## ବୋପାନ୍ନା ଜିତିଲେ, ସାନିଆ ହାରିଲେ

**ପ୍ୟାରିସ, ୩୧।୫ (ପି.ଟି.):** ରୋହନ ବୋପାନ୍ନା ଓ ତାଙ୍କ ପାର୍ଟନର ମାଟ୍‌ୱେ ମିଡଲକୁପ୍ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ଡବଲ୍ସ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଇଣ୍ଡୋ-ଡଚ୍ ଯୋଡ଼ି ସୋମବାର ରାତିରେ ଅନୁଷ୍ଠିତ ଏକ କ୍ୱାର୍ଟରଫାଇନାଲରେ ବ୍ରିଟେନ ଓ ଫିନ୍‌ଲାଣ୍ଡ ଯୋଡ଼ି ଲୟଡ ଗ୍ଲାସ୍‌ପୁଲ ଓ ହେନ୍‌ରୀ ହେଲିଓଭାରାଙ୍କୁ ୪-୬, ୬-୪, ୭-୬(୩) ସେଟ୍‌ରେ ହରାଇ ଦେଇଛନ୍ତି। ବୋପାନ୍ନା ୭ବର୍ଷ ପରେ ଏକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହାପୂର୍ବରୁ ସେ ୨୦୧୫ରେ ୱିମ୍ବଲଡନ ଚାମ୍ପିୟନଶିପ୍ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ସେତେବେଳେ ରୋମାନିଆର ଫ୍ଲୋରିନ୍ ମର୍ଗିଆ ତାଙ୍କ ପାର୍ଟନର ରହିଥିଲେ। ଅନ୍ୟପକ୍ଷରେ ସାନିଆ ମିର୍ଜା ଓ ତାଙ୍କ ଚେକ୍‌ରିପବ୍ଲିକ୍ ପାର୍ଟନର ଲୁସି ହ୍ରାଡେକା ମହିଳା ଡବଲ୍ସ ତୃତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଏହି ଯୋଡ଼ି ଆମେରିକାର କୋକୋ ଗଫ୍ ଓ ଜେସିକା ପେଗୁଲାଙ୍କଠାରୁ ୪-୬-୩-୬ ସେଟ୍‌ରେ ହାରିଯାଇଛନ୍ତି।

## ସଂକ୍ଷେପରେ

### ଜୁନ୍ ୨ରେ ପହଞ୍ଚିବ ଦକ୍ଷିଣ ଆଫ୍ରିକା ଦଳ

**ନୂଆଦିଲ୍ଲୀ,୩୧।୫:** ଆଗାମୀ ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଲାଗି ଭାରତୀୟ କ୍ରିକେଟ ଦଳର ସଦସ୍ୟମାନେ ଜୁନ ୫ ତାରିଖରେ ଦିଲ୍ଲୀଠାରେ ଏକତ୍ରିତ ହେବେ। ଜୁନ ୯ରୁ ଆରମ୍ଭ ହେଉଥିବା ସିରିଜ୍ ଲାଗି ଭ୍ରମଣକାରୀ ଦଳ ୨ ତାରିଖରେ ପହଞ୍ଚିବ। ଏହି ସିରିଜ୍ ଦର୍ଶକରେ ପରିପୂର୍ଣ୍ଣ ଷ୍ଟାଡିୟମରେ ଖେଳାଯିବ ଏବଂ ଖେଳାଳିଙ୍କ ଉପରେ କୌଣସି ବାୟୋ ବବଲ କଟକଣା ରହିବ ନାହିଁ କିନ୍ତୁ ନିୟମିତ ଭାବେ ଖେଳାଳିଙ୍କ କୋଭିଡ୍-୧୯ ଟେଷ୍ଟ କରାଯିବ। ସିରିଜ୍‌ର ପରବର୍ତ୍ତୀ ମ୍ୟାଚ୍ କଟକ (ଜୁନ୍ ୧୨), ଵିଶାଖାପାଟଣା(୧୪), ରାଜକୋଟ (୧୭) ଓ ବେଙ୍ଗାଲୁରୁ (୧୯)ରେ ଖେଳାଯିବାର କାର୍ଯ୍ୟସୂଚୀ ଅଛି। ‘‘ଭାରତୀୟ ଦଳ ଜୁନ ୫ରେ ଦିଲ୍ଲୀଠାରେ ଏକତ୍ରିତ ହେବ ଏବଂ ୨ ତାରିଖରେ ଦକ୍ଷିଣ ଆଫ୍ରିକା ଦଳ ଦିଲ୍ଲୀରେ ପହଞ୍ଚିବ’’ ବୋଲି ଡିଡିସିଏ ଯୁଗ୍ମ ସମ୍ପାଦକ ରାଜନ ମନଚନ୍ଦା କହିଛନ୍ତି। ନିୟମିତ ଅଧିନାୟକ ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ଲୋକେଶ ରାହୁଲ ଭାରତୀୟ ଦଳର ନେତୃତ୍ୱ ନେବେ। ବିରାଟ କୋହଲି ଏବଂ ଯଶପ୍ରୀତ ବୁମରାଙ୍କୁ ଏହି ସିରିଜ୍‌ରୁ ବିଶ୍ରାମ ଦିଆଯାଇଛି।

### ଫ୍ରାନ୍ସ କ୍ରୀଡ଼ାମନ୍ତ୍ରୀଙ୍କଠାରୁ କ୍ଷମାପ୍ରାର୍ଥନା ଦାବି କଲେ ଲିଭରପୁଲ ଚେୟାରମ୍ୟାନ

**ଲଣ୍ଡନ,୩୧।୫:** ଲିଭରପୁଲ ଚେୟାରମ୍ୟାନ ଟମ୍ ୱର୍ନର ଫ୍ରାନ୍ସର କ୍ରୀଡ଼ା ମନ୍ତ୍ରୀ ଆମେଲି ଓଡେଆ କାଷ୍ଟେରାଙ୍କ ଠାରୁ କ୍ଷମାପ୍ରାର୍ଥନା ଦାବି କରିଛନ୍ତି। ପ୍ୟାରିସଠାରେ ଶନିବାର ଖେଳାଯାଇଥିବା ଚାମ୍ପିୟନ୍ସ ଲିଗ୍ ଫାଇନାଲ ମ୍ୟାଚ୍‌ରେ କ୍ଲବର ପ୍ରଶଂସକଙ୍କ ସହ କରାଯାଇଥିବା ବ୍ୟବହାର ଲାଗି ସେ ଏଭଳି ଦାବି ରଖିଛନ୍ତି। ୱର୍ନର ହେଉଛନ୍ତି ଆମେରିକାରେ ପ୍ରତିଷ୍ଠିତ ଫେନୱେ ସ୍ପୋର୍ଟ୍ସ ଗ୍ରୁପ୍‌ର ଜଣେ ଅଂଶଦାର, ଯାହା ପାଖରେ ଲିଭରପୁଲ କ୍ଲବର ମାଲିକାନା ଅଧିକାର ଅଛି। ଏହି ଗ୍ରୁପ୍ ପକ୍ଷରୁ ସୋମବାର ଫ୍ରାନ୍ସର କ୍ରୀଡ଼ା ମନ୍ତ୍ରୀଙ୍କୁ ପତ୍ର ଲେଖାଯାଇଛି, ଯାହାକି ସ୍ଥାନୀୟ ଖବରକାଗଜ ଲିଭରପୁଲ ଇକୋରେ ପ୍ରକାଶ ପାଇଛି। ଓଡେଆ କାଷ୍ଟେରା ପ୍ରାଥମିକ ଭାବେ ଲିଭରପୁଲ ଫ୍ୟାନଙ୍କୁ ବିଶୃଙ୍ଖଳା କାରଣ ବୋଲି କହିଥିଲେ। ଏକ ଫ୍ରେଞ୍ଚ ରେଡିଓ ଷ୍ଟେଶନରେ ସେ କହିଥିଲେ, ପ୍ୟାରିସ ଯାଇଥିବା ଫ୍ୟାନ୍ସଙ୍କ ପାଇଁ ଉଚିତ ବ୍ୟବସ୍ଥା କରିବାରେ ଲିଭରପୁଲ ବିଫଳ ହୋଇଛି। ‘‘ସ୍ୱାଧୀନ ତଦନ୍ତ ପ୍ରକ୍ରିୟା ବିନା ଫ୍ରେଞ୍ଚ ସରକାରଙ୍କ ଜଣେ ମନ୍ତ୍ରୀ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଉପରେ ଅପ୍ରମାଣିତ ମନ୍ତବ୍ୟ ଦେଇଥିବା ବିଶ୍ୱାସ ହେଉ ନାହିଁ। ତୁମ ଦାୟିତ୍ୱହୀନ ମନ୍ତବ୍ୟ ଶାରୀରିକ ଓ ମାନସିକ ଆଘାତ ପାଇଥିବା ହଜାର ହଜାର ପ୍ରଶଂସକଙ୍କ ପ୍ରତି ଅପମାନ। ଏହି ଦୁଃସ୍ୱପ୍ନକୁ ଅନୁଭବ କରିଥିବା ଫ୍ୟାନ୍ସଙ୍କ ପକ୍ଷରୁ ମୁଁ ତୁମଠାରୁ କ୍ଷମାପ୍ରାର୍ଥନା ଦାବି କରୁଛି। ଏଥିସହିତ ଏକ ସ୍ୱାଧୀନ ସ୍ୱଚ୍ଛ ତଦନ୍ତ ପ୍ରକ୍ରିୟାକୁ ଫ୍ରେଞ୍ଚ ଅଧିକାରୀ ଏବଂ ୟୁଏଫା ଅନୁମତି ଦେବାର ଆଶ୍ୱାସନା ଦାବି କରୁଛି’’ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

# ଓଡ଼ିଶା ବାଳକ ଦଳକୁ ୪ର୍ଥ ସ୍ଥାନ

**ଭୁବନେଶ୍ୱର, ୩୧।୫ (କ୍ରୀଡ଼ା ପ୍ରତିନିଧି)**

ହାଇଦ୍ରାବାଦରେ ଅନୁଷ୍ଠିତ ୨୭ତମ ଜାତୀୟ ସବ୍‌ଜୁନିୟର ଥ୍ରୋ-ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବାଳକ ଦଳ ୪ର୍ଥ ସ୍ଥାନରେ ରହି ପ୍ରତିଯୋଗିତା ଶେଷ କରିଛି। ଓଡ଼ିଶା ଦଳ ୪ଟି ଯାକ ଲିଗ୍ ମ୍ୟାଚ ଜିତି ପୁଲ୍ ବିଜେତାଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। କ୍ୱାର୍ଟର ଫାଇନାଲରେ ଛତିଶଗଡ଼କୁ ୨-୦ରେ ହରାଇ ସେମିଫାଇନାଲରେ ପହଞ୍ଚିଥିଲା। ମାତ୍ର ସେଠାରେ କର୍ଣ୍ଣାଟକଠାରୁ ୧-୨ ସେଟ୍‌ରେ ହାରି ଯାଇଥିଲା। ପ୍ଲେ-ଅଫ୍‌ରେ ଓଡ଼ିଶା ଦଳ ପରାଜିତ ହୋଇ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇଥିଲା। ତେବେ ଓଡ଼ିଶାର ଶିବଶଙ୍କର ମାଣ୍ଡୋଲା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଥ୍ରୋ ବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ ସମ୍ପାଦକ ନରେଶ ମାନ୍ ଓ ଚେୟାରମ୍ୟାନ କମଲ ଗୋସ୍ୱାମୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବାଳିକା ବିଭାଗରେ ଓଡ଼ିଶା ୪ ଥର ଚାମ୍ପିୟନ ଦିଲ୍ଲୀଠାରୁ କ୍ୱାର୍ଟର ଫାଇନାଲରେ ହାରି ଯାଇଥିଲା।




ଓଡ଼ିଶାର ଶିବଶଙ୍କର ମାଣ୍ଡୋଲାଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ଶୁଟିଂ ବିଶ୍ୱକପ୍: ଭାରତକୁ ସ୍ୱର୍ଣ୍ଣ

**ନୂଆଦିଲ୍ଲୀ,୩୧।୫(ପିଟି)**

ଆଜାରବୈଜାନର ବାକୁଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ପଦକ ସହ ଭାରତ ତା’ର ଖାତା ଖୋଲିଛି। ଏଲାଭେନିଲ ଭାଲାରିଭାନ, ରମିତା ଏବଂ ଶ୍ରେୟା ଅଗ୍ରୱାଲଙ୍କୁ ନେଇ ଗଠିତ ଭାରତୀୟ ମହିଳା ଦଳ ୧୦ ମିଟର ଏୟାର ରାଇଫଲ ଦଳଗତ ମହିଳା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛି।

ଭାରତୀୟ ତ୍ରୟ ଶୁଟର ଡେନମାର୍କର ଆନ୍ନା ନେଲସେନ, ଏମ୍ମା କୋଚ୍ ଓ ରିକେ ମାଏଙ୍ଗଙ୍କୁ ୧୭-୫ର ବଡ଼ ବ୍ୟବଧାନରେ ସ୍ୱର୍ଣ୍ଣ ପଦକ ମ୍ୟାଚ୍‌ରେ ପରାସ୍ତ କରିଛନ୍ତି। ପୋଲାଣ୍ଡ ଏହି ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତିଛି। ବିଶ୍ୱର ପୂର୍ବତନ ନମ୍ବର ୱାନ ଏଲାଭେନିଲ, ରମିତା ଏବଂ ଶ୍ରେୟା ସୋମବାର ଦୁଇ ରାଉଣ୍ଡ ବିଶିଷ୍ଟ ଯୋଗ୍ୟତା ପର୍ଯ୍ୟାୟରୁ ସ୍ୱର୍ଣ୍ଣ ପଦକ ମ୍ୟାଚ୍ ପାଇଁ ଉନ୍ନୀତ ହୋଇଥିଲେ। ଭାରତୀୟ ଶୁଟର ପ୍ରଥମ ଯୋଗ୍ୟତା ପର୍ଯ୍ୟାୟରେ ମିଳିତ ଭାବେ ୯୦ ଶଟ୍‌ରେ ସର୍ବାଧିକ ୯୪୪.୪ ସ୍କୋର




ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭାରତୀୟ ଶୁଟରମାନେ ଖୁସି ମୁହୂର୍ତ୍ତରେ।

କରିଥିଲେ। କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ସେମାନେ ଡେନମାର୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଥିଲେ। ପୁରୁଷ ଏୟାର ରାଇଫଲ ଦଳଗତ ଯୋଗ୍ୟତା ପର୍ଯ୍ୟାୟରେ ରୁଦ୍ରାଂଶ ପାଟିଲ, ପାର୍ଥ ମଖିଜା ଓ ଧନୁଶ ଶ୍ରୀକାନ୍ତ ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ୧୦-୧୬ ବ୍ୟବଧାନରେ କ୍ରୋଏସିଆଠାରୁ ପରାସ୍ତ ହୋଇଛନ୍ତି। ୧୨ ଜଣିଆ ଭାରତୀୟ ରାଇଫଲ ଦଳ ଏବେ ପଦକ ତାଲିକାରେ ୫ମ ସ୍ଥାନରେ ରହିଛି। ସର୍ବିଆ ୨ ସ୍ୱର୍ଣ୍ଣ ସମେତ ୪ ପଦକ ସହ ଶୀର୍ଷ ସ୍ଥାନ ଅଧିକାର କରିଛି।

## କାର୍ଲସେନ୍‌ଙ୍କୁ ହରାଇଲେ ଆନନ୍ଦ

**ଷ୍ଟାଭେଞ୍ଜର (ନରୱେ), ୩୧।୫ (ପି.ଟି.):** ଭାରତର ଭେଟେରାନ ଷ୍ଟାର ଚେସ୍ ଖେଳାଳି ବିଶ୍ୱନାଥନ ଆନନ୍ଦ ନରୱେ ଚେସ୍ ବ୍ଲିଜ ଇଭେଣ୍ଟ ୭ମ ରାଉଣ୍ଡରେ ବିଶ୍ୱ ଚାମ୍ପିୟନ ମାଗ୍ନସ କାର୍ଲସେନଙ୍କୁ ହରାଇ ଦେଇଛନ୍ତି। ଏଥିସହିତ ପ୍ରତିଯୋଗିତାରେ ସେ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ପୂର୍ବତନ ବିଶ୍ୱ ଚାମ୍ପିୟନ ୪ର୍ଥ ଓ ୯ମ ରାଉଣ୍ଡରେ ଯଥାକ୍ରମେ ଆନିଶ ଗିରି (ନେଦରଲାଣ୍ଡ୍ସ) ଓ ମାକ୍ସିମି ଭାଚିଅର୍-ଲାଗ୍ରେଭ (ଫ୍ରାନ୍ସ)ଙ୍କଠାରୁ ପରାଜିତ ହୋଇଥିଲେ। ୧୦ଜଣ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ବ୍ଲିଜ ଇଭେଣ୍ଟରେ ୫ ପଏଣ୍ଟ ଅର୍ଜନ କରିପାରିଥିଲେ। ବ୍ଲିଜ୍ ଇଭେଣ୍ଟରେ ଭାରତୀୟ ଗ୍ରାଣ୍ଡମାଷ୍ଟର ପ୍ରଥମେ ନରୱେର ଆର୍ୟାନ ଟାରିଙ୍କ ବିପକ୍ଷରେ ବିଜୟ ସହ ତାଙ୍କ ଅଭିଯାନ ଆରମ୍ଭ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ସେ ଆମେରିକାର ୱେସ୍‌ଲି ସୋଙ୍କ ସହ ତାଙ୍କ ମ୍ୟାଚ ଡ୍ର ରଖିଥିଲେ। ତିମୁର ରାଦଜାବୋଭଙ୍କ ବିପକ୍ଷ ଗେମ୍ ଡ୍ର ରଖିବା ପୂର୍ବରୁ ସେ ଭେଟେରାନ ଭେସ୍‌ଲିନ୍ ଟୋପାଲୋଭଙ୍କ ବିପକ୍ଷରେ ତାଙ୍କ ଗେମ୍ ଡ୍ର ରଖିଥିଲେ।

# ଟାଉନ୍ କ୍ଲବ ୫୫ ରନରେ ବିଜୟୀ

**ପାରାମାଉଣ୍ଟ ପ୍ରିମିୟର ଲିଗ୍**

**ଭୁବନେଶ୍ୱର, ୩୧।୫ (କ୍ରୀଡ଼ା ପ୍ରତିନିଧି)**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଅରବିନ୍ଦ ମେମୋରିଆଲ କ୍ରିକେଟ ପ୍ରିମିୟର ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଟାଉନ୍ କ୍ଲବ ୫୫ ରନରେ ନିମପୁରକୁ ପରାସ୍ତ କରିଛି। ଟସ୍‌ଜିତି ପ୍ରଥମେ ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ନିର୍ଦ୍ଧାରିତ ୪୦ ଓଭରରେ ୯ ଉଇକେଟ ହରାଇ ୧୯୦ ରନ କରିଥିଲା। ଦଳ ପକ୍ଷରୁ ମହିମା ବେହେରା ସର୍ବାଧିକ ୩୯, ଜୀବନ ଜେ. ଓ ସୌମ୍ୟ ପଟ୍ଟନାୟକ ୩୮ ରନ ଲେଖାଏ କରିଥିବାବେଳେ ବିପକ୍ଷ ଦଳର ବୋଲର ଅତିରିକ୍ତଭାବେ ୩୫ ରନ ବ୍ୟୟ କରିଥିଲେ। ସେମାନଙ୍କ ମଧ୍ୟରୁ ସମ୍ବିତ ବେଜା ୪ଟି ଏବଂ ଜେ. ୱାରସି ଓ ସହଶ୍ରାଂଶୁ ମହାନ୍ତି ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୯୧ ରନ ବିଜୟ ଲକ୍ଷ୍ୟନେଇ ନିମପୁର ୩୦ ଓଭରରେ ୧୩୫ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ସମ୍ବିତ ବେଜା ୬୮ ରନ କରିଥିଲେ ହେଁ ଅନ୍ୟ କୌଣସି ବ୍ୟାଟର ଟାଉନ୍ କ୍ଲବର ବୋଲରଙ୍କୁ ଠିକ୍‌ଭାବେ ମୁକାବିଲା କରିପାରି ନ ଥିଲେ। ଟାଉନ୍ କ୍ଲବ ବୋଲରଙ୍କ ମଧ୍ୟରେ ବୈଭବ ଘୋଷ ଓ ସ୍ୱସ୍ତି ନନ୍ଦ ୩ଟି ଲେଖାଏ ଏବଂ ଜୀବନଜ୍ୟୋତି ରଣସିଂ ୨ଟି ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ବିଜୟୀ ଦଳର ଜୀବନଜ୍ୟୋତି ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ରଶ୍ମି ରଞ୍ଜନ ପ୍ରଧାନ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବର ପ୍ରତିଷ୍ଠାତା ସଦସ୍ୟ ଦେବୀଦତ୍ତ ବାବୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



କୋଚ୍ ମନୋଜ ମହାପାତ୍ରଙ୍କ ସହ ଟାଉନ୍ କ୍ଲବର ଖେଳାଳି।

# କ୍ରୀଡ଼ା ଗ୍ରାମରେ ଝିଅ ସହ ରହିବେ ପାକିସ୍ତାନର ବିସମା

**ଲାହୋର,୩୧।୫**

ଆସନ୍ତା ଜୁଲାଇରେ ଇଂଲଣ୍ଡର ବର୍ମିଂହାମଠାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ଆଥ୍‌ଲେଟ୍ ଗ୍ରାମରେ ପାକିସ୍ତାନ ମହିଳା କ୍ରିକେଟ ଦଳର ଅଧିନାୟିକା ବିସମା ମାରୁଫ ଓ ତାଙ୍କ ପରିବାର ଲାଗି ବ୍ୟବସ୍ଥା କରାଯିବ। ଯାହା ଫଳରେ ତାଙ୍କ ଶିଶୁକନ୍ୟା ଇଭେଣ୍ଟ ସମୟରେ ତାଙ୍କ ସହିତ ରହିପାରିବ। ଏ ନେଇ ମଙ୍ଗଳବାର ଦେଶର କ୍ରିକେଟ ବୋର୍ଡ ପକ୍ଷରୁ କୁହାଯାଇଛି।

ମାରୁଫଙ୍କ ଝିଅଙ୍କୁ ଆକ୍ରେଡିଟେଶନ ଦିଆଯିବାକୁ ମନା କରାଯିବା ପରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫେଡେରେଶନକୁ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଆକ୍ରେଡିଟେଶନ ନ ମିଳିଥିଲେ ଟୁର୍ନାମେଣ୍ଟ ବେଳେ ପାକିସ୍ତାନ ବ୍ୟାଟରଙ୍କୁ କ୍ରୀଡ଼ା ଗାଁ ବାହାରେ ରହିବାକୁ ପଡ଼ିଥାନ୍ତା। କିନ୍ତୁ ସେଭଳି ପରିସ୍ଥିତିକୁ ଟାଳି ଦିଆଯାଇଥିବା ସ୍ପଷ୍ଟ କରିଛି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)। ଏଥିସହ ବେଲଫାଷ୍ଟରେ ହେବାକୁ ଥିବା ତ୍ରିରାଷ୍ଟ୍ରୀୟ ସିରିଜ୍ ଲାଗି ମାରୁଫଙ୍କ ନେତୃତ୍ୱରେ ୧୮ ଜଣିଆ ଦଳ ଘୋଷଣା କରାଯାଇଛି।



ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପୂର୍ବରୁ କଟକ ବାରବାଟୀ ଷ୍ଟାଡିୟମ ଗ୍ୟାଲେରିରେ ନେଟ୍ ଲଗାଯାଉଛି।

# ଅନ୍‌ଲାଇନରେ ୫୦୦୦ ଟିକେଟର ତାଲିକା ପ୍ରକାଶ

**ଭାରତ-ଦକ୍ଷିଣ ଆଫ୍ରିକା ଟି୨୦**

**ଭୁବନେଶ୍ୱର, ୩୧।୫ (କ୍ରୀଡ଼ା ପ୍ରତିନିଧି)**

ଜୁନ ୧୨ରେ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ବୁଧବାରଠାରୁ ଅନ୍‌ଲାଇନ୍‌ରେ ଟିକେଟ ଉପଲବ୍ଧ ହେବ। କ୍ରିକେଟ ପ୍ରେମୀମାନେ ପେଟିଏମ୍ ଇନ୍‌ସାଇଡର ଆପ୍, ପେଟିଏମ୍ ଆପ୍ ଏବଂ WWW.IN-SIDER.IN ୱେବସାଇଟ୍ ମାଧ୍ୟମରେ ଟିକେଟ କିଣିପାରିବେ। ଅନ୍‌ଲାଇନ୍ ପୋର୍ଟାଲ ପୂର୍ବାହ୍ନ ୧୧ଟାରୁ ଓପନ ହେବ। ଅନ୍‌ଲାଇନ୍‌ରେ ମୋଟ ୫୦୦୦ ଟିକେଟ ବିକ୍ରି ହେବାକୁ ପୂର୍ବରୁ ଘୋଷଣା ହୋଇ ସାରିଥିବାବେଳେ କେଉଁ ଗ୍ୟାଲେରୀର କେତେ ଟିକେଟ ଉପଲବ୍ଧ ହେବ ତା’ର ଏକ ତାଲିକା ମଙ୍ଗଳବାର ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ପ୍ରକାଶ କରାଯାଇଛି। ତାଲିକା ଅନୁସାରେ ଗ୍ୟାଲେରୀ ନଂ-୨ ଓ ୪ର ୧୨୧୯ ଲେଖାଏ (ପ୍ରତି ଟିକେଟ ମୂଲ୍ୟ ୭୦୦ ଟଙ୍କା) ଟିକେଟ ଉପଲବ୍ଧ ହେବ। ସେହିପରି ଗ୍ୟାଲେରୀ ନଂ-୭ (୭୦୦ ଟଙ୍କା)ର ୨୨୮୨, ନ୍ୟୁ ପ୍ୟାଭିଲିଅନ-୧ମ ମହଲା (୮୦୦୦ ଟଙ୍କା)ର ୧୦୦, ସ୍ପେଶାଲ ଏନ୍‌କ୍ଲୋଜର-ଏ (୫୦୦୦ଟଙ୍କା)ର ୧୬୨ ଓ ଏସି ବକ୍ସ-ଗ୍ୟାଲେରୀ-୪ (୭୦୦୦ଟଙ୍କା)ର ୧୮ଟି ଟିକେଟ ଅନ୍‌ଲାଇନ୍‌ରେ ମିଳିପାରିବ। ଜୁନ୍ ୯ରୁ ୧୧ ପର୍ଯ୍ୟନ୍ତ ଟିକେଟ ଗୁଡ଼ିକ ଭୁବନେଶ୍ୱରର ଇଷ୍ଟକୋଷ୍ଟ ରେଲୱେ ଷ୍ଟାଡିୟମ ଏବଂ କଟକର କ୍ୟାମ୍ବ୍ରିଜ ସ୍କୁଲରେ ରିଡେମ୍ପଶନ କରିହେବ। ଦୂର ଦୂରାନ୍ତରରୁ ଟିକେଟ କିଣିଥିବା ଦର୍ଶକମାନେ ମ୍ୟାଚଦିନ ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମଧ୍ୟ ଟିକେଟ ରିଡେମ୍ପଶନ କରିପାରିବେ।

# ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଲା ଭାରତ

**ଏସିଆ କପ୍ ହକି**

**ମାଲେସିଆ-କୋରିଆ ଫାଇନାଲ**

**ଜାକର୍ତ୍ତା, ୩୧।୫ (ପି.ଟି.)**

ଏଠାରେ ଚାଲିଥିବା ଏସିଆ କପ୍ ହକି ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଛି ଭାରତ। ମଙ୍ଗଳବାର ଅନୁଷ୍ଠିତ ସୁପର-୪ ମ୍ୟାଚକୁ ଦକ୍ଷିଣ କୋରିଆ ସହ ୪-୪ ଗୋଲରେ ଡ୍ର ରଖିବା ଦଳପାଇଁ ମହଙ୍ଗା ପଡ଼ିଛି। ଭାରତ-କୋରିଆ ମ୍ୟାଚ ପୂର୍ବରୁ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ମାଲେସିଆ ୫-୦ ଗୋଲରେ ଜାପାନକୁ ପରାସ୍ତ କରିଥିଲା। ତେଣୁ ଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତ ପାଇଁ ବିଜୟ ନିହାତି ଆବଶ୍ୟକ ଥିଲା। ସୁପର-୪ ପର୍ଯ୍ୟାୟ ଶେଷରେ ଭାରତ, ମାଲେସିଆ ଓ କୋରିଆ ୫ ପଏଣ୍ଟ ଲେଖାଏ ପାଇଥିଲେ। ମାତ୍ର ଗୋଲ ବ୍ୟବଧାନରେ ମାଲେସିଆ ଓ କୋରିଆଠାରୁ




ବଲ୍‌ନେଇ ଆଗେଇ ଯିବା ଅବସରରେ ଭାରତ ଅଧିନାୟକ ବୀରେନ୍ଦ୍ର ଲାକ୍ରା।

ପଛରେ ପଡ଼ି ଯାଇଥିଲା ବୀରେନ୍ଦ୍ର ଲାକ୍ରାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ। ପଏଣ୍ଟ ଟେବୁଲର ପ୍ରଥମ ଦୁଇ ସ୍ଥାନରେ ରହି ମାଲେସିଆ ଓ କୋରିଆ ଫାଇନାଲରେ ପ୍ରବେଶ କରିଥିବାବେଳେ ବ୍ରୋଞ୍ଜ ପଦକ ପାଇଁ ଜାପାନ ସହିତ ମୁକାବିଲା କରିବ ଭାରତ। ଭାରତ ପକ୍ଷରୁ ଦୁଇ ଓଡ଼ିଆ ଖେଳାଳି ନିଲମ ସଞ୍ଜୀପ ଖେସ୍ ୯ ଓ ଦିପସାନ ତିର୍କୀ ୨୧ତମ ମିନିଟରେ ଗୋଟିଏ ଲେଖାଏ ଏବଂ ମହେଶଶେଶେ ଗୌଡ଼ା ୨୨ ଓ ଶକ୍ତିଭେଲ ମାରେସ୍ୱରନ ୩୭ତମ ମିନିଟରେ ଗୋଲ ସ୍କୋର କରିଥିଲେ। କୋରିଆ ଖେଳାଳିଙ୍କ ମଧ୍ୟରେ ଜୋଙ୍ଗହ୍ୟୁନ ୧୩, ଜି ଉ ଚେନ ୧୮, କିମ୍ ଜୁଙ୍ଗହୁ ୨୮ ଓ ଜୁଙ୍ଗ ମାନ୍‌ଜେ ୪୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ୪ ଦମ୍ପତିଙ୍କୁ ବିବାହ ସହାୟତା ପ୍ରଦାନ

ପୁରୀ ଅଫିସ- ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଯଦି ଜଣେ ସାବାଳକ ଭିନ୍ନକ୍ଷମ ବ୍ୟକ୍ତି ଜଣେ ସକ୍ଷମ ବ୍ୟକ୍ତିଙ୍କୁ ବିବାହ କରେ ତେବେ ତାଙ୍କୁ ବିବାହ ସହାୟତା ପ୍ରଦାନ କରାଯିବ। ସେହି ଆଧାରରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସମର୍ଥ ବର୍ମା ୪ଜଣ ଦମ୍ପତିଙ୍କୁ ବିବାହ ସହାୟତା ବାବଦରେ ୨ ଲକ୍ଷ ୫୦ ହଜାର ଲେଖାଏଁ ଟଙ୍କା ପ୍ରଦାନ କରିଛନ୍ତି। ଏହି ସହାୟତା ପ୍ରଦାନ ସମୟରେ ଅତିରିକ୍ତ ଜିଲାପାଳ ରାଜସ୍ୱ ଦିଲୀପ ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସହାୟତା ପାଇଥିବା ଦମ୍ପତିମାନେ ହେଉଛନ୍ତି ସତ୍ୟବାଦୀ ବ୍ଲକ ଅଞ୍ଚଳର ସୁଶାନ୍ତ ଦାସ ଓ ପେପସୀ ମହାପାତ୍ର, ବ୍ରହ୍ମଗିରି ବ୍ଲକ ଅଞ୍ଚଳର କ୍ଷେତ୍ରବାସୀ ସେଠୀ ଓ ଭାନୁ ସେଠୀ, ବିଜୟ କୁମାର ବେହେରା ଓ ଗୁରୁବାରୀ ବେହେରା ଏବଂ ବସନ୍ତ କୁମାର ପ୍ରଧାନ ଓ ସତ୍ୟଭାମା ଜେନା।



### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୫।୨୦୨୨

| ୩,୩୦,୨୨୦ ଟଙ୍କା | |
|---|---|
| ସୁନା | ୫୦ମିଲି ଗ୍ରାମ |
| ରୁପା | ୬୩.୩୦୦ ଗ୍ରାମ |

## ସଂକ୍ଷେପରେ

### ହିତାଧିକାରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା

ପୁରୀ, ୩୧।୫- ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଭର୍ଚୁଆଲରେ ଗରିବ କଲ୍ୟାଣ ସମ୍ମେଳନରେ ଯୋଗଦେଇଥିଲେ। ହିମାଚଳ ପ୍ରଦେଶର ରିଜ୍ ମଇଦାନରୁ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ହିତାଧିକାରୀ କୃଷକମାନଙ୍କ ବ୍ୟାଙ୍କ ଖାତାକୁ ଅର୍ଥ ପ୍ରଦାନ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ, ଉପ ସଭାପତି ସ୍ୱାଧୀନ ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, କିଶୋର ଆଚାର୍ଯ୍ୟ, ରାଷ୍ଟ୍ରୀୟ ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱନାଥ ରଥ, ସମସ୍ତ ବ୍ଲକ୍ ପଞ୍ଚାୟତ ସମିତି ଅଧକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସରପଞ୍ଚ ଓ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

### ଖବରଦାତାଙ୍କ ସମସ୍ୟା ଉପରେ ଆଲୋଚନା

ପୁରୀ ଅଫିସ,୩୧।୫ - ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ପୁରୀ ଜିଲା ପକ୍ଷରୁ ୧୧ତମ ବାର୍ଷିକୋତ୍ସବ ଚକ୍ରତୀର୍ଥ ରୋଡ୍‌ସ୍ଥିତ ସଂସ୍କୃତି ଭବନ ପରିସରରେ ପାଳିତ ହୋଇଯାଇଛି। ସଂଘର ଜିଲା ସଭାପତି ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ସାମ୍ବାଦିକ ବିଭୂତି ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖବରଦାତାମାନେ ଠିକ ଓ ସତ୍ୟ ଘଟଣା ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ଖବରଦାତା ରାଜକୁମାର ମହାନ୍ତି, ସନ୍ଦିପ ମିଶ୍ର, ଓଡ଼ିଶା ହାଇକୋର୍ଟର ଆଇନଜୀବୀ ବିଭୁପ୍ରସାଦ ତ୍ରିପାଠୀ, ଶୁଚିସ୍ମିତା ପୃଷ୍ଟି, ସଂଘର ମାର୍ଗଦର୍ଶକ ଚକ୍ରଧର ମହାପାତ୍ର ଏବଂ ଭୁବନେଶ୍ୱରର ଡ.ଅମ୍ରିତ ପାଇଯୋଶୀ ପ୍ରମୁଖ ଯୋଗଦେଇ ଖବରଦାତାମାନଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷ ଏବଂ ଖବରଦାତାମାନଙ୍କୁ ସଂଘ ତରଫରୁ ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସଂଘର ଉପ ସଭାପତି ବିଶ୍ୱନାଥ ମିଶ୍ର ମଞ୍ଚ ପରିଚାଳନା ଓ ଜିଲା ସମ୍ପାଦକ ସୁଧାଂଶୁ ଶେଖର କର ବିବରଣୀ ପାଠ କରିଥିଲେ। ସଭ୍ୟ ସୁଶାନ୍ତ ସାହୁ, ପ୍ରଦୀପ ପ୍ରଧାନ, ବିକ୍ରମ ଆଚାର୍ଯ୍ୟ, ସାଗର ମଦନ ମୋହନ ପ୍ରତିହାରୀ, ଅନିମେଶ ପଟ୍ଟନାୟକ, ଦିବ୍ୟରଞ୍ଜନ ବିଶୋଇ, ସତ୍ୟନାରାୟଣ ପଟ୍ଟନାୟକ ଏବଂ ସୁବୋଧ ସୁବୁଦ୍ଧି ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସଂଘ ସହ ସମ୍ପାଦକ ଦେବେନ୍ଦ୍ର ନନ୍ଦ ଧନ୍ୟବାଦ ଦେଇଥିଲେ।

### ପୋଲିସ-ଜନତାଙ୍କ ମଧ୍ୟରେ ସୁସମ୍ପର୍କ ରହୁ

ବଳଙ୍ଗା/କୋଣାର୍କ,୩୧।୫(ଡି.ଏନ୍.ଏ.): ଆମ ପୋଲିସ ସମିତି ପକ୍ଷରୁ 'ଆମ ପୋଲିସ କାର୍ଯ୍ୟକ୍ରମ' ବଳଙ୍ଗା ଥାନା ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟିଙ୍କ ଅଧକ୍ଷତାରେ ନିମାପଡ଼ା ବ୍ଲକ ଉପାଧକ୍ଷା ଅନସୂୟା ମହାନ୍ତି, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ହୋତା, ଥାନା ଏସ୍ଆଇ ପ୍ରତୀକ ଅନୁପମ, ଗଣମାଧମ ପ୍ରତିନିଧି ପ୍ରମୁଖ ଯୋଗଦେଇ ପୋଲିସ-ଜନତାଙ୍କ ମଧ୍ୟରେ ସୁସମ୍ପର୍କ ରହୁ ବୋଲି କହିଥିଲେ। ସେହିଭଳି ଥାନାର ପୁନରୁଦ୍ଧାର ପାଇଁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ହସ୍ତକ୍ଷେପ ଲୋଡ଼ିବେ ବୋଲି ଆମ ପୋଲିସ ସଭାପତି କୃଷ୍ଣଚନ୍ଦ୍ର ହୋତା କହିଛନ୍ତି। କୋଣାର୍କ ରାମଚଣ୍ଡୀ ଥାନା ପରିସରରେ 'ଆମ ପୋଲିସ ସମିତି ବୈଠକ' ହୋଇଯାଇଛି। ସମିତିର ସଭାପତି ତଥା ଥାନାଧିକାରୀ ଶରତଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ସୁତନ ପଞ୍ଚାୟତର ସମିତିସଭ୍ୟ କାଶୀନାଥ ନାୟକ, ଏଏସ୍ଆଇ ହରେକୃଷ୍ଣ ଜେନା, ଚନ୍ଦ୍ରଭାଗା ମେରାଇନ ଥାନା ଓ ରାମଚଣ୍ଡୀ ଥାନାର କର୍ମଚାରୀ ଉପସ୍ଥିତ ଥିଲେ। ରାତ୍ରି ପାଟ୍ରୋଲିଂ କଡ଼ାକଡ଼ି, ଟ୍ରାଫିକ ସମସ୍ୟା ଦୂରୀକରଣ ବିଭିନ୍ନ ପ୍ରସ୍ତାବ ବୈଠକରେ ଉପସ୍ଥାପନ ହୋଇଥିଲା।

# ତମାଖୁ ବିକ୍ରି ସହ ଉତ୍ପାଦନ ବନ୍ଦ କରାଯାଉ

ପୁରୀ ଅଫିସ,୩୧।୫

ତମାଖୁ ବିକ୍ରି ନିଷେଧ ଆଇନ ଚଳିବ ନାହିଁ। ତମାଖୁ ଉତ୍ପାଦନ ବନ୍ଦ କର। ଓଡ଼ିଶାବାସୀଙ୍କୁ କର୍କଟ ରୋଗରୁ ମୁକ୍ତ କର ଏହିଭଳି ସ୍ଲୋଗାନ ଦେଇ ମିଶନ ଓଡ଼ିଶାର ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ଉପଲକ୍ଷେ ବଡ଼ଦାଣ୍ଡରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ଯୁବତୀଯୁବକ ଶୋଭାଯାତ୍ରାରେ ସାମିଲ ହୋଇ ସହର ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ଶୋଭାଯାତ୍ରା ମରିଚିକୋଟ ଛକଠାରୁ ବାହାରି ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ କର୍ନର ମିଟିଂ କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଡ୍ରଗ ଇନ୍ସପେକ୍ଟର ଅଞ୍ଜନ ସାହୁ, ସ୍ୟାଣ୍ଡ ଆନିମେଟର ମାନସ ସାହୁଙ୍କ ସମେତ ଅନେକ ବୁଦ୍ଧିଜୀବୀ ଯୋଗଦେଇଥିଲେ।

### କର୍କଟ ରୋଗ ପ୍ରତିରୋଧକ ପରାମର୍ଶ ଶିବିର

ଶୋଭାଯାତ୍ରା ପରେ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠାନ ପକ୍ଷରୁ କର୍କଟ ରୋଗ ପ୍ରତିରୋଧକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଉପଦେଷ୍ଟା ବଦ୍ରି ମିଶ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମରେ ପୁରୀର ଏଡିଏମ୍ ମେଡିକାଲ ପ୍ରଣବ କୁମାର ଦାସ, ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ପ୍ରମୁଖ ଡା. ସୁରେନ୍ଦ୍ରନାଥ ସେନାପତି, ଡା. ମନୋଜ ସାହୁ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଡା. ଅନ୍ତର୍ଯ୍ୟାମୀ ସାହୁ, ଡା. ସୁଦର୍ଶନ ପୋଥାଳ, ନିଶାମୁକ୍ତି ଅଭିଯାନ ଓଡ଼ିଶାର ମଳୟ ତ୍ରିପାଠୀ, ଶିଳ୍ପପତି ରାଜକିଶୋର ପାତ୍ର, ତମାଖୁ ସେବନ ନିୟନ୍ତ୍ରିତ କମିଟିର ଡା. ସୁଶାନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ତମାଖୁ ସେବନର ଅପକାରିତା, ସମାଜରେ କୁପ୍ରଭାବ ଉପରେ ମତବ୍ୟକ୍ତ କରିଥିଲେ। ଶିବିରରେ ଏକାଧିକ କର୍କଟ ରୋଗୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ କର୍କଟ ରୋଗୀ ଚିକିତ୍ସା ଓ ପ୍ରତିଷେଧ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ଯଶସ୍ୱୀ ଦାଶ, କର୍କଟ ରୋଗ ନିରାକରଣ ଓ ସମାଜସେବା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୋବିନ୍ଦ ପାତ୍ର, ବ୍ରଜକିଶୋର ସାହୁ, ପ୍ରଦୀପ୍ତ ପ୍ରଧାନ, ସତ୍ୟନାରାୟଣ ସାହୁ, ସୁଧାଂଶୁ ଜେନାଙ୍କୁ ମିଶନ ଓଡ଼ିଶା ସେବା ସମ୍ମାନ ଓ ରମାକାନ୍ତ ମଣ୍ଡଳ ଏବଂ ଇନ୍ଦୁମତି ସାହୁଙ୍କୁ ଯୁଗଳବନ୍ଦୀ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ମଧୁସୂଦନ ମିଶ୍ର, ଜୟନ୍ତୀ ମହାପାତ୍ର, ଶିବରାମ ପ୍ରଧାନ ଓ କେଦାର ମହାପାତ୍ର ପରିଚାଳନା କରିଥିବା ବେଳେ ଶ୍ୟାମପ୍ରକାଶ ସେନାପତି, ସୌମ୍ୟରଞ୍ଜନ ପାତ୍ର, ଦୀପକ ପାତ୍ର, ଭାସ୍କର ପୂଜାରୀ, ଡା. ରାଧାଶ୍ୟାମ ରଥ ଓ ସତ୍ୟ ନାରାୟଣ ପାତ୍ର ସଂଯୋଜନା କରିଥିଲେ।




ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ମିଶନ ଓଡ଼ିଶା ପକ୍ଷରୁ ମଙ୍ଗଳବାର ବଡଦାଣ୍ଡରେ ବାହାରିଥିବା ସଚେତନତା ଶୋଭାଯାତ୍ରା ।

## ତମାଖୁ ସେବନ ଦ୍ୱାରା ଅଣସଂକ୍ରମିତ ରୋଗ ହୁଏ

ପୁରୀ ଅଫିସ,୩୧।୫:

ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ତମାଖୁ ସେବନ ଦ୍ୱାରା ସ୍ୱାସ୍ଥ୍ୟ ଉପରେ କ'ଣ କୁପ୍ରଭାବ ପଡ଼େ ସେନେଇ ଆଲୋଚନା ହୋଇଛି। ତମାଖୁ ସେବନ ଦ୍ୱାରା ଅଣସଂକ୍ରମିତ ରୋଗ ହୋଇଥାଏ। ଏପିଡେମିଲୋଜିଷ୍ଟ ଡା. ଲଳିତ କୁମାର ଦାସ କହିଛନ୍ତି ଯେ, ତମାଖୁ ସେବନ ଦ୍ୱାରା କେବଳ ଜଣେ ବ୍ୟକ୍ତି ନୁହେଁ, ସମ୍ପୂର୍ଣ୍ଣ ପରିବାର ସାମାଜିକ ଓ ଆର୍ଥିକ ସ୍ତରରେ ପ୍ରଭାବିତ ହୁଏ। ଡ. ହରପ୍ରିୟା ଦାଶ, ସହାୟକ ଜିଲା ପ୍ରକଳ୍ପ ଅଧିକାରୀ, ଜାତୀୟ ସେବା ଯୋଜନାର ଅଧିକାରୀମାନେ ଯୁବଗୋଷ୍ଠୀଙ୍କୁ ତମାଖୁ ସେବନଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହି ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା ଶ୍ରୀଜଗନ୍ନାଥ ବୈଦିକ କର୍ମକାଣ୍ଡ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସେଥିରେ ବକ୍ତୃତା, ସ୍ଲୋଗାନ୍, ରଙ୍ଗୋଲି ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ତମାଖୁ ସେବନ ତ୍ୟାଗ କରିଥିବା ଲୋକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ଆକାଉଣ୍ଟସ୍ ମ୍ୟାନେଜର ବିଜୟ ନାୟକ ପରିଚାଳନା କରିଥିଲେ। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଣବ ପ୍ରକାଶ ଦାଶ ଓ ଜିଲା ସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ଉପସ୍ଥିତ ଥିଲେ।

## ରଥଖଳାରୁ

### ୩ ରଥର ୨୧ ଅଖ ନିର୍ମାଣ ଶେଷ



ପୁରୀ ଅଫିସ, ୩୧।୫

ସ୍ନାନ ପୂର୍ଣ୍ଣିମାକୁ ତିନିରଥର ଚକ-ଅଖ ଏବଂ ଦଣ୍ଡା ସଂଯୋଗ ହୋଇ ଗରଗରା ଉପରେ ୪ ନାହାକା ଉଠିଥାଏ। ଏହି ଅବସରରେ ତିନିରଥର ଅନୁକୂଳ ଅଖକୁ ମିଶାଇ ମଙ୍ଗଳବାର ସୁଦ୍ଧା ମୋଟ ୨୧ଟି ଅଖ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ତିନିରଥର ଗରଗରା ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ତିନିରଥର ଭୁଇଁଚଉତା ନିର୍ମାଣ ଶେଷ ପରେ ଚଉତାର ଦୁଇପଟ ସାଲ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତାଳଧ୍ୱଜ ରଥର ପୋଲ ଗୟଳ ଚିରଟ ଶେଷ ହୋଇ ଚଉପଟ କାର୍ଯ୍ୟ ବାକି ରହିଛି। ନନ୍ଦିଘୋଷ ରଥର ପୋଲ ଗୟଳ ଦୁଇପାର୍ଶ୍ୱବାରିସିରେ ସମତଳ କରିବା ପରେ କରତି ସେବକମାନେ ଚିରଟ କାର୍ଯ୍ୟ ଆରମ୍ଭ କରିଛନ୍ତି। ତିନିରଥର ବାକି ରହିଥିବା ଓରାରେ ବିନ୍ଧ ଆଡ଼ି ବିନ୍ଧ ଶେଷ ହୋଇଛି। ତାଳଧ୍ୱଜ ରଥର ମୋଟ ୭ଟି ଅଖର ନିର୍ମାଣ କାର୍ଯ୍ୟ ଶେଷ ପରେ ରଥ ଅମିନ ତିନି ରଥ ଚାଳିକୁ ଦୁଇଟି ଲେଖାଏ ୨୦ଫୁଟିଆ ଧଉରା କାଠ ଗରଗରା ନିର୍ମାଣ ପାଇଁ ଅପରାହ୍ନରେ ଭୋଇ ସେବକଙ୍କ ମାଧମରେ ଯୋଗାଇ ଥିଲେ। ତାର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହ ଚଉଦ ନାହାକା ନିର୍ମାଣ ଶେଷପରେ ତାର ଦୁଇ ମୁଣ୍ଡ ସାଲ କାର୍ଯ୍ୟ ସରିଛି। ଦେବଦଳନ ରଥର ମୋଟ ୬ଟି ଅଖ ଶେଷ ହୋଇଛି। ଦୁଇଟି ଗରଗରା ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି । ନିର୍ମାଣ ପରେ ଦେବଦଳନ ରଥର କେତୋଟି ବାକିଥିବା ଚଉଦନାହାକାର ଦୁଇମୁଣ୍ଡ ସାଲ ଶେଷ ହୋଇ ଓରାରେ ବିନ୍ଧ ଆଡ଼ିବିନ୍ଧ ସରିଛି। ନନ୍ଦିଘୋଷ ରଥର ମୋଟ ୮ଟି ଅଖ ନିର୍ମାଣ ଶେଷ ହେବା ପରେ ଅପରାହ୍ନରେ ରଥ ଅମିନ ଭୋଇ ସେବକଙ୍କ ମାଧମରେ ଦୁଇଟି ୨୦ଫୁଟିଆ ଧଉରାକାଠ ଗରଗରା ନିର୍ମାଣ ନିମନ୍ତେ ଯୋଗାଇବା ପରେ ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ଏତଦ୍‌ବ୍ୟତୀତ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ ଦୋଳବେଦିରେ କରତି ସେବକମାନେ ଜାରି ରଖିଛନ୍ତି। ୩ ରଥର ରୂପକାର ସେବକମାନେ ସାଲ ଗୁଜରେ ରୂପ ଖୋଦେଇ ଶେଷ କରିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାର ଶାଳରେ ତିନିରଥର ଓଝା ସେବକମାନେ ତିନି ରଥର ଘଡିମୁହଁ ଦଣ୍ଡା କଣ୍ଟା ନିର୍ମାଣ ଶେଷ କଲାପରେ ସେଗୁଡିକର ମଠା କାର୍ଯ୍ୟକରିବା ସହ ତିନିରଥର ଗୟଳ କଣ୍ଟା, ଗରଗରା କଣ୍ଟା ଏବଂ ଛନ୍ଦା ଗୟଳ କଣ୍ଟା ନିର୍ମାଣ କରୁଛନ୍ତି।

# ପ୍ରାଚୀ ନଦୀକୁ ଚିରସ୍ରୋତା କରିବା ପାଇଁ ପ୍ରଚେଷ୍ଟା

କାକଟପୁର,୩୧।୫(ଡି.ଏନ୍.ଏ.):

ପ୍ରାଚୀ ନଦୀର ସଂସ୍କୃତି ଓ ଐତିହ୍ୟର ପୁନରୁଦ୍ଧାର ପାଇଁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଙ୍ଗଳବାର କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ସେଖାୱତ୍‌ଙ୍କୁ ସାକ୍ଷାତ୍ କରିଛନ୍ତି। ତାଙ୍କ ସହ ପ୍ରାୟ ୩ ଶହ କୋଟି ଟଙ୍କାର ଏକ ଯୋଜନା ବିଷୟରେ ଆଲୋଚନା କରିବା ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଏନେଇ ଅନୁରୋଧ କରିଛନ୍ତି । ଯୋଜନାରେ ଉଲ୍ଲେଖ ରହିଛି, ଖୋର୍ଦ୍ଧା, କଟକ, ପୁରୀ ୩ଟି ଜିଲା ତଥା ୬ଟି ବ୍ଲକ ଦେଇ ୭୮ କିଲୋମିଟର ପର୍ଯ୍ୟନ୍ତ ବ୍ୟାପିଥିବା ପ୍ରାଚୀ ନଦୀ ଆଜି ପ୍ରାୟ ଜଳଶୂନ୍ୟ। ଏହି ନଦୀ ଅବବାହିକାରେ ମୋଟ ୪୨ ହଜାର ୫୫୨ ହେକ୍ଟର ଚାଷ ଜମି ପରିବ୍ୟାପ୍ତ। ପୁରାତନ କାଳରେ ବନ୍ୟା ଦାଉରୁ ଧନଜୀବନ, ଚାଷକୁ ରକ୍ଷା କରିବା

### କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ସହ ଏମ୍‌ପିଙ୍କ ଆଲୋଚନା

ପାଇଁ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ କରାଯିବାରୁ ମହାନଦୀର ଶାଖାନଦୀ କୁଶଭଦ୍ରା ନଦୀରୁ ଜଳ ପ୍ରବାହ ବନ୍ଦ ହୋଇଛି। ଏଥିସହ ନଦୀପଠାକୁ ଚକବନ୍ଦୀ ସମୟରେ ରାଜସ୍ୱ ପ୍ରଶାସନ ଲିଜ୍ ନେଇ କୋଠାବାଡି ନିର୍ମାଣ କରିବା ଫଳରେ ନଦୀର ବକ୍ଷ ସଙ୍କୁଚିତ ହୋଇ ଆଜି ପ୍ରାଚୀ ନଦୀ ଶୁଷ୍କ ଅବସ୍ଥାରେ। ଅପରାଜିତାଙ୍କ ଏହି ପ୍ରକଳ୍ପରେ ମୋଟ ୭ଟି ବ୍ରିଜ ନିର୍ମାଣ, ନଦୀ ଉପତ୍ୟକାର ନବୀକରଣ, ନଦୀ ମଧ୍ୟରେ ବ୍ୟାରେଜ କରି ଜଳାଶୟ ସୃଷ୍ଟି, ପାର୍ଶ୍ୱ ରାସ୍ତାର ଗ୍ରାଉଣ୍ଡ ୱାଲ, ବୃକ୍ଷରୋପଣ, ସମୁଦ୍ର ମୁହାଣର ନବୀକରଣ ଆଦି କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି । ଏହି ପ୍ରକଳ୍ପ ଦ୍ୱାରା ପ୍ରାଚୀନଦୀ ପୁନର୍ଜୀବିତ ହେବା ସହିତ ପରିବେଶ ସୁରକ୍ଷା ଏବଂ ପୌରାଣିକ ମହତ୍ତ୍ୱ ବହନ କରୁଥିବା ସ୍ଥାନର ରକ୍ଷଣାବେକ୍ଷଣ ହୋଇପାରିବ। ଆହୁରି ମଧ ଏହାର ଉପକୂଳ ଅଞ୍ଚଳର ଭୂତଳ ଜଳସ୍ତର ବୃଦ୍ଧି ପାଇବା ଦ୍ୱାରା ଜଳର ଲବଣାଂଶ ହ୍ରାସ ପାଇ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂରୀଭୂତ ହେବ। ପ୍ରାୟ ୮ ହଜାର ୭୦୦ ହେକ୍ଟର ଚାଷଜମି ଜଳସେଚନ ଉପଯୋଗୀ ହୋଇ କୃଷିକାର୍ଯ୍ୟ, ମାଛଚାଷ ଓ ପର୍ଯ୍ୟଟନ ଶିଳ୍ପ ବୃଦ୍ଧି ଘଟି ବେକାରି ସମସ୍ୟା ଦୂର ହେବ। ଏଣୁ ରାଜ୍ୟ ସରକାର, ବିଭାଗୀୟ ଅଧିକାରୀ, ଏମ୍‌ପି ଷଡ଼ଙ୍ଗୀଙ୍କ ଦ୍ୱାରା ପ୍ରସ୍ତୁତ ଏହି ଯୋଜନାର ସଫଳ ରୂପାୟନ ପାଇଁ ସହଯୋଗ କରିବା ଲାଗି ପ୍ରାଚୀ ଉପତ୍ୟକାର ଜନସାଧାରଣ ଓ କାକଟପୁର ନିର୍ବାଚନମଣ୍ଡଳୀର ଲୋକେ ଦାବି ଜଣାଇବା ସହ ଷଡ଼ଙ୍ଗୀଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଛନ୍ତି।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଙ୍ଗଳବାର ଅନୁଷ୍ଠିତ ସଂସ୍କୃତ ନାଟକ ଭଗବତଜ୍ଜୁକମ୍‌ର ଏକ ଦୃଶ୍ୟ ।

## ସଂସ୍କୃତ ନାଟକ ଭଗବତଜ୍ଜୁକମ୍ ମଞ୍ଚସ୍ଥ

ପୁରୀ ଅଫିସ,୩୧।୫

କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର ଏବଂ ରାଉରକେଲାର 'ଦି କ୍ୟାଟ୍ ଓଡ଼ିଶା'ର ମିଳିତ ସହଯୋଗରେ ସ୍ଥାନୀୟ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ହାସ୍ୟରସାତ୍ମକ ସଂସ୍କୃତ ନାଟକ ଭଗବତଜ୍ଜୁକମ୍ ମଞ୍ଚସ୍ଥ ହୋଇଛି। ଏହି ନାଟକ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମିଶ୍ର, ନାଟ୍ୟକାର ବଦ୍ରି ମିଶ୍ର ଓ ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଅଧକ୍ଷ ରତିକାନ୍ତ ପରିଡ଼ାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଏହି ହାସ୍ୟ ଚେତନାଧର୍ମୀ ନାଟକକୁ ଭାରତ ସରକାରଙ୍କ ସାଂସ୍କୃତିକ ମନ୍ତ୍ରାଳୟର ସିନିଅର ଫେଲୋସିପ ତଥା ଭୋପାଳ ସଂସ୍କୃତ ବିଶ୍ୱବିଦ୍ୟାଳୟର ନାଟ୍ୟଶାସ୍ତ୍ର ବିଶାରଦ ଚିତ୍ତରଞ୍ଜନ ଶତପଥୀ ନିର୍ଦ୍ଦେଶନା ଦେଇଥିଲେ। ପ୍ରଫେସର ଡ. ଧର୍ମେନ୍ଦ୍ର ସିଂହଦେଓଙ୍କ କଳା ନିର୍ଦ୍ଦେଶନା ତଥା ଗୁରୁ ବିଜୟ ବାରିକ୍, ସୁକାନ୍ତ କୁଣ୍ଡୁ, ସୌମ୍ୟରଞ୍ଜନ ଓ ରାଜେଶ କୁମାରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ଏହି ନାଟକରେ ସୂତ୍ରଧର, ଗଣିକା, ପରିବ୍ରାଜକ, ବିଦୂଷକ, ନର୍ତ୍ତକୀ ପ୍ରଭୃତିଙ୍କ ଅଭିନୟ ଚିତ୍ତାକର୍ଷକ ଥିଲା। ଗୁରୁ ଭରତ ନାୟକ, ବିଜୟାନନ୍ଦ ରଥ, ସୁମନ ମାମ, ଶରତ ମହାନ୍ତି, ଅଭିଜିତ ଦାଶ, ସାବିତ୍ରୀ ରଥ ଓ ରାମକୃଷ୍ଣ ମହାପାତ୍ର ପରିଚାଳନା କରିଥିଲେ। କେନ୍ଦ୍ର ସଙ୍ଗୀତ ନାଟକ ଏକାଡ଼େମୀର ଆର୍ଥିକ ସହଯୋଗରେ ଆଗାମୀ ଦିନରେ ସଂସ୍କୃତ ନାଟକର ପୁନରୁତ୍ଥାନ ପାଇଁ କାର୍ଯ୍ୟକ୍ରମ କରାଯିବ ବୋଲି ଦି କ୍ୟାଟ୍ ଓଡ଼ିଶାର ମୁଖ୍ୟ ଚିତ୍ତରଞ୍ଜନ ଶତପଥୀ କହିଛନ୍ତି।

## ମହାପ୍ରଭୁଙ୍କୁ ଦର୍ଶନ କଲେ ପିସିସି ସଭାପତି



ପିସିସି ସଭାପତି ଶରତ ପଟ୍ଟନାୟକ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ।

ପୁରୀ ଅଫିସ,୩୧।୫

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ମଙ୍ଗଳବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ସେ ମଧ୍ୟାହ୍ନରେ ପୁରୀ ହରେକୃଷ୍ଣପୁର ଛକରେ ପହଞ୍ଚିବା ପରେ ନେତା ସୁଜିତ୍ ମହାପାତ୍ରଙ୍କ ନେତୃତ୍ୱରେ ଯୁବ କର୍ମୀଙ୍କ ସହ ବାଇକ୍‌ରେ ଶୋଭାଯାତ୍ରା କରି ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ପରେ ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ପ୍ରବେଶ କରି ରତ୍ନସିଂହାସନ ରଢ ଦାରୁ ବିଗ୍ରହଙ୍କୁ ଦର୍ଶନ କରିଥିଲେ। ଦର୍ଶନ ସମୟରେ ତାଙ୍କ ସହ ଇଂ.ରାଜେଶ ମିଶ୍ର, ଜିଲା ସଭାପତି ପ୍ରେମଜିତ ମହାନ୍ତି, ଉପସଭାପତି ଚନ୍ଦ୍ରଶେଖର କର, ଯୁବ ସଭାପତି ବିଶ୍ୱରଞ୍ଜନ ମହାପାତ୍ର, ମହିଳା ସଭାପତି ନିରୁପମା ପାତ୍ର, ଉମା, ବିଶ୍ୱକେତନ ହରିଚନ୍ଦନ, ବିନାୟକ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମହାପ୍ରଭୁଙ୍କ ଦର୍ଶନ ସାରି ଗଣମାଧ୍ୟମ ଆଗରେ ସେ କହିଥିଲେ, ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ପୁଣି ରାଜ୍ୟରେ କଂଗ୍ରେସ ସଂଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବି। ରାଜ୍ୟରେ ଚାଲିଥିବା ଶାସକ ଦଳର ଦୁର୍ନୀତି ପ୍ରସଙ୍ଗକୁ ନେଇ ଅଗାମୀ ଦିନରେ ବିଜେଡିକୁ ହଟାଇବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ କରାଯିବ। ସେହିପରି କେନ୍ଦ୍ରରେ ଥିବା ମୋଦି ସରକାରଙ୍କ ଗରିବ ମାରଣ ନୀତି, ଅହେତୁକ ମୂଲ୍ୟ ବୃଦ୍ଧି ଯୋଗୁ ଜନସାଧାରଣ ଅତିଷ୍ଠ ଥିବାବେଳେ ଜନସାଧାରଣଙ୍କ ଅସନ୍ତୋଷକୁ ପାଥେୟ କରି ଭାଜପା ବିରୋଧରେ କଂଗ୍ରେସ ଲଢେଇ କରିବ ବୋଲି ପିସିସି ସଭାପତି କହିଛନ୍ତି। ଐତିହ୍ୟ କରିଡର ପ୍ରକଳ୍ପରେ ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ମତକୁ ସମ୍ମାନ ଦେଇ ଆଗାମୀ ଦିନରେ ରାଜ୍ୟ ଓ କେନ୍ଦ୍ର ସରକାର ଆଇନ ମୁତାବକ କାର୍ଯ୍ୟ କରିବାକୁ ପିସିସି ସଭାପତି କହିଥିଲେ।

## ୫ଦିନିଆ ବାଲ୍ ସଂସ୍କାର ଶିବିର ଉଦ୍‌ଘାଟିତ

ପୁରୀ ଅଫିସ,୩୧।୫

ସୁସ୍ଥ ଓ ସଂସ୍କାରିତ ଶିଶୁ ସମୃଦ୍ଧ ଭାରତ ଗଠନର ଅନନ୍ୟ ପ୍ରୟାସରେ ମଙ୍ଗଳବାର ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ପୁରୀ ତରଫରୁ ସ୍ଥାନୀୟ ଓଡ଼ିଶା ସଙ୍ଗୀତ ପରିଷଦ ପରିସରରେ ଏକ ପାଞ୍ଚଦିନିଆ ବାଲ୍ ସଂସ୍କାର ଶିବିରର ଶୁଭାରମ୍ଭ ହୋଇଯାଇଛି। ଏହି ଶିବିରରେ ଜିଲା ଶିଶୁ ବିକାଶ ଅଧିକାରୀ ମନୋଜ କୁମାର ତ୍ରିପାଠୀ ଉଦ୍‌ଘାଟନ କରି ପାଶ୍ଚାତ୍ୟ ସଭ୍ୟତାର କୁପ୍ରଭାବରୁ ପିଲାଙ୍କୁ ମୁକ୍ତ କରିବାକୁ ହେଲେ ଆମ ସଂସ୍କୃତି ସହ ପିଲାଙ୍କୁ ଯୋଡି ସଂସ୍କାରିତ କରିବାକୁ ହେବ ବୋଲି କହିଥିଲେ। ଆବାହିକା ମୋନାଲିସା ପଟ୍ଟନାୟକଙ୍କ ସଂଯୋଜନାରେ ଅଧକ୍ଷ ପ୍ରଫୁଲ୍ଲ କୁମାର ମିଶ୍ର, କ୍ଷତ୍ରୀୟ ସଚିବ ସୁପ୍ରୀତି ରଥ ଯୋଗଦେଇ ମହିଳା ଓ ବାଲ୍ ସଂସ୍କାର ଶିବିର ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଶିବିରରେ ପିଲାମାନଙ୍କୁ ରାଷ୍ଟ୍ରଗୀତ, ସକାଳୁ ଶଯ୍ୟାତ୍ୟାଗ, ସନ୍ଧ୍ୟାରେ ପ୍ରାର୍ଥନା, ଯୋଗ ପ୍ରାଣାୟମ,ଗୁରୁଜନଙ୍କୁ ସମ୍ମାନ, ମହିଳାଙ୍କୁ ସମ୍ମାନ, ଚାରାରୋପଣର ଆବଶ୍ୟକ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଅତିଥି ରୂପେ ଭାରତ ବିକାଶ ପରିଷଦ ପୂର୍ବକ୍ଷେତ୍ରର ରାଷ୍ଟ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଯୋଗଦେଇଥିଲେ। ସମ୍ପାଦକ ସୌମେନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ମୀରା ମହାରଣା, ବିଜୟଲକ୍ଷ୍ମୀ ଦାଶ, ମମତା ପାତ୍ର, ଉର୍ମିଳା ସ୍ୱାଇଁ, ଗୀତାଞ୍ଜଳି ସାମନ୍ତରାୟଙ୍କୁ ନେଇ ସମିତି ଗଠିତ ହୋଇଛି। ଏହି ସମିତି କାର୍ଯ୍ୟକ୍ରମକୁ ସମ୍ପାଦନ କରିବେ। ଜଗଦୀଶ ଆଚାର୍ଯ୍ୟ, ପୀତାମ୍ବର ମହାପାତ୍ର, ଡ. ଏନ୍.ସି. ଦାସ, ଗୌରାଙ୍ଗ ଚରଣ ମିଶ୍ର, ମୁକ୍ତିକାନ୍ତ ଦାଶ, ବୁଦ୍ଧଦେବ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପାନୀୟ ଜଳ ସମସ୍ୟା ଉପରେ ପର୍ଯ୍ୟାଲୋଚନା

ଡେଲାଙ୍ଗ,୩୧।୫(ଡି.ଏନ.ଏ.)

ଡେଲାଙ୍ଗ ବ୍ଲକ ପରିସରରେ ମଙ୍ଗଳବାର ପାନୀୟ ଜଳ ସମ୍ପର୍କିତ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ବାସନ୍ତୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ବୈଠକରେ ବ୍ଲକ ଉନ୍ନୟନ ଅଧିକାରୀ(ବିଡିଓ) ଦିଲୀପ କୁମାର ଷଡଙ୍ଗୀ, ଅତିରିକ୍ତ ବିଡିଓ ପ୍ରଦୀପ୍ତ କୁମାର ନାୟକ, ବିଧାୟକ ପ୍ରତିନିଧି ମଳୟ ମହାନ୍ତି, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ ରଞ୍ଜନ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ୍ୱର ମହାରଣା, କନିଷ୍ଠ ଯନ୍ତ୍ରୀ ସ୍ୱାଗତିକା ପ୍ରଧାନ ପ୍ରମୁଖ ଯୋଗଦେଇ ପାନୀୟ ଜଳ ସମସ୍ୟା ଉପରେ ପର୍ଯ୍ୟାଲୋଚନ କରିଥିଲେ। ନିର୍ବାହୀ ଯନ୍ତ୍ରୀ ପଣ୍ଡା ପାନୀୟ ଜଳ ଯୋଗାଣ ସମ୍ପର୍କରେ କରାଯାଇଥିବା ବିଭିନ୍ନ ପ୍ରୋଜେକ୍ଟ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ଲକର ମୁନିନ୍ଦା, ଅଭୟମୁଖି, ଗୁଆଳିପଡା, ଧାନକେରା, ଅରିସଲ, ଡେଲାଙ୍ଗ, କୋଠବାଡ, ସାଉରିଆ, ରେଙ୍ଗଳ, ଗଡମୋଟରୀ, ଗୋଡିପୁଟମାଟିଆପଡା, ଚାଇଁପୁର, ସୁଜନପୁର, କଲ୍ୟାଣପୁର, ଶ୍ରୀପୁରୁଷୋତ୍ତମପୁର, ସିଂହବ୍ରହ୍ମପୁର ପଞ୍ଚାୟତର ୭୪ଟି ଗ୍ରାମକୁ ଏହି ପ୍ରୋଜେକ୍ଟ ଜରିଆରେ ପାନୀୟଜଳ ଯୋଗାଣ କରାଯିବ। ଏହି ପ୍ରୋଜେକ୍ଟ ପାଇଁ ୯୧ କୋଟି ୯୧ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ୨ବର୍ଷ ମଧ୍ୟରେ ସାରି ପାନୀୟ ଜଳ ଯୋଗାଣ କରାଯିବ ବୋଲି ସହକାରୀ ଯନ୍ତ୍ରୀ ପଣ୍ଡା ସୂଚନା ଦେଇଥିଲେ। ଅଦ୍ୟାବଧି ପାନୀୟ ଜଳ ସମସ୍ୟାର ଦୂରୀକରଣ କିପରି କରାଯିବ ଓ ବ୍ଲକରେ ପାନୀୟ ଜଳ ଯୋଗାଣ ପାଇଁ କେତେଟି ପ୍ରୋଜେକ୍ଟ ଏବେ ଚାଲୁଛି, ସେ ବିଷୟରେ ସୁଜନପୁର ସମିତିସଭ୍ୟ ଅଜୟ ରାଉତରାୟ ପ୍ରଶ୍ନ କରିଥିଲେ। ଏଥିସହ ସାଉରିଆ ନୋଡାଲ ବିଦ୍ୟାଳୟରେ



ପଞ୍ଚାୟତ ସମିତି ବୈଠକରେ ଯୋଗ ଦେଇଥିବା ଅତିଥିମାନେ ।

### ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ

ନଳକୂପରୁ ପାନୀୟ ଜଳ ସହିତ ବାଲି ବହାରୁଥିବା ସମିତିସଭ୍ୟା ଅନ୍ନପୂର୍ଣ୍ଣା ରଣଜିତ ଅଭିଯୋଗ କରିଥିଲେ। ସେହିଭଳି ଖଣ୍ଡିମଙ୍ଗଳପୁର ଓ ସୁନାମୁହିଁ ଗ୍ରାମରେ ନଳକୂପରୁ ଗୋଳିଆ ପାଣି ବାହାରୁଥିବା ଅରିସଲ ସମିତିସଭ୍ୟା ଅଭିଯୋଗ କରିଥିଲେ। ରେଞ୍ଚ ସରପଞ୍ଚ ହରିହର ସ୍ୱାଇଁ, ସମିତିସଭ୍ୟ ପ୍ରଭାତ ଜେନା ମଧ ପାନୀୟ ଜଳ ସମସ୍ୟା ସମ୍ପର୍କିତ ଅଭିଯୋଗ କରିଥିଲେ। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ସମସ୍ତ ସରପଞ୍ଚ ଓ ସମିତିସଭ୍ୟା ସଭ୍ୟ ସାମିଲ ହୋଇଥିଲେ।

## ସଂକ୍ଷେପରେ

### କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ଚୟନ

**କୃଷ୍ଣପ୍ରସାଦ,୩୧।୫(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡ଼ାଲ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ ଚୟନ ପ୍ରକ୍ରିୟା ଶେଷ ହୋଇଛି। ଏହି ଅବସରରେ ଆୟୋଜିତ କ୍ରୀଡ଼ା କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ଜେନା ଉଦ୍‌ଘାଟନ କରିଥିଲେ। ବ୍ଲକ କ୍ରୀଡ଼ା ଜୋନ ସମ୍ପାଦକ ବରିଷ୍ଠ ଖେଳ ଶିକ୍ଷକ ପଦ୍ମଚରଣ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଆରସିସି ସତ୍ୟବ୍ରତ ସାହୁ, କୃଷ୍ଣପ୍ରସାଦ ସରପଞ୍ଚ ଇତିଶ୍ରୀ ସିଂହ, ସମିତିସଭ୍ୟା ମିନର୍ଭା ପାତ୍ର, ପୂର୍ବତନ ସମିତିସଭ୍ୟ ଜିତେନ୍ଦ୍ର ବିଶ୍ୱାଳ, ପାରିକୁଦ ନୋଡ଼ାଲ ବିଦ୍ୟାପୀଠ ପରିଚାଳନା କମିଟି ସଭାପତି ଦୁର୍ଗାଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳର ଉପକାରିତା ଦିଗରେ ଆଲୋଚନା କରିଥିଲେ। ଖେଳ ଶିକ୍ଷକ ପ୍ରମୋଦ ସାହୁ ମଞ୍ଚ ପରିଚାଳନା କରିଥିଲେ। ୨୧ଟି ପଞ୍ଚାୟତର ଛାତ୍ରୀଛାତ୍ର ଓ ଗ୍ରାମାଞ୍ଚଳର କ୍ରୀଡ଼ାବିତମାନେ ଅଂଶଗ୍ରହଣ କରିଥିଲେ। ଦୌଡ଼, ଉଚ୍ଚ ଡିଆଁ, ଉଚ୍ଚତା ଏବଂ ଓଜନ ସର୍ବେକ୍ଷଣ କରାଯାଇଥିଲା। ୬୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଖେଳ ଶିକ୍ଷକ ଅଶୋକ ସାମଲ, ପ୍ରକାଶ କୁମାର ସିଂହ, ପଞ୍ଚାନନ ଜେନା, ଆର୍ତ୍ତତ୍ରାଣ ପ୍ରଧାନ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

### ସମବାୟ ନିର୍ବାଚନ: ପ୍ରଥମ ପର୍ଯ୍ୟାୟ ନାମାଙ୍କନ ପତ୍ର ଦାଖଲ ବାତିଲ

**ନିରାକାରପୁର, ୩୧।୫(ଡି.ଏନ୍.ଏ.):** ଟାଙ୍ଗୀ ବ୍ଲକ୍ ନୂଆଗଡ଼ ପଞ୍ଚାୟତରେ ଥିବା ସେବା ସମବାୟ ସମିତିରେ ପ୍ରଥମ ପର୍ଯ୍ୟାୟ ନାମାଙ୍କନ ପତ୍ର ଦାଖଲ ବାତିଲ ହୋଇଛି। ଫଳରେ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଉକ୍ତ ସମିତି ଦାୟିତ୍ୱରେ ଥିବା ସମ୍ପାଦକ ହୁଲ୍ଲାସ ପରିଡ଼ା କୁହନ୍ତି, ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲର ଦିନ ଥିଲା। କିନ୍ତୁ ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀ ନ ଆସିବାରୁ ପ୍ରାର୍ଥୀପତ୍ର ଦାଖଲ ହୋଇପାରିନାହିଁ। ତେବେ ଦାୟିତ୍ୱରେ ଥିବା ନିର୍ବାଚନ ଅଧିକାରୀ ଅରବିନ୍ଦ ବେହେରା କୁହନ୍ତି, ପୂର୍ବରୁ ସହକାରୀ ନିବନ୍ଧକ ସେବା ସମବାୟ ସମିତି(ଏଆରସିଏସ୍) ଏହି ଅଞ୍ଚଳ ପରିଦର୍ଶନ କରିଥିଲେ। ଏଠାରେ ଝାମେଲା ହୋଇଛି ବୋଲି କହିବା ସହ ନିର୍ବାଚନ ବାତିଲ କରିଦିଅ ବୋଲି କହିଥିଲେ। ତେଣୁ ଆସିଲି ନାହିଁ ବୋଲି ବେହେରା କହିଛନ୍ତି।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ବୋଲଗଡ଼,୩୧।୫(ଡି.ଏନ୍.ଏ.):** ବୋଲଗଡ଼ ସଦର ମହକୁମା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ କୁମାର ପଣ୍ଡା ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଗୋପୀନାଥ ଖାଡଙ୍ଗାଙ୍କ ପୌରୋହିତ୍ୟରେ ପି.ଏନ୍.କଲେଜ ଅଧ୍ୟକ୍ଷ ରବୀନ୍ଦ୍ରନାଥ ପାଣିଗ୍ରାହୀ ମୁଖ୍ୟଅତିଥି, ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ମହାନ୍ତି ମୁଖ୍ୟବକ୍ତା, ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ରନାଥ ସାହୁ, ବାମନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଗୁଣି ପ୍ରଧାନ, ସହଶିକ୍ଷାଧିକାରୀ ପଦ୍ମଚରଣ ବେହେରା, ପୂର୍ବତନ ଶିକ୍ଷକ ପ୍ରଫୁଲ୍ଲ ଦାସ,ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଦିଲୀପ ସାହୁ ଓ ବିଦାୟୀ ପ୍ରଧାନଶିକ୍ଷକ ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ମୀରାମଞ୍ଜରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ସେକ୍ ଆଲିମ ଧନ୍ୟବାଦ ଦେଇଥିଲେ।

# ଓସଓ୍ୱାସରେ ଯୋଡ଼ିହେଲା ଖୋର୍ଦ୍ଧା ଜିଲା ପ୍ରଶାସନ

**ଖୋର୍ଦ୍ଧା ଅଫିସ,୩୧।୫**



ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟ ଅଧିକାରୀ।

ଏଣିକି ମାନୁଆଲ ଫାଇଲ ପରିବର୍ତ୍ତେ ଓସଓ୍ୱାସ ଜରିଆରେ ହେବ ସରକାରୀ କାର୍ଯ୍ୟ। ଫଳରେ ପେପର ବୋଝ କମିବା ସହ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। କୌଣସି ବିଭାଗରେ ଆଉ ସରକାରୀ ଫାଇଲ ଥାକମାରି ରଖାଯିବ ନାହିଁ। ସରକାରୀ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ବଢିବା ସହ କାର୍ଯ୍ୟରେ ସ୍ୱଚ୍ଛତା, ତ୍ୱରିତ ସମାଧାନ ହୋଇପାରିବ। ମଙ୍ଗଳବାର ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଓସଓ୍ୱାସ ପ୍ରଚଳନର ଶୁଭାରମ୍ଭ ହୋଇଛି। ଆଜି ଠାରୁ ଜିଲା ପ୍ରଶାସନର ନୂତନ ଅଧ୍ୟାୟ ଯୋଡି ହୋଇଛି। ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଅଧୀନ ବିଭିନ୍ନ ବିଭାଗ ଓ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପରୀକ୍ଷାମୂଳକ ଭାବେ ଯୋଡି ହୋଇଥିବା ବେଳେ ମଙ୍ଗଳବାର ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଫିସ, ଜିଲା ଆରକ୍ଷୀ କାର୍ଯ୍ୟାଳୟ, ଏଡିଏମ ଭୁବନେଶ୍ୱର, ଡିଆରଡିଏ ଏବଂ ଖୋର୍ଦ୍ଧା ଓ ଭୁବନେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆରମ୍ଭ ହୋଇଛି। ଆଇ ଆଣ୍ଡ ଇଟି ସଚିବ ମନୋଜ କୁମାର ମିଶ୍ର ଏହାକୁ ଉଦ୍‌ଘାଟନ କରି କହିଲେ ଯେ, ଏବେ ଡିଜିଟାଲର ଯୁଗ ଚାଲିଛି। ଆଧୁନିକ ଜ୍ଞାନକୌଶଳ ସହ ଆମକୁ ତାଳ ଦେଇ ଚାଲିବାକୁ ପଡିବ। ପ୍ରାରମ୍ଭିକ ସ୍ତରରେ ଯେତେବେଳେ ଓଡ଼ିଶା ସଚିବାଳୟରେ ଓସଓ୍ୱାସ କାର୍ଯ୍ୟକାରୀ ହେଲା, ସେତେବେଳେ ଉଭୟ ମାନୁଆଲ ଏବଂ ଡିଜିଟାଲକୁ ଗୁରୁତ୍ୱ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ମାନୁଆଲ ଫାଇଲ ପରିବର୍ତ୍ତେ ପେପରଲେସ କାର୍ଯ୍ୟ ଲାଗି ନିଷ୍ପତ୍ତି ନିଆଗଲା। ୧୭ଟି ଜିଲା ଏବଂ ସଚିବାଳୟର ୩୨ଟି ବିଭାଗରେ ପେପରଲେସ ଫାଇଲ କାର୍ଯ୍ୟ କରୁଛି। ଖୁବଶୀଘ୍ର ଅନ୍ୟ ସମସ୍ତ ଜିଲାରେ ମଧ୍ୟ ଏହାକୁ ଆରମ୍ଭ କରାଯିବ। ଏଥିସହ ରାଜ୍ୟ ସରକାରଙ୍କ ନିଜସ୍ୱ ଇମେଲ ଓ ଡିଜିଟାଲ ସିଗନେଚର୍ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜିଲା ପ୍ରଶାସନର ଓସଓ୍ୱାସର କାର୍ଯ୍ୟକାରିତା ସମ୍ପର୍କରେ କହିଥିଲେ। ଓସଓ୍ୱାସ ମାଧ୍ୟମରେ କାର୍ଯ୍ୟ କରିବା ଲାଗି ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କୁ ୩ଟି ପର୍ଯ୍ୟାୟରେ ପ୍ରଶିକ୍ଷଣ ଦିଆଯାଇଛି। ସମସ୍ତ ବିଭାଗକୁ ଅନଲାଇନ ମାଧ୍ୟରେ ସଂଯୋଗୀକରଣ କରାଯାଇଛି। ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସମସ୍ତ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ଖୋର୍ଦ୍ଧା ଜିଲା ପ୍ରଶାସନରେ ଓସଓ୍ୱାସ ଦ୍ୱାରା ୩୨,୬୬୫ ଫାଇଲ ଆରମ୍ଭ ହୋଇଛି। ୧ଲକ୍ଷ ୩୯ ହଜାର ୨୨୫ଟି ଫାଇଲ କାର୍ଯ୍ୟକାରୀ ହୋଇଛି। ରାଜ୍ୟ ସରକାରଙ୍କ ୫-ଟି ମୋ ସରକାର ସଫଳତା ସହ କାର୍ଯ୍ୟକାରୀ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଏଡିଏମ(ରାଜସ୍ୱ) ଅନୁଜ ଦାସ ପଟ୍ଟନାୟକ, ପିଡି ଡିଆରଡିଏ ଦିଗନ୍ତ ରାଉତରାୟ, ଖୋର୍ଦ୍ଧା ଉପଜିଲାପାଳ ଆଇ.ଗୌରବ ଶିବାଜୀ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ତମାଖୁ ସେବନ ନିୟନ୍ତ୍ରଣରେ ଖୋର୍ଦ୍ଧା ଶ୍ରେଷ୍ଠ



ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲଙ୍କଠାରୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକ ପୁରସ୍କାର ଗ୍ରହଣ କରୁଛନ୍ତି।

**ଖୋର୍ଦ୍ଧା ଅଫିସ,୩୧।୫**

ପ୍ରତିବର୍ଷ ମେ' ୩୧କୁ ବିଶ୍ୱ ତମାଖୁ ବର୍ଜନ ଦିବସ ଭାବେ ପାଳନ କରାଯାଉଛି। ତମାଖୁ ସେବନ ଯୋଗୁ ଦୈନିକ ଲକ୍ଷାଧିକ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି। ଏ ଦିଗରେ ବ୍ୟାପକ ସଚେତନତା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। କେନ୍ଦ୍ର ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ଜିଲାସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଖୋର୍ଦ୍ଧା ଜିଲାରେ ତମାଖୁ ସେବନ ନିୟନ୍ତ୍ରଣ ଦିଗରେ ସଫଳ ପ୍ରୟାସ ଏବଂ ସ୍କୁଲ, କଲେଜ, ଛାତ୍ରୀଛାତ୍ର, ସ୍ୱାସ୍ଥ୍ୟକର୍ମୀ, ଜନସାଧାରଣଙ୍କୁ ନେଇ ଜନ ସଚେତନତା ଆଦି ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଲାଗି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଖୋର୍ଦ୍ଧା ଜିଲାକୁ ଶ୍ରେଷ୍ଠ ଜିଲା ଭାବେ ପୁରସ୍କୃତ କରାଯାଇଛି। ଭୁବନେଶ୍ୱର ସୂଚନା ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲଙ୍କ ଠାରୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକ ପୁରସ୍କାର ଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ(ଏନଟିସିପି)କୁ ସଫଳତାର ସହ କାର୍ଯ୍ୟକାରୀ କରି ରାଜ୍ୟରେ ଖୋର୍ଦ୍ଧା ଜିଲା ଶ୍ରେଷ୍ଠତା ହାସଲ କରିଛି।

ମିଳିଥିବା ସୂଚନା ମୁତାବକ, ୨୦୧୬ ଠାରୁ ୨୦୨୦-୨୧ ମଧ୍ୟରେ ୯୭୪ ଜଣଙ୍କଠାରୁ ୧ଲକ୍ଷ ୧୮ହଜାର ୭୩୬ ଟଙ୍କା ଜରିମାନା ଆଦାୟ କରାଯାଇଛି। ୫୦୯୪୭ଙ୍କୁ କାଉନସିଲିଂ କରାଯାଇଛି। ୮୧୪ଜଣ ତମାଖୁ ସେବନ ଛାଡିଛନ୍ତି। ୬୯ ଜଣଙ୍କୁ ଫାର୍ମାକୋଥେରାପି ଚିକିତ୍ସା ଦିଆଯାଇଛି। ୧୯୮ ଶିକ୍ଷାନୁଷ୍ଠାନରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ କରାଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ଠାରୁ ସୂଚନା ମିଳିଛି। ଏତଦ୍‌ବ୍ୟତୀତ ୨୦୨୧ ଏପ୍ରିଲଠାରୁ ମାର୍ଚ୍ଚ ୨୦୨୨ ମଧ୍ୟରେ ତମାଖୁ ନିୟନ୍ତ୍ରଣ (ଏନଟିସିପି) ଦିଗରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜିଲାରେ ୫୮ଜଣ ମେଡିକାଲ ଅଫିସର, ୨୮ ସ୍କୁଲ ଶିକ୍ଷକ, ୩୫ ପାରାମେଡିକାଲ କର୍ମଚାରୀ ଏବଂ ୪୨ଙ୍କୁ ଆଇନଶୃଙ୍ଖଳା (ଏନଫୋର୍ସମେଣ୍ଟ) ଲାଗି ତାଲିମପ୍ରାପ୍ତ। ଏତଦ୍ ବ୍ୟତୀତ ୪୪ଟି ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ, ଶହେମିଟର ସୀମା ମଧ୍ୟରେ ତମାଖୁ ବିକ୍ରି ଉପରେ ଅଙ୍କୁଶ ଲଗାଯାଇଛି। ସମସ୍ତ ପ୍ରାଥମିକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଜିଲା ମୁଖ୍ୟ ଚିକିତ୍ସାଳୟରେ ତମାଖୁ ସେବନ ନିଷିଦ୍ଧ ଘୋଷଣା କରାଯାଇଛି। ଏଥିସହିତ ବସଷ୍ଟାଣ୍ଡ, ସର୍ବସାଧାରଣ ସ୍ଥାନରେ ସଚେତନତା ଉଦ୍ଦେଶ୍ୟରେ ପୋଷ୍ଟର, ହୋର୍ଡିଂ ଲଗାଯାଇଛି। କୋଟପା ଆଇନ ସମ୍ପର୍କରେ ବ୍ୟାପକ ସଚେତନତା ଦିଗରେ ସର୍ବସାଧାରଣ ସ୍ଥାନ ସହ ଯାତ୍ରୀ ପରିବହନ ଯାନବାହନରେ ମଧ୍ୟ ଲଗାଯାଇଛି। ୧୪ଟି ଶିକ୍ଷାନୁଷ୍ଠାନର ନିଷିଦ୍ଧାଞ୍ଚଳରେ ତମାଖୁ ବିକ୍ରି ଏବଂ ସେବନ ନେଇ ୯୪ଜଣ ବ୍ୟକ୍ତିବିଶେଷଙ୍କ ଠାରୁ ୯୪୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସମସ୍ତ ସିଏଚସି ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଦାନ୍ତରୋଗ ବିଶେଷଜ୍ଞମାନେ କାଉନସିଲିଂ ଏବଂ ଫାର୍ମାକୋ ଥେରାପିରେ ଭଲ ତାଲିମପ୍ରାପ୍ତ, ଜିଲା ତଥା ବ୍ଲକସ୍ତରରେ ଏନସିଡି ପରାମର୍ଶଦାତା, ଏନ୍‌ଟିସିପି ପରାମର୍ଶଦାତା, କ୍ଲିନିକାଲ ସାଇକୋ ଲୋଜିଷ୍ଟ, ଆଇସିଟିସି ପରାମର୍ଶଦାତା ମାନେ ପରାମର୍ଶ ଦେଉଛନ୍ତି।

# ତମାଖୁମୁକ୍ତ ସମାଜ ପାଇଁ ସହଯୋଗ ଜରୁରୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ।

**ଖୋର୍ଦ୍ଧା ଅଫିସ,୩୧।୫**

## ବିଶ୍ୱ ତମାଖୁ ବର୍ଜନ ଦିବସ

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାସ୍ତରୀୟ ବିଶ୍ୱ ତମାଖୁ ବର୍ଜନ ଦିବସ ଅନୁଷ୍ଠିତ ହୋଇଯାଇଛି। ଡା.ପ୍ରଶାନ୍ତ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡା.ନିରଞ୍ଜନ ନାୟକ ତମାଖୁ ସେବନ ଦ୍ୱାରା କିପରି ଶରୀରକୁ କ୍ଷତି ପହଞ୍ଚିଥାଏ ତାହା ବୁଝାଇଥିଲେ। ଏଥିରେ ରହିଥିବା ରାସାୟନିକ ପଦାର୍ଥ କର୍କଟ ରୋଗର ମୂଳ କାରଣ ବୋଲି କହିଥିଲେ। ଧୂମପାନ କରୁଥିବା ବ୍ୟକ୍ତିଙ୍କ ପାଖରେ ଚଳପ୍ରଚଳ କରୁଥିବା ବ୍ୟକ୍ତି ମଧ୍ୟ ପରୋକ୍ଷରେ ଧୂମପାନ ଦ୍ୱାରା ହୃଦଘାତ ଓ ଫୁସଫୁସ କର୍କଟରେ ଆକ୍ରାନ୍ତ ହେବାର ସମ୍ଭାବନା ରହିଥାଏ। ପରୋକ୍ଷ ଧୂମପାନ ଯୋଗୁ ପିଲାମାନଙ୍କ ଆଜମା, ଶ୍ୱାସନଳୀ ଜନିତ ଅସୁସ୍ଥତା ଏବଂ ଅନ୍ୟାନ୍ୟ ରୋଗ ମଧ୍ୟ ଦେଖାଯାଇଥାଏ। ଏଡିପିଏଚଓ(ଡିସି) ଡା.ନଳିନୀ ଗୁପ୍ତା କହିଥିଲେ, ଅତ୍ୟଧିକ ଧୂମପାନ ବା ତମାଖୁ ବ୍ୟବହାର ଯୋଗୁ ପାଟି ମୁଖ ଗହ୍ୱର, ସ୍ୱରଯନ୍ତ୍ର, ଫୁସଫୁସ, ମୂତ୍ରାଶୟ ଆଦିରେ କର୍କଟ ରୋଗ ହୋଇଥାଏ। ହୃଦଘାତ, ଯକ୍ଷ୍ମା ଓ ଫୁସଫୁସ ରୋଗର କାରଣ ହୋଇଥାଏ। ନପୁଂସକତା, ପ୍ରଜନନ ଶକ୍ତି ହ୍ରାସ ସହ ଅକାଳ ବାର୍ଦ୍ଧକ୍ୟ ଦେଖାଦେଇଥାଏ। ଗର୍ଭାବସ୍ଥାରେ ତମାଖୁ ସେବନ କଲେ ଶିଶୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମନେବା ସହ କମ୍ ଓଜନର ହୋଇଥାଏ। ଡିପିଏଚଓ ପ୍ରସନ୍ନ କୁମାର ମହାପାତ୍ର ସ୍ୱାଗତ ଭାଷଣରେ ତମାଖୁ ବର୍ଜନ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ, ତମାଖୁ ପରିବେଶ ପ୍ରତି ବିପଜ୍ଜନକ। ତମାଖୁ ବର୍ଜନ ଲାଗି ସ୍ୱାସ୍ଥ୍ୟ ବିଶେଷଜ୍ଞ ବାରମ୍ବାର ପରାମର୍ଶ ଦେଉଛନ୍ତି। ତମାଖୁମୁକ୍ତ ଓ ସ୍ୱଚ୍ଛ ପରିବେଶ ଗଠନ ଦିଗରେ ସମସ୍ତଙ୍କ ଉତ୍ତରଦାୟିତ୍ୱ ରହିଛି। ଏନ୍‌ଏସଏସ ପ୍ରୋଗ୍ରାମ ଅଫିସର ରଘୁନାଥ ମଣ୍ଡଳ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ, ଏକ ସୁସ୍ଥ, ସୁନ୍ଦର ଓଡ଼ିଶା ଗଠନରେ ସହାଭାଗିତା ହେବା ଲାଗି ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଏନଏସଏସ, ଏନସିସି ନର୍ସିଂ ଓ ଫାର୍ମାସୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହିଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ସହ ଶପଥ ପାଠ କରାଯାଇଥିଲା। ସୁଦେଷ୍ଣା ସେନାପତି, ସାରଦା ପ୍ରସାଦ ସାହୁ, ସସ୍ମିତ ମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

# ଧରାପଡ଼ିଲା ବାଇକ୍ ଲୁଟେରା ଗ୍ୟାଙ୍ଗ୍

**ଭୁବନେଶ୍ୱର, ୩୧।୫(ବ୍ୟୁରୋ)**

ରାଜଧାନୀର ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରୁଥିଲେ। ପରେ ଧରାପଡ଼ିବା ନ ଲାଗି ଉକ୍ତ ଚୋରା ଗାଡ଼ିଗୁଡ଼ିକୁ ରାଜ୍ୟର ଗଞ୍ଜାମ, ନୟାଗଡ଼ ଆଦି ବାହାର ଜିଲାରେ ବିକ୍ରି କରୁଥିଲେ। ଏହି ବାଇକ ଲୁଟେରା ଗ୍ୟାଙ୍ଗ୍ ୩ ସଦସ୍ୟଙ୍କ ସମେତ ଜଣେ କ୍ରେତା (ରିସିଭର)ଙ୍କୁ ମଙ୍ଗଳବାର ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ଢୁମୁଢୁମା ରଘୁନାଥନଗରର ଦୀପକ ସାହୁ, ହେମନ୍ତ ପାତ୍ର, ଢୁମୁଢୁମା ଅଞ୍ଚଳର ସେଖ୍ ନୁର୍ ଆଲମ୍ ଓ ଢୁମୁଢୁମା ସତ୍ୟନଗରର କ୍ରେତା ସୁକାନ୍ତ ବେହେରା।

# ତମାଖୁ ବର୍ଜନ ଦିବସ

**ବୋଲଗଡ଼,୩୧।୫(ଡି.ଏନ୍.ଏ.)**

ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଯୁବ ରେଡ୍‌କ୍ରସ ପକ୍ଷରୁ ମଙ୍ଗଳବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ପରେ ଛାତ୍ରୀଛାତ୍ରମାନେ ତମାଖୁ ବର୍ଜନ ସମ୍ବନ୍ଧୀୟ ସଚେତନାଧର୍ମୀ ସଙ୍ଗୀତ ପରିବେଷଣ କରିଥିଲେ। ଯୁବ ରେଡକ୍ରସର କାଉନସେଲର ଅଧ୍ୟାପକ ଗଣେଶ ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ତମାଖୁ ବର୍ଜନ ସମ୍ବନ୍ଧୀୟ ଶପଥ ପାଠ କରାଯାଇଥିଲା। ଛାତ୍ର ପ୍ରକାଶ ପରିଡ଼ା, ଛାତ୍ରୀ ଶ୍ୟାମଲିନ ବଳିୟାରସିଂହ, ସ୍ମିତାରାଣୀ ପ୍ରଧାନ, ବିଜୟଲକ୍ଷ୍ମୀ ବେହେରା, ରାଜଲକ୍ଷ୍ମୀ ବେହେରା ପ୍ରମୁଖ ତମାଖୁ ବ୍ୟବହାରର ଅପକାରିତା ସମ୍ପର୍କରେ କବିତା ପଠନ କରିଥିଲେ। ଏଥିରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟ ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା.ତାରକ ପ୍ରସନ୍ନ ତ୍ରିପାଠୀ ମୁଖ୍ୟ ଅତିଥି, ବୋଲଗଡ଼ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଡ. ରତିକାନ୍ତ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ତମାଖୁର ବ୍ୟବହାର ସଭ୍ୟ ସମାଜର ସମୃଦ୍ଧିରେ ମୁଖ୍ୟ ଅନ୍ତରାୟ ସୃଷ୍ଟି କରୁଛି ବୋଲି ମତବ୍ୟକ୍ତ କରିଥିଲେ। ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପକ କର୍ମୋଦୟ ଛୋଟରାୟ ଧନ୍ୟବାଦ ଦେଇଥିଲେ।

# ରାସ୍ତାରେ ଗର୍ତ୍ତ, ଯାତାୟାତ ବାଧାପ୍ରାପ୍ତ



**ଯାଁଳା,୩୧।୫(ଡି.ଏନ୍.ଏ.)**

ସରକାର ଗମନାଗମନର ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କେଉଁଠି ଠିକାଦାରଙ୍କ ମନମାନୀ ତ' ଆଉ କେଉଁଠି ବିଭାଗୀୟ ଅଧିକାରୀଙ୍କ ପରିଚାଳନାରେ ତ୍ରୁଟି ଯୋଗୁ ଅନେକ ପ୍ରକଳ୍ପ ବ୍ୟର୍ଥ ଯାଉଛି। ଖୋର୍ଦ୍ଧା ଜିଲା ଯାଁଳା ପଞ୍ଚାୟତ ଓଗାଳପଡ଼ା ସମ୍ମୁଖ ୧୬ନମ୍ବର ଜାତୀୟ ରାଜପଥର ସର୍ଭିସ ରୋଡ୍‌ରେ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଲୋକେ ଯାତାୟାତରେ ହଇରାଣ ହେଉଛନ୍ତି। ପ୍ରକାଶ ଯେ, ଜାତୀୟ ରାଜପଥର ସମ୍ପ୍ରସାରଣ କାମ ଚାଲୁ କରିବା ପାଇଁ ପ୍ରଥମେ ତଳ ରାସ୍ତା (ଜାତୀୟ ରାଜପଥ ପାର୍ଶ୍ୱ ବା ସର୍ଭିସ୍ ରୋଡ୍) କାମ ହୋଇଥିଲା। ପରବର୍ତ୍ତୀ ସମୟରେ ଲୋକେ ଯାତାୟାତ କରିଥିଲେ। ଏହି ସର୍ଭିସ ରୋଡର ଓଗାଳପଡ଼ା ନିକଟରେ ଏକ ଗର୍ତ୍ତ ହେବାରୁ ମୋରମ ପକାଯାଇ ପୋତାଯାଇଥିଲା। ପୁଣି ଏହି ସ୍ଥାନ ଦବିଯିବାରୁ ଗର୍ତ୍ତ ସୃଷ୍ଟି ହୋଇଛି। ଲୋକମାନେ ଯାତାୟାତ କରିବାରେ ହଇରାଣ ହେବା ସହ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ୧୧ ସମିତିରେ ନାମାଙ୍କନ ପତ୍ର ଦାଖଲ ସରିଲା

**ବୋଲଗଡ଼,୩୧।୫(ଡି.ଏନ୍.ଏ.)**

## ସମବାୟ ନିର୍ବାଚନ

ବୋଲଗଡ଼ କୃଷି ବ୍ଲକ ଅଞ୍ଚଳର ମୋଟ୍ ୨୨ ସେବା ସମବାୟ ସମିତି ମଧ୍ୟରୁ ୧୧ଟି ସମିତିରେ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ଏହି ବ୍ଲକର ସଂପୁର, ଦେଉଳି, ଡିହଖଉରୁଣୀ, ଗର୍ଭଣିପଡ଼ା, ଗୋବର୍ଦ୍ଧନପୁର, କମଳଲୋଚନପୁର, ମାଣିକଗୋଡ଼ା, ସାଗରଗାଁ, ବୋଲଗଡ଼, ଘୋରଡିଆ ଓ ଅରଖପଲ୍ଲୀ ସେବା ସମବାୟ ସମିତି ଅଧୀନରେ ନିର୍ବାଚନ ଲଢିବାକୁ ଥିବା ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ପ୍ରକ୍ରିୟା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ଟାରେ ଶେଷ ହୋଇଥିଲା। ଆସନ୍ତା ୧୯ ତାରିଖରେ ହେବାକୁ ଥିବା ନିର୍ବାଚନରେ ସେବା ସମବାୟ ସମିତିର ପଞ୍ଜୀକୃତ ଭୋଟରମାନେ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ନିର୍ବାଚନ ପ୍ରକ୍ରିୟା ଅନୁସାରେ ନାମାଙ୍କନ ପତ୍ର ଦାଖଲ, କାଗଜପତ୍ର ଯାଞ୍ଚ ଓ ପ୍ରତ୍ୟାହାର ଆଦି କାର୍ଯ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପର୍ଯ୍ୟାୟକ୍ରମେ କରାଯିବ। ସେହିଭଳି ସଂପୁର ସେବା ସମବାୟରେ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ସଂପୁର ସେବା ସମବାୟ ସମିତିର ନିର୍ବାଚନ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ସମିତି ସମ୍ପାଦକ ଜ୍ଞାନ ରଞ୍ଜନ ବେହେରା, କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ତ୍ରିନାଥ ଲେଙ୍କା, ପ୍ରଭାତ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

# ଜନତାଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ



**ଖୋର୍ଦ୍ଧା ଅଫିସ,୩୧।୫**

ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଆଜାଦିକା ଅମୃତ ମହୋତ୍ସବ ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ଆବାସୀ ମାଧ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ସିଧାସଳଖ ଜନସାଧାରଣଙ୍କ ସହ ଆଲୋଚନା କରିଛନ୍ତି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରି ରାଷ୍ଟ୍ରୀୟ ନବ ନିର୍ମାଣ, ଦାରିଦ୍ର୍ୟ ଦୂରୀକରଣ ଯୋଜନା ଯଥା ସୁନିଧି ଯୋଜନା, ଅଟଳ ପେନସନ, ଉଜ୍ଜ୍ୱଳା, ଜଳ ଜୀବନ ମିଶନ, ସ୍ୱଚ୍ଛ ଭାରତ ମିଶନ, ମାତୃ ବନ୍ଦନା, ପୋଷଣ ଅଭିଯାନ, ମୁଦ୍ରା ଓ ଆୟୁଷ୍ମାନ ଯୋଜନା ଦେଶର ପ୍ରଗତି, ସମୃଦ୍ଧିରେ ସହାୟକ ହୋଇପାରିଛି ବୋଲି କହିଥିଲେ। ଜିଲାସ୍ତରରେ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଏକାଧିକ ହିତାଧିକାରୀ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ମୁଦ୍ରା ଯୋଜନାରେ ଜିଲାର ୬୦ହଜାର, ସ୍ୱନିଧି ଯୋଜନାରେ ୧୦ହଜାର ଫେରି ବୁଲା ବିକାଳିଙ୍କୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଦିଆଯାଇଛି। ପ୍ରଧାନମନ୍ତ୍ରୀ ବୀମା ଯୋଜନାରେ ୫ଲକ୍ଷ ହିତାଧିକାରୀ ସାମିଲ ହୋଇଥିବା ବେଳେ ଜୀବନ ଜ୍ୟୋତି ଯୋଜନାରେ ୨ଲକ୍ଷ, ଅଟଳ ପେନସନ ଯୋଜନାରେ ୩୦ହଜାର ସାମିଲ ହୋଇଛନ୍ତି। ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଶାଖା ପରିଚାଳକମାନେ ଯୋଗଦେଇଥିଲେ।

# ଗ୍ରାମାଞ୍ଚଳ ବିକାଶରେ ସହଭାଗିତା ଜରୁରୀ

**ଖୋର୍ଦ୍ଧା ଅଫିସ,୩୧।୫**

## ପଞ୍ଚାୟତ ସମିତି ପ୍ରଥମ ବୈଠକ



ବୈଠକରେ ବ୍ଲକ ଚେୟାରମ୍ୟାନ ଶ୍ରୀମୟୀ ପ୍ରିୟଦର୍ଶିନୀ ପାତ୍ର ଏବଂ ଅନ୍ୟମାନେ।

ଖୋର୍ଦ୍ଧା ପଞ୍ଚାୟତ ସମିତିର ପ୍ରଥମ ସାଧାରଣ ଅଧିବେଶନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୃଷି, ଉଦ୍ୟାନ, ପଶୁପାଳନ ଓ ମତ୍ସ୍ୟ ଚାଷ, ଜଳଯୋଗାଣ ଏବଂ ପରିମଳ ବ୍ୟବସ୍ଥା, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା, ବିଦ୍ୟୁତ୍‌କରଣ, ଜଳଯୋଗାଣ ଓ ପରିମଳ ଉପରେ ଆଲୋଚନା କରାଯାଇଥିଲା। ସଦସ୍ୟମାନେ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷତଃ ରାସ୍ତାଘାଟ, ଜଳସେଚନ, ଉନ୍ନତ ସ୍ୱାସ୍ଥ୍ୟସେବା ଏବଂ ମହିଳା ସଶକ୍ତୀକରଣ, ମିଶନ ଶକ୍ତି, ଭତ୍ତା ଉପରେ ଏକାଧିକ ସଦସ୍ୟ ଗୁରୁତ୍ୱାରୋପ କରିଥିଲେ। ପଞ୍ଚାୟତ ସମିତିର ବିଭିନ୍ନ ପ୍ରକଳ୍ପର ତ୍ୱରାନ୍ୱିତ ନେଇ ଜରୁରିକାଳୀନ ବୈଠକ ଡକାଯାଇ ଏକ ମାସ ମଧ୍ୟରେ ଖସଡା ପ୍ରସ୍ତୁତ କରାଯିବା ନେଇ ନିଷ୍ପତ୍ତି ହୋଇଛି। ନିଜ ଅଞ୍ଚଳର ଆବଶ୍ୟକତା ଅନୁସାରେ ସମିତି ସଭ୍ୟ ଓ ସରପଞ୍ଚମାନେ ପ୍ଲାନ ଦେବାକୁ ଅନୁରୋଧ କରାଯାଇଛି। ପ୍ରଥମ ବୈଠକରେ ପରସ୍ପରକୁ ଭାବର ଆଦାନପ୍ରଦାନ ସହ ଶୁଭେଚ୍ଛା ଜଣାଇଥିଲେ। ବ୍ଲକ ଚେୟାରମ୍ୟାନ ଶ୍ରୀମୟୀ ପ୍ରିୟଦର୍ଶିନୀ ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ବିଡିଓ ରୁମାନା ଜାଫ୍ରି ସ୍ୱାଗତ ଭାଷଣ, ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଜିଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନସିଂ, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟଙ୍କ ସମେତ ସମସ୍ତ ସଦସ୍ୟ, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ ଚେୟାରମ୍ୟାନ ପାତ୍ର କହିଥିଲେ, ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ଲୋକାଭିମୁଖୀ କରାଯିବ। ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ଲାଗି ସମସ୍ତଙ୍କ ସହଭାଗିତା ଜରୁରୀ ବୋଲି ସେ କହିଥିଲେ।

## ଓମ୍‌କାର ଡ୍ୟାନ୍ସ ଫେଷ୍ଟିଭାଲ ଉଦ୍‌ଯାପିତ

ଆଠଗଡ,(ସ୍ୱ.ପ୍ର.): ଆଠଗଡ ମହୋତ୍ସବ ପଡ଼ିଆଠାରେ ୨ ଦିନ ଧରି ଚାଲିଥିବା ଓମକାର ଡ୍ୟାନ୍ସ ଫେଷ୍ଟିଭାଲ ବୁଧବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଆଠଗଡ ତହସିଲଦାର ପ୍ରିୟବ୍ରତ ଦାସ ଯୋଗଦେଇ କହିଥିଲେ, ଆଠଗଡ କଳା ସଂସ୍କୃତିର ମାଟି। ଏହି ମାଟିରୁ ଅନେକ କଳାକାର ଶିକ୍ଷା ଲାଭ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସମ୍ମାନିତ ଅତିଥିଭାବେ ମହାତ୍ମା ଗାନ୍ଧୀ ଇଂଲିଶ୍ ମାଧମ ବିଦ୍ୟାଳୟର ପ୍ରିନ୍ସିପାଲ ପୁଲିନ ମିଶ୍ର ଯୋଗଦେଇ ଓମକାର ଡ୍ୟାନ୍ସ ଏକାଡୋମୀର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥିଭାବେ ଆଠଗଡ ଏନଏସି ୮ ନଂ. ୱାର୍ଡ କାଉନସିଲର ରାକେଶ କୁମାର ଭକ୍ତା, ଡ୍ୟାନ୍ସ ଅନୁଷ୍ଠାନର ଉପସଭାପତି ଡାକ୍ତର ହୃଦୟ ରଞ୍ଜନ ଦାସ ଏବଂ ଅନୁଷ୍ଠାନର ପ୍ରତିଷ୍ଠାତା ସମୀର ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ।

### ସଂକ୍ଷେପରେ

## ୨ ଚୋରି ମୋବାଇଲ ଜବତ, ଅଭିଯୁକ୍ତ ଗିରଫ

ମଙ୍ଗୁଳି, ୩୧।୫(ଡି.ଏନ୍.ଏ.): ମୋବାଇଲ ଲୁଟ୍ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଜଗତପୁର ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତପୁର ଥାନା ଅଧୀନ କାଜିବଜାର ଅଞ୍ଚଳର ବୈରାଗୀ ଦାସ। ତାଙ୍କ ନିକଟରୁ ଦୁଇଟି ମୋବାଇଲ ଜବତ କରାଯାଇଛି। ଗତ ରବିବାର ଏକ ଟ୍ରକ (ନଂ. ଓଆର୦୭ୱାଇ-୭୪୭୧) ଜଗତ୍‌ସିଂହପୁରରେ ଚାଉଳ ଖାଲି କରି ଫେରୁଥିଲା। ଅଧିକ ରାତି ହେବାରୁ ଜଗତପୁର ଗୋଲେଇ ଛକସ୍ଥିତ ଟ୍ରକ ଟର୍ମିନାଲରେ ଚାଳକ ସୁରଜ ମାଝି ଗାଡିକୁ ପାର୍କିଂ କରି ବିଶ୍ରାମ ନେଇଥିଲେ। ଏହି ସମୟରେ ବୈରାଗୀ ଟ୍ରକ୍‌ର କବାଟ ଖୋଲି ଭିତରୁ ଏକ ମୋବାଇଲ ଚୋରି କରି ପଳାଉଥିଲେ। ହେଲେ ସୁରଜ ପାଟି କରିବାରୁ ଅନ୍ୟ ଡ୍ରାଇଭରମାନେ ଘଟଣାସ୍ଥଳରେ ପହଞ୍ଚି ବୈରାଗୀଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏ ନେଇ ସୁରଜ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୨୨୨/୨୨) ରୁଜୁ କରିଥିଲା। ପରେ ତାଙ୍କୁ ପଚରାଉଚରା କରାଯିବାରୁ ତାଙ୍କ ନିକଟରୁ ଆଉଏକ ମୋବାଇଲ ଜବତ କରାଯାଇଛି।

## ବାଲି କଲେଜ ଅଧକ୍ଷାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଖୁଣ୍ଟୁଣୀ, ୩୧।୫(ଡି.ଏନ୍.ଏ.): ଆଠଗଡ଼ ବ୍ଲକ ଅନ୍ତର୍ଗତ ବାଲିର ଶ୍ରୀଶ୍ରୀ ଧବଳେଶ୍ୱର ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ଅଧକ୍ଷା ଡ. ମିତାଲି ମିତ୍ରଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ କଲେଜ ମୁଖ୍ୟ ପ୍ରଶାସନିକ ଅଧିକାରୀ ତଥା ଇଂଲିଶ ବିଭାଗ ପ୍ରାଧାପକ ପ୍ରଦୀପ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କଲେଜ ସମ୍ମିଳନୀ କକ୍ଷରେ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏଥିରେ ଅଧାପିକା ସୁନନ୍ଦା ସାହୁ ଅଧକ୍ଷତା କରି ମିତ୍ରଙ୍କ ଚାକିରି କାର୍ଯ୍ୟକାଳ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ପ୍ରାଧାପକ ସୁରେଶ ରାଉତରାୟ ନୂତନ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ସଭାରେ ଅଜୟ କୁମାର କାଳିଆ, ଅଧାପକ ରଶ୍ମିରଞ୍ଜନ ମହାପାତ୍ରଙ୍କ ସମେତ ଅନ୍ୟମାନେ ଯୋଗଦେଇ ମିତ୍ରଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ନୂତନ ଅଧକ୍ଷ ରାଉତରାୟଙ୍କୁ ସ୍ୱାଗତ କରିଥିଲେ।

## ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

ମାହାଙ୍ଗା,୩୧।୫ (ସ୍ୱ.ପ୍ର.): ମାହାଙ୍ଗା ବ୍ଲକର ପୋତାମରାଇଠାରେ ଅନୁଷ୍ଠିତ ଭାଜପା ସମାବେଶରେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଅଭିଯୋଗ ଶୁଣାଣି ସେବା ପ୍ରକୋଷ୍ଠ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ୩ ଜଣଙ୍କ ଅଭିଯୋଗ ଶୁଣିଥିଲେ। ଯୁବନେତା ଶାରଦା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ଉପସଭାପତି ଭୃଗୁବକ୍ସି ପାତ୍ର, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ଲେଖାଶ୍ରୀ ସାମନ୍ତରାୟ, ଗୋଲଖ ମହାପାତ୍ର, ଶ୍ରୁତି ପଟ୍ଟନାୟକ, ସୁକାନ୍ତ ମଲିକ ପ୍ରମୁଖ ଯୋଗଦେଇଥିଲେ।

# 'ବକେୟା ଲାଇସେନ୍ସ, ୟୁଜର୍ସ ଫି' ଆଦାୟକୁ ଗୁରୁତ୍ୱ'

କଟକ ଅଫିସ,୩୧।୫



ବୈଠକରେ ସିଏମ୍‌ସି ଲାଇସେନ୍ସ ଷ୍ଟାଣ୍ଡିଂ କମିଟିର ସଦସ୍ୟ ଓ ଅନ୍ୟମାନେ।

### ସିଏମ୍‌ସି ଲାଇସେନ୍ସ ଷ୍ଟାଣ୍ଡିଂ କମିଟି ବୈଠକ

କଟକ ମହାନଗର ନିଗମ(ସିଏମ୍‌ସି) ନୂତନ ଲାଇସେନ୍ସ ଷ୍ଟାଣ୍ଡିଂ କମିଟିର ପ୍ରଥମ ବୈଠକ ସ୍ଥାନୀୟ ବିଜୁଭବନ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧକ୍ଷା ଏ. ଶ୍ରୀଦେବୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଦୀର୍ଘବର୍ଷ ଧରି ସିଏମ୍‌ସିର ଲାଇସେନ୍ସ ଓ ୟୁଜର୍ସ ଫି' ବାବଦକୁ ବକେୟା ପଡିଥିବା ଅର୍ଥ ଉପରେ ଆଲୋଚନା ହୋଇଥିଲା। କିଭଳି ଭାବେ ଏହି ଅର୍ଥ ଆଦାୟ କରାଯିବ ଓ ସିଏମ୍‌ସିର ରାଜସ୍ୱ ବୃଦ୍ଧି କରାଯାଇପାରିବ ସେ ନେଇ କମିଟିର ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ। ସିଏମ୍‌ସିରେ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ନ ଥିବାରୁ ବକେୟା ଅର୍ଥ ଠିକ୍ ଭାବେ ଆଦାୟ କରାଯାଇପାରୁନାହିଁ। ଏଥିପାଇଁ ଏକ ସ୍ପେଶାଲ ସ୍କ୍ୱାଡ ଗଠନ କରାଯିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ କରୋନା ମହାମାରୀ ଯୋଗୁ ହୋର୍ଡିଂ ସଂସ୍ଥାଗୁଡିକୁ କ୍ଷତି ସହିବାକୁ ପଡିଛି। ଉକ୍ତ ସଂସ୍ଥାର ବକେୟା ଅର୍ଥରୁ କିଛି ପରିମାଣରେ ଛାଡ଼ କରାଯିବ। ତେବେ କେତେ ଦେୟ ଛାଡ ହେବ ସେ ନେଇ ଆଗାମୀ ବୈଠକରେ ସ୍ଥିର କରାଯାଇ ନୂତନ ଦେୟ ନିର୍ଦ୍ଧାରଣ ହେବ ବୋଲି ସ୍ଥିର ହୋଇଛି। ସେହିପରି ଟ୍ରେଡ୍ ଲାଇସେନ୍ସ, ପାର୍କିଂ ଫି', ଆପାର୍ଟମେଣ୍ଟଗୁଡିକରୁ ୟୁଜର୍ସ ଫି' ଏବଂ ଦୋକାନଗୃହ ବାବଦକୁ କେତେ ଟଙ୍କା ଆଦାୟ କରାଯାଉଛି ଓ କେତେ ବକେୟା ରହିଛି ସେ ସମ୍ପର୍କିତ ତଥ୍ୟ ସଚିବ ଲତାଶ୍ରୀ ବାଗ ଉପସ୍ଥାପନ କରିଥିଲେ। ଗତ ୨ ବର୍ଷ ହେବ ଠିକ୍ ଭାବେ ଦେୟ ଆଦାୟ କରାଯାଇ ନ ଥିବାରୁ ଅଧକ୍ଷା ଓ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଟଙ୍କା ବାକି ରଖିଥିବା ସଂସ୍ଥାକୁ ନୋଟିସ୍ ଜାରି କରିବା ସହ ତୁରନ୍ତ ଟଙ୍କା ଆଦାୟ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

# ବର୍ଷା ପୂର୍ବରୁ ପଙ୍କୋଦ୍ଧାର ସରିବ

ଚୌଦ୍ୱାର, ୩୧।୫(ଡି.ଏନ୍.ଏ.)

### ଚୌଦ୍ୱାର ପୌର ପରିଷଦ ବୈଠକ

ଚୌଦ୍ୱାର ପୌର ପରିଷଦର ଦ୍ୱିତୀୟ ବୈଠକ ପୌର ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଚୌଦ୍ୱାର ଅଞ୍ଚଳରେ ହେବାକୁ ଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ବର୍ଷାଋତୁ ଓ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ବିଭିନ୍ନ ଡ୍ରେନ୍‌ରୁ ପଙ୍କୋଦ୍ଧାର ଓ ପମ୍ପ ଯୋଗେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ପୌରପାଳିକାର ବିଭିନ୍ନ ୱାର୍ଡରେ କାର୍ଯ୍ୟ କରୁଥିବା ସ୍ୱଚ୍ଛସାଥୀ ଓ ସ୍ୱଚ୍ଛ ସୁପର ଭାଇଜରଙ୍କୁ ପାରିଶ୍ରମିକ ସହିତ ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ ଆଲୋଚନା କରାଯାଇଥିଲା। ଏଥିସହ ବିଭିନ୍ନ ୱାର୍ଡରେ ଥିବା ପୋଖରୀର ପୁନରୁଦ୍ଧାର, ନୂତନ ଜଳାଶ୍ରୟ ନିର୍ମାଣ, ଶ୍ମଶାନର ଉନ୍ନତୀକରଣ, ମିନିପାର୍କ, ଭେଣ୍ଡିଂଜୋନ, ଖେଳପଡିଆ ଓ ଗୋଶାଳା ଆଦି ନିର୍ମାଣ ପାଇଁ ଆଲୋଚନା ହୋଇଥିଲା। ଜାଗା ମିଶନରେ ବଞ୍ଚିତ ହୋଇଥିବା ବସ୍ତିବାସିନ୍ଦାଙ୍କୁ ତୁରନ୍ତ ସେଥିରେ ଅନ୍ତର୍ଭୁକ୍ତ କରାଯିବା ଓ ବିଭିନ୍ନ ୱାର୍ଡରେ ଅଙ୍ଗନୱାଡି ଗୃହ ନିର୍ମାଣ ଲାଗି ପଦେକ୍ଷପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରା, ଯନ୍ତ୍ରୀ ମହେଶ ପ୍ରସାଦ ମିଶ୍ର, ସଞ୍ଜୟ ସାମଲ, ଶୁଭଶ୍ରୀ ନାୟକ, ପୂର୍ଣ୍ଣଚନ୍ଦ୍ର ପାଣିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବହିଷ୍କାର ଦାବିରେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା



ବାଙ୍କୀ, ୩୧।୫(ସ୍ୱ.ପ୍ର.)

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଗୋପାଳପୁର ପଞ୍ଚାୟତରେ ନିୟୋଜିତ ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏଠାକାର ୧୬ରୁ ଊର୍ଦ୍ଧ୍ୱ ୱାର୍ଡ ମେମ୍ବର ବିରୋଧ କରିଛନ୍ତି। ସମ୍ପୃକ୍ତ ଅଧିକାରୀଙ୍କୁ ବହିଷ୍କାର ଦାବିରେ ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ତାଲା ପକାଇ ଦେଇଛନ୍ତି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି ୱାର୍ଡ ମେମ୍ବରମାନେ କହିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ନିର୍ବାଚନକୁ ୪ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ଆୟବ୍ୟୟ ସହ ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା ହୋଇପାରନାହିଁ। ସରପଞ୍ଚ ଓ ୱାର୍ଡମେମ୍ବରମାନେ ସଭା ଡାକିଲେ ମଧ କାର୍ଯ୍ୟନର୍ବାହୀ ଅଧିକାରୀ ସଭାରେ ଯୋଗଦେଉନାହାନ୍ତି। ଫଳରେ ସଭ୍ୟମାନେ ପଞ୍ଚାୟତର ଉନ୍ନୟନ ମୂଳକକାର୍ଯ୍ୟ ଓ ଆୟବ୍ୟୟ ସମ୍ପର୍କରେ ଜାଣିପାରୁ ନାହାନ୍ତି। ତୁରନ୍ତ ଏନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି।

# ସେଲ୍ଫ ଫାଇନାନ୍ସିଂ କୋର୍ସ ନିୟମିତ କରାଯାଉ

କଟକ ଅଫିସ, ୩୧।୫

ସେଲ୍ଫ ଫାଇନାନ୍ସିଂ କୋର୍ସରୁ ସିଟ୍ ହ୍ରାସ ବନ୍ଦ କରି ସେଗୁଡିକୁ ସରକାରୀ ପରିଚାଳନାଭୁକ୍ତ ରେଗୁଲାର କୋର୍ସରେ ପରିଣତ କରିବା ଦାବିରେ ଏଆଇଡିଏସ୍‌ଓ କଟକ ଜିଲା କମିଟି ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ସମ୍ପର୍କରେ ସଂଗଠନର ଓଡ଼ିଶା ରାଜ୍ୟ କମିଟି ଉପସଭାପତି ବବି ବଳବନ୍ତରାୟ କହିଛନ୍ତି, ଶିକ୍ଷାର ସୁପରିଚାଳନା ପାଇଁ ଆବଶ୍ୟକ ସଂଖ୍ୟକ ସ୍ଥାୟୀ ଅଧାପକ, କର୍ମଚାରୀ ଓ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇଦେବା ଆବଶ୍ୟକ। ମାତ୍ର ସରକାର ଏହା କରିବା ପରିବର୍ତ୍ତେ ସିଟ୍ ହ୍ରାସ ପାଇଁ ପଦକ୍ଷେପ ନେଉଛନ୍ତି। ଫଳରେ ହଜାର ହଜାର ଛାତ୍ରୀଛାତ୍ର ଶିକ୍ଷା ପାଇବା ସୁଯୋଗରୁ ବଞ୍ଚିତ ହେବେ। ଅନ୍ୟପକ୍ଷରେ ଶିକ୍ଷାର ବ୍ୟବସାୟୀକରଣକୁ ବ୍ୟାପକ ଭାବେ ତ୍ୱରାନ୍ୱିତ କରିବା ପାଇଁ ବିଶ୍ୱବିଦ୍ୟାଳୟଗୁଡିକରୁ ଏହି କୋର୍ସକୁ ହ୍ରାସ କରାଯାଉଛି। ଏଣୁ ସେଲ୍ଫ ଫାଇନାନ୍ସିଂ କୋର୍ସରୁ ସିଟ୍ ହ୍ରାସ ବନ୍ଦ କରି ସେଗୁଡିକୁ ସରକାରୀ ପରିଚାଳନାଭୁକ୍ତ ରେଗୁଲାର କୋର୍ସରେ ପରିଣତ କରିବା ଏବଂ ଆବଶ୍ୟକ ସଂଖ୍ୟକ ସ୍ଥାୟୀ ଅଧାପକ ଓ କର୍ମଚାରୀ ନିଯୁକ୍ତି ଦେବାକୁ ସେ ଦାବି କରିଥିଲେ। ଅନ୍ୟଥା ଆଗାମୀ ଦିନରେ ଶକ୍ତିଶାଳୀ ଛାତ୍ର ଆନ୍ଦୋଳନ ସଂଗଠିତ ହେବ ବୋଲି ସେ କହିଥିଲେ। ଏହି ବିକ୍ଷୋଭରେ କଟକ ଜିଲା କମିଟି ସଭାପତି ଭାଗ୍ୟରବି ଦାସ, ସମ୍ପାଦକ ବିନୋଦ ସେଠୀ, କୋଷାଧ୍ୟକ୍ଷ ଇଶା ଧର, ସମ୍ପାଦକ ମଣ୍ଡଳୀ ସଦସ୍ୟ ଶିବାନୀ ସାହୁ, ଶୁଭସ୍ମିତା ସାହୁ, ଜ୍ୟୋସ୍ନାରାଣୀ ଦାସ, ଅମରେନ୍ଦ୍ର ନାୟକ, ଛାତ୍ରନେତା ସରୋଜ ମାନସିଂହ ଓ ରାଜେଶ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

# ଗାଡ଼ି ଯନ୍ତ୍ରାଂଶ, ବାଇକ୍ ଜବତ: ୨ ଗିରଫ

ମଙ୍ଗୁଳି, ୩୧।୫(ଡି.ଏନ୍.ଏ.)

ଜଗତ୍‌ପୁର ଥାନା ଅଞ୍ଚଳର ଏକ ସ୍ଥାନରେ ସୋମବାର ରାତିରେ ପୋଲିସ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ପିରବଜାର ମସିଦଗଲି ସାହିର ଏସ୍.କେ. ନାଶିର ଓ ଏସ.କେ. ନସୀମ। ସେମାନଙ୍କ ନିକଟରୁ କଟାଯାଇଥିବା ଟ୍ରକ, କାର, ବୋଲେରୋର ଯନ୍ତ୍ରାଂଶ, ଦୁଇଟି ବାଇକ, ଗ୍ୟାସ୍ କଟର, ସିଲିଣ୍ଡର ଓ ପାଇପ ଆଦି ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା(ନଂ.୨୩୯/୨୨) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଜଗତ୍‌ପୁର ଥାନା ଏସ୍ଆଇ କେ.ୟୁ ଖାନ୍ ସୋମବାର ରାତି ପ୍ରାୟ ୭ଟାରେ ପୋଲିସ ଟିମ୍ ସହ ପାଟ୍ରୋଲିଂ କରୁଥିବାବେଳେ ଏକ ଖୋଲା ସ୍ଥାନରେ କେତେଜଣ ବ୍ୟକ୍ତି ଚୋରାଟ୍ରକ କାଟୁଥିବା ଖବର ପାଇଥିଲେ। ତୁରନ୍ତ ସେଠାରେ ଚଢାଉ କରିବାବେଳେ ମୁଖ୍ୟ ଅଭିଯୁକ୍ତ ମୁନା ବିହାରୀଙ୍କ ସହ ୩ ଜଣ ଖସି ପଳାଇଥିଲେ। ଘଟଣାସ୍ଥଳରୁ ପୋଲିସ ଦୁଇ କବାଡିଆ ବ୍ୟବସାୟୀ ନସୀମ ଓ ନାଶିରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିଲା। ମୁନାଙ୍କ ଘର ବିହାରରେ ବୋଲି ଜଣାପଡିଛି। ସେ କିଛିବର୍ଷ ହେବ ଜଗତ୍‌ପୁର ଅଞ୍ଚଳର ବେକାରୀ ଯୁବକଙ୍କୁ ଏକତ୍ରିତ କରି ଏଭଳି ରାକେଟ୍ ଚଳାଇ ଆସୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏ ସମ୍ପର୍କରେ ଆଇଆଇସି ରବୀନ୍ଦ୍ର ନାଥ ମେହେର କହିଛନ୍ତି, ଜବତ ଯନ୍ତ୍ରାଂଶର ମୂଲ୍ୟ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଚଢାଉ ଜୋରଦାର୍ କରାଯିବ।

# ୯ ଦଫା ଦାବି ନେଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ




ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି କଟକ ଜିଲା ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

କଟକ ଅଫିସ, ୩୧।୫

ଜାତୀୟ ଦାବି ଦିବସ ପାଳନ ଅବସରରେ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି କଟକ ଜିଲା ଶାଖା ପକ୍ଷରୁ ୯ ଦଫା ଦାବି ନେଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଶେଷକରି ପୁରୁଣା ପେନ୍‌ସନ୍ ଲାଗୁ, କଣ୍ଟ୍ରାକଚୁଆଲ ଓ ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ, ଖାଲି ସ୍ଥାନରେ ସ୍ଥାୟୀ ନିଯୁକ୍ତି, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ମୂଲ୍ୟ ହ୍ରାସ, ଇପିଏଫ୍ ପେନ୍‌ସନ୍ ସର୍ବନିମ୍ନ ୯୦୦୦ ଟଙ୍କା, ୩ ପ୍ରତିଶତ ମହଙ୍ଗା ଭତ୍ତା ତୁରନ୍ତ ଘୋଷଣା କରିବା ଆଦି ଦାବି ରହିଛି। ଏହି ଦାବି ସମ୍ପର୍କିତ ସ୍ମାରକପତ୍ର କଟକ ଜିଲା ଶାଖାର ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ପ୍ରଦାନ କରିଥିଲା। ଏ ସମ୍ପର୍କରେ ସମିତିର କଟକ ଜିଲା ଶାଖା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ କହିଛନ୍ତି, ଦେଶରେ କାର୍ଯ୍ୟରତ ରାଜ୍ୟ ସରକାରୀ କର୍ମଚାରୀ ଓ ଶିକ୍ଷକଙ୍କ ସମସ୍ୟା ସମାଧାନ କରିବାରେ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏହା ବିରୋଧରେ ରାଜ୍ୟ ସରକାରୀ କର୍ମଚାରୀଙ୍କ ପକ୍ଷରୁ ଦେଶବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ଜ୍ୟୋସ୍ନାମୟୀ ଦେଇଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ସୁଦର୍ଶନ ପ୍ରଧାନ, ଗୋକୁଳାନନ୍ଦ ବେହେରା, କୃପାସିନ୍ଧୁ ବେହେରା, ନିର୍ମଳ ଚନ୍ଦ୍ର ଦାସ, ଅକ୍ଷୟ କୁମାର ମହାନ୍ତି, ବିଭୁତି ମିଶ୍ର, ସନ୍ତୋଷ ମୋହନ ତ୍ରିପାଠୀ, ବିକାଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ନିର୍ମାଣାଧୀନ ସେତୁରୁ ଲୁହା ରଡ଼ କାଟି ନେଲେ

ବାଙ୍କୀ,୩୧।୫(ସ୍ୱ.ପ୍ର.)

### ଖିଲାପି ଠିକାଦାରଙ୍କ ବିରୋଧରେ ଗ୍ରାମବାସୀଙ୍କ ଅଭିଯୋଗ

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ହଳଦୀପଦା–ଶୁଖୁଆଖଲାକୁ ସଂଯୋଗ କରୁଥିବା ସେତୁକୁ ଠିକାଦାର ନିର୍ଦ୍ଧାରିତ ସମୟ ଅନୁଯାୟୀ ନିର୍ମାଣ କରି ନ ପାରି ଛାଡି ଚାଲି ଯାଇଥିଲେ। ଏଥିପାଇଁ ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୫ହଜାର ଲୋକ ପ୍ରଭାବିତ ହେଉଥିଲେ। ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ନୂତନ ଠିକାଦାର ନିଯୁକ୍ତି କରାଯାଇ କାମ ଆରମ୍ଭ ହେବାକୁ ପ୍ରସ୍ତୁତି ଚାଲିଛି। ହେଲେ ମଙ୍ଗଳବାର ପୂର୍ବ ଠିକାଦାର ନିଜ ଲୋକମାନଙ୍କ ଜରିଆରେ ସେତୁ ନିକଟରେ ବଳକା ଥିବା ଲକ୍ଷାଧିକ ଟଙ୍କାର ଲୁହା ରଡ ମେଶିନ ସାହାଯ୍ୟରେ କାଟି ନେଉଥିଲେ। ଏହା ଦେଖି ଗ୍ରାମବାସୀ ଠିକାଦାରଙ୍କ କର୍ମଚାରୀଙ୍କୁ ରଡ କାଟିବା ବନ୍ଦ କରିବା ସହିତ ଦୀର୍ଘ ସମୟ ଧରି ଘେରାଉ କରି ରଖିଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରଡ କାଟୁଥିବା କର୍ମଚାରୀଙ୍କୁ ଅଟକ ରଖିବା ସହ ମେଶିନକୁ ଜବତ କରି ଥାନାକୁ ନେଇଛନ୍ତି। ସୂଚନା ଅନୁଯାୟୀ,୨୦୧୯ ଡିସେମ୍ବରରେ ସେତୁ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଚୁକ୍ତିନାମା ହୋଇଥିଲା। ହେଲେ ଠିକାଦାର ସେଥିରେ ସଫଳ ହୋଇପାରି ନ ଥିଲେ। ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରେ ସେ କହିଛନ୍ତି, ପୁରାତନ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଉଥରେ ଟେଣ୍ଡର କରାଯାଇ ସେତୁର ନିର୍ମାଣ କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ କରାଯିବ।

# 'କଟକ ଐତିହ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ସଂକଳ୍ପବଦ୍ଧ'

କଟକ ଅଫିସ, ୩୧।୫

କଳା ବିକାଶ କେନ୍ଦ୍ର ହେଉଛି ସାଂସ୍କୃତିକ ସ୍ମୃତି ପୀଠ। ଉକ୍ତ କେନ୍ଦ୍ର ଗୁରୁ କେଳୁଚରଣ ମହାପାତ୍ର, କୁମ୍‌କୁମ୍ ମହାନ୍ତି, ଅକ୍ଷୟ ମହାନ୍ତି, ଭୁବନେଶ୍ୱର ମିଶ୍ର, ବାଳକୃଷ୍ଣ ଦାସ ପ୍ରମୁଖଙ୍କୁ ପ୍ରଖ୍ୟାତ ମଧ କରିଛି। କଳା ବିକାଶ କେନ୍ଦ୍ର ଯଦି କୌଣସି ପ୍ରକଳ୍ପ ହାତକୁ ନିଏ ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ କରାଯିବ। ସେହିପରି କଟକର ଐତିହ୍ୟଗୁଡ଼ିକର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାର ସବୁବେଳେ ସଂକଳ୍ପବଦ୍ଧ ବୋଲି ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ କହିଛନ୍ତି। କଳା ବିକାଶ କେନ୍ଦ୍ରର ପ୍ରତିଷ୍ଠାତା ବାବୁଲାଲ ଦୋଷୀଙ୍କ ଜୟନ୍ତୀ ଉପଲକ୍ଷେ ଆୟୋଜିତ ୪ ଦିନିଆ ସମାରୋହ ମଙ୍ଗଳବାର କେନ୍ଦ୍ର ପ୍ରେକ୍ଷାଳୟରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦାସ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। କଳାବିକାଶ କେନ୍ଦ୍ରର ସଭାପତି ବିଜୟାନନ୍ଦ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ର ନାଥ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ରର କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ଏଥିସହ ଡଗରପଡ଼ାସ୍ଥିତ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମର ଆଇଟିଆଇ ଛାତ୍ର ଟୁଲୁ ସିଂଙ୍କୁ ବିଶେଷ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। ସେହିପରି ଏକ ଚିତ୍ରକଳା ପ୍ରଦର୍ଶନୀ ମଧ ହୋଇଥିଲା। ଏଥିରେ କେନ୍ଦ୍ରର କାର୍ଯ୍ୟକାରୀ ସଭାପତି ତଥା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ପ୍ରସେନଜିତ ମହାନ୍ତି ଅତିଥି ପରିଚୟ ଓ ଉପସଭାପତି ରାଧାମୋହନ ସାହୁ ଧନ୍ୟବାଦ ଦେଇଥିଲେ।




ବାବୁଲାଲ ଦୋଷୀଙ୍କ ଜୟନ୍ତୀ ସମାରୋହର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ଓଡ଼ିଶୀ ନୃତ୍ୟ।

# ତମାଖୁ ଛାଡ଼ି ସୁସ୍ଥ ସମାଜ ଗଢ଼ିବାକୁ ଆହ୍ୱାନ

କଟକ ଅଫିସ/ଚୌଦ୍ୱାର, ୩୧।୫(ଡି.ଏନ୍.ଏ.)

ତମାଖୁ ବା ଧୂଆଁପତ୍ର ଚୋବେଇ ଖାଇଲେ ପାଟିର ଝିଲ୍ଲି ଉପରେ କୁପ୍ରଭାବ ପଡ଼ିଥାଏ। ଏଥିସହ ଘା' ହୋଇ ପରେ କର୍କଟ ରୋଗ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ପାଟି ଖୋଲିବାରେ କମିଯିବା, ଖାଦ୍ୟ ଖାଇବା ସମୟରେ ପୋଡ଼ିବା ଭଳି ଲକ୍ଷଣ ଦେଖାଯାଇଥାଏ। ଏହି ନିଶା ଛାଡ଼ିବା ପାଇଁ ଏବେ ଔଷଧ ଉପଲବ୍ଧ ହେଲାଣି। ଏହାର ସଦୁପଯୋଗ ସହ ତମାଖୁ ଛାଡ଼ି ସୁସ୍ଥ ସମାଜ ଗଢ଼ିବା ପାଇଁ ଡା. ରବି ରଞ୍ଜନ ସାହୁ ଆହ୍ୱାନ ଦେଇଛନ୍ତି। ସମୀଚୀନ ସଙ୍ଗଠନ ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ମର୍କତନଗରସ୍ଥିତ ଜୟପ୍ରକାଶ ନାରାୟଣ ପାର୍କଠାରେ ମଙ୍ଗଳବାର ପାଳିତ ହୋଇଥିଲା। ଏଥିରେ ଡା. ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଣୀତା ଦାସ, ଡ. ପବିତ୍ର ମହାନ୍ତି, ରୂପଲେଖା ଦତ୍ତ, ରାମଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସୋନାଲୀ ମହାରଣା ଧନ୍ୟବାଦ ଦେଇଥିଲେ।

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଜାତୀୟ ସେବା ଯୋଜନା ତରଫରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଗାୟତ୍ରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଣୀ ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ସୁରେଶ କୁମାର ନାୟକ ବକ୍ତା ଭାବେ ଯୋଗଦେଇଥିଲେ। ସେହିପରି ଓଡ଼ିଆ ବିଭାଗ ଆସୋସିଏଟ ପ୍ରଫେସର ନରେନ୍ଦ୍ରନାଥ ନାୟକ ଯୋଗଦେଇ ତମାଖୁ ବର୍ଜନର ଉପକାରିତା ବିଷୟରେ କହିଥିଲେ। ଡ. ଯୋଗମାୟା ପଣ୍ଡା ସ୍ୱାଗତ ଭାଷଣ ଓ ଶିବାନୀ ଦାଶ ଧନ୍ୟବାଦ ଦେଇଥିଲେ।

ଖାନ୍‌ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ଯାଇଥିଲେ। ପରେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ତମାଖୁ ସେବନର କୁପ୍ରଭାବ ଉପରେ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ତମାଖୁମୁକ୍ତ ସମାଜ ଗଠନ ପାଇଁ ଶପଥ ନେଇଥିଲେ।




ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ କଟକ ରେଳଷ୍ଟେଶନ ସମ୍ମୁଖରେ ଏବିଆଇଟି ସୋସିଆଲ ଆକ୍ଟିଭିଟିଜ୍ ଆଣ୍ଡ କମ୍ୟୁନିଟି କନେକ୍ଟ ସେଲ୍ ପକ୍ଷରୁ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ।

### ବିଶ୍ୱ ତମାଖୁ ବର୍ଜନ ଦିବସ

ଏଥିସହ ଶିକ୍ଷୟିତ୍ରୀ ନଳିନୀପ୍ରଭା ବିଶ୍ୱାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଚୌଦ୍ୱାର ମହାବିଦ୍ୟାଳୟରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ହାତରେ ପ୍ଲାକାର୍ଡ ଧରି କଲେଜରୁ କଳିଙ୍ଗ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇ ତମାଖୁ ସେବନରୁ ନିବୃତ୍ତ ରହିବାକୁ ଲୋକମାନଙ୍କୁ ସଚେତନ କରିଥିଲେ। ଏହି ଶୋଭାଯାତ୍ରାକୁ କଲେଜ ଅଧକ୍ଷ ଡ. ଉମେଶ ଚନ୍ଦ୍ର ଦେବତା ଉଦ୍‌ଘାଟନ କରିଥିଲେ । ଆଣ୍ଟି ନୋଡାଲ ଟବାକୋ ସେଲ୍ ଅଫିସର ପ୍ରାଧାପିକା ରଶ୍ମି ରାଉତରାୟ, ପ୍ରଭାକର ମିଶ୍ର, ଡ. ପ୍ରଭାବତୀ ପଡିୟାରୀ, ମମତା ସାହୁ ଓ କର୍ମଚାରୀ ଅଶୋକ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ କଲେଜ ପରିସରରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଧାପିକା ନୁରଜାହାନ୍ ବେଗମ୍, ଅଧାପକ ଚିତ୍ତରଞ୍ଜନ ଦାସ, ଯୁକ୍ତେଶ୍ୱର ଦାସ, ମୋହିତ୍ କର ପ୍ରମୁଖ ଯୋଗଦେଇ ତମାଖୁ ସେବନର ଭୟାବହତା ସମ୍ପର୍କରେ ଆଲୋଚନା କରିଥିଲେ।